ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ଜାନୁଆରୀ ୨୦/୨୦୨୫ (୧୪ ପୃଷ୍ଠା) Bhubaneswar, Monday, January 20/2025 Page 14 ₹ 7.00
୫୧ଶ ଭାଗ ୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 58 ମୂଲ୍ୟ ₹୭/-

# ମହାକୁମ୍ଭରେ ନିଆଁ, ୧୮ ଟେଣ୍ଟ ଜଳିଗଲା

ପ୍ରୟାଗରାଜର ମହାକୁମ୍ଭ ମେଳାରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣରୁ ନିଆଁ ଲାଗି ସେକ୍ଟର ୧୯ ଅଞ୍ଚଳରେ ୧୮ଟି ଟେଣ୍ଟ ଜଳିଯାଇଛି। ଗତ ୧୩ ତାରିଖ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ଏହି ମେଳା ୪୫ ଦିନ ଧରି ଚାଲିବ। ରବିବାର ସୁଦ୍ଧା ଅନେକ କୋଟି ଶ୍ରଦ୍ଧାଳୁ ସଙ୍ଗମରେ ବୁଡ଼ ପକାଇଥିବା ସରକାରୀ ଭାବେ କୁହାଯାଉଥିବାବେଳେ ଉତ୍ତର ପ୍ରଦେଶ ସରକାର କୁମ୍ଭମେଳା ପରିଚାଳନା ଓ ଲୋକଙ୍କ ସୁରକ୍ଷା ପାଇଁ ରାଜକୋଷରୁ ୬,୪୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ମହାକୁମ୍ଭକୁ ଲୋକଙ୍କ ଆଗମନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ବିମାନ ସମେତ ୧୩ ହଜାର ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରାଯାଇଛି। ସେହିପରି ଭାଜପା ଶାସିତ ରାଜ୍ୟରୁ ବସ୍ ଯୋଗେ ଲୋକଙ୍କୁ ମେଳାକୁ ନିଆଯାଉଛି। ତେଣୁ ସେଠାରେ ଲୋକଙ୍କ ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଭଳିସ୍ଥଳେ ଅଗ୍ନିକାଣ୍ଡ ଘଟିବା ମହାକୁମ୍ଭ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।



**ମହାକୁମ୍ଭ ନଗର, ୧୯।୧ (ପି.ଟି.)**

ହିନ୍ଦୁମାନଙ୍କ ଧର୍ମୀୟ ଆସ୍ଥା ସହିତ ଜଡ଼ିତ ମହାକୁମ୍ଭ ମେଳାରେ ଜନ ସମାଗମ ବଢ଼ିବାରେ ଲାଗିଥିବାବେଳେ ରବିବାର ଅପରାହ୍ନ ୪ଟାରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଥିଲା। ମେଳାସ୍ଥଳର ସେକ୍ଟର ୧୯ରେ ନିଆଁ ଲାଗିବାରୁ ୧୮ ତମ୍ବୁ ଜଳିଯାଇଛି। ନିଆଁ ହୁ ହୁ ହୋଇ ଜଳୁଥିବାବେଳେ ଲୋକେ ପ୍ରାଣବିକଳରେ ଧାଇଁବାରେ ଲାଗିଥିଲେ। ଅଗ୍ନିଶମ ବିଭାଗର ୧୫ଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା କୁମ୍ଭମେଳାର ମୁଖ୍ୟ ଅଗ୍ନିଶମ ଅଧିକାରୀ ପ୍ରମୋଦ ଶର୍ମା କହିଛନ୍ତି। ନିଆଁଲିଭା କାର୍ଯ୍ୟରେ ସ୍ଥାନୀୟ ପ୍ରଶାସନ ଏବଂ ଏନ୍‌ଡିଆର୍‌ଏଫ୍‌ର ଏକ ଟିମ୍ ମଧ୍ୟ ସହାୟତା କରିଥିଲା। ☞ ପୃଷ୍ଠା-୪

## ନୟାଗଡ଼ରେ ଲିଥିୟମ୍ ଭଣ୍ଡାର

**ଭୁବନେଶ୍ୱର, ୧୯।୧ (ଅନୁରାଧା ମହାରଣା)**

ନୟାଗଡ଼ ଜିଲାରେ ମୂଲ୍ୟବାନ୍ ଲିଥିୟମ୍ ଭଣ୍ଡାର ରହିଛି। ଏହି ଖଣିକୁ ଖନନ କରାଗଲେ ଦେଶର ଲିଥିୟମ୍ ଅନ୍ୱେଷଣରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଭାବେ ଉଭା ହୋଇପାରେ ବୋଲି ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ (ଜିଏସ୍‌ଆଇ) ସଂସ୍ଥା ପକ୍ଷରୁ କୁହାଯାଇଛି। ଜିଏସ୍‌ଆଇ ପକ୍ଷରୁ କୋଣାର୍କରେ ଦୁଇଦିନିଆ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ ସୋମବାରଠାରୁ ଆରମ୍ଭ ହେବ। ଏହା ପୂର୍ବରୁ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଟ୍ରମ୍ପଙ୍କ ଆରମ୍ଭ

## ଆଜି ଶପଥ ନେବେ ଟ୍ରମ୍ପ୍

**ୱାଶିଂଟନ, ୧୯।୧**



ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଶପଥ ଗ୍ରହଣ କରିବେ। ଶପଥ ଉତ୍ସବକୁ ବହୁ ବିଶିଷ୍ଟ ବ୍ୟକ୍ତି, ଶିଳ୍ପପତି, ବ୍ୟବସାୟୀ ଏବଂ ଗଣମାଧ୍ୟମ ତାରକାଙ୍କ ସମେତ ଦେଶବିଦେଶରୁ ଅନେକ ହଜାର ବ୍ୟକ୍ତିବିଶେଷ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ☞ ପୃଷ୍ଠା-୪









**୧୫ ମାସ ପରେ ଯୁଦ୍ଧବିରତି**

# ୩ ପଣବନ୍ଦୀଙ୍କୁ ମୁକ୍ତକଲା ହମାସ୍

ଦେଇର୍ ଅଲ୍-ବଲାହ୍,୧୯।୧



ମୁକ୍ତ ହୋଇଥିବା ୩ ଇସ୍ରାଏଲୀ ପଣବନ୍ଦୀ।



ହମାସ୍ ପକ୍ଷରୁ ପଣବନ୍ଦୀଙ୍କୁ ହସ୍ତାନ୍ତର କରାଯାଉଛି।

ଗାଜାରେ ବହୁପ୍ରତୀକ୍ଷିତ ଯୁଦ୍ଧବିରତି ରବିବାରଠାରୁ ଆରମ୍ଭ ହୋଇଛି। ଚୁକ୍ତି ଅନୁଯାୟୀ ଗାଜାର ଶାସକ ହମାସ୍ ପ୍ରଥମ ଦିନରେ ୩ ଜଣ ଇସ୍ରାଏଲୀ ମହିଳା ପଣବନ୍ଦୀଙ୍କୁ ରବିବାର ରାତିରେ ମୁକ୍ତ କରିଛି। ସେମାନଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ପ୍ରଥମେ ରେଡ୍‌କ୍ରସ୍‌କୁ ନିଆଯିବା ପରେ ସେଠାରୁ ସେମାନେ ସ୍ୱଦେଶ ଫେରିଛନ୍ତି। ରବିବାର ସକାଳ ୮ଟା ୩୦ରୁ ଯୁଦ୍ଧବିରତି କାର୍ଯ୍ୟକାରୀ ହେବାକୁ ଥିବାବେଳେ ହମାସ୍ ମୁକ୍ତ ହେବାକୁ ଥିବା ପଣବନ୍ଦୀଙ୍କ ନାମ ତାଲିକା ଦେଇ ନ ଥିବାରୁ ଏହା ୩ ଘଣ୍ଟା ବିଳମ୍ବ ହୋଇଥିଲା। ବିଳମ୍ବ ହେଲେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିବ ବୋଲି କହିଥିଲା। ଅସ୍ତ୍ରବିରତି ପୂର୍ବରୁ ଇସ୍ରାଏଲ୍‌ର ବୋମାମାଡ଼ରେ ୧୯ ଜଣଙ୍କ ମୃତ୍ୟୁ ଘଟିବା ସହ ୨୫ ଆହତ ହୋଇଥିଲେ।

ଅସ୍ତ୍ରବିରତି ଲାଗୁ ହେବା ଫଳରେ ୧୫ ମାସର ଯୁଦ୍ଧ ବନ୍ଦ ହୋଇଛି। ଗାଜାରେ ବନ୍ଧୁକ ନୀରବିଯାଇଥିବା ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଯୁଦ୍ଧବିରତି ଚୁକ୍ତି ପାଇଁ ଗତ ମେ'ରୁ ବାଇଡେନ୍ ଉଦ୍ୟମ ଚଳାଇ ଆସିଥିଲେ। ଚୁକ୍ତି ଅନୁଯାୟୀ ପଣବନ୍ଦୀ ଓ ବନ୍ଦୀ ମୁକ୍ତି ଆରମ୍ଭ ହୋଇଛି। ହମାସ୍ ପ୍ରଥମ ଦିନରେ ୩ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିଥିବାବେଳେ ଇସ୍ରାଏଲ୍ ଏହାର ଜେଲଗୁଡ଼ିକରେ ବନ୍ଦୀ ଥିବା ପାଲେଷ୍ଟିନୀୟମାନଙ୍କୁ ମୁକ୍ତ କରିବାକୁ ଯାଉଛି। ଯୁଦ୍ଧ ମଧ୍ୟପ୍ରାଚ୍ୟକୁ ବ୍ୟାପିବାରୁ ରୋକାଯାଇପାରିଛି। ଚୁକ୍ତିନାମା କାର୍ଯ୍ୟକାରିତାରେ ପରବର୍ତ୍ତୀ ପ୍ରଶାସନ ସହାୟତା କରିବ ବୋଲି ବାଇଡେନ୍ କହିଛନ୍ତି।

ରବିବାର ମାନବୀୟ ସହାୟତା ସାମଗ୍ରୀ ନେଇ ଆସିଥିବା ଟ୍ରକ୍ ପାଲେଷ୍ଟିନୀୟ ଅଞ୍ଚଳରେ ପ୍ରବେଶ କରିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ଆକ୍ରମଣ ସମୟରେ ଘରଦ୍ୱାର ଛାଡ଼ିଥିବା ପାଲେଷ୍ଟିନୀୟମାନେ ନିଜ ଅଞ୍ଚଳକୁ ଫେରିବା ଆରମ୍ଭ କରିଛନ୍ତି। ହଜାର ହଜାର ଲୋକେ ଟେଣ୍ଟ, ପୋଷାକ ଓ ନିଜର ବ୍ୟକ୍ତିଗତ ସାମଗ୍ରୀ ଧରି ଘରକୁ ଫେରୁଥିବା ଦେଖାଯାଇଛି। ତେବେ ଅଧିକାଂଶଙ୍କ ଘର ମାଟିରେ ମିଶି ଯାଇଥିବାରୁ ସେମାନେ ନିରାଶ ହୋଇଛନ୍ତି। ଯୁଦ୍ଧ କ୍ଷତିଗ୍ରସ୍ତ ଉତ୍ତର ଗାଜାର କେତେଜଣ ସବୁକିଛି ହରାଇଥିବା କହିଛନ୍ତି।

୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅଚାନକ ଆକ୍ରମଣ କରି ୧୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିବା ସହ ପ୍ରାୟ ୨୫୦ ଜଣଙ୍କୁ ପଣବନ୍ଦୀ କରି ଗାଜା ନେଇଯାଇଥିଲେ। ସେବେଠାରୁ ଇସ୍ରାଏଲ୍ ଗାଜା ଉପରେ ଜୋର୍‌ଦାର ଆକ୍ରମଣ ଜାରି ରଖିଥିଲା। ଏଥିରେ ୪୬,୮୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିବା ସହ ଅନେକ ହଜାର ଆହତ ହୋଇଛନ୍ତି। ଲକ୍ଷ ଲକ୍ଷ ଲୋକ ଘରଦ୍ୱାର ହରାଇ ଦେଶଛାଡ଼ି ପଳାଇଥିବାବେଳେ ବହୁ ଲୋକ ଅସ୍ଥାୟୀ ଆଶ୍ରୟସ୍ଥଳରେ ରହିଥିଲେ। ଗାଜାର ଅନେକ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବନ୍ଦ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅସ୍ତ୍ରବିରତି ପାଇଁ ଆମେରିକା, କାତାର ଏବଂ ଇଜିପ୍ଟ ପକ୍ଷରୁ ଦୀର୍ଘ ମାସ ହେଲା ଉଦ୍ୟମ ଜାରି ରହିବା ପରେ ଶେଷରେ ଏହା ସଫଳ ହୋଇଛି। ଶନିବାର ସକାଳେ ଅସ୍ତ୍ରବିରତି ଚୁକ୍ତିନାମାକୁ ଇସ୍ରାଏଲ୍ କ୍ୟାବିନେଟ୍ ଅନୁମୋଦନ କରିଥିଲା। ଫଳରେ ଯୁଦ୍ଧବିରତିକୁ ନେଇ ଦୀର୍ଘଦିନ ଧରି ଲାଗିରହିଥିବା ଅନିଶ୍ଚିତତାର ଅନ୍ତ ଘଟିଥିଲା। ସିଜ୍‌ଫାୟାରର ପ୍ରଥମ ଦଫାରେ ୬ ସପ୍ତାହ ମଧ୍ୟରେ ହମାସ୍ ୩୩ ପଣବନ୍ଦୀଙ୍କୁ ମୁକ୍ତ କରିବ। ଚୁକ୍ତି ଅନୁଯାୟୀ ପ୍ରଥମ ଦିନରେ ୩ ମହିଳା ପଣବନ୍ଦୀ ମୁକ୍ତ ହୋଇଥିବାବେଳେ ସପ୍ତମ ଦିନରେ ୪ ଜଣଙ୍କୁ ଏବଂ ପରବର୍ତ୍ତୀ ୫ ସପ୍ତାହରେ ଅବଶିଷ୍ଟ ୨୬ ଜଣଙ୍କୁ ଛଡ଼ାଯିବ। ଏହା ବଦଳରେ ଇସ୍ରାଏଲ୍ ୧୯୦୦ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିବ। ଦ୍ୱିତୀୟ ପର୍ଯ୍ୟାୟରେ ପୁରୁଷ ସୈନ୍ୟଙ୍କ ସମେତ ଅବଶିଷ୍ଟ ବନ୍ଦୀଙ୍କୁ ମୁକ୍ତ କରାଯିବ।

# କରନବୀର ମେହରା ବିଗ୍‌ବସ୍ ୧୮ ବିଜେତା

ମୁମ୍ବାଇ, ୧୯।୧



ଟିଭି ଅଭିନେତା କରନବୀର ମେହରା(୪୨) ଲୋକପ୍ରିୟ ରିୟଲିଟି ଶୋ' ବିଗବସ୍ ସିଜନ ୧୮ର ଟାଇଟଲ ହାସଲ କରିଛନ୍ତି। ତାଙ୍କୁ ଟ୍ରଫି ସହ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଛି। ଶୋ'ର ହୋଷ୍ଟ ଅଭିନେତା ସଲମାନ ଖାନ୍ କରନବୀରଙ୍କୁ ବିଜେତା ଘୋଷଣା କରିଛନ୍ତି। ନୂଆଦିଲ୍ଲୀରେ ଜନ୍ମିତ କରନବୀର ୨୦୦୫ରେ ଟିଭି ଧାରାବାହିକ 'ସାଥ ରହେଗା ଅଲୱେଜ'ରୁ ଛୋଟ ପରଦାରେ ଡେବ୍ୟୁ କରିଥିଲେ। ଏହାପରଠାରୁ ସେ 'ପରି ହୁଁ ମେନ', 'ହମ୍ ଲଡ଼କିଆଁ', 'ପବିତ୍ର ରିସ୍ତା', 'ରିସ୍ତୋଁ କା ମେଲା', 'ପୁକାର ଦିଲ୍ ସେ ଦିଲ୍ ତକ୍' ପରି ବହୁ ଲୋକପ୍ରିୟ ଟିଭି ଧାରାବାହିକରେ ଅଭିନୟ କରିଛନ୍ତି। ଭିଭିଆନ ଡି ସେନା ଏହି ଶୋ'ରେ ପ୍ରଥମ ରନରଅପ୍ ହୋଇଥିବାବେଳେ ରଜତ ଦଲାଲ ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେରେ ଅବିନାଶ ମିଶ୍ରା ଚତୁର୍ଥ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ୬ ପ୍ରତିଯୋଗୀଙ୍କ ମଧ୍ୟରେ ଇଶା ସିଂ, ଚୁମ୍ ଦରାଙ୍ଗ ରହିଥିଲେ। ଏହି ଗ୍ରାଣ୍ଡ ଫିନାଲେରେ ଅଭିନେତା ଆମିର ଖାନ୍, ଅକ୍ଷୟ କୁମାର, ଜୁନୈଦ ଖାନ୍, ଖୁସି କପୁର, ମନ୍ନାରା ଚୋପ୍ରା, ଅଙ୍କିତା ଲୋଖାଣ୍ଡେଙ୍କ ସହ ବଲିଉଡ୍ ତଥା ଟିଭି ଇଣ୍ଡଷ୍ଟ୍ରିର ବହୁ ସେଲିବ୍ରିଟି ଯୋଗ ଦେଇଥିଲେ। ବିଗ୍‌ବସ୍‌ର ୧୮ତମ ସିଜନ ଗତବର୍ଷ ଅକ୍ଟୋବର ୬ରୁ ଆରମ୍ଭ ହୋଇଥିଲା। ୧୦୬ ଏପିସୋଡ୍‌ର ଏହି ସିଜନ୍‌ରେ ୨୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗତ ସିଜନ୍‌ରେ ହାସ୍ୟ ଅଭିନେତା ମୁନାୱର ଫାରୁକୀ 'ବିଗବସ୍' ଟାଇଟଲ ହାସଲ କରିଥିଲେ।

## ଡଙ୍ଗା ଓଲଟି ୩ ମୃତ

କଟିହାର,୧୯।୧

ବିହାରର କଟିହାର ଜିଲା ଗୋଲାଘାଟସ୍ଥିତ ଗଙ୍ଗାନଦୀରେ ରବିବାର ଏକ ଡଙ୍ଗା ଓଲଟି ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଏବେ ମଧ୍ୟ ୪ ଜଣ ନିଖୋଜ ରହିଛନ୍ତି। ଉକ୍ତ ଡଙ୍ଗାରେ ୧୭ ଜଣ ଲୋକ ରହିଥିଲେ। ସେଥିମଧ୍ୟରୁ ୧୦ ଜଣ ପହଁରି କୂଳରେ ପହଞ୍ଚି ଯାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରେସ୍କ୍ୟୁ ଟିମ୍ ନଦୀ ମଧ୍ୟରୁ ୩ ମୃତଦେହ ଜବତ କରିଥିବା କଟିହାର ଜିଲାପାଳ ମନୀଶ କୁମାର ମୀନା ସୂଚନା ଦେଇଛନ୍ତି। ୪ ନିଖୋଜଙ୍କୁ ଖୋଜିବାକୁ ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ଟ୍ୟାଙ୍କର ବିସ୍ଫୋରଣ: ୮୬ ମୃତ

ଆବୁଜା(ନାଇଜେରିଆ),୧୯।୧

ନାଇଜେରିଆର ଉତ୍ତର-ମଧ୍ୟ ଅଞ୍ଚଳରେ ଥିବା ତଡ଼କେ ନାଇଜର ପ୍ରଦେଶର ସୁଲେଜାଠାରେ ଏକ ଇନ୍ଧନ ଟ୍ୟାଙ୍କରରେ ବିସ୍ଫୋରଣ ଘଟି ୮୬ ଲୋକଙ୍କର ମୃତ୍ୟୁ ଘଟିଛି। କିଛି ଲୋକ ଜେନେରେଟର ବ୍ୟବହାର କରି ଉକ୍ତ ଟ୍ୟାଙ୍କରରେ ଥିବା ଗ୍ୟାସୋଲିନ ଇନ୍ଧନକୁ ଆଉ ଏକ ଟ୍ରକ୍‌କୁ ସ୍ଥାନାନ୍ତର କରୁଥିବାବେଳେ ଲିକେଜ୍ ଘଟି ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ଦେଶର 'ନ୍ୟାଶନାଲ ଏମର୍ଜେନ୍ସି ମ୍ୟାନେଜମେଣ୍ଟ ଏଜେନ୍ସି'ର ମୁଖପାତ୍ର ଅଦୁ ହୁସୈନି ସୂଚନା ଦେଇଛନ୍ତି। ବିସ୍ଫୋରଣ ଯୋଗୁ ଘଟଣାସ୍ଥଳରେ ବ୍ୟାପକ ନିଆଁ ଲାଗିଯାଇଥିଲା। ଫଳରେ ଗ୍ୟାସୋଲିନ୍ ଇନ୍ଧନକୁ ସ୍ଥାନାନ୍ତରିତ କରୁଥିବା ଲୋକ ଏବଂ ଟ୍ୟାଙ୍କର ନିକଟରେ ଠିଆ ହୋଇଥିବା ଲୋକଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା ରହିଛି ବୋଲି ହୁସୈନି କହିଛନ୍ତି। ତେବେ ଅନେକ ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିପାରିଛି। ବିସ୍ଫୋରଣ ପରେ ନିଆଁ ଲାଗି ସ୍ଥାନୀୟ ଅଞ୍ଚଳର ଆକାଶରେ କଳାଧୂଆଁ ଛାଇ ହୋଇ ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।



ନାଇଜେରିଆର ସୁଲେଜାଠାରେ ଏକ ଇନ୍ଧନ ଟ୍ୟାଙ୍କରରେ ବିସ୍ଫୋରଣ ଘଟିବା ପରେ ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

## ରାହୁଲ ଗାନ୍ଧୀଙ୍କ ବିରୋଧରେ ମାମଲା

ଗୁଆହାଟୀ,୧୯।୧

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ରବିବାର ଆସାମର ଗୁଆହାଟୀସ୍ଥିତ ପାନବଜାର ଥାନାରେ ଏକ ଏଫ୍‌ଆଇଆର୍ ରୁଜୁ ହୋଇଛି। ମୋନଜିତ ଚିତିଆ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ମାମଲା ରୁଜୁ କରିଛି। କିଛିଦିନ ତଳେ ରାହୁଲ 'ଇଣ୍ଡିଆନ ଷ୍ଟେଟ'କୁ ନେଇ ଦେଇଥିବା ମନ୍ତବ୍ୟ ଭାରତର ସାର୍ବଭୌମତ୍ୱ, ଅଖଣ୍ଡତା ଓ ଏକତା ପ୍ରତି ବିପଦ ସୃଷ୍ଟି କରୁଥିବା ଦର୍ଶାଇ ମୋନଜିତ ଏହି ଅଭିଯୋଗ କରିଛନ୍ତି। ଗତ ୧୫ରେ ରାହୁଲ କହିଥିଲେ, ଭାଜପା ଓ ଆରଏସ୍‌ଏସ୍ ଭାରତର ପ୍ରତ୍ୟେକ ଅନୁଷ୍ଠାନକୁ କବଜା କରି ରଖିଛନ୍ତି। ତେଣୁ ତାଙ୍କୁ ଭାଜପା ଓ ଆରଏସ୍‌ଏସ୍ ସହ 'ଇଣ୍ଡିଆନ ଷ୍ଟେଟ୍' ସହ ମଧ୍ୟ ଲଢ଼ିବାକୁ ପଡ଼ୁଛି।

## ଜ୍ଞାନେନ୍ଦ୍ର ପ୍ରତାପ ସିଂ ପରବର୍ତ୍ତୀ ସିଆର୍‌ପିଏଫ୍ ଡିଜି

ନୂଆଦିଲ୍ଲୀ,୧୯।୧

ବରିଷ୍ଠ ଆଇପିଏସ୍ ଅଧିକାରୀ ଜ୍ଞାନେନ୍ଦ୍ର ପ୍ରତାପ ସିଂ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ(ସିଆର୍‌ପିଏଫ୍)ର ପରବର୍ତ୍ତୀ ଡିଜି ଭାବେ ଶନିବାର ନିଯୁକ୍ତ ହୋଇଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ



ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଆସାମ-ମେଘାଳୟ କ୍ୟାଡରର ୧୯୯୧ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଜ୍ଞାନେନ୍ଦ୍ର ସମ୍ପ୍ରତି ଆସାମର ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଭାବେ କାର୍ଯ୍ୟରତ ଅଛନ୍ତି। ୨୦୨୭ ନଭେମ୍ବର ୩୦ ପର୍ଯ୍ୟନ୍ତ ସେ ସିଆର୍‌ପିଏଫ୍ ଡିଜି ଭାବେ ଦାୟିତ୍ୱ ନିର୍ବାହ କରିବେ। ଗତ ଡିସେମ୍ବର ୩୧ରେ ସିଆର୍‌ପିଏଫ୍ ଡିଜି ଅନିଶ ଦୟାଲ ସିଂ ଅବସର ନେବା ପରେ ବରିଷ୍ଠ ଆଇପିଏସ୍ ଅଧିକାରୀ ଭିତୁଲ କୁମାର ସିଆର୍‌ପିଏଫ୍ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।

# ଅନଶନ ଭାଙ୍ଗିଲେ ୧୨୧ କୃଷକ

ନୂଆଦିଲ୍ଲୀ,୧୯।୧

କୃଷକମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ଖନୌରୀ ବିକ୍ଷୋଭ ସ୍ଥଳରେ ୫୫ ଦିନ ହେଲା ଅନଶନରେ ବସିଥିବା କୃଷକ ନେତା ଜଗଜିତ୍ ସିଂ ଡାଲେୱାଲ ଡାକ୍ତରୀ ସହାୟତା ଗ୍ରହଣ କରିଛନ୍ତି। ତାଙ୍କ ସମର୍ଥନରେ ଅନଶନ ଚଳାଇଥିବା ୧୨୧ ଜଣ ଚାଷୀ ରବିବାର ଅନଶନ ଭଙ୍ଗ କରିଛନ୍ତି। ପୋଲିସ ଡିଆଇଜି ମନଦୀପ ସିଂ ସିଧୁ ଏବଂ ପଟିଆଲାର ବରିଷ୍ଠ ଏସ୍‌ପି ନାନକ ସିଂଙ୍କ ଉପସ୍ଥିତିରେ କୃଷକମାନେ ଫଳରସ ପିଇ ଅନଶନ ଭାଙ୍ଗିଥିଲେ। ନଭେମ୍ବର ୨୬ରୁ ଅନଶନରେ ବସିଥିବା ଡାଲେୱାଲ ଶନିବାର ପର୍ଯ୍ୟନ୍ତ ଡାକ୍ତରୀ ସହାୟତା ଗ୍ରହଣ କରିବାକୁ ମନା କରିଆସୁଥିଲେ। ତେବେ କେନ୍ଦ୍ର ହସ୍ତକ୍ଷେପ କରି ଚାଷୀମାନଙ୍କ ଦାବି ସମ୍ପର୍କରେ ଫେବୃଆରୀ ୧୪ରେ ଆଲୋଚନା କରିବାକୁ ରାଜି ହେବା ପରେ ଡାଲେୱାଲ ଚିକିତ୍ସା ଗ୍ରହଣ କରିବାକୁ ରାଜି ହୋଇଥିଲେ। କେନ୍ଦ୍ର କୃଷି ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରିୟରଞ୍ଜନଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ପ୍ରତିନିଧି ଦଳ ଡାଲେୱାଲ ଏବଂ ଦୁଇ କୃଷକ ସଂଗଠନ ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚାର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ଫେବୃଆରୀ ୧୪ରେ ଚଣ୍ଡିଗଡ଼ରେ ଆଲୋଚନା ଆରମ୍ଭ କରିବାକୁ ସେମାନଙ୍କୁ ଆମନ୍ତ୍ରଣ କରିଥିଲେ।

# ବଣ୍ଡ୍ ରଦ୍ଦ ପରେ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ଚାନ୍ଦା ବଢ଼ିଛି

ନୂଆଦିଲ୍ଲୀ,୧୯।୧

**ଦେଢ଼ ମାସରେ ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ଆସିଥିଲା ୭୯୭.୧ କୋଟି ଚାନ୍ଦା**

ଇଲେକ୍ଟୋରାଲ ବଣ୍ଡ୍ ରଦ୍ଦ ହେବା ପରେ ଭାରତର ଶିଳ୍ପସଂସ୍ଥାଗୁଡ଼ିକ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ରାଜନୈତିକ ଦଳଗୁଡ଼ିକୁ ସର୍ବାଧିକ ଚାନ୍ଦା ଦେଉଛନ୍ତି। ଗତବର୍ଷ ଫେବୃଆରୀ ୧୫ରେ ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଥିଲେ। ଏହା ପରେ ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ସର୍ବାଧିକ କର୍ପୋରେଟ ଚାନ୍ଦା ଆସୁଛି। ଉକ୍ତ ଟ୍ରଷ୍ଟ ଜରିଆରେ ଆସିଥିବା ମୋଟ ୧,୦୭୫.୭ କୋଟି ଟଙ୍କା ଚାନ୍ଦା ମଧ୍ୟରୁ ତିନି ଚତୁର୍ଥାଂଶ ଗତବର୍ଷ ଫେବୃଆରୀ ୧୬ରୁ ମାର୍ଚ୍ଚ ୩୧ ମଧ୍ୟରେ ଆସିଥିଲା। ଗତ ଆର୍ଥିକ ବର୍ଷ ପାଇଁ ପ୍ରୁଡେଣ୍ଟର ଚାନ୍ଦା ରିପୋର୍ଟ ଏବେ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜନୈତିକ ଦଳ ପାଇଁ ଉକ୍ତ ଟ୍ରଷ୍ଟ ଜରିଆରେ ୩୬୩ କୋଟି ଟଙ୍କା ଚାନ୍ଦା ଆସିଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୧,୦୭୫.୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ନିର୍ବାଚନ ବର୍ଷରେ ଚାନ୍ଦା ପରିମାଣ ବଢ଼ିବା କିଛି ନୂଆ କଥା ନୁହେଁ। ତେବେ ୨୦୨୩ ଏପ୍ରିଲ ୧ରୁ ୨୦୨୪ ଫେବୃଆରୀ ୧୫ ମଧ୍ୟରେ ୨୭୮.୬ କୋଟି ଚାନ୍ଦା ମିଳିଥିବାବେଳେ ଫେବୃଆରୀ ୧୬ରୁ ମାର୍ଚ୍ଚ ୩୧ ମଧ୍ୟରେ ୭୯୭.୧ କୋଟି ଟଙ୍କା ମିଳିବା ଆଶ୍ଚର୍ଯ୍ୟ କରିଛି। ୨୦୨୨-୨୩ରେ ପ୍ରୁଡେଣ୍ଟର କର୍ପୋରେଟ ଦାତାଙ୍କ ସଂଖ୍ୟା ୨୨ ଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୮୩କୁ ବୃଦ୍ଧି ପାଇଥିଲା। ଇଲେକ୍ଟୋରାଲ ବଣ୍ଡ୍ ବନ୍ଦ ଯୋଗୁ ଏଭଳି ପରିବର୍ତ୍ତନ ଦେଖାଦେଇଥିବା କୁହାଯାଉଛି। ୨୦୨୩-୨୪ ବର୍ଷରେ ପ୍ରୁଡେଣ୍ଟ ଜରିଆରେ ଚାନ୍ଦା ଦେଇଥିବା ପ୍ରମୁଖ କର୍ପୋରେଟ୍ ମଧ୍ୟରେ ରହିଛି ଆର୍ସେଲର ଗ୍ରୁପ୍ ଏବଂ ଡିଏଲ୍‌ଏଫ୍ ଲିଃ (୧୦୦ କୋଟି ଲେଖାଏ), ମାଥା ପ୍ରୋଜେକ୍ଟସ୍ ଏଲ୍‌ଏଲ୍‌ପି (୭୫ କୋଟି), ମାରୁତି ସୁଜୁକି ଏବଂ ସିଇଏସ୍‌ସି ଲିଃ (୬୦ କୋଟି ଲେଖାଏ), ହେଟେରୋ ଗ୍ରୁପ୍ (୫୫ କୋଟି), ଟିଭିଏସ୍ ଗ୍ରୁପ୍ ଏବଂ ଆପୋଲୋ ଟାୟାର୍ସ (୫୦ କୋଟି ଲେଖାଏ), ସିପ୍‌ଲା (୩୫.୨ କୋଟି), ଜିଏମ୍‌ଆର୍ ଗ୍ରୁପ୍ (୨୬ କୋଟି)। ମେଘା ଇଞ୍ଜିନିୟରିଂ ଆଣ୍ଡ୍ ଇନ୍‌ଫ୍ରାଷ୍ଟ୍ରକ୍ଟର ଦ୍ୱିତୀୟ ସର୍ବାଧିକ ବଣ୍ଡ୍ କ୍ରେତା ହୋଇଥିବାବେଳେ ପ୍ରୁଡେଣ୍ଟ ଜରିଆରେ ୨୫ କୋଟି ଟଙ୍କା ଚାନ୍ଦା ଦେଇଛି।

## ୧୭ ମୃତ୍ୟୁ ପରେ ପହଞ୍ଚିଲା କେନ୍ଦ୍ରୀୟ ଟିମ୍

**ରଜୌରିରେ ରହସ୍ୟଜନକ ରୋଗ**

ଜମ୍ମୁ,୧୯।୧

ଜମ୍ମୁ-କଶ୍ମୀର ରଜୌରି ଜିଲାର ବଦ୍‌ହାଲ ଗ୍ରାମବାସୀଙ୍କ ହାଲ୍ ଖରାପ କରିଦେଇଛି ଏକ ରହସ୍ୟଜନକ ରୋଗ। ଏହି ଗାଁରେ ରହୁଥିବା ୩ ପରିବାରର ୧୭ ସଦସ୍ୟଙ୍କ ମୃତ୍ୟୁ ଘଟିବା ପରେ ରବିବାର ଏକ ଉଚ୍ଚସ୍ତରୀୟ ଆନ୍ତଃ ମନ୍ତ୍ରିସ୍ତରୀୟ ଟିମ୍ ସେଠାରେ ପହଞ୍ଚିଛି। ପୂର୍ବରୁ ୧୬ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏହାର କାରଣ ଖୋଜିବା ପାଇଁ ଟିମ୍ ଗଠନ ନିର୍ଦ୍ଦେଶ ଦେଇଥିଲେ। ମହମ୍ମଦ ଅସ୍‌ଲମ୍‌ଙ୍କ ଷଷ୍ଠ ପିଲା ୟସ୍ମିନ୍ କୌସର ଜମ୍ମୁସ୍ଥିତ ଏସ୍‌ଏମ୍‌ଜିଏସ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଛନ୍ତି। ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି, ୧୬ ଜଣିଆ ଟିମ୍ ଗାଁରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିବେ। ରୋଗାକ୍ରାନ୍ତଙ୍କୁ ଆଶ୍ୱସ୍ତି ଦେବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି।

**ଫୁରସତ୍**

# ମହାକୁମ୍ଭର ଚର୍ଚ୍ଚିତ ଗୋଲ୍ଡେନ ବାବା

**ପିନ୍ଧିଛନ୍ତି ୫ କେ.ଜି. ସୁନା**

ପ୍ରୟାଗରାଜ



ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ପ୍ରତ୍ୟେକ ଦିନ କୌଣସି ନା କୌଣସି ସାଧୁ ନିଜର ଅନନ୍ୟ ରୂପ ଓ ଗୁଣ ପାଇଁ ଚର୍ଚ୍ଚା ସାଉଣ୍ଟିବାରେ ଲାଗିଛନ୍ତି। ଏହି ତାଲିକାରେ ଏବେ ଗୋଲ୍ଡେନ୍ ବାବା(୬୭)ଙ୍କର ନାମ ଯୋଡ଼ି ହୋଇଛି। ସେ ସର୍ବଦା ତାଙ୍କ ଶରୀରରେ ୪ରୁ ୫ କେ.ଜି. ଓଜନର ସୁନା ଓ ବିଭିନ୍ନ ଅଳଙ୍କାର ପିନ୍ଧିଥାନ୍ତି।

ଗୋଲ୍ଡେନ ବାବାଙ୍କର ପ୍ରକୃତ ନାମ ହେଉଛି ଏସ୍.କେ. ନାରାୟଣ ଗିରି ମହାରାଜ। ସେ ନିଜ ପୂରା ଶରୀରରେ ୬ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସୁନା ପିନ୍ଧିଥାନ୍ତି। ସେ ପିନ୍ଧୁଥିବା ଅଳଙ୍କାରରେ ସୁନା ରିଙ୍ଗ୍, ସୁନାର ବ୍ରେସ୍‌ଲେଟ୍, ଘଣ୍ଟା ଆଦି ରହିଛି। ସେହିପରି ଗୋଲ୍ଡେନ ବାବାଙ୍କ ମୋବାଇଲର କଭର ମଧ୍ୟ ସୁନାରେ ନିର୍ମିତ। କେରଳର ମୂଳନିବାସୀ ନାରାୟଣ ଗିରି ମହାରାଜ ଏବେ ଦିଲ୍ଲୀରେ ରହୁଛନ୍ତି। ସେ ନିରଞ୍ଜନୀ ଆଖଡ଼ା ସହ ଜଡିତ ଏବଂ ଆଖଡ଼ାର ମୁଖ୍ୟ ରବୀନ୍ଦ୍ର ପୁରୀ ମହାରାଜଙ୍କଠାରୁ ସେ ଦୀକ୍ଷା ନେଇ ସନ୍ୟାସୀ ହୋଇଛନ୍ତି। ମହାକୁମ୍ଭରେ ଗୋଲ୍ଡେନ ବାବା ଭାବେ ତାଙ୍କର ଉପସ୍ଥିତି ଅନେକ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ନାରାୟଣ ଗିରି ମହାରାଜ କହିଛନ୍ତି, ସୁନା ତାଙ୍କ ପାଇଁ କେବଳ ଆଭୂଷଣ ସାମଗ୍ରୀ ନୁହେଁ, ଏହା ତାଙ୍କର ଆଧ୍ୟାତ୍ମିକ ଜୀବନ, ସାଧନା ଓ ଗୁରୁଙ୍କ ପ୍ରତି ଭକ୍ତିର ପ୍ରତୀକ। ସେ ଲୋକ ଦେଖାଣିଆ ଭାବେ ସୁନାରେ ସଜେଇ ହୁଅନ୍ତି ନାହିଁ। ସେହିପରି ନିଜ ଗୁରୁ ଏବଂ ନିରଞ୍ଜନୀ ଆଖଡ଼ା ପ୍ରତି ନିଜର ଅଦମ୍ୟ ଭକ୍ତିକୁ ପ୍ରକାଶ କରି ଗୋଲ୍ଡେନ ବାବା କହିଛନ୍ତି, ତାଙ୍କ ଜୀବନର ପ୍ରତ୍ୟେକ ଦିଗ ଗୁରୁ ଭକ୍ତି ଦ୍ୱାରା ଅନୁପ୍ରାଣିତ ହୋଇଛି। ତେଣୁ ନିଜର ସୁନା ଅଳଙ୍କାରଗୁଡ଼ିକୁ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ ବୋଲି ବିବେଚନା କରି ସେ ଏହାକୁ ସର୍ବଦା ପିନ୍ଧିଥାନ୍ତି। ଲୋକମାନେ ସ୍ନେହରେ ତାଙ୍କୁ ଗୋଲ୍ଡେନ ବାବା ବୋଲି ଡାକନ୍ତି ଏବଂ ଏଥିରେ ସେ ଆପତ୍ତି ପ୍ରକାଶ କରନ୍ତି ନାହିଁ ବୋଲି ନାରାୟଣ ଗିରି ମହାରାଜ କହିଛନ୍ତି। ଏବେ ସେ ଶିକ୍ଷାକ୍ଷେତ୍ରରେ କାମ କରୁଛନ୍ତି। ତାଙ୍କ କହିବାନୁଯାୟୀ, ଉଭୟ ଧର୍ମ ଏବଂ ଶିକ୍ଷାକୁ ଏକାଠି ନେଇ ଚାଲିଲେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିହେବ।

# ବିବାହ କଲେ ଦର୍ଶନ



**ମୁମ୍ବାଇ:** ସୁମଧୁର ସ୍ୱର ଏବଂ ରୋମାଣ୍ଟିକ ଗୀତ ପାଇଁ ଭାରତୀୟ ଗାୟକ ଦର୍ଶନ ରାୱଲ ଖୁବ୍ ପ୍ରସିଦ୍ଧ। ରବିବାର ସେ ତାଙ୍କ ଦୀର୍ଘଦିନର ବନ୍ଧୁ ତଥା ଆର୍କିଟେକ୍ଟ ଡିଜାଇନର ଧରାଲ ସୁରେଲିଆଙ୍କୁ ବିବାହ କରିଛନ୍ତି। ସେ ନିଜ ବିବାହର କିଛି ଫଟୋ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ବଲିଉଡ୍‌ର ଅନେକ ତାରକା, ସିଙ୍ଗର ଏବଂ ଦର୍ଶନଙ୍କ ବହୁ ପ୍ରଶଂସକ କମେଣ୍ଟ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପୋଷ୍ଟର କ୍ୟାପ୍‌ଶନରେ ଦର୍ଶନ ଲେଖିଛନ୍ତି, "ଧରାଲ ହେଉଛନ୍ତି ମୋର ବେଷ୍ଟ ଫ୍ରେଣ୍ଡ୍ ଫର୍ ଏଭର୍। ଆମେ ଦୁହେଁ ପ୍ରଥମେ ବେଷ୍ଟ ଫ୍ରେଣ୍ଡ୍ ଥିଲୁ, ପରେ ପରସ୍ପରକୁ ଭଲ ପାଇ ବସିଲୁ, ଆଉ ଏବେ ଜୀବନସାଥୀ ହୋଇଛୁ"। ଫଟୋରେ ଧରାଲ ଏକ ଲାଲରଙ୍ଗର ଲେହେଙ୍ଗା ପିନ୍ଧିଥିବାବେଳେ ଦର୍ଶନ ଶେରୱାନିରେ ଖୁବ୍ ସୁନ୍ଦର ଦେଖାଯାଉଥିଲେ। ଧରାଲ ହେଉଛନ୍ତି ଜଣେ ଆର୍କିଟେକ୍ଟ ଡିଜାଇନର। ସେ ଏକ ଆର୍କିଟେକ୍ଟ କମ୍ପାନୀ 'ବଟର କନସେପ୍ଟସ୍'ର ପ୍ରତିଷ୍ଠାତା ମଧ୍ୟ।

୨୦୧୪ର ରିୟଲିଟି ଶୋ 'ଇଣ୍ଡିଆଜ୍ ର ଷ୍ଟାର୍'ରେ ଭାଗ ନେଇ ଦର୍ଶନ ପ୍ରଥମଥର ପାଇଁ ନିଜ ସ୍ୱରର ଯାଦୁରେ ସମସ୍ତଙ୍କ ମନ ମୋହିପାରିଥିଲେ। ଏହି ଶୋ'ର ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ଋତୁରାଜ ମହାନ୍ତିଙ୍କଠାରୁ ହାରି ସେ ରନର୍ସଅପ୍ ହୋଇଥିଲେ। ଏହାପରଠାରୁ ସେ ବଲିଉଡ୍‌ରେ ଜଣେ ପ୍ଲେ ବ୍ୟାକ୍ ସିଙ୍ଗର ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୫ରେ ସେ ଗାୟକ ଭାବେ ବଲିଉଡ୍‌ରେ ଡେବ୍ୟୁ କରିଥିଲ। ଏହାପରଠାରୁ ଦର୍ଶନ ଅନେକ ବଲିଉଡ୍ ଚଳଚ୍ଚିତ୍ରକୁ ବହୁ ହିଟ୍ ଗୀତ ଦେଇଥିଲେ। ତାଙ୍କର ପ୍ରସିଦ୍ଧ ଗୀତଗୁଡ଼ିକ ମଧ୍ୟରେ 'ପ୍ରେମ୍ ରତନ ଧନ ପାୟୋ', 'ଜବ୍ ତୁମ୍ ଚାହୋ', 'ତେରା ସୁରୁର' 'ମେଁ ୱୋ ଚାନ୍ଦ', 'ସନମ୍ ତେରୀ କସମ୍', 'ଖିଚ୍ ମେରୀ ଫଟୋ' ଆଦି ରହିଛି।

**ସାଇବର ଠକେଇ: ୧୧ କୋଟି ହରାଇଲେ ଇଞ୍ଜିନିୟର** ବେଙ୍ଗାଲୁରୁ ଟେକ୍ ଇଣ୍ଡଷ୍ଟ୍ରିରେ କାର୍ଯ୍ୟରତ ଜଣେ ଇଞ୍ଜିନିୟର ବିଜୟ କୁମାର ସାଇବର ଠକେଇର ଶିକାର ହୋଇ ୧୧ କୋଟି ଟଙ୍କା ହରାଇଛନ୍ତି। ବିଜୟଙ୍କର ୫୦ ଲକ୍ଷ ଟଙ୍କା ମୂଲ୍ୟର ବଜାର ପୁଞ୍ଜି ନିବେଶ ଥିଲା, ଯାହା ୧୨ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ନେଇ କେତେଜଣ ସାଇବର ଠକ ଜାଣିପାରିଥିଲେ। ସେମାନେ କଷ୍ଟମ ଏବଂ ଇଡି ଅଧିକାରୀ ଭାବେ ପରିଚୟ ଦେଇ ତାଙ୍କୁ କଲ୍ କରିଥିଲେ। ଏପରିକି ଅର୍ଥ ହେରଫେର ମାମଲାରେ ତାଙ୍କୁ ଗିରଫ କରାଯିବ ବୋଲି ଧମକ ଦେଇଥିଲେ। ବିଜୟ ଭୟଭୀତ ହୋଇ ନିଜ ଆଧାର, ପ୍ୟାନ୍ ଓ କେୱାଇସି ସମ୍ବନ୍ଧିତ ବ୍ୟକ୍ତିଗତ ତଥ୍ୟ ଦେବାପରେ ଏହାର ଦୁରୁପଯୋଗ କରି ୧୧ କୋଟି ଟଙ୍କା ଭିନ୍ନ ଭିନ୍ନ ଆକାଉଣ୍ଟକୁ ସ୍ଥାନାନ୍ତର କରି ନେଇଥିଲେ।





କୋଣାର୍କଠାରେ ହେବାକୁ ଥିବା ଖଣି ମନ୍ତ୍ରୀମାନଙ୍କ ଜାତୀୟ ସମ୍ମିଳନୀରେ ଯୋଗଦେବା ନିମନ୍ତେ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ ରେଡ୍ଡୀଙ୍କ ସହ ରାଜ୍ୟରେ ଖଣିଜ ଶିଳ୍ପର ବିକାଶ ଏବଂ ଏହାର ପରିଚାଳନା ସମ୍ପର୍କରେ ଆଲୋଚନା କରିଛନ୍ତି।

# ନିଯୁକ୍ତ ହେବେ ୨ ହଜାର ଟ୍ରାଫିକ୍ ପୋଲିସ

**ଭୁବନେଶ୍ୱର, ୧୯।୧ (ସତ୍ୟଜିତ୍ ରାଉତ)**

ସଡ଼କ ସୁରକ୍ଷା କ୍ଷେତ୍ରରେ ଟ୍ରାଫିକ୍ ବ୍ୟବସ୍ଥାର ପ୍ରମୁଖ ଭୂମିକା ରହିଛି। ଏହାର ପରିଚାଳନା ପାଇଁ ରାଜ୍ୟରେ ଏବେ ୨୧୯୮ ଜଣ ଟ୍ରାଫିକ ପୋଲିସ କାର୍ଯ୍ୟ କରୁଛନ୍ତି। ଚଳିତବର୍ଷ ଆଉ ୨ ହଜାର ନୂଆ ପଦବୀ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଟ୍ରାଫିକ୍ ପୋଲିସ ପଦବୀଗୁଡ଼ିକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସହ ପୋଲିସ ବିଭାଗରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା ହୋଇଛି। ଓଡ଼ିଶା ପୋଲିସ ପାଇଁ ତିନୋଟି ପ୍ରମୁଖ ଆହ୍ୱାନ ଯଥା ସଡ଼କ ଦୁର୍ଘଟଣା ହ୍ରାସ କରିବା, ସାଇବର ଅପରାଧ ଏବଂ ଗଞ୍ଜେଇ ଚାଷକୁ ରୋକିବା ଦିଗରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ରାଜ୍ୟରେ ୨୦୨୪ରେ ୨୬୩୩ ସାଇବର ଅପରାଧ ମାମଲା ରୁଜୁ ହୋଇଥିବାବେଳେ ଏହା ନିୟନ୍ତ୍ରଣ ପାଇଁ ରାଜ୍ୟରେ ୧୪ଟି ସାଇବର ଥାନା ଅଛି। ସାଇବର ଠକେଇରେ ଲୋକମାନେ ଅଧିକ କ୍ଷତିଗ୍ରସ୍ତ ହେଉଥିବାରୁ ସମସ୍ତ ଜିଲାରେ ସାଇବର ଥାନା କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଆଉ ୨୦ଟି ନୂଆ ସାଇବର ଥାନା ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ପୂର୍ବରୁ କାର୍ଯ୍ୟକ୍ଷମ ଥିବା ଥାନାଗୁଡ଼ିକୁ ଅଧିକ ସୁଦୃଢ଼ କରିବା ଲାଗି ଗୁରୁତ୍ୱ ଦିଆଯାଇଛି। ସେହିପରି ଗଞ୍ଜେଇ ଚାଷ ଓ ଗଞ୍ଜେଇ ଚାଲାଣକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଓ କଟକର ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସହରରେ ରାତ୍ରକାଳୀନ ପାଟ୍ରୋଲିଂ ଓ ଚେକିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ପୋଲିସ କମିଶନରଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ମାଓବାଦୀପ୍ରବଣ ଜିଲାଗୁଡିକରେ ସୁରକ୍ଷା ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ପୋଲିସ ଡିଜିଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ତେବେ ବାତ୍ୟା ଦାନାର ମୁକାବିଲା, ଡିଜି ଓ ଆଇଜି ସମ୍ମିଳନୀ, ପୁରୀରେ ନୌସେନା ଦିବସ ଏବଂ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ଭଳି ଗୁରୁତ୍ୱପୂର୍ଣ୍ଣ ଘଟଣା ଓ କାର୍ଯ୍ୟକ୍ରମରେ ରାଜ୍ୟ ପୋଲିସର ସଫଳ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ପୋଲିସ ବିଭାଗରେ ଖାଲିଥିବା ବିଭିନ୍ନ ପଦବୀ ପୂରଣ କରାଯାଇ ବିଭାଗକୁ ଅଧିକ ସୁଦୃଢ଼ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ଡିଜିୱାଇ.ବି. ଖୁରାନିଆ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ରାଜ୍ୟ ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



**ଆଇନ ଶୃଙ୍ଖଳାକୁ ନେଇ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

- ସବୁ ଜିଲାରେ କାର୍ଯ୍ୟକ୍ଷମ ହେବ ସାଇବର ପୋଲିସ ଷ୍ଟେଶନ
- ସହରାଞ୍ଚଳରେ ରାତ୍ର ପାଟ୍ରୋଲିଂ, ଚେକିଂ କଡ଼ାକଡ଼ି ପାଇଁ ନିର୍ଦ୍ଦେଶ

## ଲୁଣ ଭାବି ଖାଇଦେଲେ ପଟାସ ସାର, ୫ ଶିଶୁ ଅସୁସ୍ଥ

**ପାଲଲହଡ଼ା, ୧୯।୧ (ଦିବ୍ୟଜ୍ୟୋତି ଦାଶ)**

ରବିବାର ଛୁଟିଦିନ ଥିବାରୁ କେତେଜଣ ଛୋଟ ପିଲା ସାଙ୍ଗହୋଇ ଖେଳୁଥିଲେ। କମଳା ଲେମ୍ବୁ ଆଣି ସମସ୍ତେ ମିଶି ଖାଉଥିଲେ। ଖଟା ଲାଗିବାରୁ ଲୁଣ ଭାବି ବାହାରେ ଟଙ୍ଗା ଯାଇଥିବା ରାସାୟନିକ ପଟାସ ସାରକୁ କମଳାରେ ଲଗାଇ ଖାଇ ଦେଇଥିଲେ। ଫଳରେ ୫ଜଣ ଶିଶୁ ବାନ୍ତି କରିବା ସହିତ ଅସୁସ୍ଥ ହୋଇପଡ଼ିଥିଲେ। ଏଭଳି ଘଟଣା ଘଟିଛି ଦେବଗଡ଼ ଜିଲା ବାରକୋଟ ଥାନା ସରୁଆଳି ଗ୍ରାମରେ। ସେମାନଙ୍କୁ ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଦିନ ପ୍ରାୟ ସାଢ଼େ ୧ଟା ସମୟରେ ସରୁଆଳି ଗ୍ରାମର ସୁନ୍ଦରସିଂ ଟିଉଙ୍କ ବାଡ଼ିରେ ରାକେଶ ଗଗରାଇ (୯), ଜୟନ୍ତ କୁମାର ଟିଉ (୧୦), ପ୍ରୀତିଶ କୁମାର ଟିଉ (୭), ରବୀନ୍ଦ୍ର (୧୦) ଓ ସୁଜିତ (୫) ସାଙ୍ଗହୋଇ ଖେଳୁଥିଲେ। ଏହି ସମୟରେ ଗୋଟିଏ ଖଟା କମଳା (କାନ୍ଧିଆ) ପାଇଥିଲେ। ନିକଟସ୍ଥ ଘର କାନ୍ଥରେ ଟଙ୍ଗା ଯାଇଥିବା ରାସାୟନିକ ପଟାସ ସାରକୁ ଲୁଣ ଭାବି କମଳାରେ ଲଗାଇ ସମସ୍ତେ ଖାଇଦେଇଥିଲେ। ପରେ ସେମାନେ ବାନ୍ତି କରିବା ସହିତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ସେମାନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସହାୟତାରେ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ପ୍ରକାଶ କରିଛନ୍ତି।

## ଭୋଜି ଖାଇବାକୁ ଡାକି ହାଣିଲେ

**ହାଟଡିହୀ, ୧୯।୧ (ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ମନୋହରପୁର ଗ୍ରାମର ପ୍ରସନ୍ନ ଲେଙ୍କାଙ୍କୁ ଭୋଜି ଖାଇବାକୁ ଡାକି ୪ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଉଦ୍ଧାର କରିବାକୁ ଆସିଥିବା ଗ୍ରାମର ଅନ୍ୟ ୩ ଜଣ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା କୁହାଯାଉଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ରବିବାର ରାତି ପ୍ରାୟ ୧୦ଟାରେ ଗ୍ରାମର କ୍ଲବ ଘରେ କଜଳା ପାତ୍ରଙ୍କ ୩ ପୁଅ ଟେରା, ଟୁନା, ଟିକିପୁଅ ଏବଂ ଶରତ ପାତ୍ରଙ୍କ ପୁଅ ଭବିଷ୍ୟତ ଭୋଜି ଆୟୋଜନ କରି ପ୍ରସନ୍ନଙ୍କୁ ଖାଇବା ପାଇଁ ଡାକିଥିଲେ। ପ୍ରସନ୍ନ ଭୋଜି ସ୍ଥଳରେ ପହଞ୍ଚିବା ପରେ ୪ ଯୁବକ ତାଙ୍କୁ ମାରଣାସ୍ତ୍ରରେ ହାଣି ପକାଇଥିଲେ। ପାଟି ଶୁଣି ନରେଶ ଲେଙ୍କା, ରମେଶ ଲେଙ୍କା, ଅନସୂୟା ଲେଙ୍କା ପ୍ରସନ୍ନଙ୍କୁ ରକ୍ଷା କରିବାକୁ ଯାଇଥିବା ବେଳେ ସେମାନେ ଆକ୍ରମଣର ଶିକାର ହୋଇଥିଲେ। ସମସ୍ତଙ୍କୁ ପ୍ରଥମେ ଶାଳନିଆଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ପ୍ରସନ୍ନ ଓ ରମେଶଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ହୀରାକୁଦ, ଭିତରକନିକାରେ ବଢ଼ିଲେ, ଚିଲିକାରେ କମିଲେ

**ଭୁବନେଶ୍ୱର, ୧୮।୧ (ବନ୍ଦନା ସେଠୀ)**

ରାଜ୍ୟ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବିଭିନ୍ନ ଆର୍ଦ୍ରଭୂମିରେ ବାର୍ଷିକ ମଧ୍ୟବର୍ତ୍ତୀ ଶୀତକାଳୀନ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ରାଜ୍ୟରେ ପ୍ରାୟ ୨୦୦ ପ୍ରଜାତିର ୧୫ଲକ୍ଷରୁ ଅଧିକ ପକ୍ଷୀଙ୍କ ସମାଗମ ହୋଇଛି। ଚିଲିକା, ହୀରାକୁଦ ଓ ଭିତରକନିକାରେ ସର୍ବାଧିକ ପକ୍ଷୀଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ହୀରାକୁଦ ଓ ଭିତରକନିକାରେ ପକ୍ଷୀ ସଂଖ୍ୟା ବଢ଼ିଥିବାବେଳେ ଚିଲିକାରେ କମିଥିବା ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁସାରେ, ଚିଲିକାରେ ୧୯୬ ପ୍ରଜାତିର ୧୧.୨୭ ଲକ୍ଷ ପକ୍ଷୀଙ୍କ ସମାଗମ ରହିଛି। ଗତବର୍ଷ ଏଠାରେ ୧୮୭ ପ୍ରଜାତିର ୧୧ ଲକ୍ଷ ୩୭ ହଜାର ୭୫୯ ପକ୍ଷୀ ଦେଖାଯାଇଥିଲେ ଅର୍ଥାତ୍ ଚଳିତ ବର୍ଷ ପକ୍ଷୀ ସମାଗମ ହ୍ରାସ ପାଇଛି। ତେବେ ଏବର୍ଷ ୧୦୯ ପ୍ରଜାତିର ୧୦ ଲକ୍ଷ ୮୭ ହଜାର ୨୨୬ ବିଦେଶୀ ପକ୍ଷୀ ରହିଥିବାବେଳେ ୮୭ ପ୍ରଜାତିର ୪୦ ହଜାର ସ୍ଥାନୀୟ ବା ଦେଶୀ ପକ୍ଷୀ ରହିଛନ୍ତି। ପକ୍ଷୀ ଅଭୟାରଣ୍ୟ କୁହାଯାଉଥିବା ନଳବଣରେ ୯୨ ପ୍ରଜାତିର ୩ ଲକ୍ଷ ୪୩ ହଜାର ୨୨୬ ପକ୍ଷୀଙ୍କ ସମାଗମ ହୋଇଛି।

ସେହିପରି ହୀରାକୁଦ ଓ ଭିତରକନିକାରେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଛି। ହୀରାକୁଦରେ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୨୩ ପକ୍ଷୀଙ୍କ ସମାଗମ ହୋଇଥିବାବେଳେ ଗତବର୍ଷ ଏହି ସମୟରେ ୧୧୩ ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୪୫ ପକ୍ଷୀ ରହିଥିଲେ। ଅନ୍ୟପକ୍ଷରେ ଭିତରକନିକାରେ ୧୧୮ ପ୍ରଜାତିର ୧ ଲକ୍ଷ ୫୧ ହଜାର ୬୧୪ ପକ୍ଷୀ ରହିଥିବାବେଳେ ଗତବର୍ଷ ୧୨୧ ପ୍ରଜାତିର ମୋଟ ୧ ଲକ୍ଷ ୫୧ ହଜାର ୪୨୧ ପକ୍ଷୀ ଦେଖାଯାଇଥିଲେ।

ଏହି ପକ୍ଷୀ ଗଣନା ପାଇଁ ରାଜ୍ୟର ମୋଟ ୭୦୦ ବର୍ଗ କିଲୋମିଟର ଜଳାଶୟକୁ ୨୧ଟି ସେକ୍ଟରରେ ବିଭକ୍ତ କରାଯାଇଥିଲା। ସେଥିରେ ୩୨ଟି ଦଳର ୭୦ରୁ ଅଧିକ ପକ୍ଷୀ ଗବେଷକ, ପକ୍ଷୀ ବିଶାରଦ, ପକ୍ଷୀପ୍ରେମୀ, ଛାତ୍ରୀଛାତ୍ରଙ୍କ ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ପ୍ରତିବର୍ଷ ରାଜ୍ୟରେ ବିଦେଶାଗତ ଏବଂ ସ୍ଥାନୀୟ ଜଳ ପକ୍ଷୀ ଗଣନା ଡିସେମ୍ବର-ଜାନୁଆରୀ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଏହି ଗଣନା ଏକାକାଳୀନ ଭାବେ ଜାନୁଆରୀ ୧୮ରେ ସମଗ୍ର ରାଜ୍ୟରେ କରାଯାଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଭାବେ ତାଲିମ ପାଇଥିବା ପକ୍ଷୀ ଗଣନାକାରୀଙ୍କୁ ନିୟୋଜିତ କରାଯାଇଥିଲା। ଠିକ ପକ୍ଷୀ ଗଣନା ପାଇଁ ସ୍ୱତନ୍ତ୍ର ପଦ୍ଧତି ଅନୁକରଣ କରାଯାଇଥିଲା। ପକ୍ଷୀ ଗଣନା ସମସ୍ତ ଆର୍ଦ୍ରଭୂମି ଏବଂ ପକ୍ଷୀ ମଣ୍ଡଳୀରେ ହୋଇଥିଲେ ହେଁ, ଚିଲିକା, ଭିତରକନିକା ଏବଂ ହିରାକୁଦ, ରାଜ୍ୟର ୩ଟି ପ୍ରମୁଖ ଆର୍ଦ୍ରଭୂମି ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା।

ପୂର୍ବବର୍ଷଠାରୁ ଚଳିତ ବର୍ଷ ଏହିପକ୍ଷୀ ଗଣନା ଏକ ଭିନ୍ନ ଢଙ୍ଗରେ କରାଯାଇଥିଲ।। ସେହି ଅନୁସାରେ ପକ୍ଷୀ ଗଣନାକାରୀ ଦଳଙ୍କୁ ୧୭ ତାରିଖ ଶୁକ୍ରବାର ଦିନ ତାଲିମ ଦିଆଯାଇଥିଲା। ତାଲିମ ଶିବିରରେ ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇଥିଲେ। ତାଲିମ ପରେ ଶନିବାର ତାରିଖ ଦିନ ପକ୍ଷୀ ଗଣନା ପାଇଁ ସେମାନଙ୍କୁ ନିର୍ଦ୍ଦିଷ୍ଟ ଫର୍ମାଟ ସହ କ୍ୟାମେରା, ବାଇନାକୁଲାର, ସ୍ପଟିଂ ସ୍କୋପ ଆଦି ଉପକରଣ ଯୋଗାଇ ଦିଆଯାଇଥିଲା। ପକ୍ଷୀ ସୁରକ୍ଷା ସଂପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଗତ ୧୬ ତାରିଖ ଦିନ ପକ୍ଷୀ ଗଣନା ପୂର୍ବରୁ ସେୱଚ୍ଛାସେବୀ, ପକ୍ଷୀପ୍ରେମୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ସେୱଚ୍ଛାସେବୀ ସଂଗଠନର କର୍ମକର୍ତ୍ତାଙ୍କୁ ପରିଦର୍ଶନରେ ନିଆଯାଇଥିଲା। ପ୍ରତ୍ୟେକ ଦଳରେ ପକ୍ଷୀ ବିଶାରଦ, ପକ୍ଷୀ ପ୍ରେମୀ, ବିଭାଗୀୟ କର୍ମଚାରୀ ଏବଂ ସେୱଚ୍ଛାସେବୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ପକ୍ଷୀ ଗଣନାକୁ ନିର୍ଭୁଲ ଏବଂ ପ୍ରଭାବଶାଳୀ କରିବା ପାଇଁ ଅଧିକ ପକ୍ଷୀଙ୍କ ସମାବେଶ ସ୍ଥାନକୁ ଯାଉଥିବା ଦଳରେ ବନ୍ୟପ୍ରାଣୀ ମୁଖ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ସାମିଲ କରାଯାଇଥିଲା। ଚଳିତ ବର୍ଷ ଆଶାତୀତ ଭାବେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇନଥିଲେ ମଧ୍ୟ ପ୍ରଜାତି ସଂଖ୍ୟା ବୃଦ୍ଧି ପାଇଛି ବୋଲି ରାଜ୍ୟ ବନ୍ୟପ୍ରାଣୀ ବିଭାଗ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପ୍ରେମ କୁମାର ଝା କହିଛନ୍ତି।



**ରାଜ୍ୟରେ ସରିଲା ପକ୍ଷୀ ଗଣନା**

୨ଶହ ପ୍ରଜାତିର ୧୫ଲକ୍ଷ ପକ୍ଷୀଙ୍କ ସମାଗମ

## ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ପଶ୍ଚିମ ଓଡ଼ିଶା ମହାସମାବେଶ




**ବଲାଙ୍ଗୀର/ଖପ୍ରାଖୋଲ, ୧୯।୧ (ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)**

**'ସଂକଳ୍ପ ପାରିତ କର, ସ୍ଥାୟୀ ଆଇନ ଆଣ'**

ବଲାଙ୍ଗୀର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ପାଇଁ ବିଧାନସଭାରେ ସବୁଦଳ ପକ୍ଷରୁ ସଂକଳ୍ପ ପାରିତ କରାଯାଉ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆଇନ ଆଣି ସବୁଦିନ ପାଇଁ ଗନ୍ଧମାର୍ଦ୍ଦନର ସୁରକ୍ଷା ଦିଅନ୍ତୁ। ଖପ୍ରାଖୋଲଠାରେ ରବିବାର ଅନୁଷ୍ଠିତ ଗନ୍ଧମାର୍ଦ୍ଦନ ସୁରକ୍ଷା ପଶ୍ଚିମ ଓଡିଶା ମହାସମାବେଶରେ ଏଭଳି ସର୍ବସମ୍ମତ ଦାବି ଉଠିଛି। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତାଙ୍କ ସଭାପତିତ୍ୱରେ ଏହି ମହାସମାବେଶ ହୋଇଥିଲା। ଏଥିରେ ସ୍ୱାମୀ ସୋମବେଶ ସରସ୍ୱତୀ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ, ନିୟମଗିରି ସୁରକ୍ଷା ସମିତିର ଲିଙ୍ଗରାଜ ଆଜାଦ୍, କୋଶଳବାଦୀ ନେତା ପ୍ରମୋଦ କୁମାର ମିଶ୍ର, ଏସୟୁସିଆଇ ରାଜ୍ୟ ସଦସ୍ୟ ଅଶୋକ ମିଶ୍ର, ଜିନ୍ଦାବାଦ ସଙ୍ଗଠନ ପ୍ରତିଷ୍ଠାତା ତ୍ରିଲୋଚନ ପୁଞ୍ଜି, ପୂର୍ବତନ ଆବାହକ ବୃନ୍ଦାବନ ବାରିକ, କାର୍ଯ୍ୟକାରୀ ସଭାପତି ଡାଇମଣ୍ଡ ଭୋଇ, ହରିଶଙ୍କର ଶାଖା ଆବାହକ ଜୟସିଂ ପୂଝାରୀ ମଞ୍ଚାସୀନ ଥିଲେ। ଏହାଛଡା ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ସରୋଜ ମେହେର, ଲବ ସୁନାଙ୍କ ସମେତ ଅନ୍ୟମାନେ ମଞ୍ଚାସୀନ ଥିଲେ। ସାମାଜିକ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ ତାଙ୍କ ବକ୍ତବ୍ୟରେ ଆସନ୍ତା ବଜେଟ୍ ଅଧିବେଶନରେ ଭାଜପା, ବିଜେଡି, କଂଗ୍ରେସ ସମେତ ଅନ୍ୟ ସବୁ ଦଳର ପ୍ରତିନିଧି ଗନ୍ଧମାର୍ଦ୍ଦନ ସୁରକ୍ଷା ନେଇ ସଂକଳ୍ପ ପ୍ରସ୍ତାବ ପାରିତ କରନ୍ତୁ ବୋଲି କହିଥିଲେ। କୋଶଳବାଦୀ ନେତା ପ୍ରମୋଦ ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ସରକାର ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବି କରିଥିଲେ।

## ନୀଳଗିରିରେ ବିରଳ ପକ୍ଷୀ ସାଭାନ୍ନା ନାଇଟ୍‌ଜର



**ନୀଳଗିରି, ୧୯।୧ (ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ବିରଳ ସାଭାନ୍ନା ନାଇଟ୍‌ଜର(ଭୂଇଁ ଚଢ଼େଇ) ଦେଖିବାକୁ ମିଳିଛି। ଏହି ଧରଣର ପକ୍ଷୀ ଭାରତ, ଶ୍ରୀଲଙ୍କା, ଇଣ୍ଡୋନେସିଆ, ଫିଲିପାଇନ୍ସ ସମେତ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆରେ ଦେଖିବାକୁ ମିଳିଥାନ୍ତି। ନୀଳଗିରିର ଟୁରିଷ୍ଟ ଗାଇଡ୍ ତଥା ପକ୍ଷୀ ଗବେଷକ ମନୋରଞ୍ଜନ ଦାସ ଶନିବାର କୁଲଡ଼ିହା ଅଭୟାରଣ୍ୟର ପଞ୍ଚଲିଙ୍ଗେଶ୍ୱର ପାହାଡ଼ରେ ସାଭାନ୍ନା ନାଇଟ୍‌ଜର ପକ୍ଷୀଟିକୁ ବସିଥିବା ଦେଖି ନିଜ କ୍ୟାମେରାରେ ଉତ୍ତୋଳନ କରିଥିଲେ। ଏହା ଏକ ନିଶାଚର ପକ୍ଷୀର ହାରାହାରି ଆୟୁଷ ୧୦ ବର୍ଷ। ଏହି ପ୍ରଜାତି ଜଙ୍ଗଲର ଖୋଲା ପ୍ରାକୃତିକ ପରିବେଶରେ ରହିବାକୁ ପସନ୍ଦ କରନ୍ତି। ଏହାର ଉପସ୍ଥିତି କୁଲଡ଼ିହା ଅଭୟାରଣ୍ୟର ଜୈବବିବିଧତାକୁ ସମୃଦ୍ଧ କରିଛି ବୋଲି ଦାସ କହିଛନ୍ତି। ଏହି ପକ୍ଷୀ ଦିନସାରା ବାହାରକୁ ନ ବାହାରି ପଥର ସହିତ ପଥର, ପତ୍ର ସହିତ ପତ୍ର ହୋଇ ରହିଥାଏ। ଏହାର ରଙ୍ଗ ମାଟିଆ ହୋଇଥିବାରୁ ସହଜରେ ସେ ନିଜକୁ ଲୁଚେଇ ରଖିଥାଏ। ରାତି ହେଲେ ବାହାରେ ବିଚରଣ କରି ଝିଣ୍ଟିକା, ପୋକ ଆଦି ଖାଇଥାଏ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଯୁବ ରେଡକ୍ରସ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଦେବରାୟ କଲେଜ, ନୟାପଲ୍ଲୀ, ସମୟ: ସକାଳ ୯ଟା।
- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସେବାସଂଘର ଓଡ଼େଶା ଅଶୀ ମହୋତ୍ସବ ତଥା ବାର୍ଷିକ ସମ୍ମିଳନୀ, ସ୍ଥାନ: ଓଡ଼େଶା ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ପ୍ଲେ ସ୍କୁଲର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ଇଲେକ୍ଟ୍ରୋହୋମିଓପାଥିକ ସମ୍ମିଳନୀ, ସ୍ଥାନ: ଭେଟେରିନାରୀ ସାଇନ୍ସ କଲେଜ, ଓୟୁଏଟି, ସମୟ: ଅପରାହ୍ନ ୨ଟା।
- ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖୀ ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: କଳ୍ପନା ଛକ, ସମୟ: ସକାଳ ୮ଟା ୩୦। ଓ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ବିବେକାନନ୍ଦ କର ମେମୋରିଆଲ ଟ୍ରଷ୍ଟ, ସାଲେପୁର ପକ୍ଷରୁ ଅନ୍ତର୍ଜାତୀୟ 'ପରିକଳ୍ପନା' ଲୋକାର୍ପଣ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୪୫।
- ଶ୍ୱେତପଦ୍ମା ଏକାଦଶ ମଞ୍ଚ ନାଟକ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଜିତ୍ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ କଳିଙ୍ଗ ଭାରତୀ ତ୍ରିଦିବସୀୟ ସାରସ୍ୱତ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ମିଶନ ରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ଷଷ୍ଠ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନୀଳାଚଳ ସଂସ୍କୃତ ମହାବିଦ୍ୟାଳୟ, ଲୋକନାଥ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଦ୍ୟୁତ୍ ବିଭାଗର ମନମୁଖୀ କାର୍ଯ୍ୟକଳାପ ବିରୋଧରେ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ଅପରାହ୍ନ ୪ଟା ୩୦।

## ଖୋର୍ଦ୍ଧା

- ଜିଲା କନିଷ୍ଠ ଇଣ୍ଡୋ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ କେ.ଟି. ଗ୍ଲୋବାଲ କ୍ରିକେଟ କ୍ଲବ ଏବଂ ଇଗଲ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍। ସ୍ଥାନ: ବିଜେବି ହାଇସ୍କୁଲ ପଡ଼ିଆ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ମଞ୍ଚ ଭବନ ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: ମଙ୍ଗଳା ନଗର, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନୀ ଦିବସ, ସ୍ଥାନ: ହାବେଳି ପଡ଼ିଆ, ଅପରାହ୍ନ ୩ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ନୀଳଗିରି, ସମୟ:ପୂର୍ବାହ୍ନ ୧୦ଟା।
- ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ସ୍ମୃତିଚାରଣ ସଭା ଓ ପୂର୍ଣ୍ଣାବୟବ ମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆପାଳ ବ୍ଲକ ଛକ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ତୃତୀୟ ବାର୍ଷିକ ହଳଦୀପଦା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା,ସ୍ଥାନ:ହଳଦୀପଦା ପଶୁ ଡାକ୍ତରଖାନା ପଡ଼ିଆ, ବାଲେଶ୍ୱର, ସମୟ:ଅପରାହ୍ନ ୫ଟା।
- ୭୪ତମ ବାର୍ଷିକ ସାର୍ବଜନୀନ ଗଙ୍ଗାମାତା ପୂଜା ସପ୍ତମ ଦିବସ, ସ୍ଥାନ:ବାହାବଳପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଦଧିବାମନଜୀଉ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନରିପୁର ପୂଜାରୀସାହି, ଭଦ୍ରକ, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ତର୍କ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଆଖଣ୍ଡଳମଣି ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ପାଳସାହି, ବେତାଳିଗାଁ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ଓ ଯଜ୍ଞ ଆହୁତି, ସ୍ଥାନ: ହାଟଡିହୀ, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା।
- କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟନ ଉତ୍ସବ, ସ୍ଥାନ: ଅଁରା, ହାଟଡିହୀ, ସମୟ :ପୂର୍ବାହ୍ନ ୧୧ଟା।
- ଶ୍ରୀ ଲୋକନାଥ ମନ୍ଦିରର ବିଗ୍ରହ ସ୍ଥାପନା, ସ୍ଥାନ: ମୁରୁସୁଆଁ, ସମୟ: ଅପରାହ୍ନ ୨ଟା।
- ବାର୍ଷିକ ଉତ୍ସବ, ସ୍ଥାନ:ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର, ସମୟ: ଅପରାହ୍ନ ୩ଟା।
- ମା ଭାଟିଆଶୁଣି ପୀଠରେ ଭଜନ ମେଳା, ସ୍ଥାନ:ଜଳସରପୁର, ହାଟଡିହୀ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ମା' ଶୀତଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଜଡ଼ିପାଳ, ବଡ଼ସାହି, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଶ୍ୟାମରାୟ ମହାପ୍ରଭୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ସ୍ଥାନ:ସାଇଁକୁଲା, ଗୋପବନ୍ଧୁ ନଗର, ସମୟ: ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ପାରମ୍ପରିକ କରମ ପୂଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଷ୍ଟେଶନ ବଜାର ପଡ଼ିଆ, ବାରିପଦା,ସମୟ: ଅପରାହ୍ନ୨ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ:ପୂର୍ଣ୍ଣେଶ୍ୱର ମନ୍ଦିର, କରଞ୍ଜିଆ,ସମୟ:ଅପରାହ୍ନ ୨ଟା।
- ମକର ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଡିଆ, ବଡ଼ସାହି, ସମୟ: ଅପରାହ୍ନ ୩ଟା।
- ମକର ମେଳା ଓ ଟୁସୁ ପର୍ବ, ସ୍ଥାନ: ଶାଲୁଆ, ବଡ଼ସାହି, ସମୟ: ଅପରାହ୍ନ ୩ଟା।
- ଓଡ଼ିଶୀ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ କ୍ଲବ ପରିସର, ଉଦଳା, ସମୟ: ସନ୍ଧ୍ୟା ୬ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ଜଡ଼ିପାଳ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଫ୍ରେଣ୍ଡସ ଫର ଏଭର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ତୁଳସୀ ନଗର ମେନରୋଡ, ସମୟ: ସକାଳ ୮ଟା।
- ବିଇଏମସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ,ସ୍ଥାନ: ମାନସ ଭବନ,ସମୟ: ଅପରାହ୍ନ ୪ଟା।

## କନ୍ଧମାଳ

- ଆତ୍ମରକ୍ଷା ତାଲିମ ଶିବିର ଉଦଯାପନୀ, ସ୍ଥାନ: ଡ.ଭୀମରାଓ ଆମ୍ବେଡକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଦାରିଙ୍ଗବାଡି), ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ କଲେଜ ଆଲୁମ୍ନି ଆଶୋସିଏଶନ୍ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସମୀକ୍ଷା ବୈଠକ, ସ୍ଥାନ: କଲେଜ ପରିସର, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୩ଟା।
- ଏଫ୍‌ସିଆଇ ୟୁନିୟନର ସାଧାରଣ ପରିଷଦ ବୈଠକ, ସ୍ଥାନ: ଜୟଦେବ ଭବନ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପ୍‌ରେ କଟକର ମା' ମଙ୍ଗଳା କ୍ଲବ ବନାମ କେନ୍ଦ୍ରାପଡ଼ାର ଇଲେଭେନ ଷ୍ଟାର ମଧ୍ୟରେ ମୁକାବିଲା, ସ୍ଥାନ: ରଙ୍କାଳ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ମା' ଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ: ପାଞ୍ଚଗୋଛିଆ, ସୁନିତି, ମହାକାଳପଡ଼ା, ସମୟ: ସକାଳ ୯ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବାଲିଆ ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ତୁଳସୀକ୍ଷେତ୍ର ପଣ୍ଡିତ ସଭା ପକ୍ଷରୁ ସାମୂହିକ ବ୍ରତ ଉପନୟନ, ସ୍ଥାନ: ଶ୍ରୀଗୋପୀନାଥ ଜୀଉ ପୀଠ, ତଲବାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଯୋଗ ଶିବିର ୪ର୍ଥ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡ଼ା, ସମୟ: ସକାଳ ୭ଟା ୩୦।
- ମକର ସଂକ୍ରାନ୍ତି ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ଗୋଡିପଡ଼ା ନିକଟସ୍ଥ ହରିଡ଼ାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଟି ୨୦ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ସିଦ୍ଧାମୂଳା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମସୁରକ୍ଷା କୌଶଳ ତାଲିମ ଶିବିରର ପଞ୍ଚମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ରଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସିରିୟସ ଜୋନ ନାଟକ ମହୋତ୍ସବର ୪ର୍ଥ ଦିବସ ନାଟକ ଚିତ୍ର ପ୍ରତିମା, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଗାଳପଡା, ହିନ୍ଦୋଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା୩୦।
- ମାତୃଭବନ ବାରଦାର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ମାତୃଭବନ ବାରଦା, ସମୟ: ସକାଳ ସାଢେ ୮ଟା।

## ଅନୁଗୋଳ

- ମିଳିତ ଜନ ଶୁଣାଣି, ସ୍ଥାନ: ପାଲଲହଡ଼ା ବ୍ଲକ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ରେଭିନ୍ୟୁ ମିଟିଂ ଅନ୍ ପ୍ରୋଜେକ୍ଟ ଡେଭଲପ୍‌ମେଣ୍ଟ, ସ୍ଥାନ: ଏଡିଏମ୍ ଜେନେରାଲ ଅଫିସ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଳ୍ପକାଳୀନ ଏବଂ ଦୀର୍ଘ ମିଆଦି ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଏବଂ ଚୟନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଅଦିକା ଯୋଜନା ଅନ୍ତର୍ଗତ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ଶକ୍ତି ଭବନ ହଲ ସମ୍ମୁଖ, କୋଲନରା, ସମୟ: ପୂର୍ବାହ୍ନ ୧୦ଟା।
- ବସନ୍ତ ମହୋତ୍ସବ କମିଟି ପକ୍ଷରୁ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଚର୍ଚ୍ଚ କ୍ୟାମ୍ପସ, ଗୁଣପୁର, ସମୟ: ଅପରାହ୍ନ ୫ ଟା।

## ନବରଙ୍ଗପୁର

- ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ୍ ସମ୍ମଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ ସମ୍ମଳନୀ କକ୍ଷ, ଡାବୁଗାଁ, ସମୟ: ଅପରାହ୍ନ ୩ ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ମରିଚମାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ ପରିସର, ବୋରିଗୁମ୍ମା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମିଳିତ ଅଭିଯୋଗ ଶୁଣାଣୀ, ସ୍ଥାନ: ସମ୍ଭାଇ ପଞ୍ଚାୟତ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ଆତ୍ମରକ୍ଷା ତାଲିମ ଶିବିର, ସ୍ଥାନ: ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜଗନ୍ନାଥ ମନ୍ଦିର ପ୍ରଥମ ପ୍ରତିଷ୍ଠା ବାର୍ଷିକୋତ୍ସବ, ସ୍ଥାନ: ଗୌଡ଼ ବାରିକଣ୍ଡସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ର, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା।
- ମେଗା ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ମାଲକାନଗିରି

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ, ସ୍ଥାନ: ମାଲକାନଗିରି ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।

## ସମ୍ବଲପୁର

- ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟର ହୀରାକୁଦ କ୍ରୀଡା ସଂଘ ବନାମ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସ୍ଥାନ: ରେଲୱେ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ହୀରାକୁଦ କ୍ରୀଡ଼ା ସଂଘ ବନାମ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ , ସ୍ଥାନ: ରେଲୱେ ମିନି ଷ୍ଟାଡିୟମ, ସମୟ : ସକାଳ ୯ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ, ସ୍ଥାନ: ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦।
- ସମ୍ବଲପୁର ପୁସ୍ତକ ମେଳା-୨୫, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା।

## ବଲାଙ୍ଗୀର

- ବଲାଙ୍ଗୀର ଲୋକଉତ୍ସବ ମଞ୍ଚ ପୂଜା, ସ୍ଥାନ: କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସକାଳ ୭ଟା।

## ସୁବର୍ଣ୍ଣପୁର

- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲାପାଳ ଓ ଏସ୍‌ପିଙ୍କ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ନାରାୟଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୁମେଲସିଂହା, ଅତାବିରା, ସମୟ: ସକାଳ ୮ଟା।
- ଶ୍ରୀ ବୀର ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସହରାପାଲି, ବରଗଡ଼, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ତୋରା (ନନ୍ଦକ୍ରିା), ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ:ଗର୍ଭଣା, ସୋହେଲା, ସମୟ:ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ,ସ୍ଥାନ: ବୈଷ୍ଣୋଦେବୀ ମନ୍ଦିର, ଡୁରୁଙ୍ଗା, ବରଗଡ଼, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ଜନଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରୁଦ୍ରାଭିଷେକ ଏବଂ ଶିବ ସହସ୍ର ନାମ ପଠନ, ସ୍ଥାନ: ଶିବ ମନ୍ଦିର ଭିକମପାଲି, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳପଡ଼ିଆ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଶୁଣାଣି ଶିବିର,ସ୍ଥାନ:ସବଡେଗା ବ୍ଲକ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ଟା୩୦।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୯ଟା।
- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠ, ୮ମ ଦିବସ, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା।
- ଓଏସ୍‌ଏପି ହାଇସ୍କୁଲର ୩୪ତମ ବାର୍ଷିକ ଉତ୍ସବ, ସ୍ଥାନ: ରାଉରକେଲା-୧୦, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା କ୍ରୀଡ଼ା ସଂଘ ପକ୍ଷରୁ ପ୍ରତିଯୋଗିତା, ୫ମ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ଅପରାହ୍ନ ୨ଟା ୩୦।
- ଆଇ ଭିଜନ ଅପଟିକାଲ 'ଶୋ'ରୁମ୍ ଉଦ୍‌ଘାଟିତ, ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୩ଟା ୩୦।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ସମୟ: ରାତି ୮ଟା ୧୫।

## ଦେବଗଡ଼

- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ କୃଷି ପାଠଶାଳା, ସ୍ଥାନ: ବଡ ବଗିଚା ପ୍ରଧାନପାଟ,ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ସିଂଗସାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ ସାଧାରଣ ସଭା, ସ୍ଥାନ: ବଡ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜିଲାପାଳ ଓ ଏସ୍‌ପିଙ୍କ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଲମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ୧୦ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାପିତ ଅଞ୍ଚଳ ପରିଷଦ ଖଡିଆଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପୁରୁଣା ହସ୍ପିଟାଲ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସଭାଗୃହ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।
- ୨୧ତମ ତିଲେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ତିଲେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ତିଲେଶ୍ୱର, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ରର ଅର୍ଥନୈତିକ ଅଭିବୃଦ୍ଧି, ଗୃହଜମି ଲାଭ, ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟି ହେବ। କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ନିୟନ୍ତ୍ରଣରେ ରହିବା ସହ ଆତ୍ମୀୟଙ୍କ ସହୃଦୟତାରୁ ଖୁସି ରହିବେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେବ। ଆନୁଷ୍ଠାନିକ କାମରେ ନିଜର ପତିଆରା ବୃଦ୍ଧି ପାଇବ ଏବଂ ରାଜନୈତିକ ସ୍ଥିତି ଉତ୍ତମ ରହିବ।

**ବୃଷ** ଆଜିର ଯାତ୍ରାରେ ରୋହିଣୀ ଯେଉଁ କାମରେ ଯାଉଛନ୍ତି ସେଥିରେ ସଫଳତା ନିଶ୍ଚିତ ପାଇବେ। ପରିବାରରେ ପିଲାମାନଙ୍କ ସମସ୍ୟା ବିଷୟକୁ ନେଇ ମନରେ ସରସତା ରହି ନ ପାରେ। ଆକସ୍ମିକ ଭାବରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଉପକୃତ ହେବେ। ପଡୋଶୀଙ୍କୁ କୌଣସି ଘରୋଇ କଥାରେ ନିଜର ଅସୁବିଧା ଜଣାଇପାରନ୍ତି।

**ମିଥୁନ** ମୃଗଶିରା ନକ୍ଷତ୍ରର ବନ୍ଧୁ ଓ ପଡୋଶୀଙ୍କ ସହ ଅର୍ଥ ସମ୍ବନ୍ଧକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ବାଣିଜ୍ୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ଯୋଗ ଦେଇପାରନ୍ତି। ପାରିବାରିକ ଦିଗଟି ଭଲ ରହିବ ନାହିଁ କିନ୍ତୁ କଳା, କ୍ରୀଡ଼ା ଓ ସଭାସମିତିରେ ସମ୍ମାନିତ ହେବେ। ମାଙ୍ଗଳିକ କାମ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**କର୍କଟ** ସାମଗ୍ରିକ ଦୃଷ୍ଟିକୋଣରୁ ପ୍ରତ୍ୟେକ କ୍ଷେତ୍ରରେ ସୁଫଳ ଲାଭକରିବା ସହ ଦିନଟି ସ୍ମରଣୀୟ ରହିବ। ଅଶ୍ଳେଷା ନକ୍ଷତ୍ର କାର୍ଯ୍ୟବ୍ୟସ୍ତତା ହେତୁ ଘରୋଇ କାମରେ ସମୟ ଦେଇପାରିବେ ନାହିଁ। ସାଙ୍ଗସାଥୀଙ୍କ ସହ ଦେବଦର୍ଶନ ଓ ଭ୍ରମଣ ସକାଶେ ମନବଳାଇ ପାରନ୍ତି। ବନ୍ଧୁ ନିଜ କାମ ହାସଲ କରିବା ସକାଶେ ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିବ। ଅଫିସରେ ମନ କଥା ପ୍ରକାଶରେ ପଛେଇ ଯାଇପାରନ୍ତି। କାରିଗରି, ମିସ୍ତ୍ରି କାମ, ପରିବହନ, ଷ୍ଟେସନେରି ବ୍ୟବସାୟ ଓ ଫଳ ଦୋକାନୀ ଲାଭବାନ ହେବେ। ପାରିବାରିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ନିଜତ ପତିଆରା ବୃଦ୍ଧି ପାଇବ।

**କନ୍ୟା** ଆଜିର କର୍ମସମ୍ପାଦନ ସକାଶେ ପଡୋଶୀଙ୍କ ନିକଟରୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଚିତ୍ରା ନକ୍ଷତ୍ର ଆତ୍ମୀୟଙ୍କୁ ଭଲକଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ ବୁଝିବେ। ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ କିନ୍ତୁ ବନ୍ଧୁମହଲରେ ଅପମାନିତ ହେବେ। ପାରିବାରିକ, କର୍ମକ୍ଷେତ୍ର, ବନ୍ଧୁ ସମ୍ପର୍କ ତଥା ଯାତ୍ରା ଓ ବ୍ୟବସାୟ ଆଜି ମନ୍ଦ ହେବନି।

**ତୁଳା** ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ, ଏଣୁ ସତର୍କତାର ସହ ମତାମତବ୍ୟ ଦେବା ଭଲ। ସମ୍ୟକ୍ ନମ୍ରତା ଓ ନୀରବତା ମାଧ୍ୟମରେ ପାରିବାରିକ କ୍ଷେତ୍ରରେ ବୁଝାମଣା ଦୂରେଇ ପାରିବେ। ସ୍ୱାତୀ ନକ୍ଷତ୍ର ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି କାର୍ଯ୍ୟ ହାସଲ କରିବେ। ଆନୁଷ୍ଠାନିକ କାମ ସାଙ୍ଗକୁ ଧର୍ମଚର୍ଚ୍ଚା ଲାଗି ମନ ବଳାଇପାରନ୍ତି।

**ବିଛା** ଆଜି ମନ ଅନୁଯାୟୀ କାମ କରିବାରେ ଅସୁବିଧା ହେବ ନାହିଁ। ଅଫିସ୍ କାମରେ କୌଣସି ବ୍ୟକ୍ତି ମନଟାକୁ ଗୋଳମାଳିଆ କରିଦେବାର ଆଶଙ୍କା ରହିଛି। ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଅସନ୍ତୁଷ୍ଟ ରହିପାରନ୍ତି।

**ଧନୁ** ଭୁଲ ଧାରଣାରୁ ସାଧାରଣ କଥାକୁ କେନ୍ଦ୍ରକରି ଯୁକ୍ତିତର୍କ ଲାଗିପାରେ। ଉତ୍ତରାଷାଢା ନକ୍ଷତ୍ର କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ମଜ୍ଜାଇ ରଖି ଅର୍ଥର ଅପବ୍ୟୟ କରିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ପିଲାଙ୍କ ସଫଳତାରେ ଆନନ୍ଦିତ ହେବେ । ବିତର୍କ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିବାର ଆଶଙ୍କା ରହିଛି।

**ମକର** ପ୍ରତ୍ୟେକ କାମ ଗଡବଡ ହେବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶ୍ରବଣା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ପଛକୁ ରହି କାମ କରିବା ଭଲ ହେବ। ପରିବାରରେ ହଠାତ୍ କୌଣସି ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଅନୁଭବ କରି ଦୁଃଖପ୍ରକାଶ କରିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପୂର୍ବଭାଦ୍ର ନକ୍ଷତ୍ରର କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, କଳା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ, ବିଶେଷ ଭାବରେ ଲାଭବାନ୍ ହେବେ। ଇଚ୍ଛା ନ ଥାଇ ମଧ୍ୟ ପରିସ୍ଥିତିରେ ପଡି ଅନାବଶ୍ୟକ ଅର୍ଥବ୍ୟୟ କରିବାକୁ ବାଧ୍ୟ ହୋଇପାରନ୍ତି।

**ମୀନ** ବିଭିନ୍ନ ନୂତନ ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯନ୍ତ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ଧାର ସୂତ୍ରରେ ଅର୍ଥ ପାଇବେ। ରେବତୀ ନକ୍ଷତ୍ରର ଯାତ୍ରା ସଫଳହେବ ଏବଂ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

ଆଜି ଜାନୁଆରୀ ୨୦ ତାରିଖ, ମାଘ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ସୋମବାର, ରାଶିନକ୍ଷତ୍ର-ହସ୍ତା/କନ୍ୟା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହପ୍ରବେଶ ପାଇଁ ଶୁଭଦିନ। ସକାଳ ଘ.୦୬।୨୭ ମି. ଗତେ, ଘ.୦୭।୫୦ ମି. ମଧ୍ୟେ, ଘ.୧୦।୫୧ମି. ଗତେ, ଘ.୦୧।୦୩ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୫୦ ମି. ଗତେ ଘ.୦୯।୧୨ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ମହାକୁମ୍ଭରେ ନିଆଁ...

ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ଶନିବାର ସୁଦ୍ଧା ୭.୭୨ କୋଟି ଏବଂ ରବିବାର ୪୬.୯୫ ଲକ୍ଷ ଶ୍ରଦ୍ଧାଳୁ ସଙ୍ଗମରେ ବୁଡ଼ ପକାଇଥିଲେ। ମହାକୁମ୍ଭ ପାଇଁ ୧୦,୦୦୦ ଏକର ଅଞ୍ଚଳରେ ଅସ୍ଥାୟୀ ସହର ନିର୍ମାଣ ହୋଇଥିବାବେଳେ ଏକସଙ୍ଗେ ସେଠାରେ କୋଟିଏରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ଓ ସାଧୁସନ୍ଥ ରହୁଛନ୍ତି। ଦୈନିକ ପ୍ରାୟ ୨୦ ଲକ୍ଷ ଯାତ୍ରୀ ମହାକୁମ୍ଭ ଦେଖିବାକୁ ଆସୁଥିବା ସମନ୍ୱିତ ନିୟନ୍ତ୍ରଣ କମାଣ୍ଡ ସେଣ୍ଟର ପକ୍ଷରୁ କୁହାଯାଇଛି। ଦଳାଚକଟା ଏବଂ ଅନ୍ୟ ଅପ୍ରୀତିକର ସ୍ଥିତି ଏଡ଼ାଇବା ଲାଗି କ୍ରମାଗତ ଭାବେ ନଜର ରଖାଯାଇଛି। ଭିଡ଼ ନିୟନ୍ତ୍ରଣ ଦାୟିତ୍ୱରେ ୪ଟି ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ କମାଣ୍ଡ ସେଣ୍ଟର (ଆଇସିସିସି)ରେ ୪୦୦ ଜଣ ଲେଖାଏ ନିୟୋଜିତ ହୋଇଛନ୍ତି। ବଡ଼ ବଡ଼ ପରଦାରେ ଲାଇଭ୍ ଫୁଟେଜ୍ ପ୍ରଦର୍ଶିତ ହେଉଛି। ଲୋକଙ୍କୁ ସତର୍କ ରହିବା ପାଇଁ ହସ୍ତେସରୁ ତଥ୍ୟ ଦିଆଯାଉଛି।

ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମହାକୁମ୍ଭରେ ଆଇନ ଶୃଙ୍ଖଳା ପାଇଁ ୫୫ରୁ ଊର୍ଦ୍ଧ୍ୱ ଥାନା ପ୍ରତିଷ୍ଠା କରାଯାଇ ପ୍ରାୟ ୪୫,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବିଭିନ୍ନ ସମ୍ପ୍ରଦାୟକୁ ନେଇ ୧୩ ଆଖଡ଼ାର ସନ୍ଥଙ୍କ ଯୋଗଦାନ ଭାରତୀୟ ଧର୍ମୀୟ ଆସ୍ଥାର ପ୍ରତୀକ ସାଜି ଭକ୍ତଙ୍କୁ ଆକର୍ଷିତ କରିବାରେ ଲାଗିଛନ୍ତି ବୋଲି ୟୁପି ପ୍ରଶାସନ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ପାଇଁ ୬,୪୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ମଧ୍ୟ ଦେଶର ବିଭିନ୍ନ ସହରରୁ ପ୍ରୟାଗରାଜକୁ ବିମାନ ଚଳାଚଳକୁ ତ୍ୱରାନ୍ୱିତ କରିଛି। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଭାରତୀୟ ରେଳପଥ ୧୦,୦୦୦ ନିୟମିତ ଓ ୩,୦୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରିଛି।

## ଆଜି ଶପଥ ନେବେ...

ତେବେ ଶପଥ ଉତ୍ସବ ବେଳେ କେତେକ ଅପ୍ରୀତିକର ସ୍ଥିତି ଉପୁଜିବା ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆଶଙ୍କା କରାଯାଇଛି। ବିଶେଷକରି ମୁସଲମାନ ସମ୍ପ୍ରଦାୟର ଶରଣାର୍ଥୀ ଓ ଆପ୍ରବାସୀମାନେ ୱାଶିଂଟନ ଡିସିରେ ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି ୱାଶିଂଟନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶପଥଗ୍ରହଣ ପାଇଁ ଟ୍ରମ୍ପ ଶନିବାର ସନ୍ଧ୍ୟାରେ ୱାଶିଂଟନରେ ପହଞ୍ଚିଛନ୍ତି। ଟ୍ରମ୍ପଙ୍କ ନୀତିକୁ ବିରୋଧ କରି ଶପଥ ଗ୍ରହଣର ଦିନକ ପୂର୍ବରୁ ୱାଶିଂଟନ ଡିସିରେ ଅନେକ ହଜାର ଲୋକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୮୨ ବର୍ଷୀୟ ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଉତ୍ତରାଧିକାରୀ ଭାବେ ୭୮ ବର୍ଷୀୟ ଟ୍ରମ୍ପ ମଙ୍ଗଳବାର ହ୍ୱାଇଟ୍ ହାଉସ୍‌ରେ ଅବସ୍ଥାପିତ ହେବେ। ତେବେ ତାଙ୍କର ବିଭିନ୍ନ ନୀତିକୁ ବହୁ ଆମେରିକୀୟ ବିରୋଧ କରୁଛନ୍ତି। ପିପୁଲ୍ସ ମାର୍ଚ୍ଚ ବ୍ୟାନରରେ ସାକ୍ଷୀ ଫର୍ ସାଉଥ୍ ଏସିଆନ୍ ସର୍ଭାଇଭର୍ସ ସମେତ ଅଣଲାଭଦାୟକ ସଂସ୍ଥାଗୁଡ଼ିକ ପକ୍ଷରୁ ବିକ୍ଷୋଭ କରାଯାଇଛି। ୨୦୧୬ରେ ଟ୍ରମ୍ପ ଜିତିବା ପରେ ୨୦୧୭ରେ ଶପଥ ଗ୍ରହଣ ପୂର୍ବରୁ ହୋଇଥିବା ଅନୁରୂପ ବିକ୍ଷୋଭ ଶୋଭାଯାତ୍ରାକୁ ୱୁମେନ୍ସ ମାର୍ଚ୍ଚ କୁହାଯାଉଥିବାବେଳେ ଏଥରର ବିକ୍ଷୋଭକୁ ପିପୁଲ୍ସ ମାର୍ଚ୍ଚ ଭାବେ ନାମିତ କରାଯାଇଛି। ବିକ୍ଷୋଭକାରୀମାନେ ଟ୍ରମ୍ପ ବିରୋଧୀ ବ୍ୟାନର ଓ ପୋଷ୍ଟର ଧରି ପରବର୍ତ୍ତୀ ରାଷ୍ଟ୍ରପତି ଓ ତାଙ୍କ ଘନିଷ୍ଠ ସମର୍ଥକମାନଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବିକ୍ଷୋଭକାରୀ ସଂଗଠନ ମଧ୍ୟରେ ଆବର୍ସନ ଆକ୍ସନ ନାଓ, ଟାଇମ୍ ଟୁ ଆକ୍ଟ, ସିଷ୍ଟରସଙ୍ଗ୍, ୱୁମେନ୍ସ ମାର୍ଚ୍ଚ, ପପୁଲାର ଡେମୋକ୍ରାସି ଇନ୍ ଆକ୍ସନ, ହାରିଏଟ୍ସ ୱାଇଲ୍ଡେଷ୍ଟ ଡ୍ରିମ୍ସ, ଦି ଫେମିନିଷ୍ଟ ଫ୍ରଣ୍ଟ ଆଦି ସଂସ୍ଥା ରହିଥିଲେ। ସୂଚନାଯୋଗ୍ୟ, ଆର୍କ୍ଟିକ୍ ବାୟୁ ପ୍ରବାହ ଯୋଗୁ ସୋମବାର ରାଜଧାନୀରେ ଭୟଙ୍କର ଥଣ୍ଡା ଅନୁଭୂତ ହେବାକୁ ଥିବାରୁ ଶପଥ ଉତ୍ସବ ସମେତ ସେଦିନର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଇନ୍‌ଡୋରରେ ହେବ ବୋଲି ଜଣାପଡ଼ିଛି।

## ନୟାଗଡ଼ରେ ଲିଥିୟମ୍...

ରବିବାର କେନ୍ଦ୍ରୀୟ ଭୂତତ୍ତ୍ୱ ପ୍ରୋଗ୍ରାମିଂ ବୋର୍ଡ (ସିଜିପିବି)ର ୬୪ତମ ବୈଠକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଥିଲା। ଖଣି ମନ୍ତ୍ରଣାଳୟ ସଚିବ ତଥା ସିଜିପିବି ଅଧ୍ୟକ୍ଷ ଭି.ଏଲ୍. କାନ୍ଥା ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଏସ୍‌ଆଇର ମହାନିର୍ଦ୍ଦେଶକ ଅସିତ ଶାହା ଓ ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସଞ୍ଜୟ ଲୋହିଆ ପ୍ରମୁଖ ଉପସ୍ଥିତ ଥିଲେ। ସିଜିପିବି ଅଧ୍ୟକ୍ଷ ରାଓ ୨୦୨୪-୨୫ ବର୍ଷରେ ୨୪ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକର ସଫଳ ନିଲାମ ଏବଂ ଭାରତ ନେଇଥିବା ୧୩ଟି ବିଦେଶୀ ଖଣିଜ ବ୍ଲକର ପ୍ରଥମ ନିଲାମ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା ଜିଏସ୍‌ଆଇର ଉପନିର୍ଦ୍ଦେଶକ ପଙ୍କଜ କୁମାର କହିଲେ, ଲିଥିୟମ୍ ଓ କପର ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ସର୍ବେକ୍ଷଣ ଉପରେ କେନ୍ଦ୍ର ସରକାର ଫୋକସ୍ କରୁଛନ୍ତି। ଓଡ଼ିଶାରେ ଜିଏସ୍‌ଆଇ ଲିଥିୟମ୍ ଅନ୍ୱେଷଣ କରୁଛି। ନୟାଗଡ଼ ଜିଲା ମାଟି ତଳେ ଲିଥିୟମ୍ ଖଣି ରହିଥିବା ସଙ୍କେତ ମିଳିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ଏହି ଖଣିଗୁଡ଼ିକୁ ଚିହ୍ନଟ କରାଯିବ। ସୁନ୍ଦରଗଡ଼ ଜିଲାରେ ଖଣି ଠାବ ପାଇଁ ଡ୍ରୋନ୍ ବ୍ୟବହାର କରାଯାଉଛି। ଦକ୍ଷିଣ ଓଡ଼ିଶାର କନ୍ଧମାଳ, ମାଲକାନଗିରି ଆଦି ଜିଲାରେ ଅନେକ ବର୍ଷ ହେଲା ମାଇନିଂ ଅପରେଶନ ବନ୍ଦ ଥିବାବେଳେ ଏବେ ଖଣିଜ ସର୍ବେକ୍ଷଣକୁ ତ୍ୱରାନ୍ୱିତ କରାଯିବ। ଓଡ଼ିଶାର ଖଣି ଖନନ ସାରା ଦେଶରେ ଏକ ମଡେଲ ପାଲଟିଛି। ଦେଶର ପ୍ରାୟ ୫୦% ଖଣିଜ ପଦାର୍ଥ ଓଡ଼ିଶାରୁ ଉତ୍ତୋଳନ କରାଯାଇଥାଏ। ଏଥିପାଇଁ ଓଡ଼ିଶାକୁ ଭାରତର ମାଇନିଂ କ୍ୟାପିଟାଲ କୁହାଯାଉଛି ବୋଲି ପଙ୍କଜ କୁମାର କହିଛନ୍ତି।



ସିଜିପିବି ଅଧ୍ୟକ୍ଷ ଭି.ଏଲ୍. କାନ୍ଥା ରାଓଙ୍କ ସହ ଅନ୍ୟମାନେ ଭୂବିଜ୍ଞାନ ଓ ଖଣିଜ ସମ୍ପଦ ମାନଚିତ୍ର ପ୍ରଦର୍ଶନ କରୁଛନ୍ତି।

ଲିଥିୟମ୍‌କୁ କାଚ, ଆଲୁମିନିୟମ୍ ସାମଗ୍ରୀ, ବ୍ୟାଟେରି ଓ ବୈଦ୍ୟୁତିକ ଯାନ (ଇଭି) ନିର୍ମାଣ କ୍ଷେତ୍ରରେ ବହୁଳ ଭାବେ ବ୍ୟବହାର କରାଯାଇଥାଏ। ଅଷ୍ଟ୍ରେଲିଆ ଓ ଚିଲି ବିଶ୍ୱର ସର୍ବବୃହତ୍ ଲିଥିୟମ୍ ଉତ୍ପାଦନକାରୀ ଦେଶ। ଭାରତର କର୍ଣ୍ଣାଟକ ଓ ଜମ୍ମୁ-କଶ୍ମୀରରେ ପୂର୍ବରୁ ଲିଥିୟମ୍ ଭଣ୍ଡାର ଠାବ ହୋଇଛି। ଓଡ଼ିଶାରେ ଲିଥିୟମ୍ ଖନନ କରାଗଲେ ଇଭି ନିର୍ମାଣ କ୍ଷେତ୍ରରେ ନିର୍ଭରଶୀଳତା ହ୍ରାସ ପାଇବ। ରାଜ୍ୟରେ ଇଭି ଶିଳ୍ପ ପ୍ରତିଷ୍ଠାରେ ଏହା ସହାୟକ ହେବ ବୋଲି କୁହାଯାଉଛି। ଲିଥିୟମ୍ ବ୍ୟତୀତ ସୁନା ଖଣି ମଧ୍ୟ ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲାରେ ଠାବ ହୋଇଥିବା ଜଣାପଡ଼ିଛି।

ବୈଠକରେ ଖଣିଜ ସନ୍ଧାନ ହାକାଥନ୍ ବିଜେତା ଏଏମ୍‌ଡି, ଜିଏସ୍‌ଆଇ ଏବଂ ଆଇଆଇଟି-ଆଇଏସ୍‌ଏମ୍‌କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଦିଆଯାଇଥିଲା। ଏଥିସହ ଭୂବିଜ୍ଞାନର ବିଭିନ୍ନ ବିଷୟବସ୍ତୁ ଉପରେ ବିଭିନ୍ନ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଏହି ପ୍ରଦର୍ଶନୀରେ ଜିଏସ୍‌ଆଇ, ପିଏସ୍‌ୟୁ, ଘରୋଇ ଅନୁସନ୍ଧାନ ଏଜେନ୍ସି ଏବଂ ଷ୍ଟାର୍ଟଅପ୍ ସେମାନଙ୍କ ସଫଳତା ପ୍ରଦର୍ଶନ କରିଥିଲେ। ଝାଡ଼ଖଣ୍ଡ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଭୂବିଜ୍ଞାନ ଓ ଖଣିଜ ସମ୍ପଦ ଏବଂ ଉତ୍ତର-ପୂର୍ବାଞ୍ଚଳର ଭୂବିଜ୍ଞାନ ଓ ଖଣିଜ ସମ୍ପଦ ମାନଚିତ୍ର ସମେତ ବହୁ ପ୍ରକାଶନ ପ୍ରକାଶ ପାଇଥିଲା।

# ମାନସିକ ରୋଗ ବିଶେଷଜ୍ଞ ଡା. ଗୋପାଳ କରଙ୍କ ପରଲୋକ

କଟକ,୧୯।୧ (ଶିକ୍ଷା ପ୍ରିୟଦର୍ଶିନୀ)



ମାନସିକ ରୋଗ ବିଶେଷଜ୍ଞ ତଥା ପୂର୍ବତନ ସ୍ୱାସ୍ଥ୍ୟ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ(ଡିଏମ୍‌ଇଟି) ପ୍ରଫେସର ଡା. ଗୋପାଳ ଚନ୍ଦ୍ର କରଙ୍କ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କଟକ ପୁରୀଘାଟସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏହି ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଡା. କରଙ୍କ ପତ୍ନୀ ଡ. ଗାୟତ୍ରୀ ଦେବୀ, ବଡ଼ପୁଅ ଇଂ. ସୌମେନ୍ଦ୍ର କର, ଆଇନଜୀବୀ ସମ୍ବିତ କର, ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡା. ସମ୍ରାଟ କର, ବୋହୂ ନୀତି କର, ଶୈଳବାଳା କର, ଡା. ଶୁଭଶ୍ରୀ ମିଶ୍ର, ନାତୁଣୀ, ନାତିଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଡା. କରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସୌମେନ୍ଦ୍ର ମୁଖାଗ୍ନି ଦେଇଥିଲେ।

ସୂଚନାଯୋଗ୍ୟ, ପ୍ରଫେସର କର ୧୯୪୬ ଜାନୁଆରୀ ୧୮ରେ ଜନ୍ମଗ୍ରହଣ କରିଥିଲେ। ୧୯୬୨ରେ ରେଭେନ୍‌ଶା କଲିଜିଏଟ୍ ସ୍କୁଲରୁ ବିଦ୍ୟାଳୟ ଶିକ୍ଷାଲାଭ କରିବା ପରେ ରେଭେନ୍‌ଶା ମହାବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ୧୯୬୮ରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ(ଏସ୍‌ସିବି)ରୁ ମେଡିକାଲ ଡିଗ୍ରୀ ହାସଲ କରିବା ପରେ ପାଟ୍‌ନାର ପ୍ରିନ୍ସ ଅଫ୍ ୱାଲ୍ ଚିକିତ୍ସା ମହାବିଦ୍ୟାଳୟରୁ ମାନସିକ ରୋଗ ସ୍ନାତକୋତ୍ତରରେ ଶିକ୍ଷାଲାଭ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପରେ କଟକସ୍ଥିତ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଆଇନଶିକ୍ଷା ଲାଭ କରିଥିଲେ। ଡା. କର ଏସ୍‌ସିବି ମେଡିକାଲ ମାନସିକ ରୋଗ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବା ପରେ ୨୦୦୨ରୁ ୨୦୦୪ ମସିହା ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜର ଅଧ୍ୟକ୍ଷ ଓ ଓଡ଼ିଶା ସରକାରଙ୍କ ଅଧୀନରେ ଡିରେକ୍ଟୋରେଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ଟ୍ରେନିଂ (ଡିଏମ୍‌ଇଟି) ଭାବେ କାର୍ଯ୍ୟ କରିଥିଲେ। ସେ ପ୍ରଥମ ଓଡ଼ିଆ ଭାବେ ଭାରତୀୟ ଚିକିତ୍ସକ ସଂଘର ସଭାପତି ଦାୟିତ୍ୱ ତୁଲାଇଥିଲେ। ସମାଜସେବା ପାଇଁ ୧୯୯୮ରେ ଡ. ହରେକୃଷ୍ଣ ମହତାବଙ୍କଠାରୁ ସେ ବିଷୁବ ପୁରସ୍କାର ଗ୍ରହଣ କରିଥିଲେ। ଏଥିସହ ସମାଜ କଲ୍ୟାଣ ଓ ବିଭିନ୍ନ ସେବା ପାଇଁ ସେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ଶ୍ରୀମନ୍ଦିର ଗର୍ଭଗୃହ ଫଟୋ, ଭିଡିଓ ଭାଇରାଲ

ପୁରୀ,୧୯।୧ (ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାତ୍ର ୬ ଦିନର ବ୍ୟବଧାନ ପରେ ପୁନର୍ବାର ସାମାଜିକ ଗଣମାଧ୍ୟମରେ ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ଭାଇରାଲ ହୋଇଛି। ଏଥର ଶ୍ରୀମନ୍ଦିର ଭିତରବେଢ଼ା ସହ ଗର୍ଭଗୃହର ଫଟୋ ଏବଂ ଭିଡିଓ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବୃନ୍ଦାବନର ବାଙ୍କେ ବିହାରୀ ଅନନ୍ତ ନାମକ ଭକ୍ତ ନିଜ ଇନ୍‌ଷ୍ଟାଗ୍ରାମ୍ ଏବଂ ଫେସ୍‌ବୁକ୍‌ରେ ଶ୍ରୀମନ୍ଦିର ଭିତର ଓ ଗର୍ଭଗୃହର ଫଟୋ ଅପ୍‌ଲୋଡ୍ କରିଥିବା ଜଣାପଡ଼ିଛି। ଭାଇରାଲ ଭିଡିଓରେ ରତ୍ନସିଂହାସନରେ ଶ୍ରୀବିଗ୍ରହଙ୍କୁ ଦେଖିବାକୁ ମିଳୁଛି। ଶ୍ରୀମନ୍ଦିର ଭିତରବେଢ଼ା ସହ ବାଇଶିପାହାଚ, ମନ୍ଦିର ଆଦି ଅନେକ ସ୍ଥାନରେ ଭିଡିଓ ଉତ୍ତୋଳନ କରାଯାଇଛି। ଶନିବାର ରାତିରେ ସମ୍ପୃକ୍ତ ଭକ୍ତ ନିଜ ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍ ପେଜ୍‌ରେ ଏହି ଭିଡିଓ ଅପ୍‌ଲୋଡ୍ କରିଥିଲେ। ତେବେ ଭିଡିଓ ଓ ଫଟୋ ଭାଇରାଲ ହେବା ପରେ ତାହାକୁ ଆକାଉଣ୍ଟରୁ ଡିଲିଟ୍ କରିଦେଇଥିବା ଜଣାପଡ଼ିଛି। ଗତ ୧୨ ତାରିଖରେ ଶ୍ରୀମନ୍ଦିର ଭିତର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ସାମ୍ନାକୁ ଆସିଥିଲା। ସେହିପରି ଶ୍ରୀମନ୍ଦିରର ନୋ ଫ୍ଲାଇଂ ଜୋନ୍‌ରେ ପ୍ରାୟ ୩୦ ମିନିଟ୍ ଧରି ଏକ ଡ୍ରୋନ୍ ଉଡ଼ିଥିଲା। ବାରମ୍ବାର ଏଭଳି ଘଟଣା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଉଛି। ଶ୍ରୀମନ୍ଦିର ବାହାରେ ଏବଂ ଭିତରେ କଡ଼ା ସୁରକ୍ଷା ଓ ଯାଞ୍ଚ ବ୍ୟବସ୍ଥା ସତ୍ତ୍ୱେ ଭକ୍ତ କିପରି ମୋବାଇଲ୍ ଫୋନ୍ ଧରି ଶ୍ରୀମନ୍ଦିର ଭିତରକୁ ଯାଇ ଭିଡିଓ ଓ ଫଟୋ ଉତ୍ତୋଳନ କରୁଛନ୍ତି, ତାହା ଏବେ ସାଧାରଣରେ ମୁଖ୍ୟ ପ୍ରଶ୍ନ ପାଲଟିଛି। ଏ ଦିଗରେ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବାକୁ ଭକ୍ତ ମହଲରେ ଦାବି ହେଉଛି।

**ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟ ପ୍ରଶାସକ**

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ସେ ପୁରୀ ଏସ୍‌ପିଙ୍କ ସହ କଥା ହୋଇଛନ୍ତି। ଶ୍ରୀମନ୍ଦିରରେ ଚିତ୍ର ତଥା ଭିଡିଓ ଉତ୍ତୋଳନ ସମ୍ପୂର୍ଣ୍ଣ ନିଷିଦ୍ଧ। ଯିଏ ଶ୍ରୀମନ୍ଦିର ମଧ୍ୟକୁ ମୋବାଇଲ୍ କିମ୍ବା କ୍ୟାମେରା ନେଇ ଯିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ଦୁବାଇରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଖଲ୍ଲିକୋଟ,୧୯।୧ (ପ୍ରଶାନ୍ତ କୁମାର ମିଶ୍ର)



ଗଞ୍ଜାମ ଜିଲା ଖଲ୍ଲିକୋଟରେ ପୁଣି ଦାଦନ ଦୁଃଖ। ଖଲ୍ଲିକୋଟ ବ୍ଲକ ଭେଜିପୁଟ ଗ୍ରାମର ଜଣେ ଯୁବକ ପରିବାର ପ୍ରତିପୋଷଣ ପାଇଁ କାମ କରିବାକୁ ଦୁବାଇ ଯାଇଥିବା ବେଳେ ସେଠାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସୌରୀ ନାୟକଙ୍କ ସାନ ପୁଅ କମଳ କୁମାର ନାୟକ। ଦୁବାଇରୁ ମୃତଦେହ ଫେରାଇ ଆଣିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

# ୬ ମାଓବାଦୀ ଗିରଫ

ମାଲକାନଗିରି, ୧୯।୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ପୋଲିସ ୩ ମାଓବାଦୀଙ୍କୁ ଗିରଫ କରିଛି। ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ସୂଚନା ପାଇ ଚିନ୍ତାଗୁଫା ଥାନାରୁ ଜିଲା ପୋଲିସ ଓ ଡିଆରଜି ବାହିନୀ ମିଳିତ ଭାବେ ଦୁଲେଡ, ମେଟାଗୁଡା ଓ ଏରନପାଲ୍ଲୀର ଆଖପାଖ ଜଙ୍ଗଲ ଅଞ୍ଚଳରେ କୋମ୍ବିଂ କରିଥିଲେ। ଦୁଲେଡ ଜଙ୍ଗଲ ନିକଟରେ କେତେକ ବ୍ୟକ୍ତି ପୋଲିସକୁ ଦେଖି ଲୁଚିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ଉକ୍ତ ସ୍ଥାନରୁ ୩ ଜଣଙ୍କୁ ଗିରଫ କରିଥିଲେ। ଏମାନେ ହେଲେ ୨ ଲକ୍ଷ ପୁରସ୍କାର ଘୋଷିତ ମଡକମ ନନ୍ଦା, ୧ ଲକ୍ଷ ପୁରସ୍କାର ଘୋଷିତ ଦଶା ଓ କବାସୀ ଲଖମା। ଏହି ୩ ଜଣ ଦକ୍ଷିଣ ବସ୍ତର ଡିଭିଜନ,ଜନତାନା ସରକାର, କଞ୍ଚାଲ ଆର୍‌ପିସି ଡିଏକେଏମ୍‌ଏସ୍‌ରେ କାର୍ଯ୍ୟ କରୁଥିଲେ। ସେମାନେ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବା ପୋଲିସ କହିଛି। ସେହିପରି କାଙ୍କେର ଜିଲା ମଣ୍ଡାଗାଁ ବିଏସ୍‌ଏଫ କ୍ୟାମ୍ପ ସମ୍ମୁଖରେ ବିଏସ୍‌ଏଫ ଓ ପୋଲିସ ମିଳିତ ଭାବେ ଏମ୍‌ସିପି କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଗୋଟିଏ ବାଇକ୍‌ରେ ୩ ଜଣ ବ୍ୟକ୍ତି ଯାଉଥିବା ବେଳେ ଏମାନଙ୍କୁ ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ବିସ୍ଫୋଟକ ସାମଗ୍ରୀ ଜବତ ହୋଇଥିଲା। ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ରାଜେଶ ପୋଟାଇ, ଜଗତରାମ କୋବାଚି, ଲଛେନ ରାମ। ଏମାନଙ୍କ ନିକଟରୁ ୱାକିଟକି, ଡିଟୋନେଟର, ମେମୋରି କାର୍ଡ, ମାଓବାଦୀ ସାହିତ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

# ଶିବେଇ ସାମନ୍ତରାୟ କୋଣାର୍କଠାରେ ଶ୍ରୀସୂର୍ଯ୍ୟଚିହ୍ନିତ ସ୍ୱର୍ଣ୍ଣମୁଦ୍ରା ଗଜପତିଙ୍କୁ ଦେଇଥିଲେ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟରେ ଓଡ଼ିଶା

- ରୂପାସଗଡ଼ ଦଳବେହେରା ଦେଇଥିଲେ ଚନ୍ଦନକାଠର ପାଦୁକା
- ଗଙ୍ଗବଂଶର ରାଜକୀୟ ଚିହ୍ନ ରହୁଥିଲା ଖଣ୍ଡାରେ

ଗଜପତି କୋଣାର୍କରେ ପଦାର୍ପଣ କରିବା ସମୟରେ ପାଞ୍ଚୋଟି ମୁଖ୍ୟ କାମ ଚାଲିଥିଲା। ତା' ମଧ୍ୟରେ ଦ୍ୱାରବନ୍ଧର ସୂକ୍ଷ୍ମକାମ ଅନ୍ୟତମ। ସୂକ୍ଷ୍ମକାମର ଧାଡ଼ିବନ୍ଧରେ 'ନକୁଳୀଶ'ଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ନକୁଳୀଶଙ୍କ ଦୁଇପଟେ ବିଭିନ୍ନ ମୁଦ୍ରାରେ ଶିଷ୍ୟମାନେ ଥିବାର ଦେଖାଯାଏ। ଥାକ ଭଳି ଚାରିଥାକରେ ନକୁଳୀଶ ଥିବାବେଳେ, ତଳ ଥାକରେ ଦେବୀ ଯୋଗମୁଦ୍ରାରେ ଅଛନ୍ତି।

ଅନେକ ଆଲୋଚକ 'ନକୁଳୀଶ'ଙ୍କୁ 'ଲକୁଳୀଶ' ବୋଲି ଉଲ୍ଲେଖ କରିଛନ୍ତି। ନକୁଳୀଶ ଥିଲେ ପାଶୁପତ ଶୈବାଚାର୍ଯ୍ୟମାନଙ୍କ ଗୁରୁ। ଭୁବନେଶ୍ୱରର ଶ୍ରୀପରଶୁରାମେଶ୍ୱର ମନ୍ଦିରରେ ନକୁଳୀଶଙ୍କ ମୂର୍ତ୍ତି ଥିବାର ଦେଖାଯାଏ। ଆମେ ଜାଣିଛେ ଶିବ ସମ୍ପ୍ରଦାୟ ଚାରିଭାଗରେ ବିଭକ୍ତ ଥିଲେ। ତାହା ମଧ୍ୟରେ ପାଶୁପତ ଧାରାର ଦର୍ଶନକୁ କୁହାଯାଏ 'ନାକୁଳୀଶ ପାଶୁପତ ଦର୍ଶନ'। ଦକ୍ଷିଣ ଭାରତର 'ମୁନିନାଥ ଚିଲ୍ଲକ'ଙ୍କୁ ନାକୁଳୀଶଙ୍କ ଅବତାର ବୋଲି କୁହାଯାଏ। ଶ୍ରୀଶିବଙ୍କୁ 'ପଶୁପତି' ଭାବରେ ଏମାନେ ଗ୍ରହଣ କରନ୍ତି।

କଳିଙ୍ଗ ସ୍ଥାପତ୍ୟରେ ଦ୍ୱାରଲଲାଟବିମ୍ବରେ ଶିବଙ୍କର ବିଭିନ୍ନ ରୂପର ମୂର୍ତ୍ତି ରହିଥାଏ। ରାଜାରାଣୀ ମନ୍ଦିର ମୁଖଶାଳାରେ ନକୁଳୀଶଙ୍କ ମୂର୍ତ୍ତି ରହିଛନ୍ତି। ବନ୍ଧ ତଳକୁ ଦ୍ୱାରପାଳ ରହିବା ବିଧି। ଶ୍ରୀପଦ୍ମକେଶର ମନ୍ଦିରରେ ଶ୍ରୀସୂର୍ଯ୍ୟନାରାୟଣଙ୍କୁ ସମୀକରଣ କରାଯାଇଛି ଶ୍ରୀବିଷ୍ଣୁ, ଶ୍ରୀବ୍ରହ୍ମା ଓ ଶ୍ରୀଶିବଙ୍କ ସହିତ। ଗଜପତି ସମସ୍ତ କାର୍ଯ୍ୟ ତଦାରଖ କରିବା ପରେ ଶ୍ରୀପଦ୍ମକେଶର ମନ୍ଦିରର ପୂର୍ବ-ଉତ୍ତର କୋଣକୁ ନିର୍ମିତ ନିର୍ଦ୍ଦିଷ୍ଟ ରାଜମଣ୍ଡପରେ ମେହେନାରେ ପହଞ୍ଚିଥିଲେ। କିଛି ସମୟ ବିଶ୍ରାମ ନେଇଥିଲେ। ସେଦିନ ଥିଲା ବୈଶାଖ ୨୬ ଦିନର ଅପରାହ୍ଣ।

ସଞ୍ଜ ନଇଁଆସୁଛି। ଗଡ଼ରୂପାସ ଶିବିରର ଶିଳ୍ପୀ, ପଥୁରିଆ ଓ ପାଇଟିଆଙ୍କୁ ନେଇ ପହଞ୍ଚିଲେ ରୂପାସର ଦଳବେହେରା। ରାଜକୀୟ କାଇଦାରେ ସମ୍ମାନ ପ୍ରଦର୍ଶନ କଲେ। ଗଜପତି କିଛି କହିବା ପୂର୍ବରୁ ମୁହଁଠାରରେ ଜଣ ଜଣ କରି ଡାକୁଥାନ୍ତି ଦଳବେହେରା। ଦଳବେହେରାଙ୍କ ହାତକୁ ବଢ଼େଇ ଦେଲେ କଉଡ଼ିମୁଣି। ୧୬ କାହାଣ ତିନିପଣ କଉଡ଼ି ଉପହାର ଦେଲେ ଗଜପତିଙ୍କୁ। ଷାଠିଏଟି ରୁପାଟଙ୍କା ପ୍ରସ୍ତୁତ କରି ଆଣିଥିଲେ ବଣିଆଶାଳରୁ।



କୋଣାର୍କଠାରେ ପାଶୁପତ ଶୈବାଚାର୍ଯ୍ୟ ଗୁରୁ ଶ୍ରୀନକୁଳୀଶଙ୍କ ଦ୍ୱାରବନ୍ଧର ସୂକ୍ଷ୍ମକାର୍ଯ୍ୟ। (ଫଟୋ ସୌଜନ୍ୟ: ଡ. କୁମାର ଅରଜ୍ୟୋତି)

ସେତକ ଦେବାପରେ ଆଡ଼ ହୋଇ ରହିଲା ସାତ ଅଖା ପରିବା, ତିନି ହାଣ୍ଡି ଦହି। ତାହା ପର ଉପହାରଟି ଦଳବେହେରା ନିଜେ ଗଜପତିଙ୍କ ଗଜଦନ୍ତ କାଠ ଆସନ ପାଖରେ ରଖିଦେଲେ। ଗଜପତି ମୁହଁକୁ ଚାହିଁବାରୁ ଦଳବେହେରା କହିଲେ ହଜୁର.... ଚନ୍ଦନକାଠର ପାଦୁକା। ଖୋଦେଇ ହୋଇଛି...।

ତାହା ପରେ ପରେ ଗଜପତିଙ୍କୁ ଏକ ଖଣ୍ଡା ଉପହାର ଦେଇଥିଲେ, ଯେଉଁଥିରେ ମହାଶ୍ରମଙ୍କ ରାଜକୀୟ ଚିହ୍ନ ଅଙ୍କିତ ହୋଇଥିଲା। ଖଣ୍ଡା ପ୍ରସ୍ତୁତ କରିଥିଲେ ବାସୁ ଓଝା। ଆମେ ଗଙ୍ଗବଂଶର ରାଜକୀୟ ଖଣ୍ଡାର ଅନୁସନ୍ଧାନ ପାଇଁ ଏକାଧିକ ବାର ଗଲାପରେ ଦେଖିଲୁ ଗଡ଼ର ଠାକୁରାଣୀଙ୍କ ପାଖରେ ଗଙ୍ଗବଂଶର ରାଜକୀୟ ଚିହ୍ନଥିବା ଖଣ୍ଡା ଶୋଭାପାଉଛି। ସେଥିରୁ ଗୋଟିଏ ଦଳବେହେରାଙ୍କ ବ୍ୟବହୃତ ଖଣ୍ଡା, ଆଉ ଗୋଟିଏ ରୂପାସଗଡ଼ର 'ପାତ୍ର'ଙ୍କର ବ୍ୟବହୃତ ଖଣ୍ଡା। ଭିନ୍ନତା ଓ ଚିହ୍ନରେ ସାମାନ୍ୟ ଫରକ ଅଛି। ସେହିପରି ଖଣ୍ଡା 'ଭିଙ୍ଗୁରାଗଡ଼' ଅନୁସନ୍ଧାନ କାଳରେ ଆମେ ଦେଖିଥିଲୁ। ସେ ଖଣ୍ଡାରେ ମଧ୍ୟ ଗଙ୍ଗବଂଶର ରାଜକୀୟ ଚିହ୍ନ ରହିଛି।

ରୂପାସଗଡ଼ ଦଳବେହେରାଙ୍କର ସେଇ ଅପୂର୍ବ ଖଣ୍ଡାକୁ ବହୁ ସମୟ ଧରି ଏପଟସେପଟ କରି ଦେଖିଥିଲେ ଲାଙ୍ଗୁଳା ନରସିଂହଦେବ। ତାଙ୍କ ମୁହଁରୁ ସେଦିନ ଆତ୍ମସନ୍ତୋଷ ବାରିପାରିଥିଲେ ଶିବେଇ ସାମନ୍ତରାୟ। ଶିବେଇ ତା' ପରେ ଗଜପତିଙ୍କ ହାତକୁ ବଢ଼ାଇ ଦେଇଥିଲେ 'ଗଜଦନ୍ତ ଛଡ଼ି'। ସୂର୍ଯ୍ୟଙ୍କର ଚିହ୍ନ ଥିବା ଗୋଟିଏ ମାଢ଼ ସୁନା ମୋହର। ଗଜଦନ୍ତ ଛଡ଼ି ଗଜପତିଙ୍କ ଆନମନା କରି ନ ଥିଲା। କିନ୍ତୁ ସୁନା ମୋହରଟି ଆନମନା କରିଦେଇଥିଲା। ଶ୍ରୀସୂର୍ଯ୍ୟନାରାୟଣଙ୍କ ପାଇଁ ମନ୍ଦିର ନିର୍ମାଣ ଚାଲିଥିବାବେଳେ, ଶ୍ରୀସୂର୍ଯ୍ୟନାରାୟଣଙ୍କ ଚିହ୍ନ ଥିବା ସୁନାମୋହର ଦେଖି ସୂତ୍ରଧର ଶିବେଇଙ୍କ ମୁହଁକୁ ଢେର୍ ସମୟ ଚାହିଁ ରହିଲେ ଗଜପତି।

ସେହିଦିନ ସେହି ମଣ୍ଡପରେ ଗଜପତି ଏକ 'ଘୋଷଣାନାମା' ଜାରି କରିଥିଲେ। ଶିଳ୍ପୀଙ୍କୁ ଉତ୍ସାହିତ କରିବା ଏବଂ ନିର୍ମାଣକାର୍ଯ୍ୟକୁ ଆଗେଇ ନେବାର ଅଭିସନ୍ଧି ଥିଲା ଏହି ଘୋଷଣାନାମାରେ।

– ମନ୍ଦିର ନିର୍ମାଣ ହେବା ଆରମ୍ଭରୁ ଏ ପର୍ଯ୍ୟନ୍ତ ନଅ ବର୍ଷ ଅତିବାହିତ ହୋଇଗଲାଣି। – ଆପଣମାନେ ସମସ୍ତେ ପ୍ରଚୁର ପରିଶ୍ରମ କରିଛନ୍ତି ନିଷ୍ଠାର ସହିତ। – ତଥାପି ମନ୍ଦିରର ଅବଶିଷ୍ଟ କାମ ସମାପ୍ତ ହୋଇପାରି ନାହିଁ। – ଗର୍ଭମୁଦ ଆହୁରି ଦୂର ଅଛି। ଆମେ ଦଶମ ବର୍ଷର ଦଶମାସ ଦଶଦିନ ମଧ୍ୟରେ ଗର୍ଭମୁଦ ସମାପ୍ତ କରିବା। – ସମୟସୀମା ଆଉ ବୃଦ୍ଧି କରିବାନି। – ଅନ୍ୟ କାମଗୁଡ଼ିକ ଚାଲିଛି... ଚାଲିବ... ମୁଖ୍ୟ କାମ ଦୁଇଟା ଆଗ ସାରିବା। ସେ ବିଷୟରେ ଆଉ ବିଶେଷ କିଛି କହିବାକୁ ଚାହୁଁନି।

ତା'ପରେ ଡକାପଡ଼ିଲା ବାସୁ ଛୋଟରାଙ୍କୁ। ସେ ଡେଙ୍ଗୁରାବାଲା, ଡେଙ୍ଗୁରା ନେଇ ସମସ୍ତ ଶିବିରରେ ଏହି ରାଜକୀୟ ଘୋଷଣାନାମାକୁ ଜଣାଇଦେବ। ତାହା ହିଁ ହେଲା। ମହାଶ୍ରମ ବିଜେ କଲେ ତାଙ୍କର ବିଶ୍ରାମ ଶିବିରକୁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମ ନଗର**
**ମା' ଧାନକୁଟି ପୁଅ ନାଗର।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ, କିନ୍ତୁ ବାହାରେ ଚାତୁରୀ କାହିଁରେ କେତେ। ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ବାହାରେ ବୁଲି ନିଜ ରସିକପଣିଆ ଦେଖାଇହେବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡିଙ୍କିଆ ଲାଉ**
**ଟେକିଟାକି ଦେଲେ ପିଢ଼ାକୁ ଯାଉ।**

ସାଧାରଣତଃ ଲାଉଡଙ୍କକୁ ପିଢ଼ା ବା ଚାଳ ଉପରକୁ ଯେତେ ଟେକାଯାଏ ସେ ସେତେ ସତେଜ ହୋଇ ବଢ଼ିଥାଏ। ପରୋକ୍ଷରେ ଯେଉଁ ଲୋକର ମୁହଁରେ ଲାଜ ସରମ ନ ଥାଏ ତାକୁ ଟିକେ ଟେକାଟେକି କରି କହିଦେଲେ ସେ ତାକୁ ସତମଣି ଫୁଲିଉଠୁଥିବାର ଲକ୍ଷ୍ୟ କରାଯାଇଥାଏ। ଅଲାଜୁକ ଶ୍ରେଣୀର ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯୁବତୀ ଚାଲାଣ କରୁଥିଲେ ହଂସିତା, ଅନିଲ

ଭୁବନେଶ୍ୱର,୧୯।୧
(ସତ୍ୟଜିତ୍ ରାଉତ)

**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁ ପରିଚୟ ଦେଇ ଠକେଇ ଘଟଣା**



- ଇନ୍‌ଫୋସିଟି ଥାନାରେ ଆଉ ଏକ ମାମଲା ରୁଜୁ
- ଅତିଥି, ଘନିଷ୍ଠଙ୍କୁ ଭେଟିଦେଉଥିଲେ ରୁଷୀୟ ଯୁବତୀ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁର ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକିଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭୀଲିପ୍‌ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦ ଓ ଅନିଲ କୁମାର ମହାନ୍ତି ଏବେ ଝାରପଡ଼ା ଜେଲରେ ଦିନ କାଟୁଛନ୍ତି। ଏପଟେ ପୋଲିସ ତଦନ୍ତରୁ ଏମାନଙ୍କ କଳା ସାମ୍ରାଜ୍ୟର ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। କେବଳ ଠକେଇ ନୁହେଁ, ହଂସିତା ଓ ଅନିଲ ଯୁବତୀ ଚାଲାଣରେ ସମ୍ପୃକ୍ତ ଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ଇନ୍‌ଫୋସିଟି ଥାନାରେ ଉଭୟଙ୍କ ନାଁରେ ଦ ଇମୋରାଲ ଟ୍ରାଫିକ୍ (ପ୍ରିଭେନଶନ୍) ଆକ୍ଟ ୧୯୫୬ର ଦଫା ୫, ଆଇଟି ଆକ୍ଟ ୨୦୦୦ର ଦଫା ୬୭ ଓ ଆଇପିସି ଦଫା ୧୨୦-ବିରେ ମାମଲା (ନଂ.୧୪/୨୦୨୫) ରୁଜୁ ହୋଇଛି। ପୂର୍ବ ମାମଲାର ତଦନ୍ତ ଅଧିକାରୀ ଦାୟିତ୍ୱରେ ଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସ୍‌ସିୟୁ)ର ଇନ୍ସପେକ୍ଟର ମାନସ କୁମାର ସ୍ୱାଇଁ ଘଟଣାର ଅନୁସନ୍ଧାନ କରୁଥିବାବେଳେ ଏହି ଆପରାଧିକ ଦିଗ ଜାଣିବାକୁ ପାଇଥିଲେ। ଏନେଇ ସେ ଇନ୍‌ଫୋସିଟି ଥାନାରେ ଏତଲା ଦେବା ପରେ ନୂଆ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏ ସମ୍ପର୍କରେ ପୋଲିସ ପକ୍ଷରୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ କୋର୍ଟକୁ ମଧ୍ୟ ଅବଗତ କରାଯାଇଛି। ଏହି ମାମଲାକୁ ଲଗାଇ ହଂସିତାଙ୍କ ନାଁରେ ଇନ୍‌ଫୋସିଟି ଥାନାରେ ରୁଜୁ ହୋଇଥିବା ମାମଲା ସଂଖ୍ୟା ୩ରେ ପହଞ୍ଚିଛି। ପୋଲିସ ତଦନ୍ତ ବେଳେ ହଂସିତାଙ୍କ ମୋବାଇଲ ଓ ଲାପ୍‌ଟପ୍‌ରୁ ବହୁ ସୁନ୍ଦରୀ ଯୁବତୀଙ୍କ ଫଟୋ ମିଳିଛି। ଏଥିସହ ବିଭିନ୍ନ ଗ୍ରାହକ ଓ ଏଜେଣ୍ଟଙ୍କ ସହ ଯୁବତୀଙ୍କ ଫଟୋ ପଠାଇ ଟଙ୍କା ଡିଲ୍ କରାଯାଇଥିବା ମଧ୍ୟ ଚାର୍ଟରୁ ପ୍ରମାଣ ମିଳିଛି। ଅନ୍ୟପକ୍ଷରେ ହଂସିତା ଓ ଅନିଲ ସେମାନଙ୍କ ଘନିଷ୍ଠ ସମ୍ପର୍କୀୟଙ୍କୁ ରୁଷୀୟ ଯୁବତୀ ମଧ୍ୟ ଉପହାର ଆକାରରେ ଭେଟି ଦେଉଥିଲେ। ପ୍ରତିବର୍ଷ ଡିସେମ୍ବର ୨୪ରେ ଅନିଲ ଧୁମଧାମ୍‌ରେ ଜନ୍ମଦିନ ପାଳନ କରୁଥିଲେ। ଏହି ଜନ୍ମଦିନ ପାର୍ଟିକୁ ରୁଷୀୟ ଯୁବତୀମାନଙ୍କୁ ସେମାନେ ଆଣୁଥିଲେ। ଏହି ପାର୍ଟିରେ ଯୋଗ ଦେଉଥିବା ବହୁ ବଡ଼ବଡ଼ିଆ ଅତିଥିମାନଙ୍କୁ ଯୁବତୀ ଭେଟି ଦିଆଯାଉଥିବା ପୋଲିସ ପ୍ରମାଣ ପାଇଛି। ପୂର୍ବରୁ ଠକେଇ, ପାସ୍‌ପୋର୍ଟ ଜାଲିଆତି ଅଭିଯୋଗ ରହିଥିବା ବେଳେ ଏବେ ବେଆଇନ ଯୁବତୀ ଚାଲାଣ ମାମଲାରେ ହଂସିତା ଫସିଛନ୍ତି। ଆସନ୍ତା ମଙ୍ଗଳବାର ହଂସିତାଙ୍କ ଜାମିନ ଆବେଦନର ଶୁଣାଣି ଥିବା ବେଳେ ଏହି ଯୁବତୀ ଚାଲାଣ ମାମଲା ଅଡୁଆ ବଢ଼ାଇପାରେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ବିଭିନ୍ନ ଲୋକଙ୍କୁ ଠକେଇ ଅଭିଯୋଗରେ ଇନ୍‌ଫୋସିଟି ଥାନାରେ ମାମଲା ରୁଜୁ କରି କମିଶନରେଟ ପୋଲିସ ହଂସିତା ଏବଂ ଅନିଲଙ୍କୁ ଗିରଫ କରିଥିଲା। ପରେ ଉଭୟଙ୍କ ଅନେକ କୋଟିର ଦାମୀ ଗାଡ଼ି ସହ ସମ୍ପତ୍ତି ଠାବ କରିଥିଲା ପୋଲିସ ଓ ଆୟକର ବିଭାଗ। ଏପରିକି ଅନିଲ ଓ ହଂସିତାଙ୍କ ବିରୋଧରେ ହୋଇଥିବା ଏତଲା କପି, ସମସ୍ତ ତଥ୍ୟ ଓ କାଗଜପତ୍ର କମିଶନରେଟ ପୋଲିସ ଏବଂ ଆୟକର ବିଭାଗଠାରୁ ଇଡି ସଂଗ୍ରହ କରି ନେବା ସହ ଆର୍ଥିକ ଦିଗ ଉପରେ ଅଧିକ ଖୋଳତାଡ଼ ଚଳାଇଛି।

DADLS-89
ଓଡ଼ିଶା ସରକାର



ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୦ ଜାନୁଆରୀ, ୨୦୨୫

ସକାଳ – ଘ.୮.୩୦ ମିନିଟ ସମୟରେ କଳ୍ପନା ଛକ, ଭୁବନେଶ୍ୱରସ୍ଥିତ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା - ଘ.୫.୩୦ ମିନିଟ - ସାଧାରଣ ସଭା ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପ ମୁଖ୍ୟମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ
ସମ୍ମାନନୀୟ ଅତିଥି – ପୁରୀ ଜିଲ୍ଲାର ବିଧାୟକବୃନ୍ଦ
ମୁଖ୍ୟବକ୍ତା – ଡ. ନଟବର ଶତପଥି, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ
ଧନ୍ୟବାଦ ଅର୍ପଣ – ଡାକ୍ତର ବସନ୍ତ କୁମାର ପତି, ସଭାପତି, ଚାଖି ଖୁଣ୍ଟିଆ ସ୍ମୃତି ସମିତି, ଭୁବନେଶ୍ୱର

ପଞ୍ଚମ ସାଂସ୍କୃତିକ ଅନୁଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ ଭକ୍ତି ସଙ୍ଗୀତ, ଦେବଦାସୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0379/2425

ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମାଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା।-**ଶ୍ରୀଅରବିନ୍ଦ**



# ଟ୍ରମ୍ପ୍‌ଙ୍କ ଆରମ୍ଭ

ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ୨୦ ଜାନୁଆରୀ ୨୦୨୫ରେ ଡୋନାଲ୍ଡ ଟ୍ରମ୍ପ୍ ଶପଥ ନେବେ। ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧବିରତି ସକାଶେ ଚୁକ୍ତି ହୋଇଯାଇଥିବାରୁ ଶପଥ ଗ୍ରହଣର ୨୪ ଘଣ୍ଟା ପୂର୍ବରୁ ୧୯ ଜାନୁଆରୀରେ ଏହା କାର୍ଯ୍ୟକାରୀ ହୋଇଛି। ଇତିମଧ୍ୟରେ ଇସ୍ରାଏଲର ୩ ଜଣ ପଣବନ୍ଦୀଙ୍କୁ ଛାଡ଼ିବା ଲାଗି ହମାସ ସେମାନଙ୍କ ନାମ ଘୋଷଣା କରିସାରିଛି। ଆଗକୁ ଯୁଦ୍ଧବିରତି କେତେ ବାଟ ଯିବ ତାହା ଜଣାପଡ଼ିବ। ଏଠାରେ ମନେପକାଇ ଦିଆଯାଇପାରେ ଯେ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସ ପ୍ରଥମେ ଆକ୍ରମଣ କରି ଅନେକ ଇସ୍ରାଏଲ ନାଗରିକଙ୍କୁ ପଣବନ୍ଦୀ କରିନେଇଥିଲା। ଏହାର ଜବାବରେ ଇସ୍ରାଏଲ ଦୀର୍ଘ ୧୫ ମାସ ମଧ୍ୟରେ ୪୬ ହଜାରରୁ ଅଧିକ ପାଲେଷ୍ଟିନୀୟଙ୍କ ଜୀବନ ନେବା ସହ ଗାଜା ଅଞ୍ଚଳକୁ ଧ୍ୱଂସସ୍ତୂପରେ ପରିଣତ କରିଦେଇଛି। ଏହି ସମୟ ମଧ୍ୟରେ ଲେବାନନ୍‌ରେ ଗଢ଼ିଉଠିଥିବା ଆତଙ୍କବାଦୀ ସଙ୍ଗଠନ ହେଜବୋଲ୍ଲା ଓ ଇରାନ୍ ଭଳି ରାଷ୍ଟ୍ର ହମାସକୁ ସହଯୋଗ କରିବାକୁ ଆଗେଇ ଆସିଥିଲେ ମଧ୍ୟ ଇସ୍ରାଏଲର ଶୀର୍ଷ ଗୋଇନ୍ଦା ସଂସ୍ଥା ଓ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଦ୍ୱାରା କ୍ଷତାକ୍ତ ହୋଇଯାଇଛନ୍ତି। ଅନେକ ସାଧାରଣ ପାଲେଷ୍ଟିନୀୟ ନାଗରିକଙ୍କ ମୃତ୍ୟୁ ଘଟିବାରୁ ଇସ୍ରାଏଲ ଯୁଦ୍ଧ ବନ୍ଦ କରୁ ବୋଲି ବିଶ୍ୱବ୍ୟାପୀ ଚାପ ପଡ଼ିଥିଲା। ଯୁଦ୍ଧବିରତି କରିବା ଲାଗି କାତାର, ଇଜିପ୍ଟ ଓ ଆମେରିକା ମଧ୍ୟସ୍ଥ କରିବାକୁ ଆଗେଇ ଆସିବାରୁ ୧୫ ଜାନୁଆରୀରେ ଏ ସଂକ୍ରାନ୍ତରେ ଚୁକ୍ତି ହୋଇଥିଲା।

ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧବିରତି ହେବା ଓ ସମ୍ପୃକ୍ତ ଭୂଖଣ୍ଡକୁ ସାମୟିକ ଆଶ୍ୱସ୍ତି ମିଳିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା ମନେରଖିବାକୁ ହେବ ଯେ ଚୁକ୍ତିରେ ସାମାନ୍ୟ ଅସଙ୍ଗତି ଦେଖାଦେଲେ ଅସ୍ୱାଭାବିକ ସ୍ଥିତି ମଧ୍ୟ ଉପୁଜିପାରେ। କାରଣ ଅତୀତରେ ଏହାର ଅନେକ ଦୃଷ୍ଟାନ୍ତ ରହିଛି। ଏଭଳି ପ୍ରଚ୍ଛଦପଟରେ ଆଉ ଏକ ବିଷୟ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କଲାଣି। ଟ୍ରମ୍ପ୍‌ଙ୍କ ୨୦୧୬ରୁ ୨୦୨୦ ପ୍ରଥମ ପାଳିର ରାଷ୍ଟ୍ରପତିତ୍ୱ ସମୟ ଅନେକ କାରଣ ପାଇଁ ବିବାଦୀୟ ହୋଇପଡ଼ିଥିଲା। ୨୦ ଜାନୁଆରୀରେ ଦ୍ୱିତୀୟ ପାଳି ଆରମ୍ଭ ହେବା ପୂର୍ବରୁ ଯାହା ସମ୍ପୂର୍ଣ୍ଣ ଭାବେ ବିବାଦ ବଳୟକୁ ଆସିଯାଇଛି ତାହା ହେଲା ଟ୍ରମ୍ପ୍‌ଙ୍କ ପୁନଶ୍ଚ ଏକଜିଦିଆ ଉଚ୍ଚାରଣ। ସେ କିଛି ଦିନ ପୂର୍ବରୁ କହିଛନ୍ତି ଯେ, ବିଶ୍ୱର ସବୁଠାରୁ ବୃହତ୍ ଦୀପ 'ଗ୍ରିନ୍‌ଲାଣ୍ଡ'କୁ ଆମେରିକା ଅକ୍ତିଆର କରିବ। ସୂଚନା ଦିଆଯାଇପାରେ ଯେ ଡେନ୍‌ମାର୍କ ପରିଚାଳିତ ଗ୍ରୀନ୍‌ଲାଣ୍ଡ ଏକ ସ୍ୱୟଂଶାସିତ ଭୂଖଣ୍ଡ ଭାବେ ପରିଚିତ। ଆମେରିକାଠାରୁ ଏହା ୫ ହଜାର କିଲୋମିଟର ଦୂରରେ ଅବସ୍ଥିତ। ପ୍ରତିରକ୍ଷା ଦୃଷ୍ଟିକୋଣରୁ ତାହାକୁ ଅକ୍ତିଆର କରିବା ଆମେରିକା ପାଇଁ ନିତାନ୍ତ ଆବଶ୍ୟକ ବୋଲି ଟ୍ରମ୍ପ କହିଛନ୍ତି। ସେହିପରି ପାନାମା କେନାଲ ଅନ୍ତର୍ଜାତୀୟ ସ୍ତରରେ ବାଣିଜ୍ୟିକ ଜଳପଥ ଭାବେ ଜଣାଶୁଣା ଥିବାରୁ ତାହାକୁ ପାନାମାଠାରୁ ଛଡ଼ାଇ ଆଣିବା ଉପରେ ଟ୍ରମ୍ପ ଗୁରୁତ୍ୱ ଦେଇଛନ୍ତି। ତାଙ୍କ କହିବା କଥା ହେଲା ଆମେରିକା ଆଶୀର୍ବାଦରୁ ପାନାମା ଭଳି ଛୋଟିଆ ଦେଶ ତାହାକୁ ପରିଚାଳନା କରୁଛି। କିନ୍ତୁ ତାହା ଉପରେ ଚାଇନା ନଜର ପକାଇଥିବାରୁ ଟ୍ରମ୍ପ କ୍ଷୁବ୍ଧ ଥିବା କୁହାଯାଉଛି। ଅନ୍ୟପକ୍ଷରେ ଚାଇନା ଟ୍ରମ୍ପଙ୍କ କୁହାଟକୁ ପ୍ରତିହତ କରିବାକୁ ଯାଇ କହିଛି ଯେ ପାନାମା ଏକ ସାର୍ବଭୌମ ଦେଶ। ପାନାମା କେନାଲ ଏକ ନିରପେକ୍ଷ ଅନ୍ତର୍ଜାତୀୟ ଜଳପଥ ହୋଇଥିବାରୁ ଚାଇନା ଏ ନେଇ ଟ୍ରମ୍ପଙ୍କୁ ବିରୋଧ କରିଛି। ତେବେ ଟ୍ରମ୍ପଙ୍କ ଦ୍ୱିତୀୟ ରାଷ୍ଟ୍ରପତିତ୍ୱ କାର୍ଯ୍ୟକାଳ ଆରମ୍ଭ ହେଲେ ବାସ୍ତବତା ଜଣାପଡ଼ିବ।

> **ଟ୍ରମ୍ପ୍‌ଙ୍କ ୨୦୧୬ରୁ ୨୦୨୦ ପ୍ରଥମ ପାଳିର ରାଷ୍ଟ୍ରପତିତ୍ୱ ସମୟ ଅନେକ କାରଣ ପାଇଁ ବିବାଦୀୟ ହୋଇପଡ଼ିଥିଲା। ୨୦ ଜାନୁଆରୀରେ ଦ୍ୱିତୀୟ ପାଳି ଆରମ୍ଭ ହେବା ପୂର୍ବରୁ ଯାହା ସମ୍ପୂର୍ଣ୍ଣ ଭାବେ ବିବାଦ ବଳୟକୁ ଆସିଯାଇଛି ତାହା ହେଲା ଟ୍ରମ୍ପ୍‌ଙ୍କ ପୁନଶ୍ଚ ଏକଜିଦିଆ ଉଚ୍ଚାରଣ।**

ଆମେରିକା ବିଶ୍ୱର ବଡ଼ଭାଇପଣିଆ ଦେଖାଇ ଆସୁଥିବା ବିଷୟ ସମସ୍ତଙ୍କୁ ଜଣାଶୁଣା। ସଂଘର୍ଷ ପ୍ରପୀଡ଼ିତ ଦେଶ ମଧ୍ୟରେ ଯୁଦ୍ଧବିରତି କରିବାରେ ଲୋକଦେଖାଣିଆ ମଧ୍ୟସ୍ଥ ଭୂମିକା ନିର୍ବାହ କରିବା ହେଉ ବା ପୀଡ଼ିତଙ୍କ ପାଇଁ ମାନବୀୟ ସହାୟତା ଯୋଗାଇ ଦେଇ ଏହି ରାଷ୍ଟ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥାଏ। ଏହି ସମୟରେ ଆଉ ଏକ କୌତୂହଳପ୍ରଦ ଦାବିକୁ ନେଇ ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଭାବୀ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ମଧ୍ୟରେ କସରତ ଚାଲିଥିବା ଦୃଷ୍ଟିଗୋଚର ହେଉଛି। ଇସ୍ରାଏଲ-ହମାସ ସାମୟିକ ଯୁଦ୍ଧବିରତିର ଶ୍ରେୟ ନେବା ପାଇଁ ଉଭୟେ ବ୍ୟସ୍ତ। ଟ୍ରମ୍ପ କହିଥିଲେ ସେ ପୁନଶ୍ଚ ରାଷ୍ଟ୍ରପତି ହେବା ପୂର୍ବରୁ ଇସ୍ରାଏଲ-ହମାସ ଯୁଦ୍ଧବିରତି ହୋଇଯିବ। ତାଙ୍କ କହିବା ଅନୁଯାୟୀ ତାହା କାର୍ଯ୍ୟକାରୀ ହୋଇଥିବାରୁ ଟ୍ରମ୍ପ ଶ୍ରେୟ ନେବା ଯଥାର୍ଥ ମନେହେଉଛି। ଅନ୍ୟପକ୍ଷରେ ତାଙ୍କ ଶାସନର ଲେଗାସି ଯୋଗୁ ଏହା ସମ୍ଭବ ହୋଇଛି ବୋଲି ବାଇଡେନ୍ କହିଲେଣି। କିନ୍ତୁ ଇସ୍ରାଏଲ-ହମାସ ସଂଘର୍ଷ ବାଇଡେନ୍‌ଙ୍କ ସମୟରେ ଆରମ୍ଭ ହୋଇ ୧୯ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ଘମାଘୋଟ ଲଢ଼େଇରେ ପରିଣତ ହୋଇଥିଲା। ଏହି ସନ୍ଧିକ୍ଷଣରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗ ଲୁଚିଯାଉଥିବା ଭଳି ମନେହେଉଛି। ଏ ସମ୍ପର୍କରେ ଦୁଇ ନେତା ନୀରବ। ତେଣୁ ସଫା କହିହେବ ଯେ ସିଏ ବାଇଡେନ୍ ହୁଅନ୍ତୁ ବା ଟ୍ରମ୍ପ ନିଜ ଆତ୍ମ ସନ୍ତୁଷ୍ଟୀକରଣ ହେଉ ବା ଆତ୍ମ ବିସ୍ତାରବାଦ ସେମାନଙ୍କ ପାଇଁ ସର୍ବାଧିକ ଗୁରୁତ୍ୱ ରଖିଥାଏ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | 5 | | |
| | | | | 1 | | | 2 | 3 |
| 7 | 3 | 9 | | | | | | |
| | | 5 | | | | | | 6 |
| | | | | 3 | | | | |
| 4 | | | | | 5 | 1 | 8 | |
| | | 6 | | | 4 | | | |
| 9 | | | | 5 | 1 | 7 | | |
| 2 | | | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 1 | 2 | 3 | 9 | 5 | 6 | 7 |
| 3 | 9 | 5 | 6 | 7 | 8 | 4 | 2 | 1 |
| 6 | 7 | 2 | 5 | 4 | 1 | 8 | 3 | 9 |
| 2 | 1 | 4 | 7 | 6 | 3 | 9 | 5 | 8 |
| 7 | 6 | 9 | 8 | 5 | 2 | 3 | 1 | 4 |
| 5 | 8 | 3 | 1 | 9 | 4 | 6 | 7 | 2 |
| 4 | 2 | 8 | 3 | 1 | 5 | 7 | 9 | 6 |
| 9 | 5 | 7 | 4 | 2 | 6 | 1 | 8 | 3 |
| 1 | 3 | 6 | 9 | 8 | 7 | 2 | 4 | 5 |

ଗତକାଲିର ଉତ୍ତର

# ଦାରିଦ୍ର୍ୟ କ'ଣ ହ୍ରାସ ପାଉଛି



ଡ. ସନ୍ତୋଷ କୁମାର ମହାପାତ୍ର

କୌଶସି ପରୀକ୍ଷା, ନିରୀକ୍ଷାର ଫଳାଫଳ ଯେଉଁ ମାନଦଣ୍ଡରେ ଆକଳନ ହୁଏ ତାହାର ସଫଳତା, ବିଫଳତା ସେହିପରି ପରିବର୍ତ୍ତନ ହୋଇଥାଏ। ଉଦାହରଣ ସ୍ୱରୂପ ଯଦି ପରୀକ୍ଷାରେ ପାସ ମାର୍କ ୩୦% ବଦଳରେ ୨୦% ସ୍ଥିର କରାଯାଏ ତେବେ ୩୦% ନମ୍ବର ରଖି ନପାରି କିଛି ଫେଲ୍ ହୋଇଥିବା ପରୀକ୍ଷାର୍ଥୀ ମଧ୍ୟ ପାସ୍ କରିଯିବେ। ସେହିପରି ଦାରିଦ୍ର୍ୟ ରେଖା ଯଦି କମ୍ ମୂଲ୍ୟରେ ଆକଳନ କରାଯାଏ, ତେବେ ଅଧିକ ଲୋକ ଗରିବ ଆଉ ନୁହନ୍ତି ବୋଲି ଜଣାପଡ଼ିବ। ଆମ ଦେଶରେ ଦାରିଦ୍ର୍ୟ ସେହିପରି ଆକଳନ ହେଉଛି। ଆଗରୁ ଯୋଜନା ଆୟୋଗ ବା ତାହା ଦ୍ୱାରା ନିଯୁକ୍ତ କମିଟି ଦାରିଦ୍ର୍ୟ ଆକଳନ କରୁଥିଲା। ଏହା ମୁଣ୍ଡପିଛା କ୍ୟାଲୋରୀ ପ୍ରାପ୍ତିକୁ ଭିତ୍ତିକରି ଆକଳନ କରିଥାଏ, ଯାହା ଜାତୀୟ ନମୁନା ସର୍ବେକ୍ଷଣର ଉପଭୋଗ ବ୍ୟୟରୁ ପ୍ରାପ୍ତ ହୋଇଥାଏ। ନିକଟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ମୁଖ୍ୟ ଅର୍ଥନୀତିଜ୍ଞ ଡକ୍ଟର ସୌମ୍ୟକାନ୍ତି ଘୋଷ ପାରିବାରିକ ଉପଭୋଗ ବ୍ୟୟ ସର୍ବେକ୍ଷଣକୁ ( ଏଚ୍‌ସିଇଏସ୍) ଭିତ୍ତିକରି ଦାରିଦ୍ର୍ୟ ହ୍ରାସ ପାଇଛି ବୋଲି କହିଛନ୍ତି। ତାଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଗ୍ରାମୀଣ ଦାରିଦ୍ର୍ୟ ହାର ଯାହା ୭.୨% ଥିଲା, ତାହା ୨୦୨୩-୨୪ ରେ ୪.୮୬%କୁ ହ୍ରାସ ପାଇଛି। ସେହିପରି ସେହି ଅବଧିରେ ସହରୀ ଦାରିଦ୍ର୍ୟ ହାର ୪.୬%ରୁ ୪.୧%ହ୍ରାସ ପାଇଛି। ସାମଗ୍ରିକ ଭାବେ ଦାରିଦ୍ର୍ୟ ହାର ୨୦୨୩-୨୪ରେ ୪ ରୁ ୪.୫%ରେ ରହିଛି। ଏହା ତ୍ରୁଟିପୂର୍ଣ୍ଣ ମନେହୁଏ।

ଉଲ୍ଲେଖଯୋଗ୍ୟ ଯେ, ଦାରିଦ୍ର୍ୟ ହାରକୁ ନେଇ ବିବାଦ ଦେଖାଦେବାରୁ ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ସୁରେଶ ତେନ୍ଦୁଲକରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ତାଙ୍କ ଆକଳନ ଅନୁଯାୟୀ ୨୦୦୪-୦୫ ରେ ଜାତୀୟ ସ୍ତରରେ ଏବଂ ମୋଟ ଉପରେ ୩୭.୨% (ଗ୍ରାମାଞ୍ଚଳରେ ୪୧.୮% ଏବଂ ସହରାଞ୍ଚଳରେ ୨୫.୭%) ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। ୨୦୧୧-୧୨ମସିହାରେ ଜାତୀୟ ସ୍ତରରେ ଦାରିଦ୍ର୍ୟ ଅନୁପାତ ୨୧.୯୨% (ସହରାଞ୍ଚଳ ୨୫.୭%, ଗ୍ରାମାଞ୍ଚଳ: ୧୩.୭%) ଥିଲା। ୨୦୧୧-୧୨ରେ ତେନ୍ଦୁଲକର କମିଟି ଅନୁସାରେ ଦୈନିକ ମୁଣ୍ଡପିଛା ବ୍ୟୟ ଗ୍ରାମାଞ୍ଚଳରେ ୨୭ ଟଙ୍କାରୁ (ମାସିକ ୮୧୬ ଟଙ୍କା) ଏବଂ ସହରାଞ୍ଚଳରେ ୩୩ ଟଙ୍କାରୁ (ମାସିକ ୧୦୦୦ ଟଙ୍କା) କମ୍ ହେଲେ ଗରିବ ଧରାଯାଉଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କର ଦାରିଦ୍ର୍ୟ ଆକଳନ ତ୍ରୁଟିପୂର୍ଣ୍ଣ, କାରଣ ଏହା ତେନ୍ଦୁଲକର କମିଟି ୨୦୧୧-୧୨ର ସୀମାରେଖାକୁ ମୁଦ୍ରାସ୍ଫୀତିକୁ ବିଚାରକୁ ନେଇ ଗ୍ରାମାଞ୍ଚଳରେ (ମାସିକ ୧୬୩୨ ଟଙ୍କା ବା ଦୈନିକ ୫୪.୪୦ଟଙ୍କା) ଏବଂ ସହରାଞ୍ଚଳରେ (ମାସିକ୧୯୪୪ ଟଙ୍କା ବା ଦୈନିକ



୬୪.୮୦ଟଙ୍କା)ରେ ସ୍ଥିର କରିଛନ୍ତି। ମୁଦ୍ରାସ୍ଫୀତି ଜୀବନଯାପନର ପରିବ୍ୟୟ ବୃଦ୍ଧିକୁ ଦର୍ଶାଇନଥାଏ। ଏଣୁ ଦାରିଦ୍ର୍ୟ ଆକଳନ ବେଳେ ବିଭିନ୍ନ ସମୟର ଜୀବନଯାପନର ଖର୍ଚ୍ଚ (ଜୀବନଯାପନର ପରିବ୍ୟୟ ସୂଚକାଙ୍କ)କୁ ବିଚାରକୁ ନେବା ଉଚିତ। ଉଲ୍ଲେଖଯୋଗ୍ୟ ଯେ ଖୁଚୁରା ମୁଦ୍ରାସ୍ଫୀତି ହାରାହାରି ୬% ଥିଲାବେଳେ ସେବା ଓ ଜୀବନଶୈଳୀ ମୁଦ୍ରାସ୍ଫୀତି ୧୨% ଊର୍ଦ୍ଧ୍ୱରେ ରହିଛି। ଜୀବନଯାପନର ପରିବ୍ୟୟ ଦ୍ରୁତଗତିରେ ବୃଦ୍ଧିପାଉଛି। ଶିକ୍ଷା, ସ୍ୱାସ୍ଥ୍ୟ ଅଧିକ ବ୍ୟୟସାପେକ୍ଷ ହେବା ଏପରିକି ଗରିବଙ୍କ ପାଇଁ ଅପହଞ୍ଚ ହେବା ; ପନିପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ଦ୍ରୁତଗତିରେ ବୃଦ୍ଧି ପାଇବା ; ଉପଭୋକ୍ତାବାଦ ଜୀବନଚର୍ଯ୍ୟାକୁ ପ୍ରଭାବିତ କରିବା ଦ୍ୱାରା ଜୀବନଯାପନର ପରିବ୍ୟୟ ଆଜି ବହୁ ଅଧିକ। ଜୀବନଯାପନର ପରିବ୍ୟୟ ଦୃଷ୍ଟିରୁ ଭଡ଼ା ବିନା ଚାରି ଜଣିଆ ପରିବାରର ଏକ ଆନୁମାନିକ ମାସିକ ଖର୍ଚ୍ଚ ୯୯,୩୮୩.୯୦ ଟଙ୍କା ହୋଇଥିଲାବେଳେ ଜଣେ ବ୍ୟକ୍ତିର ଆନୁମାନିକ ମାସିକ ଖର୍ଚ୍ଚ ଭଡ଼ା ବିନା ୨୮,୮୮୭ ଟଙ୍କା। କିନ୍ତୁ ଦାରିଦ୍ର୍ୟ ସୀମାରେଖା ୨୦୦୦ ଟଙ୍କାରୁ କମ୍।

ବିଶ୍ୱବ୍ୟାଙ୍କ ସାଧାରଣତଃ ଉତ୍କଟ ଦାରିଦ୍ର୍ୟ ୨୮ଟି ସ୍ୱଳ୍ପ ଆୟକାରୀ ଦେଶର ଦାରିଦ୍ର୍ୟ ସୀମା ରେଖାର ହାରାହାରିକୁ ନେଇ ନିର୍ଦ୍ଧାରଣ କରିଥାଏ ଏବଂ ଏହା ଡଲାରର ବିନିମୟ ମୂଲ୍ୟ ( ବର୍ତ୍ତମାନ ୧ଡଲାର= ୮୬ ଟଙ୍କା ) ନୁହେଁ ବରଂ ୨୦୧୭ର କ୍ରୟ ଶକ୍ତି ସମତା ( ଭାରତ କ୍ଷେତ୍ରରେ ୧ଡଲାର= ୨୧.୮୦ଟଙ୍କା ପାଖାପାଖି)କୁ ଭିତ୍ତିକରି ଦୈନିକ ୨.୧୫ ଆମେରିକୀୟ ଡଲାର (କ୍ରୟ ଶକ୍ତି ସମତା ) ଭାବେ ଧାର୍ଯ୍ୟ କରିଛି। କ୍ରୟ ଶକ୍ତି ସମତା କହିଲେ କିଛି ନିର୍ଦ୍ଦିଷ୍ଟ ଦ୍ରବ୍ୟ ଓ ସେବାର ମୂଲ୍ୟ ଆମେରିକା ଡଲାରରେ କେତେ ପଡ଼ିଲା ବେଳେ ଭାରତରେ କେତେ ଟଙ୍କା ପଡ଼ିବ। ୨୦୨୪ ଅକ୍ଟୋବର ୧୫ ରେ ବିଶ୍ୱବ୍ୟାଙ୍କ 'ଦାରିଦ୍ର୍ୟ, ସମୃଦ୍ଧି ଓ ପୃଥିବୀ: 'ଏକାଧିକ ସଂକଟରୁ (ପଲିକ୍ରାଇସିସ) ବାହାରିବାର ପଥ' ଶୀର୍ଷକ ରିପୋର୍ଟ ଅନୁସାରେ ଭାରତରେ ପ୍ରାୟ ୧୨.୯ କୋଟି ଉତ୍କଟ ଦାରିଦ୍ର୍ୟରେ କାଳାତିପାତ କରୁଛନ୍ତି। ନିମ୍ନ ମଧ୍ୟବିତ୍ତ ଆୟକାରୀ ଦେଶ ପାଇଁ ବ୍ୟବହୃତ ଦାରିଦ୍ର୍ୟ ସୀମା ୩.୬୫ ଡଲାରକୁ ବିଚାର କଲେ ୪୪% ଏବଂ ଉଚ୍ଚ ମଧ୍ୟବିତ୍ତ ଦେଶଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଦାରିଦ୍ର୍ୟ ସୀମା ୬.୮୫ ଡଲାରକୁ ବିଚାରକୁ ନେଲେ ଦାରିଦ୍ର୍ୟ ଅନୁପାତ ୮୨%କୁ ବୃଦ୍ଧିପାଇବ। ୟୁଏନ୍‌ଡିପି ଏବଂ ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମ୍ୟାନ ଡେଭଲପ୍‌ମେଣ୍ଟ ଇନିସିଏଟିଭ ପକ୍ଷରୁ କରାଯାଇଥିବା ଅଧ୍ୟୟନ ରିପୋର୍ଟ 'ଗ୍ଲୋବାଲ ମଲ୍ଟିଡାଇମେନଶନାଲ ପ୍ରଭର୍ଟି ଇଣ୍ଡେକ୍ସ' ବସ୍ତୁତଃ ଏହି ସୂଚକାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନ ଧାରଣର ମାନକୁ ବିଚାରକୁ ନେଇଥାଏ। ଏହାର ୧୦ଟି ଉପସୂଚକାଙ୍କ ରହିଛି। ଏହି ରିପୋର୍ଟ ଅନୁଯାୟୀ ଭାରତର ୨୩.୪ କୋଟି ଲୋକ ଦରିଦ୍ର।

ଦାରିଦ୍ର୍ୟ ବିଷୟରେ ଆଲୋଚନା କରିବା ସମୟରେ, ଟ୍ରାଞ୍ଜିଏଟ ବା କ୍ଷଣସ୍ଥାୟୀ ଦାରିଦ୍ର୍ୟର ପ୍ରଭାବ ବିଷୟରେ କମ୍ ଆଲୋଚନା କରାଯାଏ, ଯାହା ଲୋକଙ୍କ କ୍ରୟ ଶକ୍ତି ହ୍ରାସ କରିଥାଏ। କ୍ଷଣସ୍ଥାୟୀ ଦାରିଦ୍ର୍ୟ ଆକଳନ କରିବା କଷ୍ଟକର। କ୍ଷଣସ୍ଥାୟୀ ଦାରିଦ୍ର୍ୟ ଦୀର୍ଘକାଳୀନ ଦାରିଦ୍ର୍ୟ (କ୍ରୋନିକ ପଭର୍ଟି) ଠାରୁ ଭିନ୍ନ, ଯାହା ଏକ ଦୀର୍ଘକାଳୀନ ଅଭାବର ଅବସ୍ଥା। ଟ୍ରାଞ୍ଜିଏଟ ବା କ୍ଷଣସ୍ଥାୟୀ ଦାରିଦ୍ର୍ୟ ହେଉଛି ଏକ ଅସ୍ଥାୟୀ ଦାରିଦ୍ର୍ୟ ଅବସ୍ଥା, ଯାହା ବିଭିନ୍ନ ସାମୟିକ ସମସ୍ୟାରୁ ସୃଷ୍ଟି ହୋଇଥାଏ। ଉଦାହରଣ ସ୍ୱରୂପ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି, ଅସୁସ୍ଥତା ଜନିତ ବ୍ୟୟ, ସ୍ୱାସ୍ଥ୍ୟ ବା ପିଲାଙ୍କ ଶିକ୍ଷା ବା ବିବାହ ବା ଋଣ ପରିଶୋଧ ଜନିତ ବ୍ୟୟ। ସେହିପରି ଚାଷ ଉଜୁଡ଼ିଯିବା, ପରିବାରର ମୁଖ୍ୟ ଆୟକାରୀ ମୃତ୍ୟୁ ବରଣ କରିବା ଯୋଗୁ ଆୟ ହ୍ରାସ ପାଇବା, ବିଭିନ୍ନ ଆର୍ଥିକ ସଙ୍କଟ କିମ୍ବା କରୋନା ମହାମାରୀ ଭଳି ବିପର୍ଯ୍ୟୟ ଦ୍ୱାରା କ୍ଷୟକ୍ଷତି ଘଟିବା ଦ୍ୱାରା ହୋଇପାରେ। ଏହା ବେକାରି କିମ୍ବା ମୁଦ୍ରାସ୍ଫୀତିର ଅହେତୁକ ବୃଦ୍ଧି, ଆର୍ଥିକ ମାନ୍ଦାବସ୍ଥା ଯୋଗୁ ମଧ୍ୟ ହୋଇପାରେ। ଏକ ବଡ଼ ଉଦାହରଣ ହେଉଛି କରୋନା ମହାମାରୀର ପ୍ରଭାବ। ବିଶ୍ୱ ବ୍ୟାଙ୍କ ଦ୍ୱାରା (ଅକ୍ଟୋବର ୧୩, ୨୦୨୨)ର 'ଦାରିଦ୍ର୍ୟ ଏବଂ ସହଭାଗୀ ସମୃଦ୍ଧତା ୨୦୨୨'ଶୀର୍ଷକ ରିପୋର୍ଟରେ ଦର୍ଶାଯାଇଛି ଯେ, କରୋନା ମହାମାରୀ ଯୋଗୁ ୨୦୨୦ ଶେଷ ସୁଦ୍ଧା ୭.୧ କୋଟି ଲୋକ ଅତ୍ୟଧିକ ଦାରିଦ୍ର୍ୟ ଗହ୍ୱରକୁ ଯାଇଛନ୍ତି ଏବଂ ସେଥିରୁ ପ୍ରାୟ ୭୯% ଲୋକ ବା ୫.୬ କୋଟି ଭାରତୀୟ। ଏହାକୁ ସାମଗ୍ରିକ ଦାରିଦ୍ର୍ୟ ଆକଳନ ବେଳେ ବିଚାରକୁ ନିଆଯାଇ ନାହିଁ। ସେହିପରି ବିଭିନ୍ନ ଯୋଜନା ଦ୍ୱାରା ଲୋକଙ୍କ ଆୟ ଓ ବ୍ୟୟ ବୃଦ୍ଧି ପାଇଥାଏ। ସେହି ଯୋଜନା ବନ୍ଦ ହେଲେ ଦାରିଦ୍ର୍ୟ ପୁଣି ବୃଦ୍ଧିପାଇବ। ବାସ୍ତବରେ ଦାରିଦ୍ର୍ୟ ହ୍ରାସ ପାଇଛି , କିନ୍ତୁ ଯେପରି ପ୍ରଚାର କରାଯାଉଛି ସେପରି ନୁହେଁ। ଏହା ହୋଇ ନ ଥିଲେ ୮୦ କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇବାକୁ ପଡ଼ୁ ନ ଥାନ୍ତା।

ମୋ:୯୪୩୭୨୦୮୭୬୨

# ସମାଜରେ ଜାଗରଣ ଓ ସମାଜର ଜାଗରଣ



ଡ. ମନୋରଞ୍ଜନ ପ୍ରଧାନ

ସମାଜରେ ଜାଗରଣ ଓ ସମାଜର ଜାଗରଣ ଭିତରେ କେବଳ ଗୋଟିଏ 'ମାତ୍ରା'ର ଭିନ୍ନତା ରହିଛି କିନ୍ତୁ ଉଭୟର ଅର୍ଥ ଓ ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭିନ୍ନ। କେମିତି? ଆମେ ଅନେକ ସମୟରେ ସମାଜରେ ଜାଗରଣ ସୃଷ୍ଟି କରିବା ପାଇଁ ପ୍ରୟାସ କରିଥାଉ, ଯାହାକି ତୁଳନାତ୍ମକ ଭାବରେ ସାମୟିକ ବା କ୍ଷଣସ୍ଥାୟୀ। ଉଦାହରଣ ସ୍ୱରୂପ ସଚେତନତା ଶିବିର, ରାଲି, ପଥପ୍ରାନ୍ତ ନାଟକ, ପ୍ରଦର୍ଶନୀ, ସଭା, ସମିତି ଓ ଅନ୍ୟାନ୍ୟ ରୂପରେ ସମାଜରେ ବିଭିନ୍ନ ସମସ୍ୟା ଓ ଆହ୍ୱାନ ସମ୍ବନ୍ଧରେ ବିଭିନ୍ନ ବ୍ୟକ୍ତି ଓ ସଂଗଠନ ଦ୍ୱାରା ଜାଗରଣ ନିମନ୍ତେ ଭରପୂର ପ୍ରୟାସ ହେଉଛି ଏବଂ ଫଳ ମଧ୍ୟ ସମାଜକୁ ମିଳୁଛି। କିନ୍ତୁ ତାହା ସ୍ଥାୟୀ ହୋଇପାରୁନାହିଁ। ଦୃଷ୍ଟାନ୍ତ ସ୍ୱରୂପ ପଲିଥିନ ବ୍ୟବହାର ଓ ତା'ର ଦୁଷ୍ପରିଣାମ ସମ୍ବନ୍ଧରେ ଆଇନ ଅଛି ଓ ସଚେତନତା ମଧ୍ୟ ହେଉଛି କିନ୍ତୁ ତାହା ସମ୍ପୂର୍ଣ୍ଣ ଫଳବତୀ ହୋଇପାରୁ ନାହିଁ। କାରଣ ଏହା ସମାଜରେ ଜାଗରଣ ଭିତରେ ସୀମିତ। କିଛିଦିନ ପାଇଁ ଆମେ ପଲିଥିନ ବ୍ୟବହାରଠାରୁ ଦୂରେଇ ଯାଉଛେ, ପୁଣି ଯଥା ପୂର୍ବ ତଥା ପର ସ୍ଥିତି। ଯେତେବେଳେ ଏହି ଜାଗରଣ ସମାଜର ଜାଗରଣରେ ପରିଣତ ହୋଇଯିବ, ତେବେ ବାରମ୍ବାର ଆମକୁ ସଚେତନତା କାର୍ଯ୍ୟକ୍ରମ କରିବାକୁ ପଡ଼ିବ ନାହିଁ। ମାନେ ଯେତେବେଳେ ସମାଜର ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିବ କିଏ କାମ ମୋର ଏବଂ ମୋତେ ହିଁ କରିବାକୁ ପଡ଼ିବ, ତେବେ ସମସ୍ୟାର ସମାଧାନ ସ୍ଥାୟୀ ଭାବରେ ହୋଇଯିବ। ଆଜି ସ୍ୱଚ୍ଛତାକୁ ନେଇ ସାରା ଭାରତରେ ଯେଉଁ ଗଣ ଆନ୍ଦୋଳନ ଆରମ୍ଭ ହୋଇଛି ତାହା ସମାଜର ଜାଗରଣରେ ପରିଣତ ହୋଇଛି। ସେଥିପାଇଁ ଛୋଟ ଛୁଆଠାରୁ ବଡ଼ ଯାଏ ନିଜ ଘର,ସାହି, ଗାଁ ବା ସହରକୁ ଅଳିଆ ଆବର୍ଜନାମୁକ୍ତ କରିବା ପାଇଁ ଏକ ପ୍ରକାର ପଣ କରିଛନ୍ତି। ଫଳତଃ ଧୀରେ ଧୀରେ ଆମ ଦେଶ ସ୍ୱଚ୍ଛତା ଆଡକୁ ଆଗେଇ ଚାଲିଛି। ଅର୍ଥାତ୍ ଯେତେବେଳେ ସମାଜ ତଥା ସମାଜର ଲୋକମାନେ ସ୍ୱତଃ କୌଣସି କାର୍ଯ୍ୟ କରିବାକୁ ଆଗେଇ ଆସିବେ ସେତେବେଳେ ତାହା ସମାଜର ଜାଗରଣରେ ପରିଣତ ହୋଇଯିବ। ଅବଶ୍ୟ ଏହା ବି ସତ୍ୟ ଯେ ସମାଜର ଜାଗରଣ ହେବା ପାଇଁ ସମାଜରେ ଜାଗରଣ ତା'ର ପ୍ରଥମ ପର୍ଯ୍ୟାୟ କୁହାଯାଇପାରେ। କିନ୍ତୁ ସମାଜରେ ଜାଗରଣର ପ୍ରଭାବ ସାମୟିକ ଓ କ୍ଷଣସ୍ଥାୟୀ ଏବଂ ସମାଜର ଜାଗରଣର ପରିଣାମ ସ୍ଥାୟୀ ଓ ଚିରନ୍ତନ।

ଇସ୍ରାଏଲ ଦେଶ କଥା ଚିନ୍ତା କରନ୍ତୁ। ଯେତେବେଳେ ଇହୁଦୀମାନେ ସେମାନଙ୍କ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ପାଇଁ ଆରମ୍ଭ କରିଥିବା ଆନ୍ଦୋଳନ ବା ବିପ୍ଳବକୁ ଇହୁଦୀସମାଜର ଆନ୍ଦୋଳନ ବା ସଂଗ୍ରାମର ରୂପ ଦେଲେ, ସେମାନେ ଏକ ସୁଦୃଢ଼, ସୁଦକ୍ଷ, ସୁବ୍ୟବସ୍ଥିତ ତଥା ସ୍ୱାଭିମାନୀ ସାର୍ବଭୌମ ରାଷ୍ଟ୍ରଟିଏ ଗଠନ କରିପାରିଲେ। ଇହୁଦୀମାନଙ୍କର ସମାଜର ଜାଗରଣର ପ୍ରଭାବ ଆଜି ବିଶ୍ୱ ଅନୁଭବ କରୁଛି। ମାନେ ଭୌଗୋଳିକ ଆୟତନ ବା ଆକାର ଓ ଜନସଂଖ୍ୟା ଦୃଷ୍ଟିରୁ ଅତ୍ୟନ୍ତ ଛୋଟ ହେଲେ ମଧ୍ୟ ଇସ୍ରାଏଲ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ସାମରିକ ଶକ୍ତି ଓ ପ୍ରତିରକ୍ଷା କ୍ଷେତ୍ରରେ ବିଶ୍ୱବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ଏହି ଜାଗରଣ ଇହୁଦୀମାନଙ୍କର ଏକତା, ଅଖଣ୍ଡତା ଓ ସାମୂହିକ ଶକ୍ତିର ପରିଚୟ ପ୍ରଦାନ କରୁଛି। ତେଣୁ ସମାଜର ଜାଗରଣ ସହ ରାଷ୍ଟ୍ରୀୟ ଚେତନା ଯୋଡ଼ି ହୋଇଗଲେ ତାହା ଶାଶ୍ୱତ ଜାଗରଣରେ ପରିଣତ ହୋଇଯାଏ।



ଏଠାରେ ଗୋଟିଏ ପ୍ରାମାଣିକ ଉଦାହରଣ ଦିଆଯାଇପାରେ। ସାକ୍ଷରତା ଅଭିଯାନ ଆମ ଦେଶର ଏକ ବୃହତ ସମାଜରେ ଜାଗରଣ କାର୍ଯ୍ୟକ୍ରମ। କିନ୍ତୁ ଏହାର ସୁଫଳ ଆଜିଯାଏ ସମ୍ପୂର୍ଣ୍ଣ ମିଳିପାରି ନାହିଁ। ଅର୍ଥାତ୍ ଆଜି ମଧ୍ୟ କାଗଜ କଲମରେ ପ୍ରାୟ କୋଡ଼ିଏରୁ ପଚିଶ ଭାଗ ଲୋକ ନିରକ୍ଷର ଅଛନ୍ତି। କାରଣ ଏ ଆନ୍ଦୋଳନ ସମାଜର ଜାଗରଣରେ ପରିଣତ ହୋଇପାରି ନାହିଁ। ଯଦି ଶହେ ଚାଳିଶ କୋଟି ଜନସଂଖ୍ୟାବିଶିଷ୍ଟ ଦେଶର ପ୍ରାୟ ଶହେ କୋଟି ଲୋକ ଶିକ୍ଷିତ/ ପାଠୁଆ/ ସାକ୍ଷର, ତେବେ ବାକି ଚାଳିଶ କୋଟି ଲୋକଙ୍କୁ ସାକ୍ଷର କରିବାକୁ କେତେଦିନ ଲାଗିବ ଯଦି ଏହାକୁ ସମାଜର ଜାଗରଣ ବା ଆନ୍ଦୋଳନରେ ପରିଣତ କରିବା। ମାନେ ଶହେ କୋଟି ଶିକ୍ଷିତ ଲୋକ ଯଦି ଜାଗ୍ରତ ହେବେ ଜଣେ ଅନ୍ୟ ଜଣକୁ ସାକ୍ଷର କରିବାକୁ ପ୍ରତିଜ୍ଞା କରିବେ ସାକ୍ଷରତା ଶହେ ପ୍ରତିଶତ ହେବାକୁ କେତେଦିନ ଲାଗିବ! ଏହା ବିନା ସରକାରୀ ଖର୍ଚ୍ଚରେ ସୁରୁଖୁରୁରେ ହୋଇଯିବ। ଏଠାରେ ଏକ ପ୍ରାମାଣିକ ତଥା ବାସ୍ତବ ଉଦାହରଣଟିଏ ଦେଉଛି ଯାହାକି ସମାଜର ଜାଗରଣର ଏକ ଜ୍ୱଳନ୍ତ ନମୁନା।

ପ୍ରାୟ ତିରିଶ ବର୍ଷ ତଳର କଥା। ଆମ ଗାଁ ବିଦ୍ୟାଳୟରେ କେବଳ ଦୁଇଜଣ ଶିକ୍ଷକ ଥିଲେ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ କେବଳ ଦୁଇ ଜଣ ଶିକ୍ଷକ ପିଲାମାନଙ୍କୁ ଠିକ୍ ରୂପେ ଦେଖିବା କଷ୍ଟସାଧ୍ୟ ହେଉଥିଲା। ସେତେବେଳେ ଆମ ଭଳି କଲେଜ ପଢୁଆ ଗାଁ ପିଲାମାନେ ଅବୈତନିକ ଭାବରେ ସକାଳ ଓ ସନ୍ଧ୍ୟା ସମୟରେ ଗାଁ ପିଲାଙ୍କୁ ପଢ଼େଇବାକୁ ନିଷ୍ପତ୍ତି ନେଲୁ ଏବଂ ପାଠପଢ଼ା ଆରମ୍ଭ କରିଦେଲୁ। ଗାଁ ଲୋକମାନେ ଆମକୁ ପୂର୍ଣ୍ଣ ସହଯୋଗ କଲେ। ପରିଣାମ ସ୍ୱରୂପ ଆମ ଗାଁ ପିଲାମାନେ ସମଗ୍ର ଅଞ୍ଚଳରେ ଶିକ୍ଷା ଦୃଷ୍ଟିରୁ ନୂତନ ପରିଚୟ ସୃଷ୍ଟି କରିପାରିଲେ। ଫଳତଃ ଆଖପାଖ ଗାଁ ପିଲା ମଧ୍ୟ ସେହି ଶିକ୍ଷା ଆନ୍ଦୋଳନର ଅଂଶ ହୋଇ ଅଞ୍ଚଳର ଶୈକ୍ଷିକ ବିକାଶରେ ବିଶେଷ ଯୋଗଦାନ ଦେଇଥିଲେ। ତେଣୁ ସମାଜ ଯେତେବେଳେ ଜାଗ୍ରତ ହୋଇଯିବ ଏବଂ ସମାଜରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଯେତେବେଳେ ଏଭଳି କାର୍ଯ୍ୟକୁ ରାଷ୍ଟ୍ରୀୟ କାର୍ଯ୍ୟ ଭାବରେ ଗ୍ରହଣ କରିନେବେ, ସେତେବେଳେ ଗୋଟିଏ ରାଷ୍ଟ୍ର ଏକ ଜୀବନ୍ତ ଶକ୍ତି ଭାବରେ ଠିଆହେବ ଏବଂ ସବୁ ଦିଗରେ ସଫଳତା ନିଶ୍ଚୟ ମିଳିବ।

ଭାରତର ସ୍ୱାଧୀନତା ସଂଗ୍ରାମ ଯେତେବେଳେ ସମାଜର ଜାଗରଣରେ ପରିଣତ ହେଲା, ପ୍ରତ୍ୟେକ ଭାରତୀୟ ଭାବିଲେ କି ସ୍ୱାଧୀନତା ହିଁ ଆମର ପରମ ଓ ଚରମ ଲକ୍ଷ୍ୟ ସେତେବେଳେ ଗିରିକନ୍ଦର, ଗ୍ରାମନଗରରୁ ଶହ ଶହ ପାଠୁଆ ଅପାଠୁଆ, ଧନୀ ନିର୍ଦ୍ଧନ, ସମସ୍ତେ ଏକାକାର ହୋଇ ସ୍ୱାଧୀନତା ସଂଗ୍ରାମରେ ଝାସଦେଲେ। ପରିଣାମ ସ୍ୱରୂପ ଏକ ସ୍ୱାଧୀନ ରାଷ୍ଟ୍ର ଗଠନ ହେଲା। ତେଣୁ ସମାଜରେ ଜାଗରଣ ଅପେକ୍ଷା ସମାଜର ଜାଗରଣ ଅଧିକ ଶକ୍ତିଶାଳୀ। ସଂକ୍ଷେପରେ କହିଲେ ବ୍ୟକ୍ତି/ବ୍ୟଷ୍ଟିଗତ ଜାଗରଣ ଯେତେବେଳେ ସମଷ୍ଟିଗତ ଜାଗରଣରେ ପରିଣତ ହୁଏ,ତାହା ସମାଜର ଜାଗରଣର ସ୍ୱୀକୃତିଲାଭ କରେ। ଅର୍ଥାତ୍ ବ୍ୟକ୍ତିଗତ ବା ଆନୁଷ୍ଠାନିକ ପ୍ରଚେଷ୍ଟାକୁ ସମାଜରେ ଏବଂ ସମାଜ ଠିଆ ହୋଇ କୌଣସି କାର୍ଯ୍ୟ କରିବାକୁ ସମାଜର ଜାଗରଣ କୁହାଯାଇପାରେ। ତେଣୁ ୨୦୪୭ ଭିତରେ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଶହେ ଚାଳିଶ କୋଟି ଲୋକ ଏହାକୁ ସମାଜର ଜାଗରଣ ଭାବେ ପ୍ରସ୍ତୁତ ହୋଇ ନିଜ ନିଜ ସ୍ତରରେ ଏକ ମନ ଓ ଏକ ପ୍ରାଣରେ ଆଗକୁ ଆସିବାକୁ ପଡ଼ିବ। ଶୁଭସ୍ୟ ଶୀଘ୍ରମ୍।

ମୋ:୯୪୩୭୯୧୪୮୧୮

## ଏଇ ଭାରତରେ

ପରିଶ୍ରମ ଆଉ ନିଷ୍ଠା ବଳରେ ମଣିଷ ସବୁ ସ୍ୱପ୍ନକୁ ପୂରା କରିପାରିବ। ଏହାର ଏକ ଉଦାହରଣ ହେଉଛନ୍ତି ମଧ୍ୟପ୍ରଦେଶର ଆୟେଶା ଅନସାରୀ। କୌଣସି କୋଚିଂ ନ ନେଇ ଘରେ ପାଠ ପଢି ଏବେ ସେ ହୋଇଛନ୍ତି ଡେପୁଟି କଲେକ୍ଟର। ଆୟେଶାଙ୍କ ବାପା ଜଣେ ଅଟୋଚାଳକ। ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ବଡହୋଇ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ କଲେକ୍ଟର ହେବା ପାଇଁ ଦୃଢ ସଙ୍କଳ୍ପ ନେଇଥିଲେ। ତାଙ୍କର ଏହି ସ୍ୱପ୍ନ ସୃଷ୍ଟି ହୋଇଥିଲା ତାଙ୍କ ବାପାଙ୍କ ପାଇଁ। ତାଙ୍କ କହିବା ଅନୁସାରେ ବାପା ଅଟୋ ଡ୍ରାଇଭର ଥିବାରୁ ପାଖ କଲୋନୀ ବାଟ ଦେଇ ପ୍ରାୟ ପ୍ରତିଦିନ ଯାଆନ୍ତି, ଯେଉଁଠାରେ ସରକାରୀ ଅଧିକାରୀଙ୍କ କ୍ୱାର୍ଟର୍ସ ରହିଥିଲା। କ୍ୱାର୍ଟର୍ସ ଆଗରେ ନେମ୍‌ପ୍ଲେଟ୍‌କୁ ଦେଖି ତାଙ୍କ ବାପା ଖୁସିହୋଇ ଯାଆନ୍ତି ଓ କୁହନ୍ତି ଯଦି ତାଙ୍କର କେହି ଏଭଳି ସରକାରୀ କର୍ମଚାରୀ ହୋଇଥାନ୍ତେ ତେବେ ସେ ବହୁତ ଖୁସି ହୋଇଥାନ୍ତେ। ବାପାଙ୍କର ଏହି କଥା ଆୟେଶାଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା। ତେଣୁ ସେ କଲେକ୍ଟର ହେବା ପାଇଁ ଲକ୍ଷ୍ୟ ରଖି ଖୁବ୍ ପରିଶ୍ରମ କରୁଥିଲେ। ତାଙ୍କର ପରିଶ୍ରମ ଏବେ ସଫଳ ହୋଇଛି। କୌଣସି କୋଚିଂ ବିନା ଘରେ ନିଜ ଉଦ୍ୟମରେ ପାଠପଢି ସେ ମଧ୍ୟପ୍ରଦେଶ ପ୍ରଶାସନିକ ସେବା ପରୀକ୍ଷାରେ ଦ୍ୱାଦଶ ସ୍ଥାନ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ଏବେ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୦ ଜାନୁଆରୀ ୧୯୭୬**

- ୩୭୫ ଜଣ ଶ୍ରମିକ ଅଟକି ରହିଥିବା ଚାସନଳା କୋଇଲା ଖଣିରେ ଜୀବନର କୌଣସି ଚିହ୍ନବର୍ଣ୍ଣ ନାହିଁ ବୋଲି ଜଣାଯାଇଛି।
- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦାୟିତ୍ୱ ଗ୍ରହଣ କରିବାର ପ୍ରଥମ ଦଶବାର୍ଷିକ ଉତ୍ସବ ଅବସରରେ ଭାରତୀୟ ଡାକ ତାର ବିକାଶ ଦେଶର ଏକ ଶହ ସହରକୁ ସିଧାସଳଖ ଟେଲି ଯୋଗାଯୋଗ ବ୍ୟବସ୍ଥା ସ୍ଥାପନ କରିବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଛନ୍ତି।

## ଚିରନ୍ତନୀ

ଏତିକି ଖାଲି ରହିଛି ଆସ
ତୁମେ ଯେ ମୋର ଜୀବନେ ରାସ!
ହତାଶ ଗାଥା ଶୁଣାଇବାକୁ
କବିର ତୁମେ ଚିର ନିବାସ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଝିଅ ସଂଖ୍ୟା ହ୍ରାସ ଉଦ୍‌ବେଗଜନକ

ମହାଶୟ,

ଆଗକାଳରେ ବଂଶ ବଢାଇବା ଲକ୍ଷ୍ୟରେ ଝିଅମାନଙ୍କ ଅପେକ୍ଷା ପୁଅମାନଙ୍କୁ ଅଧିକ ଗୁରୁତ୍ୱ ଦେଉଥିଲେ। ବୃଦ୍ଧ କାଳରେ ପୁଅ ମା'ବାପାଙ୍କୁ ପୋଷିବ ଓ ମୃତ୍ୟୁ ସମୟରେ ମୁହଁରେ ମୁଖାଗ୍ନି ଦେବ। ଏହି ଆଶାରେ ପୁଅମାନଙ୍କୁ ଅଧିକ ଗୁରୁତ୍ୱ ଦେଉଥିବା ମା'ବାପାମାନେ ନିଜ ପୁଅ ପାଇଁ ବୋହୂଟିଏ ଖୋଜି ପାଉନାହାନ୍ତି। ଏହାର କାରଣ ହେଲା ଅଲଟ୍ରାସାଉଣ୍ଡ ମାଧ୍ୟମରେ ଲିଙ୍ଗ ନିରୂପଣ କରି ଭ୍ରୂଣହତ୍ୟା କରିବା ଏବେ ବି ବନ୍ଦ ହେଉନାହିଁ। ପୁଅ ଓ ଝିଅ ମଧ୍ୟରେ କୌଣସି ଫରକ ନାହିଁ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରୁଥିଲେ ମଧ୍ୟ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉନାହିଁ। ସରକାର ଝିଅ ସଂଖ୍ୟା ବୃଦ୍ଧି ନିମନ୍ତେ ଯଦି କିଛି ବିକଳ୍ପ ବ୍ୟବସ୍ଥା ବାହାର ନ କରନ୍ତି ତେବେ ସମୟ ଆସିବ ପୁଅ ଆଶାରେ ଝିଅ ଚାହୁଁ ନ ଥିବା ମା'ବାପାମାନେ ନିଜ ପୁଅକୁ ଅବିବାହିତ ରଖିବାକୁ ବାଧ ହେବେ। ଆଉ ସଂସାର ଆଗକୁ ବଢିପାରିବ ନାହିଁ। ଏଣୁ ବେଳ ଥାଉ ଥାଉ ସତର୍କ ରହିବା ଜରୁରୀ ବୋଲି ମନେହୁଏ।

**-ଅଶୋକ ରାଉଳ, ଅଡଙ୍ଗ, ଅଣଖିଆ, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଲୁପ୍ତ ହେବାକୁ ବସିଛି ଗୋବର କଣ୍ଢେଇ

ପୁରୀ, ୧୯।୧ (ଅଜିତ୍ କୁମାର ମହାନ୍ତି)

ପାରମ୍ପରିକ କଳାକୁ ନେଇ ଐତିହ୍ୟ ଗ୍ରାମ ରଘୁରାଜପୁର ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ତଥା ପ୍ରସିଦ୍ଧି ଲାଭ କରିଛି। ବିବିଧ କଳାରେ ପରିପୁଷ୍ଟ ଏହି ଗ୍ରାମ। ତେବେ ଏଠାକାର ଗୋବର କଣ୍ଢେଇ ଏବେ ବିଲୁପ୍ତ ହେବାକୁ ବସିଛି। ଏହାକୁ ତିଆରି କରିବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ନାହିଁ କି ପ୍ରୋତ୍ସାହନ ମଧ୍ୟ ମିଳୁନାହିଁ। ବର୍ତ୍ତମାନ ସମୟରେ ଗୋବର କଣ୍ଢେଇର ଚାହିଦା ରହିଥିଲେ ମଧ୍ୟ ବେପାର ମାନ୍ଦା। ହାତଗଣତି କେତେଜଣ କଳାକାର ଏହି କଳାକୁ ଏଯାବତ ବଞ୍ଚାଇ ରଖିଥିଲେ ହେଁ ସେମାନେ ଏବେ ବୟସର ଅପରାହ୍ନରେ ପହଞ୍ଚିଲେଣି।

ଗୋବର ମାଙ୍ଗଳିକ କାମରେ ବ୍ୟବହାର ହେଉଥିବାରୁ ଏହା ପବିତ୍ରତାର ପ୍ରତୀକ। ତେଣୁ ଏଥିରେ କଣ୍ଢେଇ ପ୍ରସ୍ତୁତିର ପରମ୍ପରା ଢେରବର୍ଷ ପୁରୁଣା। କାହିଁ କେଉଁ କାଳରୁ ଏହି କଳା ରୂପ ନେଇଛି। ମାଟି କଣ୍ଢେଇ ଅପେକ୍ଷା ଗୋବର କଣ୍ଢେଇ ହାଲ୍କା। ଏହା ଦୀର୍ଘଦିନ ପର୍ଯ୍ୟନ୍ତ ଘରେ ସାଇତା ହୋଇ ରହିପାରେ। ଏହା ଉପରେ ପ୍ରାକୃତିକ ରଙ୍ଗର ପ୍ରଲେପ ଦୀର୍ଘସ୍ଥାୟୀ। ଏଥିରେ ପୋକ ଲାଗେ ନାହିଁ କି କୌଣସି କୀଟ ଏହାକୁ କ୍ଷତି ପହଞ୍ଚାଇ ପାରେନାହିଁ। କିନ୍ତୁ ଏହାର ମହତ୍ତ୍ୱ କଳାପ୍ରେମୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ଯଦିଓ ବିକ୍ରିବଟା କମ୍ ହେଉନାହିଁ, କିନ୍ତୁ ଏଥିରେ ପରିଶ୍ରମ ମୁତାବକ



ପାରିଶ୍ରମିକ ମିଳୁ ନ ଥିବାରୁ ବର୍ତ୍ତମାନର ଯୁବପିଢ଼ି ଏହି କଳା ପ୍ରତି ଆକର୍ଷିତ ହେଉ ନ ଥିବା ମତ ପ୍ରକାଶ ପାଇଛି। ତେଣୁ ସରକାରୀ ପ୍ରୋତ୍ସାହନ ପ୍ରଦାନ କରାଯିବାକୁ ଶିଳ୍ପୀମାନେ ଦାବି କରିଛନ୍ତି। ରଘୁରାଜପୁର ଗ୍ରାମକୁ ଦୈନିକ ବହୁ ସଂଖ୍ୟକ ପର୍ଯ୍ୟଟକ ଆସିଥାନ୍ତି। ବିଭିନ୍ନ କଳାରେ ପରିପୂର୍ଣ୍ଣ ଏହି ଗ୍ରାମର ପ୍ରବେଶପଥରୁ ଗାଁ ଶେଷ ପର୍ଯ୍ୟନ୍ତ ଘର ଦାଣ୍ଡଦୁଆରେ ମିଳେ ବିଭିନ୍ନ ପ୍ରକାରର କଳାକୃତି। ଗୋବର କଣ୍ଢେଇଠାରୁ ଆରମ୍ଭ କରି ପେପର ମାସ୍କ, ନଡ଼ିଆରେ ତିଆରି ବିଭିନ୍ନ କଳାକୃତି, ପଟ୍ଟଚିତ୍ର, ବିଭିନ୍ନ ସାଜସଜ୍ଜା ଏହି ଗ୍ରାମରେ ବିକ୍ରି ପାଇଁ ଉଦ୍ଦିଷ୍ଟ ହୋଇଥିବାବେଳେ ଗାଁ ପାଲଟିଛି ଛୋଟ ମେଳାପଡିଆ। ତେବେ ବିଲୁପ୍ତପ୍ରାୟ ଗୋବର କଣ୍ଢେଇ, ଯାହା ଗୋବରରେ ପ୍ରସ୍ତୁତ ହୁଏ ଏହାକୁ ଗଢିବାର ମାନସିକତା ଆପଣାଇବାକୁ ବି ଅନେକେ ପ୍ରସ୍ତୁତ ନୁହଁନ୍ତି। ତେଣୁ ଏହି ପାରମ୍ପରିକ କଳାର ଭାଗ୍ୟକୁ ନେଇ ପ୍ରଶ୍ନ ଉଠିଛି। ଗୋବରରେ ମିରିଗ, ଘୋଡ଼ା, ବାଘ, ଆଣ୍ଠୁଆ ଗୋପାଳ, ଶୈଶବ, କଇଁଛ, କଳସ, ଚଢ଼େଇର ରୂପ ଦିଆଯାଇଥାଏ। ଏହାକୁ ପ୍ରାକୃତିକ ରଙ୍ଗ ହରିତାଳ, ହିଙ୍ଗୁଳ, ଖଣ୍ଡନୀଳ, ସିନ୍ଦୁର, ସିପ, ଡିବି କଳାରେ ଚିତ୍ରିତ କରାଯାଇ ଆକର୍ଷଣୀୟ କରାଯାଏ। କଇଁଥ ଅଠା ରଙ୍ଗରେ ମିଶାଇ ପ୍ରଲେପ ଦିଆଯାଉଥିବାରୁ ଚମକ ବାହାରିଥାଏ। ତେବେ ସମୟ ଅନୁସାରେ ଏହାକୁ କିନ୍ତୁ ଅପଡେଟ୍ କରାଯାଇନାହିଁ। ଏଥିପାଇଁ ପ୍ରଶିକ୍ଷଣ ଦେବା ନେଇ ମଧ୍ୟ ଆଜିଯାଏ ପ୍ରୟାସ କରାଯାଇନାହିଁ। ସେଥିପାଇଁ ଏହି

### ପ୍ରୋତ୍ସାହନ ଅଭାବରୁ ଦୂରେଇ ଯାଉଛନ୍ତି ଯୁବପିଢ଼ି

ପାରମ୍ପରିକ କଳା ହଜିଯିବାକୁ ବସିଛି। ଯଦି ପ୍ରଶାସନିକ ସ୍ତରରେ ଗୋବର କଣ୍ଢେଇ ପ୍ରସ୍ତୁତି ସମ୍ପର୍କିତ କର୍ମଶାଳା ଓ ପ୍ରଶିକ୍ଷଣ କରାଯାଇ ଯୁବପିଢ଼ିଙ୍କୁ ଯୋଡ଼ାଯାଆନ୍ତା ଏବଂ ମାର୍କେଟିଂ ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳିବ ତେବେ ଏହା ପାରମ୍ପରିକ ଗୋବର କଣ୍ଢେଇ କଳାକୁ ବଞ୍ଚାଇ ରଖିବାରେ ସହାୟକ ହେବ ବୋଲି କାରିଗରମାନେ କହିଛନ୍ତି। ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ସରକାର ଯଦି ଏଥିପାଇଁ ଯଦି ପ୍ରୋତ୍ସାହନ ଦିଅନ୍ତେ, ତାହାଲେ ଏହା ଉଜ୍ଜୀବିତ ରହିପାରନ୍ତା। ଶିଳ୍ପୀ ପ୍ରତିମା ମହାପାତ୍ର କହିଛନ୍ତି, ଗୋଟିଏ କଣ୍ଢେଇ ତିଆରି କରିବାକୁ ୩ରୁ ୪ଦିନ ସମୟ ଲାଗିଥାଏ। ମାତ୍ର ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମିଳୁନାହିଁ। ଗ୍ରାମରେ ୧୬୦ ପରବାର ମଧ୍ୟ ଅଳ୍ପକିଛି ପରିବାର ଏହି କାର୍ଯ୍ୟ କରୁଛନ୍ତି। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଶାସନ ପକ୍ଷରୁ ଷ୍ଟଲ କରାଯାଇ ସେମାନଙ୍କୁ ବିକ୍ରୟ ନିମନ୍ତେ ସୁଯୋଗ ପ୍ରଦାନ କରାଯାଉଛି ଓ ଆଗକୁ ମଧ୍ୟ ଦିଆଯିବ।

## ଶୃଙ୍ଖଳା, ସାଧନା ଛାତ୍ର ଜୀବନର ମୂଳମନ୍ତ୍ର

### ଜାହାନ ପବ୍ଲିକ ସ୍କୁଲ୍‌ର ବାର୍ଷିକୋତ୍ସବ

କାକଟପୁର/ଅସ୍ତରଙ୍ଗ,୧୯।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଶୃଙ୍ଖଳା ଓ ସାଧନା ଛାତ୍ର ଜୀବନର ମୂଳମନ୍ତ୍ର ବୋଲି ଜାହାନ ପବ୍ଲିକ ସ୍କୁଲ୍‌ର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍ଏମ୍ଆଇଇଟି ମୁଖ୍ୟ ନିର୍ଦ୍ଦେଶକ ବିଜୟ ନନ୍ଦ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। କାକଟପୁର ଜାହାନ ପବ୍ଲିକ ସ୍କୁଲ ଚେୟାରମ୍ୟାନ ଡ. ସୁମିତ୍ରା ପରିଡ଼ାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମଣ୍ଡଳ ଶିକ୍ଷାଧିକାରୀ ଦିଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ପ୍ରେମ ଶଙ୍କର ପୂଜାରୀ ମଞ୍ଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହ ଅଧ୍ୟକ୍ଷା ମମତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଓଡ଼ିଆ ସିନେ ଜଗତର ହାସ୍ୟ ଅଭିନେତା ପ୍ରଜ୍ଞା ରଞ୍ଜନ ଖଟୁଆ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ବାକ୍ୟ ମାଧ୍ୟମରେ ହସାଇଥିଲେ। ଶେଷରେ ଅଧ୍ୟକ୍ଷା ମମତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପଞ୍ଜାବ ପୁରୁଷ, ବିଦର୍ଭ ମହିଳା ଚାମ୍ପିୟନ

### ଜାତୀୟସ୍ତରୀୟ ଶୁଟିଂବଲ୍

ପୁରୀ,୧୯।୧ (ଅଜିତ କୁମାର ମହାନ୍ତି)

ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍‌ରେ ଦୁଇଦିନ ଧରି ଚାଲିଥିବା ୪୩ତମ ଜାତୀୟସ୍ତରୀୟ ଶୁଟିଂବଲ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନର କୋଷାଧ୍ୟକ୍ଷ ରବୀନ୍ଦ୍ର ପଢ଼ିଆରୀ ଓ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଯୋଗଦେଇଥିଲେ। ଏସିଆନ୍ ଶୁଟିଂବଲ୍ ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର ତୋମାର୍ ଏବଂ ଇଣ୍ଡିଆନ୍ ଶୁଟିଂବଲ୍ ଆସୋସିଏଶନ ସାଧାରଣ ସମ୍ପାଦକ ଜିତରାଜ୍ ତୋମାର ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୨୮ଟି ରାଜ୍ୟର ଉଭୟ ପୁରୁଷ ଓ ମହିଳା ଖେଳାଳି ଭାଗ ନେଇଥିଲେ। ପୁରୁଷ ବିଭାଗ ଫାଇନାଲ ମ୍ୟାଚ୍ ପଞ୍ଜାବ ଓ ମହାରାଷ୍ଟ୍ର ମଧ୍ୟରେ ହୋଇଥିଲା। ଏଥିରେ ପଞ୍ଜାବ ବିଜୟ ହାସଲ କରିଥିଲା। ସେହିପରି ମହିଳା ବିଭାଗ ଫାଇନାଲ ମ୍ୟାଚ ମହାରାଷ୍ଟ୍ର ଓ ବିଦର୍ଭ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦର୍ଭ ବିଜୟୀ ହୋଇଥିଲା। ଅତିଥିମାନେ ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ରାମକୃଷ୍ଣ ମିଶନ ଆଶ୍ରମ ପରିସରରେ ସାଧାରଣ ସଭା

ପୁରୀ,୧୯।୧ (ଅଜିତ୍ କୁମାର ମହାନ୍ତି)

ରାମକୃଷ୍ଣ ମିଶନ ଆଶ୍ରମ ପରିସରରେ ରବିବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ୪୧ତମ ଜାତୀୟ ଯୁବ ଦିବସ ଅବସରରେ ପୁରୀ ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ କରାଯାଇଥିଲା। ଆୟୋଜିତ ସାଧାରଣ ସଭାରେ ପ୍ରତିଯୋଗିତାର ୩୫ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭା ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରାମକୃଷ୍ଣ ମଠର ଅଧ୍ୟକ୍ଷ ସ୍ୱାମୀ ସୋମଦେବାନନ୍ଦଜୀ ମହାରଜ ଅଧ୍ୟକ୍ଷତା କରିଥିଲେ। ଅତିଥିମାନେ ନିଜ ନିଜର ଅଭିଭାଷଣରେ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ସହିତ ଚରିତ୍ରବାନ ମଣିଷ ହୋଇ ଦେଶସେବାରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ସଭା ଆରମ୍ଭରେ ଆଶ୍ରମର ସମ୍ପାଦକ ସ୍ୱାମୀ ଆପ୍ତେଶ୍ୱରାନନ୍ଦଜୀ ମହାରାଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ କବିତା ପାଠୋତ୍ସବ



ପୁରୀ ଯୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ସାହିତ୍ୟ ଓ ସଂସ୍କୃତି ସମାରୋହରେ ସମ୍ବର୍ଦ୍ଧିତ ସାହିତ୍ୟିକମାନେ ।

ପୁରୀ,୧୯।୧ (ଅଜିତ୍ କୁମାର ମହାନ୍ତି)

ପୁରୀ ଯୁଥ୍ ହଷ୍ଟେଲ ସଭାଗୃହରେ ସିଦ୍ଧାର୍ଥ ସାହିତ୍ୟ ସଂସଦ, ଦିବ୍ୟଦର୍ଶନ ଏବଂ ପ୍ରିୟପତ୍ରର ସାହିତ୍ୟ ସଂସ୍କୃତି ସମାରୋହ ପୌର୍ଣ୍ଣମାସୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଜିଲାସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବିତା ପାଠୋତ୍ସବକୁ ସୁରେଶ କୁମାର ପଟ୍ଟନାୟକ, ସର୍ବାଣୀ ଦାସ ଏବଂ ଡ. ସସ୍ମିତା ମିଶ୍ର ପ୍ରମୁଖ ସଂଯୋଜନା କରିଥିଲେ। ଉତ୍ସବର ପ୍ରଥମ ଅଧିବେଶନରେ ହେମଲତା ନିଆଲ, ସ୍ୱରାଜ କୁମାର କହଁର, ଶୁକଦେବ ପଣ୍ଡା, ନୀଳାମ୍ବର ଖମାରୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ୭୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ପ୍ରବାସିନୀ ମିଶ୍ରଙ୍କ ସଭାପତିତ୍ୱରେ ୨ୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମୁଖ୍ୟବକ୍ତା ବିପିନ ବିହାରୀ ଦଳାଇ, ଡକ୍ଟର ସୁରେଶ କୁମାର ପ୍ରଧାନ, ହୃଷିକେଶ ପ୍ରଧାନ ବିଶିଷ୍ଟ ଅତିଥି ଭାବରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରବାସିନୀ ମିଶ୍ର ଏବଂ ଅଭିନବ ପଟ୍ଟନାୟକ, ଶ୍ୟାମ ପ୍ରକାଶ ସେନାପତି ପରିଚାଳନା କରିଥିଲେ। ଶେଷରେ କଳ୍ପନା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା

### ରାଜ୍ୟସ୍ତରକୁ ଚୟନ ହେବେ କୃତୀ ପ୍ରତିଯୋଗୀ

ପୁରୀ, ୧୯।୧ (ଅଜିତ କୁମାର ମହାନ୍ତି)

ପୁରୀ ଷ୍ଟାଡିୟମରେ ଜିଲାସ୍ତରୀୟ କନିଷ୍ଠ ବାଳକ ଓ ବାଳିକା ଏବଂ ଯୁବ ମହିଳା ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ ଉତ୍‌ଥାନ, କିରନ ଓ ପୁରୀ ବକ୍ସିଂ ଏକାଡେମୀର ଅନେକ ଖେଳାଳି ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ଓଡ଼ିଶା ଅଲିମ୍ପିକ୍ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଗ୍ରାମ ଉତ୍‌ଥାନର ବ୍ରିଜେଶ୍ ଦାଶ, ସୌମ୍ୟାଶ୍ରୀ ଜେନା, ବିନୋଦ ସିଂ, ପୁରୀ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଖେଳାଳୀମାନେ ଜାନୁଆରୀ ୨୧ ଓ ୨୨ ତାରିଖରେ ରାଉରକେଲାରେ ହେବାକୁ ଥିବା ରାଜ୍ୟସ୍ତରୀୟ କନିଷ୍ଠ ବାଳକ ଓ ବାଳିକା ଏବଂ ଯୁବ ମହିଳା ମୁଷ୍ଟିଯୁଦ୍ଧ ଚୟନ ପ୍ରତିଯୋଗିତାରେ ଜିଲା ତରଫରୁ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି।


**ପୂର୍ବତଟ ରେଳପଥ**

e-Tender Notice No.: ST-SBP-TENDER-2025-01-, ତା.11.01.2025 ରିଖ

**କାର୍ଯ୍ୟର ନାମ:** ବାର ମାସର ଅବଧି ନିମନ୍ତେ ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳରେ SSE/TELE/ ରେଢାଖୋଲ କ୍ଷେତ୍ରାଧିକାର ଅଧୀନସ୍ଥ କଣ୍ଟ୍ରୋଲ୍ ସେକ୍ସନ୍‌ରେ ଟେଲିକମ୍ ଜୋନାଲ୍ କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ :** ଟ.61,29,929.40

ବିଡ୍ ସିକ୍ୟୁରିଟି: ଟ. 1,22,600/-

**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :** ତା. 03.02.2025 ରିଖ 1100 ଘଟିକାରେ

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍: www.ireps.gov.in. ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବ୍‌ସାଇଟ୍ : www.ireps.gov.in

ମଣ୍ଡଳ ସିଗ୍ନାଲ ଏବଂ ଟେଲିକମ୍ ଯନ୍ତ୍ରୀ (Tele), ସମ୍ବଲପୁର

PR-892/P/24-25



**O/O CHIEF DISTRICT MEDICAL & PUBLIC HEALTH OFFICER**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION, NABARANGPUR**
e-mail : dhionab@gmail.com(06858-222057)

Tender No : 559/NHM/NGP Date : 18.01.2025

**No.E-690** : Sealed tenders are invited from registered, reputed and experienced Agencies /Firms/ Individuals for providing the following requirements under two (02) categories. A) All type of Printing Works,. B) Supply of Food. Bidders may send their complete bid in double cover system (Technical & Financial). Bidders may apply for all or any of the above categories in separate envelopes only. Combined bids will not be considered. Category of supply must be superscribed in the top of the Bid envelope and addressing clearly to the CDM&PHO, Nabarangpur. Tender documents is to be downloaded from the District website www.nabarangpur.odisha.gov.in. Last date for receipt of Tender documents is 17.02.2025 by 5 P.M. only through Speed Post/Regd. Post/Courier only and the bids, so received will be opened on 18.02.2025 at 11.30 A.M. in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./-
CDM & PHO cum District Mission Director, NHM, Nabarangpur

OIPR-10081/11/0005/2425


## ମା' ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ

ବଲାଙ୍ଗା,୧୯।୧ (କେଦାରେଶ୍ୱର ନନ୍ଦ)

ବଲାଙ୍ଗା ମା'ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୫ତମ ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଶିକ୍ଷା ବିନା ବିକାଶ ମୂଲ୍ୟହୀନ ହୋଇଥିବାରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଛାତ୍ରୀଙ୍କୁ ସୁନାଗରିକ ଭାବେ ଗଢ଼ିତୋଳିବା ସହିତ ଅଞ୍ଚଳର ବିକାଶ ତ୍ୱରାନ୍ୱିତ କରିବାକୁ ଅଧାପିକା ଅଧ୍ୟାପକଙ୍କୁ ପରାମର୍ଶ ଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଡ. କୈଳାସ ଚନ୍ଦ୍ର ତ୍ରିପାଠୀ, ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ସରଜୁ ବିହାରୀ ପତି, ସମ୍ମାନିତ ଅତିଥି ରୂପେ ଏମ୍‌ପିଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି ପ୍ରମୁଖ ଯୋଗଦେଇ ଉତ୍ତମ ଦେଶ ଗଠନରେ ଛାତ୍ରୀ ସମାଜ ସାମିଲ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା, ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର, ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶେଷରେ ମହେଶ ରଥ ଧନ୍ୟବାଦ ଦେଇଥିଲେ।


**GOVERNMENT OF ODISHA**
**DEPARTMENT OF WATER RESOURCES** No.A-908
Office of the Additional Chief Engineer,
Rushikulya Bahuda Basin, Berhampur - 760004
e-mail id : se_sicbam@yahoo.com

**e-Procurement Notice No. ACE, RBB - 11/2024-25**

1. Type of Work : Road work. 2. Total No. of Works : 02 (Two) No. 3. Amount put to tender : Varies from ₹ 503.81 Lakh to ₹ 362.18 Lakh. 4. Period of completion : 11 (Eleven) calendar months. 5. Paper Cost : ₹ 10,000/- per each. 6. Class of Contractor : 'A' class of contractor.

| Sl. No. | Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid on-line | Date and Place of opening of Technical Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Additional Chief Engineer, Rushikulya Bahuda Basin, Berhampur | ACE, RBB (CHID) - 22/2024-25 | 503.81 | From 22.01.2025, 10.00 A.M. to 06.02.2025, 5.00 P.M. | 07.02.2025 (11.30 A.M.) in the office of the Additional Chief Engineer, Rushikulya Bahuda Basin, Berhampur |
| 2 | | ACE, RBB (CHID) - 23/2024-25 | 362.18 | | |

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site www.tendersorissa.gov.in. Any addendum/corrigendum/cancellation of the tender can be seen in the above website only.

Sd./- Additional Chief Engineer,
Rushikulya Bahuda Basin, Berhampur

OIPR-32411/11/0017/2425



**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD**
Email address: semech-eicwr.od@nic.in
**E-Procurement Notice - Bid Identification No. ACEMC/MDRGL: 01/2024-25 dt.10.01.2025** No.A-890

| | | | |
|---|---|---|---|
| 1 | Name of the work | : | Mechanical Gate Works of Head Works Division, Samal & Rengali Dam Division, Rengali |
| 2 | No. of work | : | 02 (Two) Nos. |
| 3 | Category of executors | : | SSI Units registered under DIC/NSIC/ MSME for Irrigation Shutters / Hydro Mechanical Gates |
| 4 | Bid Identification No. | : | ACEMC/MDRGL: 01/2024-25 dt. 10.01.2025 |
| 5 | Estimated cost | : | 11.62 lakh to 12.63 lakh (Excluding GST) |
| 6 | Period of completion | : | Two calendar months each |
| 7 | Date & time of availability of bid documents in the portal | : | From dt.24.01.2025 (10.00 A.M.) to dt.06.02.2025 (5.30 P.M.) |
| 8 | Last date / time for receipt of bid | : | Dt.06.02.2025 (Upto 5.30 P.M.) in the portal |
| 9 | Date and place of opening of bid | : | Dt.07.02.2025, 11.00 A.M. onwards in O/o the undersigned |
| 10 | Name of the officer inviting bids | : | Additional Chief Engineer, Mechanical Circle, Hirakud |

Further details can be seen only from e-procurement portal https://tendersodisha.gov.in

Sd./-Additional Chief Engineer,
Mechanical Circle, Hirakud

OIPR-32344/11/0001/2425



**OFFICE OF THE CHIEF ENGINEER & BASIN MANAGER**
**INDRAVATI & KOLAB BASIN**
**BARINIPUT (JEYPORE), DIST.: KORAPUT, PIN-764006**
E-mail Id: cebmikb@gmail.com No.A-919
**e- PROCUREMENT NOTICE NO. CEBMIKB-01/2024-25**

No.239 Dated: 17.01.2025

| | | | |
|---|---|---|---|
| 1 | No. of work | : | 01 (One) No. |
| 2 | Value of work | : | Rs.3487.875 lakhs (Excluding GST) |
| 3 | Bid security / EMD | : | Rs.34,87,900/- |
| 4 | Class of contractor | : | 'Super' Class & 'Special' Class |
| 5 | Period of completion | : | 24 (Twenty four) calendar months |
| 6 | Type of contract | : | Percentage rate (Double cover) |
| 7 | Cost of tender paper | : | Rs.10,000/- (Non refundable) |
| 8 | Availability of tender online for bidding | : | From **10.00 hrs. on 22.01.2025 to 17.30 hrs. on 11.02.2025** |
| 9 | Date & time of pre-bid conference | : | On **28.01.2025 at 11.30 A.M.** in Office of the C.E. & B.M., I & K Basin, Bariniput, Jeypore, Dist.: Koraput |
| 10 | Date & time of online bid submission | : | From **10.00 hrs.** on **22.01.2025** to **17.30 hrs.** on **11.02.2025** |
| 11 | Date & time of opening of technical bid | : | **11.30 hrs. on 12.02.2025** in Office of the Chief Engineer & Basin Manager, Indravati & Kolab Basin, Bariniput, Jeypore, Dist.: Koraput |
| 12 | Date & time of opening of financial bid | : | To be intimated to the qualified bidder(s) after approval of Teechnical Bid(s) |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum / corrigendum / cancellation if any required will be published in Govt. website only.

Sd./- Chief Engineer & Basin Manager
Indravati & Kolab Basin, Bariniput

OIPR-32456/11/0001/2425



**Odisha Livelihoods Mission**
**Department of Mission Shakti, Government of Odisha**
SIRD & PR Campus, Unit-VIII, Bhubaneswar - 751012, Odisha
Tel : (0674) 2560166/2560126, E-mail : smmu.olm@gmail.com

**Notice No. : 76/25** **Date : 16.01.2025**

**TENDER CALL NOTICE**
**REQUEST FOR PROPOSAL FOR**
**"HIRING OF AGENCY FOR PROVIDING MANPOWER SERVICES TO ODISHA LIVELIHOODS MISSION, DEPARTMENT OF MISSION SHAKTI"**

**No.g-159** : Odisha Livelihoods Mission (OLM), Mission Shakti Department, Govt. of Odisha invites sealed Tenders from eligible agencies/ Bidder **for Providing Manpower Services to Odisha Livelihoods Mission**, Bhubaneswar. Bidders fulfilling the prescribed eligibility criteria of the tender can access and download the complete bid Document and other details from https://missionshakti.odisha.gov.in/.

The bid calendars under the end-to-end process are :

| Sl. No. | Critical Events | Time Line |
|---|---|---|
| 1 | Date of Issue of RFP | **20/01/2025** |
| 2 | Submission of Pre-Bid Queries | **27/01/2025, 3.30 P.M.** |
| 3 | Pre-Bid Meeting | **27/01/2025, 4.30 P.M.** |
| 4 | Issue of Pre-Bid Clarifications | **30/01/2025, by 5.30 P.M.** |
| 5 | Last Date and Time for Submission of Bid | **10/02/2025 up to 3.30 P.M.** |
| 6 | Opening of Technical Bid | **10/02/2025 up to 4.00 P.M.** |
| 7 | Opening of Financial Bid | **To be intimated later on** |

The proposal complete in all respects must reach at **State Mission Director, Odisha Livelihoods Mission, SIRD & PR Campus, Unit-VIII, Bhubaneswar-751012** by Speed Post/ Registered Post/ Courier only latest by 10th Feb 2025, 3:30 P.M. in a sealed envelope clearly mentioning on the top of it **"Hiring of Agency For Providing Manpower Services to Odisha Livelihoods Mission, Department of Mission Shakti"**. The proposals received beyond the last date and time will be rejected. In case of any Addendum/ Clarification/ Corrigendum/ Extension regarding this tender, the same will be published in the above-mentioned official websites only. The authority reserves the right to reject any/all proposals without any reason thereof.

Sd./- State Mission Director
Odisha Livelihoods Mission

OIPR-48002/11/0005/2425



See Career Appointment on every Wednesday & Saturday



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – 751001, ଓଡ଼ିଶା

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଖ୍ୟାତିସମ୍ପନ୍ନ ତଥା ଅନୁଭବୀ ସଂସ୍ଥାମାନଙ୍କଠାରୁ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଫିସର୍ସ ଲାଉଞ୍ଜ ଆଣ୍ଡ ଡାଇନିଙ୍ଗ ରୁମ୍ (ଓଏଲ୍‌ଡିଆର୍), ଷ୍ଟାଫ୍ କ୍ୟାଣ୍ଟିନ୍‌ରେ କ୍ୟାଟରିଂ ସେବା ଏବଂ ଟି ପ୍ୟାଣ୍ଟ୍ରିର ସଞ୍ଚାଳନ ପାଇଁ ଦୁଇ ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି। ପ୍ରତିଷ୍ଠିତ ଏବଂ ପ୍ରାସଙ୍ଗିକ ଅଭିଜ୍ଞତା ଥିବା ଆଗ୍ରହୀ କମ୍ପାନୀ/ସଂସ୍ଥାଗୁଡ଼ିକ ଅଧିକ ବିବରଣୀ ପାଇଁ ଆରବିଆଇର ୱେବ୍‌ସାଇଟ୍ **(www.rbi.org.in)**ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରିପାରିବେ କିମ୍ବା ମାନବ ସମ୍ବଳ ପରିଚାଳନା ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **(https://www.mstcecommerce.com/eprocn)**ରେ ଇ–ଟେଣ୍ଡରର ଆବେଦନର ଶେଷ ତାରିଖ ଫେବୃଆରୀ ୧୭, ୨୦୨୫ ଅପରାହ୍ନ ୦୩ଟା ପର୍ଯ୍ୟନ୍ତ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

# ୪ ସ୍ଥାନରୁ ସିରିଜ୍ ଚୋରି

ତ୍ରିଶୂଳିଆ,୧୯।୧
(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ତ୍ରିଶୂଳିଆ ଛକରେ ୪ଟି ସ୍ଥାନରୁ ଶନିବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଛି। ତ୍ରିଶୂଳିଆ ଛକ ପୋଲିସ ପୋଷ୍ଟ ସମ୍ମୁଖ ଜଳଖିଆ ଦୋକାନ, ଚିକେନ୍ ଦୋକାନ ଓ କୁସିନ୍ଦା ମଙ୍ଗଳା ମନ୍ଦିରର ଏବଂ କୃଷ୍ଣଚନ୍ଦ୍ରପୁର ବାଉଁଯୋରି ମନ୍ଦିର ନିକଟ ଏକ ଭେରାଇଟି ଦୋକାନରୁ ଚୋରି ହୋଇଛି। ଖବର ପାଇ ବାରଙ୍ଗ ପୋଲିସ ଚୋରି ହୋଇଥିବା ସ୍ଥାନ ଦେଖିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରୁଛି।

# ଆହତଙ୍କୁ ଉଦ୍ଧାର ପାଇଁ ଆସିଲାନି ଆମ୍ବୁଲାନ୍ସ

## ଓଭରବ୍ରିଜ୍‌ରେ ଓଲଟିଲା ଡିଜେ ଗାଡ଼ି, ୩ ଆହତ

ଭୁବନେଶ୍ୱର,୧୯।୧(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଜୟଦେବ ବିହାର ଓଭରବ୍ରିଜ ଉପରେ ଏକ ଡିଜେ ଗାଡି ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ଗାଡିଟି ବରମୁଣ୍ଡାରୁ ଜାତୀୟ ରାଜପଥ-୧୬ ଦେଇ ରସୁଲଗଡ ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଡିଭାଇଡର ଉପରେ ଥିବା ଇଲେକ୍ଟ୍ରି ପୋଲ୍‌କୁ ଧକ୍କା ଦେଇ ଓଲଟି ପଡ଼ିଥିଲା।



ଗାଡ଼ିଟି ସଂପୂର୍ଣ୍ଣ ଭାବରେ ନଷ୍ଟ ହେବା ସହିତ ଗାଡିରେ ଥିବା ଚାଳକଙ୍କ ସମେତ ୩ ଜଣ ଆହତ ହୋଇଥିଲେ। ଦୁର୍ଘଟଣା ପରେ ରାସ୍ତାରେ ଯାଉଥିବା ଲୋକେ ଟୋଲ ଫ୍ରି ନମ୍ବର ୧୧୨ ଜରିଆରେ ଆମ୍ବୁଲାନ୍ସ ଓ ପିସିଆର୍‌କୁ ଯୋଗାଯୋଗ କରିଥିଲେ। ଘଟଣା ସ୍ଥଳରେ ଶହୀଦନଗର ଥାନାର ପିସିଆର୍ ପହଞ୍ଚିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା। ଏପରିକି ପିସିଆର ଗାଡି ମଧ୍ୟ ତୁରନ୍ତ ଆହତଙ୍କୁ ହସ୍ପିଟାଲ ନେଇ ନ ଥିଲା। ପିସିଆର୍‌ରେ ଥିବା ପୋଲିସ ଆମ୍ବୁଲାନ୍ସକୁ ଅପେକ୍ଷା କରି ସମୟ ଗଡାଇଥିଲା। ହେଲେ ବହୁ ସମୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ନ ଆସିବାରୁ ଉପସ୍ଥିତ ଲୋକେ ଉତ୍ତେଜିତ ହୋଇପଡିଥିଲେ। ଆହତଙ୍କୁ ନେଇଯିବାରୁ ବାରମ୍ବାର ଅନୁରୋଧ କରିବା ପରେ ଶେଷରେ ପୋଲିସ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ରାଜଧାନୀ ରାତିରେ ଆମ୍ବୁଲାନ୍ସ ନ ଆସିବାରୁ ଓ ପୋଲିସର ଏପରି ଆଭିମୁଖ୍ୟକୁ ନେଇ ଆଲୋଚନା ଜୋର୍ ଧରିଥିବାବେଳେ ଏମାନଙ୍କ କାର୍ଯ୍ୟଧାରାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି।

# ପୋଲିସ, ସାମ୍ବାଦିକଙ୍କୁ ଆକ୍ରମଣ: ୩ ଗିରଫ

ଭୁବନେଶ୍ୱର,୧୯।୧(ସୂର୍ଯ୍ୟକାନ୍ତ ବେହେରା)

ପୋଲିସ ଉପସ୍ଥିତିରେ ଖବର ସଂଗ୍ରହ ବେଳେ ସାମ୍ବାଦିକ ଓ କ୍ୟାମେରାମ୍ୟାନ୍‌ଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଏପରିକି ସେମାନଙ୍କୁ ଉଦ୍ଧାର କରୁଥିବାବେଳେ ଆକ୍ରମଣକାରୀମାନେ ପୋଲିସକୁ ଠେଲାପେଲା କରିବା ସହ ମାଡ଼ ମାରିଛନ୍ତି। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟବିହାର ଅଞ୍ଚଳରେ ଶନିବାର ରାତିରେ ଏହି ଘଟଣା ଘଟିଛି। ଏନେଇ ଆକ୍ରମଣର ଶିକାର ହୋଇଥିବା ସାମ୍ବାଦିକ ସୁନୀଲ କୁମାର ନାୟକ ଓ ଜଣେ ପୋଲିସ ଅଧିକାରୀ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୨ଟି ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ନିମାଇଁ ଚରଣ ସାହୁ, ସତ୍ୟବିହାରର ଦେବେନ୍ଦ୍ର ସାହୁ ଓ ଯାଜପୁରର ପ୍ରଶାନ୍ତ ବାରିକ। କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ, ସତ୍ୟବିହାର ଅଞ୍ଚଳରେ କେତେଜଣ ବାଇକ ଚୋର ଲୁଚିଥିବା ସୂଚନା ପାଇ ପୋଲିସ ଟିମ୍ ସେଠାକୁ ଯାଇ ପଚରାଉଚରା କରୁଥିଲା। ଏହି ସମୟରେ ହଠାତ୍ ୩ ଜଣ ଯୁବକ ପୋଲିସକୁ ଗାଳିଗୁଲଜ କରିଥିଲେ। ସୂଚନା ପାଇ ଏକ ଘରୋଇ ଡିଜିଟାଲ ମିଡିଆର ପ୍ରତିନିଧି ସୁନୀଲ ଖବର ସଂଗ୍ରହ କରିବାକୁ କ୍ୟାମେରାମ୍ୟାନ ସହ ସେଠାକୁ ଯାଇଥିଲେ। ଲାଇଭ୍ କଭରଜେ କରୁଥିବା ସମୟରେ କେତେଜଣ ଯୁବକ ଏକ କାରରେ ଆସି ହଠାତ କ୍ୟାମେରା ଭାଙ୍ଗି ଦେବା ସହ ହାତରୁ ବୁମ୍ ଛଡାଇ ନେଇଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ଆକ୍ରମଣ କରିବା ସହ ସୁନୀଲଙ୍କ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କେତେଜଣ ପୋଲିସ କର୍ମଚାରୀ ଛଡାଇବାକୁ ଉଦ୍ୟମ କରିବାରୁ ସେମାନେଙ୍କୁ ମଧ୍ୟ ଅଭିଯୁକ୍ତମାନେ ଛାଡ଼ି ନ ଥିଲେ। ଘଟଣାସ୍ଥଳରେ ଅଧିକ ପୋଲିସ ପହଞ୍ଚି ୩ ଜଣଙ୍କୁ କାବୁ କରିଥିବାବେଳେ ଆଉକେତେଜଣ ଫେରାର ହୋଇଯାଇଥିବା ଜଣାପଡିଛି।

# ୨୦୨୪ରେ ୪୫୦୭ଜଣ ପ୍ରାର୍ଥୀଙ୍କ ନିଯୁକ୍ତି ସୁପାରିସ କରିଥିଲା ଓଏସ୍ଏସ୍ସି

ଭୁବନେଶ୍ୱର, ୧୯।୧(ବନ୍ଦନା ସେଠୀ)

## ୩୨ତମ ପ୍ରତିଷ୍ଠା ଦିବସ

ଓଡିଶା କର୍ମଚାରୀ ଚୟନ ଆୟୋଗ(ଓଏସ୍ଏସ୍ସି)ର ୩୨ତମ ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଗ ପକ୍ଷରୁ ବାର୍ଷିକ ବିବରଣୀ ପ୍ରକାଶିତ ହୋଇଥିଲା। ୨୦୨୪ରେ ଆୟୋଗ ଦ୍ୱାରା ଖାଲିଥିବା ୮୯୩୩ଟି ବିଭିନ୍ନ ପଦବୀ ପାଇଁ ୧୨ଟି ବିଜ୍ଞାପନ ପ୍ରକାଶିତ ହୋଇଥିଲା। ମୋଟ ୨୯ଟି ପରୀକ୍ଷା (୧୨ଟି ପ୍ରାଥମିକ ଓ ୧୭ଟି ମୁଖ୍ୟ ଲିଖିତ ପରୀକ୍ଷା) କରାଯାଇଥିଲା। ଏଥିସହ ୫ଟି କମ୍ପ୍ୟୁଟର ଦକ୍ଷତା ପରୀକ୍ଷା, ଟାଇପିଂ ଟେଷ୍ଟ ଓ ଷ୍ଟେନୋଗ୍ରାଫି ପରୀକ୍ଷା କରାଯାଇଥିଲା। ୧୫ଟି ବିଭିନ୍ନ ପରୀକ୍ଷାରେ ଶର୍ଟଲିଷ୍ଟେଡ ହୋଇ ଚୂଡ଼ାନ୍ତ ଚୟନ ହୋଇଥିବା ୧୧ହଜାର ୧୦୧ରୁ ଅଧିକ ପ୍ରାର୍ଥୀଙ୍କ ସାର୍ଟିଫିକେଟ୍ସ ଯାଞ୍ଚ କରାଯାଇଥିଲା। ମୋଟ୍ ୪୫୦୭ଜଣ ପ୍ରାର୍ଥୀଙ୍କୁ ସେମାନଙ୍କ ସପକ୍ଷରେ ବିଭିନ୍ନ ପଦବୀରେ ନିଯୁକ୍ତି ଆଦେଶ ପ୍ରଦାନ କରିବାକୁ ସେମାନଙ୍କ ନାମ ସମ୍ପୃକ୍ତ ନିଯୁକ୍ତିଦାତାଙ୍କ ନିକଟକୁ ସୁପାରିଶ କରାଯାଇଥିଲା। ଉକ୍ତବର୍ଷ ନିଯୁକ୍ତି ପରୀକ୍ଷା ସଂଖ୍ୟା ଓ ମନୋନୀତ ପ୍ରାର୍ଥୀଙ୍କ ସଂଖ୍ୟାରେ ଉନ୍ନତି ଘଟିଥିବା ସୂଚନା ଦିଆଯାଇଥିଲା।




ଶ୍ରମିକ କୃଷକ ଏକତା ଦିବସ ଅବସରରେ ଶ୍ରମିକଙ୍କ ଅଧିକାରକୁ ନେଇ ରବିବାର ମାଷ୍ଟରକ୍ୟାଣ୍ଟିନ ଛକରେ ଏଆଇକେଏସ୍, ଏଆଇଏଡବ୍ଲ୍ୟୁଏ, ସିଟୁ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା। (ଫଟୋ– ମନୋରଞ୍ଜନ ମିଶ୍ର)

# ଏନ୍‌ଡିଆର୍‌ଏଫ୍ ପରିସରରେ ଉଦୟ ଦିବସ

ତ୍ରିଶୂଳିଆ,୧୯।୧(ତୁଷାରକାନ୍ତ ବେହେରା)

ମୁଣ୍ଡଳୀଠାରେ ଥିବା ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ ତଥା ଏନ୍‌ଡିଆର୍‌ଏଫ୍ ତୃତୀୟ ବାଟାଲିୟନର ୨୦ତମ ଉଦୟ ଦିବସ ରବିବାର ପାଳିତ ହୋଇଯାଇଛି। ଏକ୍ସ.ପି. କେ ବାରିକଙ୍କ ତତ୍ତ୍ୱାବଧାନରେ ଏନ୍‌ଡିଆର୍‌ଏଫ୍ ପରିସରରେ ଏକ ବିରାଟ ପରେଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଟାଲିୟନ ମୁଖ୍ୟ ଚିକିତ୍ସା ଅଧିକାରୀ ନୀରଜ କୁମାର ଏହି ପରେଡ଼ର ସମୀକ୍ଷା କରିଥିଲେ। ନୀରଜ କୁମାର ତାଙ୍କ ସମ୍ବୋଧନରେ ବିପର୍ଯ୍ୟୟ ପରିଚାଳନାରେ ଏନ୍‌ଡିଆର୍‌ଏଫ୍‌ର ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଡିଆର୍‌ଏଫ୍ ୧୯ ଜାନୁଆରୀ ୨୦୦୬ରେ ପ୍ରତିଷ୍ଠା ହୋଇ ଏପର୍ଯ୍ୟନ୍ତ ଦେଶ ପ୍ରତି ତା'ର ଦାୟିତ୍ୱକୁ ଗୁରୁତ୍ୱର ସହିତ ନିର୍ବାହ କରିଆସିଛି। ଓଡ଼ିଶାରେ ସାଇକ୍ଲୋନ ସମୟରେ ସେମାନଙ୍କ ଭୂମିକା, ଆନ୍ଧ୍ରପ୍ରଦେଶରେ ବନ୍ୟା ପରିସ୍ଥିତି ଏବଂ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ଏନ୍‌ଡିଆର୍‌ଏଫ୍ ବାହିନୀର ଯବାନମାନେ ନିୟୋଜିତ ରହି ତାଙ୍କ ଦାୟିତ୍ୱ ଠିକ୍ ଭାବେ ତୁଲାଉଥିବା ସେ କହିଥିଲେ।

# କାର୍ ମାଡିଯିବାରୁ ୨ ଭାଇଙ୍କ ମୃତ୍ୟୁ ଘଟଣା, ଚାଳକ ଗିରଫ

ଭୁବନେଶ୍ୱର,୧୯।୧(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ରାଜଭବନ ଛକରେ ଶନିବାର ଅପରାହ୍ନରେ କାର୍ ମାଡ଼ିଯିବାରୁ ୨ ଭାଇଙ୍କ ମୃତ୍ୟୁ ଘଟଣାରେ କ୍ୟାପିଟାଲ ପୋଲିସ ଅଭିଯୁକ୍ତ କାର ଚାଳକଙ୍କୁ ଗିରଫ କରିଛି। ସେ ହେଲେ ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥବିହାର ଅଞ୍ଚଳର ଲଳାଟେନ୍ଦୁ ବାରିକ(୪୦)। ନିଶା ସେବନ ନୁହେଁ, ବାତ ରୋଗ ପାଇଁ କାର ଚାଳକ ଚେତାଶୂନ୍ୟ ହୋଇଯିବାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି।

ସୂଚନାନୁସାରେ, ଉକ୍ତ କାରଟି ପାୱାର ହାଉସ୍ ଛକରୁ ଗଭର୍ଣ୍ଣର ହାଉସ ଛକ ଅଭିମୁଖେ ଯାଉଥିଲା। ରାଜଭବନ ଗୋଲେଇ ଛକରେ ହଠାତ୍ କାର୍ ଚାଳକ ଭାରସାମ୍ୟ ହରାଇ ରଙ୍ଗରେ ଷ୍ଟିୟରିଂ ବୁଲାଇ ଦେବାରୁ ଗାଡିଟି ସୂର୍ଯ୍ୟନଗର ପାର୍ଶ୍ୱରୁ ଆସୁଥିବା ଦୁଇଟି ବାଇକକୁ ଧକ୍କା ଦେଇ କିଛି ବାଟ ଘୋଷାରି ନେବା ପରେ ଡିଭାଇଡର ଉପରକୁ ଚଢିଯାଇ ଓଲଟି ପଡ଼ିଥିଲା। କାର୍ ତଳେ ଗୋଟିଏ ବାଇକ୍ ଓ ୩ଜଣ ବାଇକ୍ ଆରୋହୀ ଚାପି ହୋଇଯାଇଥିଲେ। ଏହି ଦୁର୍ଘଟଣାରେ ୨ ଭାଇଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଥିଲେ। ମୃତକଦ୍ୱୟ ହେଲେ ଅବସରପ୍ରାପ୍ତ ପୋଲିସ ଅଫିସର ଗଜପତି ମୋହନା ଅଞ୍ଚଳର ଗୌର ଚନ୍ଦ୍ର ନାୟକ(୬୨) ଏବଂ ତାଙ୍କ ଭାଇ ରବି ଚନ୍ଦ୍ର ନାୟକ। ଆହତ ହେଲେ ଦୀନବନ୍ଧୁ ସାମନ୍ତରାୟ। ଖବରପାଇ ପୋଲିସ କାର ଚାଳକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଦୁର୍ଘଟଣାଗ୍ରସ୍ତ କାର୍ ଓ ଦୁଇଟି ମୋଟରସାଇକେଲକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା।

# ଜାତୀୟ ଶିକ୍ଷାନୀତିର ସଫଳ କାର୍ଯ୍ୟକାରିତା ପାଇଁ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ପ୍ରସ୍ତାବ

ଭୁବନେଶ୍ୱର,୧୯।୧(ସୁଚିସ୍ମିତା ସାହୁ)

ଜାତୀୟ ଶିକ୍ଷାନୀତି – ୨୦୨୦ ଓଡ଼ିଶାରେ କାର୍ଯ୍ୟକାରୀ କରାଯିବା ଦ୍ୱାରା ଶିକ୍ଷା ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ହେବ। ହେଲେ ଏହାର କୌଣସି ଢ଼ାଞ୍ଚାଗତ ପରିବର୍ତ୍ତନ ଓ ଆବଶ୍ୟକ ଭିତ୍ତିଭୂମି ନ ଯୋଗାଇ ଏହାକୁ ଲାଗୁ କରିବା ଦ୍ୱାରା ଓଡ଼ିଶାର ଶିକ୍ଷାକ୍ଷେତ୍ରରେ କି ସୁଫଳ ମିଳିବ ବୋଲି ପ୍ରଶ୍ନ ଉଠାଇଛି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି। ଏଥିସହ ସମିତିର ଆବାହକ ରଞ୍ଜନ କୁମାର ଦାଶ କେତେକ ପ୍ରସ୍ତାବ ରଖି କହିଛନ୍ତି, ଅଙ୍ଗନୱାଡ଼ି କେନ୍ଦ୍ରରେ ପିଲାମାନ ତିନି ବର୍ଷରୁ ଛଅ ବର୍ଷ ଯାଏ ପାଠ ପଢ଼ିବେ। ଏଥିପାଇଁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ ଓ ନିଜସ୍ୱ ଗୃହ ରହିବା ସହ ଶିକ୍ଷାଦାନ ବ୍ୟବସ୍ଥା ପରିବର୍ତ୍ତନର ଆବଶ୍ୟକତା ରହିଛି। ସେହିପରି ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ଖାଲି ପଡିଥିବା ପଦରେ ନିଯୁକ୍ତି ଦିଆଯାଉ। ସବୁବର୍ଗର ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ପାଇଁ ସମାନ ସୁବିଧା ଯୋଗାଇ ଦେବା ସହିତ ବିଦ୍ୟାଳୟଗୁଡ଼ିକର ବ୍ୟବସ୍ଥାରେ ପରିବର୍ତ୍ତନ କରାଗଲେ ଜାତୀୟ ଶିକ୍ଷାନୀତି ଅଧିକ ଫଳପ୍ରଦ ହେବ। ନଚେତ୍ ଆଗାମୀ ଦିନରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଭାଙ୍ଗିଯିବ। ସେହିପରି ୨୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଓ ବହୁ ମହାବିଦ୍ୟାଳୟ ଏବେ ସୁଦ୍ଧା ଅନୁଦାନ ପରିସରଭୁକ୍ତ ହୋଇପାରି ନାହିଁ। ପ୍ରଥମେ ସରକାର ସେହି ବିଦ୍ୟାଳୟ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ କରିବା ଉଚିତ। ବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷକ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ରାଜ୍ୟ ସରକାରଙ୍କୁ ମିଳିତ ସମନ୍ୱୟ ସମିତି ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ ପ୍ରମୁଖ ସରକାରଙ୍କୁ ଅନୁରୋଧ କରିଛନ୍ତି।

ପୂର୍ବତଟ ରେଳପଥ
e-Tender Notice No.: ST-SBP-TENDER-2025-01-, ତା.11.01.2025 ରିଖ
କାର୍ଯ୍ୟର ନାମ: ବାର ମାସର ଅବଧି ନିମନ୍ତେ ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳରେ SSE/TELE/ ରେଢ଼ାଖୋଲ କ୍ଷେତ୍ରାଧିକାର ଅଧୀନସ୍ଥ କଣ୍ଟ୍ରୋଲ୍ ସେକ୍ସନ୍‌ରେ ଟେଲିକମ୍ ଜୋନାଲ୍ କାର୍ଯ୍ୟ।
ଟେଣ୍ଡର ମୂଲ୍ୟ : ଟ.61,29,929.40
ବିଡ୍ ସିକ୍ୟୁରିଟି: ଟ. 1,22,600/-
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା. 03.02.2025 ରିଖ 1100 ଘଟିକାରେ
ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍: www.ireps.gov.in. ରେ ଉପଲବ୍ଧ ଅଛି।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବ୍‌ସାଇଟ୍ : www.ireps.gov.in
ମଣ୍ଡଳ ସିଗ୍ନାଲ ଏବଂ ଟେଲିକମ୍ ଯନ୍ତ୍ରୀ (Tele), ସମ୍ବଲପୁର
PR-892/P/24-25

O/O CHIEF DISTRICT MEDICAL & PUBLIC HEALTH OFFICER
DISTRICT PROGRAMME MANAGEMENT UNIT
NATIONAL HEALTH MISSION, NABARANGPUR
e-mail : dhionab@gmail.com(06858-222057)

Tender No : 559/NHM/NGP Date : 18.01.2025

**No.E-690** : Sealed tenders are invited from registered, reputed and experienced Agencies /Firms/ Individuals for providing the following requirements under two (02) categories. A) All type of Printing Works,. B) Supply of Food. Bidders may send their complete bid in double cover system (Technical & Financial). Bidders may apply for all or any of the above categories in separate envelopes only. Combined bids will not be considered. Category of supply must be superscribed in the top of the Bid envelope and addressing clearly to the CDM&PHO, Nabarangpur. Tender documents is to be downloaded from the District website www.nabarangpur.odisha.gov.in. Last date for receipt of Tender documents is 17.02.2025 by 5 P.M. only through Speed Post/Regd. Post/Courier only and the bids, so received will be opened on 18.02.2025 at 11.30 A.M. in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./-
CDM & PHO cum District Mission Director, NHM, Nabarangpur
OIPR-10081/11/0005/2425

# ଆଜି ସମସ୍ତ ଉଠାଦୋକାନ, ଭେଣ୍ଡିଂଜୋନ୍, କିଓସ୍କୋ ବନ୍ଦ ରହିବ

ଭୁବନେଶ୍ୱର, ୧୯।୧
(ବନ୍ଦନା ସେଠୀ)

ସୋମବାର ଜାତୀୟ ଉଠାଦୋକାନୀ ଦିବସ ଅବସରରେ ସହରର ପ୍ରତ୍ୟେକ ଉଠାଦୋକାନ, ଭେଣ୍ଡିଂଜୋନ ଓ କିଓସ୍କୋଗୁଡ଼ିକ ବନ୍ଦ ରହିବ। ଏଥିସହ ରାଜ୍ୟସ୍ତରୀୟ ମହାସମାବେଶ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ରାଜମହଲ ଛକରୁ ବାହାରି ୟୁନିଟ୍-୧ ଫଳ ଭେଣ୍ଡିଂଜୋନ୍‌ଠାରେ ପହଞ୍ଚିବା ପରେ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହେବ। ଏନେଇ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ, ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ ଏବଂ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ବର୍ଷ ଓଡ଼ିଶାରେ ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା ସହରଗୁଡ଼ିକରେ ଏହି ଦିବସକୁ ପାଳନ କରାଯାଉଛି। ଉଠାଦୋକାନୀମାନେ ସାଧାରଣତଃ ଗ୍ରାହକମାନଙ୍କୁ ମୌଳିକ ସେବା ଯୋଗାଇଥାନ୍ତି। ମାତ୍ର ସୋମବାର ଏହି ସେବା ଯୋଗାଇପାରୁ ନ ଥିବାରୁ ଖାଉଟିମାନେ ଏଥିରେ ସହଯୋଗ ପାଇଁ ସଂଗଠନ ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଅନୁରୋଧ କରିଛନ୍ତି।

GOVERNMENT OF ODISHA
DEPARTMENT OF WATER RESOURCES
Office of the Additional Chief Engineer,
Rushikulya Bahuda Basin, Berhampur - 760004
e-mail id : se_sicbam@yahoo.com
No.A-908

e-Procurement Notice No. ACE, RBB - 11/2024-25

1. Type of Work : Road work. 2. Total No. of Works : 02 (Two) No. 3. Amount put to tender : Varies from ₹ 503.81 Lakh to ₹ 362.18 Lakh. 4. Period of completion : 11 (Eleven) calendar months. 5. Paper Cost : ₹ 10,000/- per each. 6. Class of Contractor : 'A' class of contractor.

| Sl. No. | Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid on-line | Date and Place of opening of Technical Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Additional Chief Engineer, Rushikulya Bahuda Basin, Berhampur | ACE, RBB (CHID) - 22/2024-25 | 503.81 | From 22.01.2025, 10.00 A.M. to 06.02.2025, 5.00 P.M. | 07.02.2025 (11.30 A.M.) in the office of the Additional Chief Engineer, Rushikulya Bahuda Basin, Berhampur |
| 2 | | ACE, RBB (CHID) - 23/2024-25 | 362.18 | | |

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site www.tendersorissa.gov.in. Any addendum/corrigendum/cancellation of the tender can be seen in the above website only.

Sd./- Additional Chief Engineer,
Rushikulya Bahuda Basin, Berhampur
OIPR-32411/11/0017/2425

GOVERNMENT OF ODISHA, DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD
Email address: semech-eicwr.od@nic.in
E-Procurement Notice - Bid Identification No. ACEMC/MDRGL: 01/2024-25 dt.10.01.2025
No.A-890

| | | |
|---|---|---|
| 1 | Name of the work | Mechanical Gate Works of Head Works Division, Samal & Rengali Dam Division, Rengali |
| 2 | No. of work | 02 (Two) Nos. |
| 3 | Category of executors | SSI Units registered under DIC/NSIC/ MSME for Irrigation Shutters / Hydro Mechanical Gates |
| 4 | Bid Identification No. | ACEMC/MDRGL: 01/2024-25 dt. 10.01.2025 |
| 5 | Estimated cost | 11.62 lakh to 12.63 lakh (Excluding GST) |
| 6 | Period of completion | Two calendar months each |
| 7 | Date & time of availability of bid documents in the portal | From dt.24.01.2025 (10.00 A.M.) to dt.06.02.2025 (5.30 P.M.) |
| 8 | Last date / time for receipt of bid | Dt.06.02.2025 (Upto 5.30 P.M.) in the portal |
| 9 | Date and place of opening of bid | Dt.07.02.2025, 11.00 A.M. onwards in O/o the undersigned |
| 10 | Name of the officer inviting bids | Additional Chief Engineer, Mechanical Circle, Hirakud |

Further details can be seen only from e-procurement portal https://tendersodisha.gov.in

Sd./-Additional Chief Engineer,
Mechanical Circle, Hirakud
OIPR-32344/11/0001/2425

OFFICE OF THE CHIEF ENGINEER & BASIN MANAGER
INDRAVATI & KOLAB BASIN
BARINIPUT (JEYPORE), DIST.: KORAPUT, PIN-764006
E-mail Id: cebmikb@gmail.com No.A-919
e- PROCUREMENT NOTICE NO. CEBMIKB-01/2024-25
No.239 Dated: 17.01.2025

| | | |
|---|---|---|
| 1 | No. of work | 01 (One) No. |
| 2 | Value of work | Rs.3487.875 lakhs (Excluding GST) |
| 3 | Bid security / EMD | Rs.34,87,900/- |
| 4 | Class of contractor | 'Super' Class & 'Special' Class |
| 5 | Period of completion | 24 (Twenty four) calendar months |
| 6 | Type of contract | Percentage rate (Double cover) |
| 7 | Cost of tender paper | Rs.10,000/- (Non refundable) |
| 8 | Availability of tender online for bidding | From **10.00 hrs. on 22.01.2025 to 17.30 hrs. on 11.02.2025** |
| 9 | Date & time of pre-bid conference | On **28.01.2025 at 11.30 A.M.** in Office of the C.E. & B.M., I & K Basin, Bariniput, Jeypore, Dist.: Koraput |
| 10 | Date & time of online bid submission | From **10.00 hrs.** on **22.01.2025** to **17.30 hrs.** on **11.02.2025** |
| 11 | Date & time of opening of technical bid | **11.30 hrs. on 12.02.2025** in Office of the Chief Engineer & Basin Manager, Indravati & Kolab Basin, Bariniput, Jeypore, Dist.: Koraput |
| 12 | Date & time of opening of financial bid | To be intimated to the qualified bidder(s) after approval of Teechnical Bid(s) |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum / corrigendum / cancellation if any required will be published in Govt. website only.

Sd./- Chief Engineer & Basin Manager
Indravati & Kolab Basin, Bariniput
OIPR-32456/11/0001/2425

Odisha Livelihoods Mission
Department of Mission Shakti, Government of Odisha
SIRD & PR Campus, Unit-VIII, Bhubaneswar - 751012, Odisha
Tel : (0674) 2560166/2560126, E-mail : smmu.olm@gmail.com
Notice No. : 76/25 Date : 16.01.2025

TENDER CALL NOTICE
REQUEST FOR PROPOSAL FOR
"HIRING OF AGENCY FOR PROVIDING MANPOWER SERVICES TO ODISHA LIVELIHOODS MISSION, DEPARTMENT OF MISSION SHAKTI"

**No.g-159** : Odisha Livelihoods Mission (OLM), Mission Shakti Department, Govt. of Odisha invites sealed Tenders from eligible agencies/ Bidder **for Providing Manpower Services to Odisha Livelihoods Mission**, Bhubaneswar. Bidders fulfilling the prescribed eligibility criteria of the tender can access and download the complete bid Document and other details from https://missionshakti.odisha.gov.in/.
The bid calendars under the end-to-end process are :

| Sl. No. | Critical Events | Time Line |
|---|---|---|
| 1 | Date of Issue of RFP | **20/01/2025** |
| 2 | Submission of Pre-Bid Queries | **27/01/2025, 3.30 P.M.** |
| 3 | Pre-Bid Meeting | **27/01/2025, 4.30 P.M.** |
| 4 | Issue of Pre-Bid Clarifications | **30/01/2025, by 5.30 P.M.** |
| 5 | Last Date and Time for Submission of Bid | **10/02/2025 up to 3.30 P.M.** |
| 6 | Opening of Technical Bid | **10/02/2025 up to 4.00 P.M.** |
| 7 | Opening of Financial Bid | **To be intimated later on** |

The proposal complete in all respects must reach at **State Mission Director, Odisha Livelihoods Mission, SIRD & PR Campus, Unit-VIII, Bhubaneswar-751012** by Speed Post/ Registered Post/ Courier only latest by 10th Feb 2025, 3:30 P.M. in a sealed envelope clearly mentioning on the top of it **"Hiring of Agency For Providing Manpower Services to Odisha Livelihoods Mission, Department of Mission Shakti"**. The proposals received beyond the last date and time will be rejected. In case of any Addendum/ Clarification/ Corrigendum/ Extension regarding this tender, the same will be published in the above-mentioned official websites only. The authority reserves the right to reject any/all proposals without any reason thereof.

Sd./- State Mission Director
Odisha Livelihoods Mission
OIPR-48002/11/0005/2425

See Career Appointment on every Wednesday & Saturday

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – 751001, ଓଡ଼ିଶା

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଖ୍ୟାତିସମ୍ପନ୍ନ ତଥା ଅନୁଭବୀ ସଂସ୍ଥାମାନଙ୍କଠାରୁ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଫିସର୍ସ ଲାଉଞ୍ଜ ଆଣ୍ଡ ଡାଇନିଙ୍ଗ ରୁମ୍ (ଓଏଲ୍‌ଡିଆର୍), ଷ୍ଟାଫ୍ କ୍ୟାଣ୍ଟିନ୍‌ରେ କ୍ୟାଟରିଂ ସେବା ଏବଂ ଟି ପ୍ୟାଣ୍ଟ୍ରିର ସଞ୍ଚାଳନ ପାଇଁ ଦୁଇ ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି। ପ୍ରତିଷ୍ଠିତ ଏବଂ ପ୍ରାସଙ୍ଗିକ ଅଭିଜ୍ଞତା ଥିବା ଆଗ୍ରହୀ କମ୍ପାନୀ/ସଂସ୍ଥାଗୁଡ଼ିକ ଅଧିକ ବିବରଣୀ ପାଇଁ ଆରବିଆଇର ୱେବ୍‌ସାଇଟ୍ **(www.rbi.org.in)**ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରିପାରିବେ କିମ୍ବା ମାନବ ସମ୍ବଳ ପରିଚାଳନା ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **(https://www.mstcecommerce.com/eprocn)**ରେ ଇ-ଟେଣ୍ଡରର ଆବେଦନର ଶେଷ ତାରିଖ ଫେବୃଆରୀ ୧୭, ୨୦୨୫ ଅପରାହ୍ନ ୦୩ଟା ପର୍ଯ୍ୟନ୍ତ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

**'ଗଙ୍ଗାଧର ଗ୍ରନ୍ଥାବଳୀ' ଶୁଭ ଉନ୍ମୋଚନ ଉତ୍ସବ**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ସ୍ୱର୍ଗତ ପଣ୍ଡିତ ଗଙ୍ଗାଧର ଦାସଙ୍କ 'ଗଙ୍ଗାଧର ଗ୍ରନ୍ଥାବଳୀ' ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ସାମାଜିକ କର୍ମୀ ଶରତ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓ କୃଷି ବିଶ୍ୱବିଦ୍ୟାଳୟର ଡିନ୍ ଡ. ସୁସେନ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିବା ସହ ପୁସ୍ତକରେ ସ୍ଥାନ ପାଇଥିବା ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଓ ଭାଷା ସାହିତ୍ୟ ଗବେଷକ ସୀତୁ ପ୍ରକାଶ ରଥ ଓ ଡ. ସରୋଜ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆବାହକ ରବିନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଧାରଣା

**କଟକ,୧୯।୧(ଶିକ୍ଷା ପ୍ରିୟଦର୍ଶିନୀ)**

## ଏସ୍‌ସିବିରେ ପ୍ରଥମ ହାପଲୋ ଅସ୍ଥିମଜ୍ଜା ପ୍ରତିରୋପଣ ରୋଗୀଙ୍କ ମୃତ୍ୟୁ ଘଟଣା




**ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ପରିବାର ଲୋକେ**

ଏସ୍‌ସିବି ମେଡିକାଲ ହେମାଟୋଲୋଜି ବିଭାଗ ଡାକ୍ତରଙ୍କ ଦ୍ୱାରା ୨୦୨୪ ଜାନୁଆରୀ ୯ରେ ପ୍ରଥମଥର ପାଇଁ ହାପଲୋ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଥିଲା। ହେଲେ ଏହାର ୧୦ ଦିନ ପରେ ଅର୍ଥାତ୍ ୧୯ ତାରିଖରେ ଅସ୍ଥିମଜ୍ଜା ପ୍ରତିରୋପିତ ରୋଗୀ ଖୋର୍ଦ୍ଧା ଜିଲା କଣ୍ଟାମାଳିମ ଅଞ୍ଚଳର ଶୁଭ୍ରାଂଶୁ ସାହୁ(୧୯)ଙ୍କର ଆକସ୍ମିତ ମୃତ୍ୟୁ ଘଟିଥିଲା। ଶୁଭ୍ରାଂଶୁଙ୍କ ମୃତ୍ୟୁକୁ ରବିବାର ୧ ବର୍ଷ ପୂରଣ ହୋଇଥିବାବେଳେ କାଜୁଆଲ୍‌ଟି ନିକଟରେ ତାଙ୍କ ପରିବାର ଲୋକେ ଧାରଣା ଦେଇଥିଲେ। ହେମାଟୋଲୋଜି ବିଭାଗର ବରିଷ୍ଠ ଡାକ୍ତର ପ୍ରଥମଥର ଏଭଳି ପରୀକ୍ଷାମୂଳକ ଭାବେ ଅସ୍ତ୍ରୋପଚାର କରିବା ଓ ଚିକିତ୍ସା ଅବହେଳାରୁ ଶୁଭ୍ରାଂଶୁଙ୍କ ମୃତ୍ୟୁ ଘଟିଥିବାବେଳେ ମେଡିକାଲ କର୍ତ୍ତୃପକ୍ଷ ମୃତ୍ୟୁର କାରଣ ଭୁଲ୍ ଦର୍ଶାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

ସୂଚନା ଅନୁଯାୟୀ, ଶୁଭ୍ରାଂଶୁ ୨୦୧୬ରେ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହୋଇଥିଲେ। ୨୦୧୯ରେ ସେ କର୍କଟରୁ ଆରୋଗ୍ୟଲାଭ କରିଥିଲେ। ଏହାର ୨ବର୍ଷ ପରେ ପୁଣି କର୍କଟ ରୋଗରେ ଆକ୍ରାନ୍ତ ହେବାରୁ କେମୋଥେରାପି ବଦଳରେ ହାପଲୋ ଆଲୋଜେନିକ ପଦ୍ଧତିରେ ଶୁଭ୍ରାଂଶୁଙ୍କର ଅସ୍ଥିମଜ୍ଜା ପ୍ରତିରୋପଣ କରିବାକୁ ହେମାଟୋଲୋଜି ବିଭାଗର ଡାକ୍ତର ନିଷ୍ପତ୍ତି ନେଇଥିଲେ। ଶୁଭ୍ରାଂଶୁଙ୍କ ସାନଭାଇ ପ୍ରଭୁଦତ୍ତ ଷ୍ଟେମ୍‌ସେଲ୍ ଦେବାକୁ ସମ୍ମତି ଜଣାଇବାରୁ ତାଙ୍କର ସମସ୍ତ ପରୀକ୍ଷା କରାଯାଇଥିଲା। ପ୍ରଭୁଦତ୍ତଙ୍କ ହ୍ୟୁମାନ ଲ୍ୟୁକୋସାଇଟ ଆଣ୍ଟିଜେନ୍ସ (ଏଚ୍ଏଲଏ) ଶୁଭ୍ରାଂଶୁଙ୍କ ଏଚ୍ଏଲ୍ଏ ସହିତ ୫୦ ପ୍ରତିଶତ ମେଳ ଖାଇବାରୁ ହାପଲୋ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ ହୋଇଥିଲା। ମାତ୍ର ପ୍ରତିରୋପଣର ୧୦ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁଭ୍ରାଂଶୁ ହୃଦ୍‌ଘାତର ଶିକାର ହେବା ସହ ବାଥ୍‌ରୁମ୍‌ରେ ପଡିଯାଇଥିଲେ ବୋଲି ମେଡିକାଲର ଡାକ୍ତର କହିଥିଲେ। ଏହାବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣଜନିତ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ତାଙ୍କର ମୃତ୍ୟୁ ଘଟି ନ ଥିବା ମେଡିକାଲ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ଶୁଭ୍ରାଂଶୁଙ୍କ ମୃତ୍ୟୁକୁ ନେଇ ଭିନ୍ନ ମତ ଦେବା ସହ ଘଟଣାର ତଦନ୍ତ ହେବ ବୋଲି ତତ୍କାଳୀନ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଥିଲେ। ହେଲେ ଏହାର ଠିକ୍ ତଦନ୍ତ ହୋଇପାରି ନାହିଁ। ଏ ସମ୍ପର୍କରେ ମେଡିକାଲ କୁଳସଚିବ ଡ. ଅବିନାଶ ରାଉତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଟ୍ୟାପ୍‌ରୁ ବାହାରୁଛି ଗୋଳିଆ ପାଣି

**କଟକ,୧୯।୧(ଶିକ୍ଷା ପ୍ରିୟଦର୍ଶିନୀ)**

**ଏସ୍‌ସିବି ମେଡିକାଲ**
**ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ**

ଏସ୍‌ସିବି ମେଡିକାଲ କାଜୁଆଲ୍‌ଟି ନିକଟରେ ଲାଗିଥିବା ଟ୍ୟାପ୍‌ରୁ ଗୋଳିଆ ପାଣି ବାହାରୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏ ସମ୍ପର୍କରେ ଜଣାପଡିବା ପରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ମେଡିକାଲକୁ ସ୍ୱଚ୍ଛ ରଖିବା ପାଇଁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ହେଲେ ଏସ୍‌ସିବି କାଜୁଆଲ୍‌ଟି ନିକଟ ଟ୍ୟାପ୍‌ରୁ ବାହାରୁଥିବା ଗୋଳିଆ ପାଣି ପିଇବାକୁ ରୋଗୀ ସମ୍ପର୍କୀୟ ବାଧ୍ୟ ହେଉଛନ୍ତି। ମେଡିକାଲର କୁଳସଚିବ ଡ. ଅବିନାଶ ରାଉତ କହିଛନ୍ତି, ଏ ସମ୍ପର୍କରେ ଜାଣିବା ମାତ୍ରେ ମେଡିକାଲର ବିଭିନ୍ନ ସ୍ଥାନରେ ଲାଗିଥିବା ଟ୍ୟାପ୍‌ରୁ ପିଇବା ପାଣି ଯାଞ୍ଚ କରାଯାଇଥିଲା। କାଜୁଆଲ୍‌ଟି ନିକଟ ସ୍ଥାନରେ ଭଙ୍ଗାଯାଇ କାମ ହେଉଥିବାରୁ ଟ୍ୟାପ୍‌ରୁ ଗୋଳିଆ ପାଣି ବାହାରୁଛି। ହେଲେ ଉକ୍ତ ସ୍ଥାନକୁ ବାଦ୍ ଦେଲେ ଅନ୍ୟସ୍ଥାନରେ ବିଶୁଦ୍ଧ ପାଣି ଆସୁଛି।

# କଟକରେ ପାଳନ ହେବ ପରାକ୍ରମ ଦିବସ

**କଟକ,୧୯।୧(ଶିକ୍ଷା ପ୍ରିୟଦର୍ଶିନୀ)**

କଟକରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଓ ପ୍ରଥମଥର ପରାକ୍ରମ ଦିବସ ପାଳନ ହେବ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ସଞ୍ଜୀବ ମିଶ୍ର, ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ରବିବାର ଅପରାହ୍ନରେ ନେତାଜୀ ସଂଗ୍ରହାଳୟ ଓ ସତ୍ୟବ୍ରତ ଷ୍ଟାଡିୟମ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଏହି ପରିଦର୍ଶନବେଳେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଆସନ୍ତା ୨୩ତାରିଖରେ ନେତାଜୀ ସଂଗ୍ରହାଳୟରେ ପୂର୍ବବର୍ଷ ଭଳି ସମସ୍ତ କାର୍ଯ୍ୟକ୍ରମ କରାଯିବ। ଅପରପକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମ ଏବଂ ଆର୍କୋଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ତତ୍ତ୍ୱାବଧାନରେ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସତ୍ୟବ୍ରତ ଷ୍ଟାଡିୟମରେ ପରାକ୍ରମ ଦିବସ ପାଳନ କରାଯିବ। ୩ ଦିନ ଧରି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ନେତାଜୀଙ୍କ ଜୀବନ କାହାଣୀକୁ ନେଇ ପୁସ୍ତକ, ଚିତ୍ରକଳା, ବାଲୁକା କଳା, ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନେତାଜୀଙ୍କ ଜୀବନୀକୁ ନେଇ ନାଟକ ପରିବେଷଣ କରାଯିବ। ଏହାକୁ ଦୃଷ୍ଟିରେ ରଖି ସତ୍ୟବ୍ରତ ଷ୍ଟାଡିୟମରୁ ଇନ୍‌ଡୋର ଷ୍ଟାଡିୟମ ପଟକୁ ସଂଯୋଗ କରୁଥିବା ରାସ୍ତା ସର୍ବସାଧାରଣ ନିମନ୍ତେ ସୋମବାରଠାରୁ ଆସନ୍ତା ୫ ଦିନ ପାଇଁ ବନ୍ଦ ରହିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବ୍ରିଗେଡିଅର, ଆଇଏନ୍ଏସ୍ ଯବାନ ଓ ସଦସ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ନେତାଜୀ ଜୟନ୍ତୀ ଓ ପରାକ୍ରମ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଅତିଥି ଭାବେ ଯୋଗଦେଇ ପାରନ୍ତି ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ସଞ୍ଜୀବ ମିଶ୍ର ଓ ଅନ୍ୟମାନେ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରୁଛନ୍ତି।

**ସ୍ଥିତି ସମୀକ୍ଷା କଲେ ସ୍ୱତନ୍ତ୍ର ସଚିବ, ନିର୍ଦ୍ଦେଶକ**

## ସଂକ୍ଷେପରେ

### ଗଣ୍ଡଗୋଳ, ୪ କୋର୍ଟ ଚାଲାଣ

**ଖୁଣ୍ଟୁଣୀ,୧୯।୧(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଧୁରୁଷିଆ ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୨ ଜଣ ଆହତ ହୋଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ ଉଭୟ ପରିବାରର ୪ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଧୁରୁଷିଆ ଗ୍ରାମର ସରୋଜିନୀ ସାହୁ ଓ ଚପଳା ରାଉତଙ୍କ ମଧ୍ୟରେ ଶନିବାର ରାତିରେ ସାମାନ୍ୟ ଘଟଣାକୁ ନେଇ ମାରପିଟ ହୋଇଥିଲା। ଏଥିରେ ସରୋଜିନୀଙ୍କ ପକ୍ଷରୁ କାହ୍ନୁ ଚରଣ ସାହୁ ଓ ଚପଳାଙ୍କ ପକ୍ଷରୁ ପୁରୁଷୋତ୍ତମ ରାଉତ ଆହତ ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ସରୋଜିନୀ ଓ ଚପଳା ଅଭିଯୋଗ କରିବା ପରେ ପୋଲିସ ୨ଟି ମାମଲା(ନଂ.୧୬,୧୭/୨୫) ରୁଜୁ କରିଛି। ଏଥିସହ ଗଣ୍ଡଗୋଳରେ ସମ୍ପୃକ୍ତ ଉଭୟ ପକ୍ଷରୁ ଜିତେନ୍ଦ୍ର ରାଉତ, କାହ୍ନୁ ଚରଣ ସାହୁ, ମୀନକେତନ ସାହୁ ଓ ସବ୍ୟସାଚୀ ସାହୁଙ୍କୁ ପୋଲିସ ଗିରଫ କରିଛି।

### ଗୋପାଳ ସ୍ମୃତି ବିଦ୍ୟାପୀଠର ୧୯୬୯ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

**କଟକ ସଦର,୧୯।୧ (ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠ ୧୯୬୯ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଅଥଗଡ଼ସ୍ଥିତ ମା' କୁଲେଇସୁଣୀଙ୍କ ପୀଠରେ ଅନୁଷ୍ଠିତ ବନ୍ଧୁମିଳନରେ ତ୍ରୈଲୋକ୍ୟ ନାଥ ଜେନା, ହେମନ୍ତ କୁମାର ଦାସ, ଲିଙ୍ଗରାଜ ହୋତା, ଗୌରାଙ୍ଗ ଶତପଥୀ, ପ୍ରଫୁଲ୍ଲ ଚନ୍ଦ୍ର କର, ରବୀନ୍ଦ୍ରନାଥ ଭୋଇ, ତ୍ରୈଲୋକ୍ୟ ନାଥ ରାଉତରାୟ, ସତ୍ୟଭାମା ବିଶ୍ୱାଳ, ଜାନକୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅବସରପ୍ରାପ୍ତ ପ୍ରଫେସର ହେମନ୍ତ କୁମାର ଦାସ ଶୁଭେଚ୍ଛା ଜଣାଇବା ପରେ ସମସ୍ତେ ସେମାନଙ୍କର ବିଦ୍ୟାଳୟ ଜୀବନର ସ୍ମୃତି ଅନୁଭୂତି ବଖାଣିଥିଲେ। ବର୍ତ୍ତମାନ ଶିକ୍ଷାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉନ୍ନତି ଏବଂ ଶିକ୍ଷାର ମାନଦଣ୍ଡ ବୃଦ୍ଧିରେ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ସରକାରଙ୍କୁ ସହଯୋଗ କରିବାକୁ ସମସ୍ତେ ଅଙ୍ଗୀକାରବଦ୍ଧ ହୋଇଥିଲେ। ପ୍ରଫେସର ଦାସ, ବିଜୟରାମ ବେଉରା ଏବଂ ଜାନକୀ ସ୍ୱାଇଁ କବିତା ପାଠ କରିଥିଲେ।



ଶ୍ରୀରାମଚନ୍ଦ୍ର ଭବନରେ ଭାଗ୍ୟଲିପି ପକ୍ଷରୁ ଜ୍ୟୋତିର୍ବିଜ୍ଞାନ, ପ୍ରାଚ୍ୟବିଦ୍ୟା ସମ୍ମିଳନୀରେ ପୁସ୍ତକ ଉନ୍ମୋଚନ କରାଯାଉଛି।

# 'ଋଷି ପ୍ରଣୀତ ସୂତ୍ରର ଉପଯୋଗ ଆବଶ୍ୟକ'

**କଟକ,୧୯।୧(କାର୍ତ୍ତିକ ସାହୁ)**

**ଭାଗ୍ୟଲିପି ପକ୍ଷରୁ ଜ୍ୟୋତିର୍ବିଜ୍ଞାନ, ପ୍ରାଚ୍ୟବିଦ୍ୟା ସମ୍ମିଳନୀ**

ମାସିକ ପତ୍ରିକା ଭାଗ୍ୟଲିପିର ୫୨ତମ ଏବଂ ଇଂଲିଶ ମାସିକ ପ୍ଲାନେଟ୍‌ସ ଆଣ୍ଡ୍ ଫୋରକାଷ୍ଟର ୪୪ତମ ବାର୍ଷିକ ଉତ୍ସବ ଅବସରରେ ଜ୍ୟୋତିର୍ବିଜ୍ଞାନ ଓ ପ୍ରାଚ୍ୟବିଦ୍ୟା ସମ୍ମିଳନୀ କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ସାରଳା ସାହିତ୍ୟ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ସମ୍ମିଳନୀକୁ ଉଦ୍‌ଘାଟନ କରି କହିଥିଲେ, ଭାଗ୍ୟଲିପି ଅନେକ ଲୋକଙ୍କର ଭାଗ୍ୟ ପରିବର୍ତ୍ତନ କରିଛି। ଭାଗ୍ୟଲିପିର ପ୍ରତିଷ୍ଠାତା ସ୍ୱର୍ଗତ ଡ. ନିମାଇଁ ବାନାର୍ଜୀ ଶାରଳା ମାଟିର ଅନ୍ୟତମ ବରପୁତ୍ର। ପିତାଙ୍କ ପଦାଙ୍କ ଅନୁସରଣ କରି ପତ୍ରିକା ଦୁଇଟିକୁ ପ୍ରକାଶ କରିବା ସହ ସମସ୍ତଙ୍କୁ ଏକତ୍ର କରି ଜ୍ୟୋତିଷ ସମ୍ମିଳନୀ କରୁଥିବାରୁ ଜ୍ୟୋତିର୍ବିଦ୍ ମିଲନ୍ ବାନାର୍ଜୀଙ୍କୁ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ବରିଷ୍ଠ ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁ ଯୁବ ଜ୍ୟୋତିଷୀଙ୍କୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ମାତୃ ସାଧନା ସହ ସ୍ୱର୍ଗତ ଡ. ବାନାର୍ଜୀଙ୍କ ଜ୍ୟୋତିଷ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଭାଗ୍ୟଲିପିର ସମ୍ପାଦକ ଜ୍ୟୋତିର୍ବିଦ୍ ମିଲନ୍ ବାନାର୍ଜୀ ଜ୍ୟୋତିର୍ବିଦ୍‌ମାନଙ୍କୁ ଜ୍ୟୋତିଷ ଶାସ୍ତ୍ର ନେଇ ଲୋକଙ୍କ ବର୍ତ୍ତମାନର ସମସ୍ୟା ସମାଧାନ କରିବା ପାଇଁ ଅତି ପ୍ରାଚୀନ ଜ୍ୟୋତିଷ ଶାସ୍ତ୍ରର ଋଷି ପ୍ରଣୀତ ସୂତ୍ରଗୁଡ଼ିକର ଉପଯୋଗ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସନ୍ନ୍ୟାସୀ ନିଗମାନନ୍ଦ, ପ୍ରାଧ୍ୟାପକ ବିରୁପାକ୍ଷ ରାୟ, ଭ୍ରାତୃକୁମାର ପ୍ରଫୁଲ୍ଲ, ଇଂ. ପ୍ରଦୀପ ପଟ୍ଟନାୟକ, ଯୋଗେଶ୍ୱର ସାହୁ, ଦୁର୍ଗା ପ୍ରସାଦ ରାୟ, ଦେବେନ୍ଦ୍ରନାଥ କର, ରଘୁନାଥ ଆଢ଼୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଜ୍ୟୋତିର୍ବିଦ୍ ଡ. ଅନ୍ନଦା ତ୍ରିପାଠୀଙ୍କ ପ୍ରଣୀତ ପୁସ୍ତକ 'ଏ ହୋଲିଷ୍ଟିକ ପରସ୍ପେକ୍ଟିଭ ଅନ୍ ଏଜୁକେଶନ ଆଣ୍ଡ୍ ଟିଚିଂ' ଉନ୍ମୋଚିତ ହୋଇଥିଲା। କାନ୍ତି ବାନାର୍ଜୀଙ୍କ ସ୍ମୃତିରେ ଆରତି ତ୍ରିପାଠୀ କବିତା ପାଠ କରିଥିଲେ। ଜ୍ୟୋତିର୍ବିଦ୍ ଅନ୍ନଦା ତ୍ରିପାଠୀ ଅତିଥି ପରିଚୟ ଏବଂ ବିକାଶ ବାନାର୍ଜୀ ଧନ୍ୟବାଦ ଦେଇଥିଲେ।


**ପୂର୍ବତଟ ରେଳପଥ**

e-Tender Notice No.: ST-SBP-TENDER-2025-01-, ତା.11.01.2025 ରିଖ

| | |
|---|---|
| କାର୍ଯ୍ୟର ନାମ: | ବାର ମାସର ଅବଧି ନିମନ୍ତେ ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳରେ SSE/TELE/ ରେଢାଖୋଲ କ୍ଷେତ୍ରାଧିକାର ଅଧୀନସ୍ଥ କଣ୍ଟ୍ରୋଲ୍ ସେକ୍ସନ୍‌ରେ ଟେଲିକମ୍ ଜୋନାଲ୍ କାର୍ଯ୍ୟ। |
| ଟେଣ୍ଡର ମୂଲ୍ୟ : | ଟ.61,29,929.40 |
| ବିଡ୍ ସିକ୍ୟୁରିଟି: | ଟ. 1,22,600/- |
| ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : | ତା. 03.02.2025 ରିଖ 1100 ଘଣ୍ଟିକାରେ |

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍: www.ireps.gov.in. ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବ୍‌ସାଇଟ୍ : www.ireps.gov.in

ମଣ୍ଡଳ ସିଗ୍ନାଲ ଏବଂ ଟେଲିକମ୍ ଯନ୍ତ୍ରୀ (Tele), ସମ୍ବଲପୁର

PR-892/P/24-25

**O/O CHIEF DISTRICT MEDICAL & PUBLIC HEALTH OFFICER**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION, NABARANGPUR**
e-mail : dhionab@gmail.com(06858-222057)

Tender No : 559/NHM/NGP    Date : 18.01.2025

**No.E-690** : Sealed tenders are invited from registered, reputed and experienced Agencies /Firms/ Individuals for providing the following requirements under two (02) categories. A) All type of Printing Works,. B) Supply of Food. Bidders may send their complete bid in double cover system (Technical & Financial). Bidders may apply for all or any of the above categories in separate envelopes only. Combined bids will not be considered. Category of supply must be superscribed in the top of the Bid envelope and addressing clearly to the CDM&PHO, Nabarangpur. Tender documents is to be downloaded from the District website www.nabarangpur.odisha.gov.in. Last date for receipt of Tender documents is 17.02.2025 by 5 P.M. only through Speed Post/Regd. Post/Courier only and the bids, so received will be opened on 18.02.2025 at 11.30 A.M. in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./-
CDM & PHO cum District Mission Director, NHM, Nabarangpur

OIPR-10081/11/0005/2425

**GOVERNMENT OF ODISHA**
**DEPARTMENT OF WATER RESOURCES**
Office of the Additional Chief Engineer,
Rushikulya Bahuda Basin, Berhampur - 760004
e-mail id : se_sicbam@yahoo.com
No.A-908

**e-Procurement Notice No. ACE, RBB - 11/2024-25**

1. Type of Work : Road work. 2. Total No. of Works : 02 (Two) No. 3. Amount put to tender : Varies from ₹ 503.81 Lakh to ₹ 362.18 Lakh. 4. Period of completion : 11 (Eleven) calendar months. 5. Paper Cost : ₹ 10,000/- per each. 6. Class of Contractor : 'A' class of contractor.

| Sl. No. | Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid on-line | Date and Place of opening of Technical Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Additional Chief Engineer, Rushikulya Bahuda Basin, Berhampur | ACE, RBB (CHID) - 22/2024-25 | 503.81 | From 22.01.2025, 10.00 A.M. to 06.02.2025, 5.00 P.M. | 07.02.2025 (11.30 A.M.) in the office of the Additional Chief Engineer, Rushikulya Bahuda Basin, Berhampur |
| 2 | | ACE, RBB (CHID) - 23/2024-25 | 362.18 | | |

Bidders are to participate in online bidding only. Further details can be seen from the Govt. of Odisha e-Procurement Website www.tendersorissa.gov.in. Any addendum/corrigendum/cancellation of the tender can be seen in the above website only.

Sd./- Additional Chief Engineer, Rushikulya Bahuda Basin, Berhampur

OIPR-32411/11/0017/2425

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD**
Email address: semech-eicwr.od@nic.in
E-Procurement Notice - Bid Identification No. ACEMC/MDRGL: 01/2024-25 dt.10.01.2025
No.A-890

| | | |
|---|---|---|
| 1 | Name of the work | Mechanical Gate Works of Head Works Division, Samal & Rengali Dam Division, Rengali |
| 2 | No. of work | 02 (Two) Nos. |
| 3 | Category of executors | SSI Units registered under DIC/NSIC/ MSME for Irrigation Shutters / Hydro Mechanical Gates |
| 4 | Bid Identification No. | ACEMC/MDRGL: 01/2024-25 dt. 10.01.2025 |
| 5 | Estimated cost | 11.62 lakh to 12.63 lakh (Excluding GST) |
| 6 | Period of completion | Two calendar months each |
| 7 | Date & time of availability of bid documents in the portal | From dt.24.01.2025 (10.00 A.M.) to dt.06.02.2025 (5.30 P.M.) |
| 8 | Last date / time for receipt of bid | Dt.06.02.2025 (Upto 5.30 P.M.) in the portal |
| 9 | Date and place of opening of bid | Dt.07.02.2025, 11.00 A.M. onwards in O/o the undersigned |
| 10 | Name of the officer inviting bids | Additional Chief Engineer, Mechanical Circle, Hirakud |

Further details can be seen only from e-procurement portal https://tendersodisha.gov.in

Sd./-Additional Chief Engineer, Mechanical Circle, Hirakud

OIPR-32344/11/0001/2425

**OFFICE OF THE CHIEF ENGINEER & BASIN MANAGER**
**INDRAVATI & KOLAB BASIN**
**BARINIPUT (JEYPORE), DIST.: KORAPUT, PIN-764006**
E-mail Id: cebmikb@gmail.com    No.A-919

**e- PROCUREMENT NOTICE NO. CEBMIKB-01/2024-25**

No.239    Dated: 17.01.2025

| | | |
|---|---|---|
| 1 | No. of work | 01 (One) No. |
| 2 | Value of work | Rs.3487.875 lakhs (Excluding GST) |
| 3 | Bid security / EMD | Rs.34,87,900/- |
| 4 | Class of contractor | 'Super' Class & 'Special' Class |
| 5 | Period of completion | 24 (Twenty four) calendar months |
| 6 | Type of contract | Percentage rate (Double cover) |
| 7 | Cost of tender paper | Rs.10,000/- (Non refundable) |
| 8 | Availability of tender online for bidding | From **10.00 hrs. on 22.01.2025 to 17.30 hrs. on 11.02.2025** |
| 9 | Date & time of pre-bid conference | On **28.01.2025 at 11.30 A.M.** in Office of the C.E. & B.M., I & K Basin, Bariniput, Jeypore, Dist.: Koraput |
| 10 | Date & time of online bid submission | From **10.00 hrs.** on **22.01.2025** to **17.30 hrs.** on **11.02.2025** |
| 11 | Date & time of opening of technical bid | **11.30 hrs. on 12.02.2025** in Office of the Chief Engineer & Basin Manager, Indravati & Kolab Basin, Bariniput, Jeypore, Dist.: Koraput |
| 12 | Date & time of opening of financial bid | To be intimated to the qualified bidder(s) after approval of Teechnical Bid(s) |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum / corrigendum / cancellation if any required will be published in Govt. website only.

Sd./- Chief Engineer & Basin Manager, Indravati & Kolab Basin, Bariniput

OIPR-32456/11/0001/2425

**Odisha Livelihoods Mission**
Department of Mission Shakti, Government of Odisha
SIRD & PR Campus, Unit-VIII, Bhubaneswar - 751012, Odisha
Tel : (0674) 2560166/2560126, E-mail : smmu.olm@gmail.com

Notice No. : 76/25    Date : 16.01.2025

**TENDER CALL NOTICE**
**REQUEST FOR PROPOSAL FOR**
**"HIRING OF AGENCY FOR PROVIDING MANPOWER SERVICES TO ODISHA LIVELIHOODS MISSION, DEPARTMENT OF MISSION SHAKTI"**

**No.g-159** : Odisha Livelihoods Mission (OLM), Mission Shakti Department, Govt. of Odisha invites sealed Tenders from eligible agencies/ Bidder **for Providing Manpower Services to Odisha Livelihoods Mission**, Bhubaneswar. Bidders fulfilling the prescribed eligibility criteria of the tender can access and download the complete bid Document and other details from https://missionshakti.odisha.gov.in/.
The bid calendars under the end-to-end process are :

| Sl. No. | Critical Events | Time Line |
|---|---|---|
| 1 | Date of Issue of RFP | **20/01/2025** |
| 2 | Submission of Pre-Bid Queries | **27/01/2025, 3.30 P.M.** |
| 3 | Pre-Bid Meeting | **27/01/2025, 4.30 P.M.** |
| 4 | Issue of Pre-Bid Clarifications | **30/01/2025, by 5.30 P.M.** |
| 5 | Last Date and Time for Submission of Bid | **10/02/2025 up to 3.30 P.M.** |
| 6 | Opening of Technical Bid | **10/02/2025 up to 4.00 P.M.** |
| 7 | Opening of Financial Bid | **To be intimated later on** |

The proposal complete in all respects must reach at **State Mission Director, Odisha Livelihoods Mission, SIRD & PR Campus, Unit-VIII, Bhubaneswar-751012** by Speed Post/ Registered Post/ Courier only latest by 10th Feb 2025, 3:30 P.M. in a sealed envelope clearly mentioning on the top of it **"Hiring of Agency For Providing Manpower Services to Odisha Livelihoods Mission, Department of Mission Shakti"**. The proposals received beyond the last date and time will be rejected. In case of any Addendum/ Clarification/ Corrigendum/ Extension regarding this tender, the same will be published in the above-mentioned official websites only. The authority reserves the right to reject any/all proposals without any reason thereof.

Sd./- State Mission Director, Odisha Livelihoods Mission

OIPR-48002/11/0005/2425

See Career Appointment on every Wednesday & Saturday

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – 751001, ଓଡ଼ିଶା

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଖ୍ୟାତିସମ୍ପନ୍ନ ତଥା ଅନୁଭବୀ ସଂସ୍ଥାମାନଙ୍କଠାରୁ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଫିସର୍ସ ଲାଉଞ୍ଜ ଆଣ୍ଡ ଡାଇନିଙ୍ଗ ରୁମ୍ (ଓଏଲ୍‌ଡିଆର୍), ଷ୍ଟାଫ୍ କ୍ୟାଣ୍ଟିନ୍‌ରେ କ୍ୟାଟରିଂ ସେବା ଏବଂ ଟି ପ୍ୟାଣ୍ଟ୍ରିର ସଞ୍ଚାଳନ ପାଇଁ ଦୁଇ ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି। ପ୍ରତିଷ୍ଠିତ ଏବଂ ପ୍ରାସଙ୍ଗିକ ଅଭିଜ୍ଞତା ଥିବା ଆଗ୍ରହୀ କମ୍ପାନୀ/ସଂସ୍ଥାଗୁଡ଼ିକ ଅଧିକ ବିବରଣୀ ପାଇଁ ଆରବିଆଇର ୱେବ୍‌ସାଇଟ୍ **(www.rbi.org.in)**ରେ ''ଟେଣ୍ଡର'' ବିଭାଗ ପରିଦର୍ଶନ କରିପାରିବେ କିମ୍ବା ମାନବ ସମ୍ବଳ ପରିଚାଳନା ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **(https://www.mstcecommerce.com/eprocn)**ରେ ଇ–ଟେଣ୍ଡରର ଆବେଦନର ଶେଷ ତାରିଖ ଫେବୃଆରୀ ୧୭, ୨୦୨୫ ଅପରାହ୍ନ ୦୩ଟା ପର୍ଯ୍ୟନ୍ତ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୧।୨୦୨୫

| | |
|---|---|
| ୬,୫୮,୦୯୧ ଟଙ୍କା | |
| ସୁନା | ୦.୭୫୦ ଗ୍ରାମ୍ |
| ରୁପା | ୨୭.୪୫୦ ଗ୍ରାମ୍ |

# ମୋବାଇଲ୍ ଟର୍ଚ୍ଚରେ ଚାଲିଛି ଅସ୍ତରଙ୍ଗ ଥାନା

ଅସ୍ତରଙ୍ଗ,୧୭।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସରକାର ପରିବର୍ତ୍ତନ ପରେ କେବଳ ନୂତନ ସରକାର ରଙ୍ଗ ବଦଳାଇବା ଚାଲିଥିବା ବେଳେ ବାସ୍ତବ ଘଟଣା ସାମ୍ନାକୁ ଆସିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଥାନାକୁ ମଡେଲ୍ ଥାନା କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। କିନ୍ତୁ ସରକାର ବଦଳିବା ପରେ ନୂତନ ସରକାର ଆସିବା ପରେ ମଡେଲ ଥାନାର ରଙ୍ଗ ପରିବର୍ତ୍ତନ କରି ଡିସେମ୍ବର ୧୬ରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଥିଲେ। କିନ୍ତୁ କୋଟି କୋଟି ଟଙ୍କାରେ ନିର୍ମିତ ଅସ୍ତରଙ୍ଗ ଥାନାରେ ମୋବାଇଲ୍ ଟର୍ଚ୍ଚରେ କାର୍ଯ୍ୟ ଚାଲିଛି।

ସୂଚନାଯୋଗ୍ୟ, ଲୋକମାନଙ୍କୁ ସବୁପ୍ରକାର ପୋଲିସ ସେବା ଯୋଗାଇଦେବା ପାଇଁ ନବନିର୍ମିତ ଥାନାରେ ଅତ୍ୟାଧୁନିକ ସୁବିଧା ରହିଛି। ୨୦୦୯ରେ ଅସ୍ତରଙ୍ଗ ଥାନାର ମାନ୍ୟତା ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୧-୨୨ରେ ଓପିଏଚ୍‌ଡବ୍ଲ୍ୟୁସି ପକ୍ଷରୁ ୨କୋଟି ୨୮ଲକ୍ଷ ୧୩ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ୮୦୬୩ ବର୍ଗ କ୍ଷେତ୍ରଫଳ ବିଶିଷ୍ଟ ୩ ମହଲା ବିଶିଷ୍ଟ ଏହି ନୂତନ କୋଠାରେ ତଳ ମହଲାରେ ଅଭ୍ୟର୍ଥନା ପ୍ରକୋଷ୍ଠ, ଡିସିଓ ରୁମ୍, ମୁଖ୍ୟ ଫାଟକ ନିକଟରେ ଥାନାଧିକାରୀଙ୍କ ପ୍ରକୋଷ୍ଠ,



ଅତିରିକ୍ତ ଥାନାଧିକାରୀ ପ୍ରକୋଷ୍ଠ, ମହିଳା ଓ ଶିଶୁ ଡେସ୍କ, ରେକର୍ଡ ରୁମ୍, ମାଲଖାନା, ସ୍ୱତନ୍ତ୍ର ପୁରୁଷ ଏବଂ ମହିଳା ହାଜତ, ଅସ୍ତ୍ରାଗାର ଡିସିଓ ପ୍ରକୋଷ୍ଠ ଅନ୍ୟାନ୍ୟ ଅଧିକାରୀଙ୍କ ଲାଗି ୮ଟି କ୍ୟାବିନ୍ ଗୃହ, ମହିଳା, ପୁରୁଷ ଓ ଦିବ୍ୟାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା ରହିଛି।

ଅସ୍ତରଙ୍ଗ ଥାନାରେ ଲାଇନ୍ କଟିଲେ ଥାନା ଅନ୍ଧକାରମୟ ହେଉଛି। ଘଣ୍ଟା ଘଣ୍ଟା ଧରି କର୍ମଚାରୀମାନେ ମୋବାଇଲ୍ ଟର୍ଚ୍ଚ ଲାଇଟ୍‌ରେ କାମ କରୁଛନ୍ତି। ଅଭିଯୋଗ କରିବାକୁ ଆସୁଥିବା ଅଭିଯୋଗକାରୀ ମୋବାଇଲ୍ ଟର୍ଚ୍ଚରେ ଅଭିଯୋଗ ଲେଖୁଛନ୍ତି। ମହିଳାମାନେ ଥାନା ପରିସରରେ ଅନ୍ଧାରରେ ବସି ରହୁଛନ୍ତି। ସିସିଟିଭି ଚାଲୁନାହିଁ କି ଲାଇନ୍ କଟିଗଲେ କମ୍ପ୍ୟୁଟର ଚାଲୁନାହିଁ। ଏହି ଅନ୍ଧାରର ସୁଯୋଗ ନେଇ କେତେବେଳେ କୌଣସି ଅଘଟଣ ଘଟିପାରେ। ପ୍ରଶ୍ନ ଉଠୁଛି, ସରକାର ପରିବର୍ତ୍ତନ ପରେ ଥାନାର ରଙ୍ଗ ପରିବର୍ତ୍ତନ ହୋଇଗଲା, ଅଥଚ ଥାନାର ଭିତ୍ତିଭୂମି ନ ସଜାଡ଼ି ଉଦ୍‌ଘାଟନ ହେଲା।

### ବଦଳିଲା ରଙ୍ଗ, ବଦଳିଲାନି ଭିତ୍ତିଭୂମି

ଉଦ୍‌ଘାଟନକୁ ମାସେ ବିତିଯାଇଥିଲେ ମଧ୍ୟ ପୋଲିସ କର୍ମଚାରୀ ବିଦ୍ୟୁତ୍ କଟିଗଲେ ଅନ୍ଧାରରେ ବସୁଛନ୍ତି ନଚେତ ମୋବାଇଲ୍ ଟର୍ଚ୍ଚରେ କାମ କରୁଛନ୍ତି।

ଏ ନେଇ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ତଥା ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡ଼ା କହିଛନ୍ତି, ଦୁଃଖର ବିଷୟ ଲାଇନ୍ କଟିଗଲେ ଆଲୋକୀକରଣ ବ୍ୟବସ୍ଥା ନାହିଁ, ସିସିଟିଭି ମଧ୍ୟ ଚାଲୁନାହିଁ, ଉପରିସ୍ଥ ଅଧିକାରୀ ଏହାକୁ ଧ୍ୟାନ ଦେବାକୁ ଦାବି କରିଛନ୍ତି। ଲୋକ ପ୍ରତିନିଧି ରାମଚନ୍ଦ୍ର ନାୟକ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥାନାଗୁଡ଼ିକ ଭିତ୍ତିଭୂମି ସୁଦୃଢ଼ ପାଇଁ ମଡେଲ ଥାନା ନିର୍ମାଣ କରିଥିଲେ, ନୂତନ ସରକାର ଏଥିପ୍ରତି ଧ୍ୟାନ ଦିଅନ୍ତୁ। ଅସ୍ତରଙ୍ଗ ଥାନାରେ ୨୪ଘଣ୍ଟିଆ ଆଲୋକୀକରଣ ସହ ଭିତ୍ତିଭୂମି ସୁଦୃଢ଼ କେବେ ହେବ ତାହାକୁ ହିଁ ଅପେକ୍ଷା। ଏ ନେଇ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ କହିଛନ୍ତି, ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ, ବଡ଼ କୋଠା ହୋଇଥିବାରୁ ତାହା ମଧ୍ୟରେ ଏକ ସବ୍‌ଷ୍ଟେସନ ବସିବ।

# ଖାଡ଼ାବାନ୍ତି ପରିସ୍ଥିତି ଅଣାୟତ: ଆଉ ଜଣେ ମୃତ



କଣାସ,୧୯।୧(ବିଭୁତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତର ନୂଆଗାଁ ଗ୍ରାମରେ ୧୭ ଦିନ ତଳେ ଖାଡ଼ାବାନ୍ତି ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଉକ୍ତ ଗ୍ରାମରୁ ୩ଜଣଙ୍କ ମୃତ୍ୟୁ ହୋଇଛି। ନଈକୂଳପାଟଣାର ଗୁରେଇ ସେଠୀ (୬୧)ଙ୍କର ଶନିବାର ମୃତ୍ୟୁ ଘଟିଛି। ରବିବାର ଉପଜିଲାପାଳ ରାଜକିଶୋର ଦାସ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରୂପଭାନୁ ମିଶ୍ର, ଅତିରିକ୍ତ ଚିକିତ୍ସାଧିକାରୀ ଗିରିଜା ଶଙ୍କର ରଥ, କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ଗ୍ରାମ୍ୟ ଜଳଯୋଗାଣ ବିଭାଗ ମୁଖ୍ୟ ଯନ୍ତ୍ରୀ ଜୟନାରାୟଣ ସିଟ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସୁରେଶ କୁମାର ବେହେରାଙ୍କ ସମେତ ବହୁ ଅଧିକାରୀ ନୂଆଗାଁ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଯୋଗାଇଦେବା ପାଇଁ ମୁଖ୍ୟଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତତ୍‌ସହିତ ବିଧାୟକଙ୍କ ଧର୍ମପତ୍ନୀ, ପୂର୍ବତନ ସତ୍ୟବାଦୀ ବିଧାୟକ ରମାରଞ୍ଜନ ବଳିଆରସିଂହ, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲାପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ଭାଜପା ବରିଷ୍ଠ ନେତା କୃଷ୍ଣ ଜଗଦ୍ଦେବ, ଭାଜପା ଯୁବନେତା କାମାକ୍ଷା ପ୍ରଧାନ ଉକ୍ତ ଖାଡ଼ାବାନ୍ତି ବ୍ୟାପିଥିବା ଗ୍ରାମ ବୁଲି ଦେଖିଛନ୍ତି। ନୂଆଗାଁ ଗ୍ରାମରେ ୭ଦିନ ପାଇଁ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ପାଇଁ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଗିରିଜା ଶଙ୍କର ରଥ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଯାଏ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ନାହିଁ।

## ସଂକ୍ଷେପରେ

### ଦୋକାନରୁ ଶିଶୁ ଶ୍ରମିକ ଉଦ୍ଧାର

ପୁରୀ,୧୯।୧(ଅଜିତ୍ କୁମାର ମହାନ୍ତି)

ଏକ ଦୋକାନରେ କାମ କରୁଥିବା ଜଣେ ଶିଶୁ ଶ୍ରମିକଙ୍କୁ ପିପିଲି ପୋଲିସ, ରୁଚିକା ସମାଜ ମଙ୍ଗଳ ସଂଗଠନ ଏବଂ ଚାଇଲ୍ଡ ହେଲ୍ପ ଲାଇନ୍‌ର ମିଳିତ ସହାୟତାରେ ଉଦ୍ଧାର କରାଯାଇ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି। ତାଙ୍କର ବୟସ ପ୍ରାୟ ୧୪ ବର୍ଷ ହେବ। ସୂଚନା ଅନୁଯାୟୀ, ବିହାରରୁ ଜଣେ ଶିଶୁ ଆସି ନିଜ ଶିକ୍ଷାଗତ ଅଧିକାର ହରାଇ ସମ୍ପର୍କୀୟ ଭାଇଙ୍କ ଦ୍ୱାରା ପିପିଲି ବାଇପାସ୍‌ଠାରେ ଏକ ଠେଲାଗାଡ଼ିରେ ଗୁପ୍‌ଚୁପ୍ ବେପାର କରୁଥିଲେ। ମାଲିକ ସମ୍ପୃକ୍ତ ଶିଶୁଙ୍କୁ ୧୦ ଘଣ୍ଟାରୁ ଅଧିକ ସମୟ କାମ କରାଉଥିଲେ, କିନ୍ତୁ କୌଣସି ପାରିଶ୍ରମିକ ଦେଉ ନ ଥିଲେ। ଏଭଳି ଖବର ପାଇବା ପରେ ସଂଗଠନର ସଦସ୍ୟମାନେ ପିପିଲି ପୋଲିସ ସହାୟତାରେ ସେଠାକୁ ଯାଇ ନାବାଳକଙ୍କୁ ଉଦ୍ଧାର କରିଥିଲେ। ଶିଶୁମାନଙ୍କୁ ଶ୍ରମିକ ଭାବେ କାର୍ଯ୍ୟରେ ଲଗାଇବା ଆଇନଗତ ଅପରାଧ ବୋଲି ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି କହିଛନ୍ତି। ଉଦ୍ଧାର ହୋଇଥିବା ନାବାଳକଙ୍କୁ ଶିଶୁଯତ୍ନ କେନ୍ଦ୍ରକୁ ପଠାଇ ଦିଆଯିବା ସହ ରୁଚିକା ସମାଜ ମଙ୍ଗଳ ସଂଗଠନ ପକ୍ଷରୁ ପିପିଲି ଥାନାରେ ଏତଲା ଦିଆଯାଇଛି ବୋଲି ତଟିନୀ ବିଶ୍ୱାଳ କହିଛନ୍ତି।

### ପ୍ରଗତି ତାଲିମ ଶିବିର ଉଦ୍‌ଯାପିତ

ପିପିଲି,୧୯।୧(ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ପିପିଲି ନୋଡାଲ୍ ହାଇସ୍କୁଲଠାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ଜଣ ପ୍ରଧାନଶିକ୍ଷକଙ୍କୁ ନେଇ ଚାଲିଥିବା ୩ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରକୁ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ନନ୍ଦ, ବ୍ଲକ ସହ ଶିକ୍ଷାଧିକାରୀ ସାହେବ ପାତ୍ର, ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ, ପୁରୀର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ରାମକୃଷ୍ଣ ଦାସ ଉଦ୍‌ଘାଟନ କରିଥିବା ବେଳେ ପ୍ରଶିକ୍ଷକ ଭାବେ ସିଆର୍‌ସିସି ଜନାର୍ଦ୍ଦନ ମଲ୍ଲିକ, କୃଷ୍ଣ ଚନ୍ଦ୍ର ମିଶ୍ର, ସବିତା ମିଶ୍ର ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଏଥିରେ ମୁଖ୍ୟତଃ ଜାତୀୟ ଶିକ୍ଷା ନୀତି ୨୦୨୦, ସାମଗ୍ରିକ ବିଦ୍ୟାଳୟ ବିକାଶ, ନେତୃତ୍ୱର ବିକାଶ, ଶୈଶବ ଯତ୍ନ ଓ ଶିକ୍ଷା, ଅନ୍ତର୍ନିବେଶୀ ଶିକ୍ଷା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

# କୃଷକଙ୍କ ସମସ୍ୟା ସମାଧାନ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ




ସାକ୍ଷୀଗୋପାଳ,୧୯।୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକସ୍ତରୀୟ ଧାନମଣ୍ଡି ଉଦ୍‌ଘାଟନ ସମାରୋହ ରବିବାର ପୂର୍ବାହ୍ନରେ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣ ସାକ୍ଷୀଗୋପାଳଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡାକ୍ତର ସମ୍ବିତ୍ ପାତ୍ର, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଅନ୍ୟତମ ଅତିଥି ଭାବେ ୩୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ୩୩ନଂ. ଜିଲା ପରିଷଦ ସଦସ୍ୟ ରତିକାନ୍ତ ମିଶ୍ର, ମଣ୍ଡଳ ଭାଜପା ସଭାପତି ସୁକାନ୍ତ କୁମାର ଜେନା, ପୁରୀ ଡିଆର୍‌ସିଏସ୍ ସୁନିତା ପତି, ଏଆର୍‌ସିଏସ୍ ସ୍ୱରୂପ କୁମାର କର, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ବିଡିଓ ଲିପ୍ସା ରାୟ, ଆର୍‌ଏମ୍‌ସି ସମ୍ପାଦକ ଜିତେନ୍ଦ୍ର କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଧାନର ମାନ ନିର୍ଣ୍ଣୟ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ନୂତନ ଆନାଲାଇଜର୍ ମେଶିନକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

ସମାବେଶରେ ମୁଖ୍ୟ ଅତିଥି ଏମ୍‌ପି କହିଥିଲେ, କୃଷକଙ୍କ ସମସ୍ୟା ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବଦା ଯତ୍ନବାନ୍ ରହିବା ସହ ସେମାନଙ୍କ ଆୟକୁ ବୃଦ୍ଧି କରାଯିବା ପାଇଁ ମୋଦି ଗ୍ୟାରେଣ୍ଟି କିଭଳି ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ ଯତ୍ନବାନ୍ ହେବାକୁ ସରକାରୀ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ମିଶ୍ର କହିଥିଲେ, ସତ୍ୟବାଦୀର ଏବେ ବି କୃଷକଙ୍କ ଅବସ୍ଥା ଶୋଚନୀୟ ହୋଇରହିଛି। ଧାନ ଜମିକୁ ଏବେ ବି ପାଣି ମାଡୁ ନ ଥିବାବେଳେ ଜଳ ନିଷ୍କାସନ ଅବସ୍ଥା ନ କହିବା ଭଲ। ତେଣୁ ବିଧାୟକ ଓ ସାଂସଦଙ୍କ ନିଜସ୍ୱ ଉଦ୍ୟମରେ ଏକ ବୈଷୟିକ ଦଳ ଗଠନ କରାଯାଇଛି। ଏହି ଦଳର ରିପୋର୍ଟ ଆଧାରରେ ଖୁବ୍‌ଶୀଘ୍ର ସତ୍ୟବାଦୀ ଓ କଣାସ ଅଞ୍ଚଳରେ ପ୍ରବାହିତ ନଦୀ ଓ କେନାଲଗୁଡ଼ିକର ପୁନରୁଦ୍ଧାର କରାଯିବ। ଏଥିପାଇଁ ଡିପିଆର୍ ପ୍ରସ୍ତୁତ ସରିଛି। ଅନ୍ୟତମ ଅତିଥି ରତିକାନ୍ତ ମିଶ୍ର, ବିଷ୍ଣୁପ୍ରିୟା ବରାଳ, ବିଡିଓ ଲିପ୍ସା ରାୟ, ସୁନିତା ପତି ପ୍ରମୁଖ ଉପସ୍ଥିତ ଥିଲେ। ଟୋକନ ସମସ୍ୟା ରହିଲେ ଟୋଲ୍ ଫ୍ରି ନମ୍ବର ଓ ନିକଟ ସୋସାଇଟିକୁ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭଗବାନ୍ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ୧୧ କେଭି ସଂସ୍ପର୍ଶରେ ଆସି ୫ ଗୋରୁ ମୃତ

ଯୋଗେଶ୍ୱରପୁର,୧୯।୧(ରଶ୍ମି ରଞ୍ଜନ ସାହୁ)

ସୋରଭା ପଞ୍ଚାୟତ ତିରୁଣା ମୌଜାରେ ୧୧କେଭି ସଂସ୍ପର୍ଶରେ ଆସି ୫ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବରପାଇ ନୟାହାଟ ଫାଣ୍ଡି ଅଧିକାରୀ ଅଶୋକ ବେହେରା ଓ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସଙ୍କେତ ବେହୁରା ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରିଥିଲେ। ମୃତ ଗୋରୁ ରମେଶ ଚନ୍ଦ୍ର ମହାନ୍ତି, ପ୍ରମୋଦ ବେହେରା, ସମୀର ସାହୁ, ଦୀପକ ବାରିକ ଓ ରଞ୍ଜିତ ସାହୁଙ୍କ ବୋଲି ଫାଣ୍ଡି ଅଧିକାରୀ ବେହେରା ପ୍ରକାଶ କରିଛନ୍ତି। ଏମାନଙ୍କୁ କ୍ଷତିପୂରଣ ଦେବା ପାଇଁ ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର ଓ ସୋରଭା ପଞ୍ଚାୟତର ଯୁବନେତା ଜ୍ୟୋତିରଞ୍ଜନ ନାୟକ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଜିଲାରେ ପ୍ରଥମକରି ଧାନକ୍ରୟ କରିବ ଗୋବିନ୍ଦା ଏସ୍‌ଏଚ୍‌ଜି



ପିପିଲି,୧୯।୧(ଦୁର୍ଗା ମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପୁରୀ ଜିଲା ସାତଶଙ୍ଖ ବଜାରଠାରେ ପ୍ରଥମ ଧାନ କ୍ରୟ କେନ୍ଦ୍ର ଖୋଲାଯାଇଛି। ଏହି ଅବସରରେ ଧାନମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ମମତା ବରାଳଙ୍କ ସଭାପତିତ୍ୱରେ ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ସ୍ଥାନୀୟ ସରପଞ୍ଚ ଅକ୍ଷୟ ବେହେରା, ସଭାନେତ୍ରୀ ଗୀତାଞ୍ଜଳି ସାହୁ, ନୋଡାଲ୍ ଅଫିସର ତଥା ଆର୍‌ଆଇ ଯଶୁଆପୁର ନମିତା ମଲ୍ଲିକ, ଭିଏଡବ୍ଲୁ ଚିତ୍ତରଞ୍ଜନ ନାୟକ, ପିଇଓ ସୁରେଶ ଚନ୍ଦ୍ର ଦାସ, ସାମାଜିକ କର୍ମୀ ଆଶିଷ ବରାଳ, ମାନ ନିର୍ଦ୍ଧାରଣ ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ସମେତ ମହିଳା ନେତ୍ରୀ ଲିପିକା ମହାପାତ୍ର ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ୧୧ଜଣ ଚାଷୀଙ୍କଠାରୁ ୩୦୦ କୁଇଣ୍ଟାଲ ଧାନ କିଣାଯାଇଥିବା ବେଳେ ମୋଟ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ୧୧୩ ଜଣ ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ନୟାହାଟ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

ଯୋଗେଶ୍ୱରପୁର,୧୯।୧ (ରଶ୍ମିରଞ୍ଜନ ସାହୁ)

ନୟାହାଟ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ରବିବାର ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଭୋଳାନାଥ ପାତ୍ର ସଭାପତିତ୍ୱ କରିବା ସହ ଆତ୍ମରକ୍ଷା କୌଶଳ ସମ୍ପର୍କରେ ବୁଝାଇଥିଲେ। ଶିବିର ସଂଯୋଜକ ଅଧ୍ୟାପକ ରତିକାନ୍ତ ଦାସ, ଅଧ୍ୟାପକ ଭାବଗ୍ରାହୀ ଜେନା, ଲକ୍ଷ୍ମୀଧର ସାମନ୍ତରାୟ, ରାଜକିଶୋର ଦାସ, ସଖିଲତା ନାୟକ, ପ୍ରିୟମ୍ବଦା ମହାପାତ୍ର ପ୍ରମୁଖ ଅଧ୍ୟାପିକାଅଧ୍ୟାପକମାନେ ବିଦ୍ୟାଳୟର +୨ ଛାତ୍ରୀଙ୍କୁ ନିଜ ଉପରକୁ ବିପଦ ଆସିଲେ କିପରି ମୁକାବିଲା କରିବ ସେ ସମ୍ପର୍କରେ ତାଲିମ ଦେଇଥିଲେ। ଉକ୍ତ ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇଥିଲେ।

# ପ୍ରକୃତ ଚାଷୀଙ୍କୁ ବାଦାମମଞ୍ଜି ଯୋଗାଇବାକୁ ଦାବିକଲେ ନିଶିକାନ୍ତ

ପିପିଲି,୧୯।୧(ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକରେ ଚଳିତ ରବିଋତୁରେ ଚାଷୀମାନେ ମୁଖ୍ୟ ତୈଳବୀଜ ଭାବେ ବାଦାମ ଚାଷ କରିଥାନ୍ତି। ବାଦାମ ଚାଷୀମାନେ ନିଜ ହାତରୁ ବିହନ କିଣି ଚାଷ ଆରମ୍ଭ କରିଥିବାବେଳେ ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ବିହନ ଯୋଗାଇ ଦିଆଯାଇନାହିଁ। ତେବେ ବିଭାଗ ଠିକ୍ ସମୟରେ ବିହନ ନ ଦେଇ ଏହାକୁ କୃଷି ବିଭାଗ କାର୍ଯ୍ୟାଳୟରେ ରଖାଯାଇଥିବା ସୂଚନା ମିଳିଛି। ଗତ ନଭେମ୍ବରରୁ ବାଦାମ ବିହନ ଯୋଗାଇବା ନିୟମ ଥିବାବେଳେ ବିଭାଗ ଏହାକୁ ଯୋଗାଇବାରେ ବିଳମ୍ବ କରୁଛି। ତେବେ ଯେଉଁ ଚାଷୀ ବିହନ ପାଇବା କଥା ସେମାନଙ୍କ ବଦଳରେ ଅନ୍ୟ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଏନେଇ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଚାଷୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଏ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି କହିବା ସହ ପୁରୀ ଜିଲା କୃଷି ଅଧିକାରୀ ପ୍ରଦୀପ ଦାସଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ଏ ସମ୍ପର୍କରେ ବ୍ଲକସ୍ତରୀୟ କୃଷି ଅଧିକାରୀ ତାଙ୍କୁ କୌଣସି ସୂଚନା ଦେଉ ନ ଥିବାବେଳେ ମିଶ୍ର ଚାଷୀଙ୍କ ଅଭିଯୋଗ ଶୁଣିବା ପରେ ଏହା ଉପରେ ତଦନ୍ତ କରି ପ୍ରକୃତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇବା ସହ ବାଦାମମଞ୍ଜି ବଣ୍ଟନ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଶିବପାର୍ବତୀଙ୍କ ନୂତନ ପ୍ରତିମା ପ୍ରତିଷ୍ଠା ନେଇ ଭୂମିପୂଜନ

ପୁରୀ, ୧୯।୧(ଅଜିତ୍ କୁମାର ମହାନ୍ତି)

କୁଣ୍ଢେଇବେଣ୍ଟ ସାହିସ୍ଥିତ ଶ୍ରୀବାନାମ୍ବର ଦେବଙ୍କ ଦେଉଳର ଶିବପାର୍ବତୀଙ୍କ ନୂତନ ଚଳନ୍ତି ପ୍ରତିମାଙ୍କ ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୮ ତାରିଖରେ ଆରମ୍ଭ ହେବ। ଉତ୍ସବର ପ୍ରଥମ ଦିବସରେ ଅଙ୍କୁରାରୋପଣ ହୋଇ ୩ ଦିନ ଧରି ଯଜ୍ଞ ହେବା ପରେ ଆସନ୍ତା ସରସ୍ୱତୀ ପୂଜା ଦିନ ପୂର୍ଣ୍ଣାହୁତି ଦିଆଯିବ। ପ୍ରତିଷ୍ଠା ଉତ୍ସବର ପ୍ରଥମ ଚରଣରେ ରବିବାର ସକାଳେ ପଞ୍ଚମୁଖୀ ବିନାୟକ ସମିତି ସମ୍ମୁଖରେ ଭୂମିପୂଜନ ପୂର୍ବକ ଶୁଭସ୍ତମ୍ଭ ତଥା ଧ୍ୱଜା ସ୍ଥାପନ କରାଯାଇଛି। ପ୍ରଥମେ ଶ୍ରୀବାନାମ୍ବର ମନ୍ଦିରରେ ଅଭିଷେକ ଉପରାନ୍ତ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ଏହି କାର୍ଯ୍ୟକ୍ରମ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ପୌରୋହିତ୍ୟରେ ଉଦୟନାଥ ମହାପାତ୍ର, ଲିଙ୍ଗରାଜ ମିଶ୍ର, ପ୍ରଫୁଲ୍ଲ ଚଇନୀଙ୍କ ସମେତ ଦଶଜଣ ଶୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ଶାସ୍ତ୍ରୀୟ ବିଧିବିଧାନ ମତେ ସମ୍ପନ୍ନ ହୋଇଛି। ଉକ୍ତ କାର୍ଯ୍ୟରେ ଭକ୍ତମାନେ ସମ୍ପୃକ୍ତ ହୋଇ ସହଯୋଗପୂର୍ବକ ହରପାର୍ବତୀଙ୍କ କରୁଣା ଲାଭ କରିବା ନିମିତ୍ତ ପ୍ରତିଷ୍ଠା ଯଜ୍ଞ ଆୟୋଜନ କମିଟି ପକ୍ଷରୁ ଘନଶ୍ୟାମ ଚୌଧୁରୀ, ଅର୍ଜୁନ ନାୟକ, ପ୍ରମୋଦ ଆଚାର୍ଯ୍ୟ, ନିରଞ୍ଜନ ନାୟକ, ବାଳକୃଷ୍ଣ ନାୟକ ନିବେଦନ କରିଛନ୍ତି।

# ୧୬ତମ ରାଜ୍ୟସ୍ତରୀୟ ପଶା ପ୍ରତିଯୋଗିତା ଉଦ୍‌ଯାପିତ

ସାକ୍ଷୀଗୋପାଳ,୧୯।୧(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ଓ ସାକ୍ଷୀଗୋପୀନାଥ ପଶାଖେଳ ସଂଘର ମିଳିତ ଆନୁକୂଲ୍ୟରେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ୧୬ତମ ରାଜ୍ୟସ୍ତରୀୟ ପଶାଖେଳ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ସେବାୟତ ସଂଘ ସଭାପତି ଅଶୋକ ଖୁଣ୍ଟିଆ, ବୟୋଜ୍ୟେଷ୍ଠ ସେବାୟତ ସୁରେନ୍ଦ୍ର ମହାପାତ୍ର, ଆଡ୍‌ଭୋକେଟ ଅଞ୍ଜନ ହୋତା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଶନିବାର ସନ୍ଧ୍ୟାରେ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସାକ୍ଷୀଗୋପାଳ, କଣାସ, ବ୍ରହ୍ମଗିରି, ଡେଲାଙ୍ଗ, ପୁରୀ, ଜଟଣୀ, ଖୋର୍ଦ୍ଧା, କଟକ, ନୟାଗଡ଼, ଭୁବନେଶ୍ୱର ଓ ଅନୁଗୋଳ ଜିଲାର ୬୪ଟି ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶନିବାର ରାତିତମାମ ଦଳ ଦଳ ହୋଇ ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା। ରବିବାର ପୂର୍ବାହ୍ନରେ ମନ୍ଦିର ସୁପରଭାଇଜର୍ ବିଶ୍ୱନାଥ ମହାପାତ୍ର ଓ ସଂଘ ସଭାପତି ଖୁଣ୍ଟିଆ ଚାମ୍ପିୟନ ଦଳର ପ୍ରଦୀପ କୁମାର ଦାଶ ଓ ସାଥୀ ବାସୁଦେବ ପ୍ରଧାନ ଏବଂ ରନରଅପ ଦଳର ବାବୁଲି ପାଇକରାୟ ଓ ସାଥୀ ବାସୁଦେବ ସାମନ୍ତରାୟଙ୍କୁ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। ଆୟୋଜକ ପଶାଖେଳ କମିଟିର ସଭାପତି ତଥା ନିଖିଳ ଉତ୍କଳ ପଶା ଟ୍ରଷ୍ଟର ସଭାପତି ପ୍ରଫୁଲ୍ଲ ଜେନା ଖେଳ ପରିଚାଳନା କରିଥିଲେ। ପଶାଖେଳକୁ ବଞ୍ଚାଇ ରଖିବା ପାଇଁ ସରକାରଙ୍କ ସହାୟତା ଲୋଡ଼ା ବୋଲି ଖେଳାଳିମାନେ କହିଥିଲେ।



ପ୍ରତିଯୋଗିତାରେ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି ।

# ସଂସ୍କାରଧର୍ମୀ ଓ ଶୃଙ୍ଖଳିତ ଛାତ୍ରୀଛାତ୍ର ସୃଷ୍ଟିର ମାଧ୍ୟମ ଶିଶୁ ମନ୍ଦିର

### କୋଣାର୍କ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

କୋଣାର୍କ,୧୯।୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି କଲ୍ୟାଣମଣ୍ଡପଠାରେ ସରସ୍ୱତୀ ଶିଶୁ ମନ୍ଦିରର ୯ମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଭାରତବର୍ଷରେ ସରସ୍ୱତୀ ଶିଶୁ ମନ୍ଦିର ମାଧ୍ୟମରେ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି, ସଂସ୍କାର ଧର୍ମୀ ପ୍ରଗତିଶୀଳ ରାଷ୍ଟ୍ରୀୟ ପ୍ରେମ ଓ ନୈତିକତା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏକ ବଳିଷ୍ଠ ମାଧ୍ୟମ ବୋଲି ଏମ୍‌ପି ତରାଇ ମତପ୍ରକାଶ କରିଛନ୍ତି।




ବାର୍ଷିକ ଉତ୍ସବରେ ଉପସ୍ଥିତ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇଙ୍କ ସମେତ ଅନ୍ୟ ଅତିଥିମାନେ ।

ସମାରୋହରେ ଅନ୍ୟ ଅତିଥିଙ୍କ ମଧ୍ୟରେ ପୁରୀ ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ଡ. ଦେବେନ୍ଦ୍ର ନାଥ ତରାଇ, ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଓଡ଼ିଶା ଶିକ୍ଷା ବିକାଶ ସମିତିର ପୁରୀ ଜିଲା ପ୍ରମୁଖ ସୁଦର୍ଶନ ମିଶ୍ର, ଶିଶୁ ମନ୍ଦିର ସମ୍ପାଦକ ରଶ୍ମିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କୋଣାର୍କସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମେଘନାଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିରର ବରିଷ୍ଠ ଶିକ୍ଷୟିତ୍ରୀ ଗୀତାରାଣୀ ପଣ୍ଡା ସଂଯୋଜନା କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ କପ୍ ଶିଲ ପ୍ରଦାନ କରି ପୁରସ୍କୃତ କରିଥିଲେ। ଶିଶୁ ମନ୍ଦିରର ପୂର୍ବତନ ସମ୍ପାଦକ ବିଜୟ କୁମାର ପାଢ଼ୀଙ୍କ ସମେତ ପରିଚାଳନା କମିଟିର କର୍ମକର୍ତ୍ତା, ଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିଶୁ ମନ୍ଦିରର ପୂର୍ବତନ ସମ୍ପାଦକ ରଘୁନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବନଭୋଜନ ମହୋତ୍ସବ

ତ୍ରିଶୂଳିଆ,୧୯।୧ (ତୁଷାରକାନ୍ତ ବେହେରା)

ଉତ୍ତର ଭୁବନେଶ୍ୱର କଲ୍ୟାଣପୁରସ୍ଥିତ ସତ୍‌ସଙ୍ଗ କେନ୍ଦ୍ର ସ୍ୱସ୍ତିବନରେ ରବିବାର ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବନଭୋଜନ ମହୋତ୍ସବ ସହ ସ୍ୱସ୍ତିବନର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ସକାଳ ୬ଟା ୨୨ ମିନିଟ୍‌ରେ ସମବେତ ବିନତୀ ପ୍ରାର୍ଥନା ପରେ ନାମଜପ ଓ ସଦ୍‌ଗ୍ରନ୍ଥ ପାଠ କରାଯାଇଥିଲା। ୭ଟାରେ ସଙ୍ଗୀତାଞ୍ଜଳି, ୯ଟାରେ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ପରିକ୍ରମା, ୧୧ଟାରେ ସତ୍‌ସଙ୍ଗ, ମଧ୍ୟାହ୍ନରେ ପ୍ରସାଦସେବନ, ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମାତୃ ସମ୍ମେଳନ, ଅପରାହ୍ନ ୫ଟା ୨୩ରେ ସନ୍ଧ୍ୟା ବିନତୀ ପ୍ରାର୍ଥନା, ନାମଜପ ଓ ସଦ୍‌ଗ୍ରନ୍ଥ ପାଠ ଏବଂ ଆତସବାଜି ପ୍ରଦର୍ଶନ ହୋଇଥିଲା। ସତ୍‌ସଙ୍ଗରେ ଅତିଥିଙ୍କ ସହ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ଆଜି ଚିଲିକାରେ ଡଲ୍‌ଫିନ ଗଣନା

ବାଲୁଗାଁ, ୧୯।୧(ସଂଗ୍ରାମ ପାଇକରାୟ): ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ମିଳିତ ଆନୁକୂଲ୍ୟରେ ସୋମବାରଠାରୁ ସମଗ୍ର ଚିଲିକାରେ ବିରଳ ଇରାୱାଡ଼ି ପ୍ରଜାତିର ଡଲ୍‌ଫିନ ଗଣନା ହେବ। ଏହି କାର୍ଯ୍ୟ ୩ ଦିନ ଧରି ଚାଲିବ। ଏଥିପାଇଁ ବିଭାଗ ତରଫରୁ ପ୍ରସ୍ତୁତି ସରିଛି। ମୋଟ ୧୮ଟି ଦଳରେ ୧୪୫ ଜଣ ଗଣନାକାରୀ ସାମିଲ ହେବେ। ଏହି ପରିପ୍ରେକ୍ଷୀରେ ରବିବାର ବାଲୁଗାଁ ନିକଟ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ରରେ ୧୦ ଟିମ୍ ଏବଂ ସାତପଡ଼ା ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ୮ ଟିମ୍‌ଙ୍କୁ ପୃଥକ୍ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଗଣନା କାର୍ଯ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ସିଡିଏ ଓ ବନ କର୍ମଚାରୀ, ଓ୍ୟୁଏଟି, ୱାଇଲ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର ଏବଂ ଛାତ୍ରୀଛାତ୍ର ସାମିଲ ହେବେ।





ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଇନ୍‌ଫୋସିଟି-ସିଲିକନ୍ ଛକ ରାସ୍ତାରେ ରବିବାର ଅନୁଷ୍ଠିତ ତୃତୀୟ ପଥ ଉତ୍ସବରେ କଳା କୌଶଳ ପ୍ରଦର୍ଶନ ଓ କଣ୍ଠଶିଳ୍ପୀ ରୁକୁ ସୁନାଙ୍କ ଗୀତରେ ମତୁଆଲା ଦର୍ଶକ। (ଫଟୋ- ବିକାଶ ନାୟକ)

# ନଚାଇଲେ ଅର୍ଚ୍ଚନା, ସୁଙ୍ଖାନୀ, ରୁକୁ ସୁନା

## ଡିଜେ ଭବେଶଙ୍କ ଗୀତରେ ଝୁମିଲେ ଯୁବବର୍ଗ

## ତୃତୀୟ ପଥ ଉତ୍ସବ

ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ)

ରବିବାର ସକାଳୁ ସକାଳୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଉତ୍ତର ଜୋନ୍ ଅନ୍ତର୍ଗତ ଇନ୍‌ଫୋସିଟି ଛକଠାରୁ ସିଲିକନ କଲେଜ ଛକ ପର୍ଯ୍ୟନ୍ତ ରାସ୍ତା ଲୋକାରଣ୍ୟ ହୋଇ ପଡିଥିଲା। ନାଚଗୀତ, ବାଦ୍ୟ ଧ୍ୱନି ସାଙ୍ଗକୁ ଖେଳକୁଦ ଓ ବିଭିନ୍ନ କାର୍ଯ୍ୟକ୍ରମ ବେଶ୍ ମନୋରଞ୍ଜନ ଯୋଗାଇଥିଲା। ଅବସର ଥିଲା ବିଏମ୍‌ସିର ତୃତୀୟ ପଥ ଉତ୍ସବ। ଜଲୱା ଦେଖାଇଥିଲେ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢୀ, ରୁକୁ ସୁନା ଏବଂ ସୁଙ୍ଖାନୀ ମହାପାତ୍ର। ପାଖାପାଖି ୧ କି.ମି. ବ୍ୟାପୀ ରଙ୍ଗମଞ୍ଚ ଆୟୋଜିତ ହୋଇଥିଲା। ସିଜଲର୍ସ ଡ୍ୟାନ୍ସ ଗ୍ରୁପ୍‌ର ଧମାକାଦାର ନୃତ୍ୟର ତାଳେତାଳେ ଉପସ୍ଥିତ ଦର୍ଶକ ଝୁମିଥିଲେ। ଏଥର ମୁଖ୍ୟ ଆକର୍ଷଣ ଥିଲେ ଡିଜେ ଭବେଶ କୁମାର। ସେହିପରି ମୁଖ୍ୟ ମଞ୍ଚରେ ପ୍ଲେ-ବ୍ୟାକ୍ ସିଙ୍ଗର ଅର୍ଚ୍ଚନା ପାଢୀ, ସୁଙ୍ଖାନୀ ମହାପାତ୍ରଙ୍କ ସହ ରୁକୁ ସୁନାଙ୍କ ସଙ୍ଗୀତରେ ହଜାର ହଜାର ଦର୍ଶକ ମସ୍‌ଗୁଲ ହୋଇଉଠିଥିଲେ। ୩ଜଣ ମିଳିତ କଣ୍ଠରେ ଗାଇଥିବା ରଙ୍ଗବତୀ ଗୀତରେ ଉପସ୍ଥିତ ଦର୍ଶକଙ୍କ ସହ



ଯୁବବର୍ଗଙ୍କ ନାଚରେ ଦୁଲୁକ ଉଠିଥିଲା ପୂରା ଅଞ୍ଚଳ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ରାସ୍ତାର ଉଭୟ ପାର୍ଶ୍ୱରେ ଚାଲିଥିଲା ରଙ୍ଗୋଲି, ଝୋଟି, ଫୋକ୍ ଡ୍ୟାନ୍ସ, ଯୋଗ, ସ୍କେଟିଂ, ପେଣ୍ଟିଂ, ଜୁମ୍ବା, ଫ୍ଲାସ୍ ମବ ଭଳି ବିଭିନ୍ନ କାର୍ଯ୍ୟକ୍ରମ। ଛୋଟଛୋଟ ପିଲା ମଧ୍ୟ ଖେଳକୁଦର ଭରପୂର ମଜା ଉଠାଇଥିଲେ। ସେହିପରି ଦ୍ୱିତୀୟ ମଞ୍ଚରେ ସଙ୍ଗୀତ ଓ ନୃତ୍ୟର ଧୁମ୍ ମଚାଇଥିଲେ କଳାକାରମାନେ। ୬ ନଂ. ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଗୀତ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ। ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ। ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ବିଏମ୍‌ସି ପକ୍ଷରୁ ଏପରି ଉଦ୍ୟମ କରାଯାଇ ଆସୁଛି। ଏହି ମଞ୍ଚରେ ପ୍ରତିଭାଧାରୀ ବ୍ୟକ୍ତିମାନେ ସଙ୍ଗୀତ, ନୃତ୍ୟ, ପପ୍, ଯୋଗାସନ, ବାଦ୍ୟଯନ୍ତ୍ର, କବିତା, ଗଳ୍ପ ଆଦି କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଭାଗ ନେଇଥିବା ପ୍ରତିଭାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଓଡିଶା ହେରିଟେଜ କୁଇଜ୍ ପ୍ରତିଯୋଗିତା, ଫେଶନ ଶୋ, ପରିମଳ ସଚେତନତା, ୱେଷ୍ଟ ଟୁ ଆର୍ଟ, ଡଲ୍ ଡ୍ୟାନ୍ସ, କ୍ୟୁବ୍, କିଡୋ କିଙ୍ଗ୍‌ଡମ, ଫେସ୍ ପେଣ୍ଟିଂ ଓ ବାସ୍କେଟ ବଲ ଆଦି ସମସ୍ତଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିଲେ। ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ, ଅଧ୍ୟକ୍ଷା ଏବଂ ଉତ୍ତର ଜୋନ୍‌ର ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ।



ଅଂଶଗ୍ରହଣକାରୀମାନେ ଟୋକନ ଟ୍ରାଭେଲ୍ସ ଖେଳ ଖେଳୁଛନ୍ତି।



## ‘ଶ୍ରୀମଦ୍ ଭାଗବତ କଥା ମହୋତ୍ସବ’ର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୧୯।୧ (ସୌମ୍ୟରଞ୍ଜନ ରାଉତ)

ଶ୍ରୀମଦ୍ ଭାଗବତ ଦିବ୍ୟ ଚେତନା ସଂସ୍ଥାନ ପକ୍ଷରୁ ନୟାପଲ୍ଲୀ ମା’ ବରଦେଇ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ ଭାଗବତ କଥା ମହୋତ୍ସବ ଚାଲିଛି। ରବିବାର ଦ୍ୱିତୀୟ ସନ୍ଧ୍ୟାକୁ ଧାରାବାହିକ ପ୍ରବକ୍ତା ବାବାଜୀ ଅମୃତାନନ୍ଦ ଦାସ ମହାରାଜଙ୍କ ସହ ସଂସ୍ଥାନର ସଭାପତି ଦୁର୍ଯ୍ୟୋଧନ ସାହୁ , ସମ୍ପାଦକ ପ୍ରଦୀପ ରାଉତରାୟ , ସଂଯୋଜକ ସରୋଜ ବିଶ୍ୱାଳ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ। ପ୍ରବଚକଙ୍କ ଦ୍ୱାରା ‘କପିଳ ମୁନି ଦେବହୁତି ସମ୍ବାଦ’ ଓ ‘ଧ୍ରୁବ ଚରିତ୍ର’ ବିଷୟ ବ୍ୟାଖ୍ୟା କରାଯାଇଥିଲା।

## ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ



ଭୁବନେଶ୍ୱର,୧୯।୧(ସୌମ୍ୟରଞ୍ଜନ ରାଉତ)

ଆରମ୍ଭ ଅନୁଷ୍ଠାନ ପକ୍ଷରୁ ଚିତ୍ରଶିଳ୍ପୀ ସବିତା ଦାସ, ଦେବକୀ ଭୁକ୍ତା ଓ ସୌମ୍ୟାଲଗ୍ନା ସ୍ୱାଇଁଙ୍କ ଚିତ୍ରକଳା ପ୍ରଦର୍ଶନୀ ରବିବାର ସୂଚନାଭବନଠାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଜଷ୍ଟିସ ବାଳକୃଷ୍ଣ ମହାପାତ୍ର, ଗୀତିକାର ପୀତାମ୍ବର ମିଶ୍ର ଯୋଗଦେଇ ୩ଜଣ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭାବ ଓ ଭାବନାର ଛବି ହେଉଛି ଚିତ୍ର ବୋଲି ଅତିଥିମାନେ କହିଥିଲେ।

## ରାଜ୍ୟସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବାଲିଅନ୍ତା,୧୯।୧(ନୀଳମାଧବ ସାହୁ)

ଉତ୍କଳ ଶିକ୍ଷା ବିକାଶ ପରିଷଦ ଆନୁକୂଲ୍ୟରେ ଓ ସରସ୍ୱତୀ ଶିକ୍ଷାମନ୍ଦିର ସହଯୋଗରେ ଭୁବନେଶ୍ୱର ମହାନଗର ନିଗମ ଅଧୀନ ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜ ଖେଳପଡ଼ିଆରେ ରବିବାର ପ୍ରଥମ ରାଜ୍ୟସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳର ୨୦ ବିଦ୍ୟାଳୟରୁ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆୟୋଜକ ଅନୁଷ୍ଠାନର ଚେୟାରମ୍ୟାନ ମଙ୍ଗୁଳି ଚରଣ ମହାନ୍ତି ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ରୂପେ ପୂର୍ବତନ କ୍ରିକେଟର ଗିରିଶ୍ ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଶିକ୍ଷା ବିକାଶ ପରିଷଦ ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ, ଏକ୍‌ଜିକ୍ୟୁଟିଭ ଟ୍ରଷ୍ଟି ସରୋଜ ରାଉତ, ଅକ୍ଷୟ ସ୍ୱାଇଁ, ଶିବ ସୁନ୍ଦର ସାହୁ ଓ ସରସ୍ୱତୀ ଶିକ୍ଷାମନ୍ଦିର ଅଧ୍ୟକ୍ଷ ଜୟଶ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୫୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ଓ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପଦକ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ବିଶ୍ୱଭୂଷଣ ବାରିକ୍ ପରିଚାଳନା କରିଥିବାବେଳେ ଉଦ୍‌ଯାପନୀ ଉତ୍ସବକୁ ଗୁରୁଜୀ ହେମନ୍ତ ନାୟକ ପରିଚାଳନା କରିଥିଲେ।

## ଜଗତ ଚନ୍ଦ୍ର ଦାସଙ୍କ ୨ କବିତା ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୧୯।୧(ସୌମ୍ୟରଞ୍ଜନ ରାଉତ)

ସାହିତ୍ୟିକ ଜଗତ ଚନ୍ଦ୍ର ଦାସଙ୍କ ଦୁଇଟି କବିତା ପୁସ୍ତକ ‘ବିହଙ୍ଗମ୍ ଓ ଶୃଙ୍ଗାର ତିଳକମ୍’ ଏବଂ ‘ରଶିକାଷ୍ଟମ୍’ ରବିବାର କେଦାରନାଥ ଗବେଷଣା ପ୍ରତିଷ୍ଠାନଠାରେ ଲୋକାର୍ପିତ ହୋଇଯାଇଛି। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାରସ୍ୱତ ସମାରୋହକୁ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ପ୍ରଫେସର ଶରତ ଚନ୍ଦ୍ର ରଥ, ସମ୍ମାନିତ ବକ୍ତା ଭାବେ ରମେଶ ଚନ୍ଦ୍ର ପାଣି, ବିବେକାନନ୍ଦ ପାଣିଗ୍ରାହୀ ଯୋଗଦେଇଥିଲେ। ଏହି ଅବସରରେ ପ୍ରଶାନ୍ତ ମହାନ୍ତି, ଅଞ୍ଜଳି ଦାଶ, ସୁଚେତା ରାଉତ, ବାସନ୍ତୀ ଦାଶ, ତନୟା ଦାସ ଗୋସ୍ୱାମୀ, ଅଲେଖ ନନ୍ଦୀ, ସୁଶାନ୍ତ ସ୍ୱାଇଁ, ଭୀଷ୍ମ ନାରାୟଣ ନାୟକ, ପିଙ୍କିନା ଖଟୁଆ ଏବଂ ଗାୟତ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥେନା ବୁକ୍ସ ଦ୍ୱାରା ପ୍ରକାଶିତ ପୁସ୍ତକରେ ଲେଖକଙ୍କ ସାରସ୍ୱତ ଯାତ୍ରା ପ୍ରେରଣା ପ୍ରଦାନ କରେ। ଉଭୟ ସଙ୍କଳନର ଶବ୍ଦ ଓ ଭାବ ପାଠକଙ୍କୁ ବାନ୍ଧି ରଖିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୁସ୍ତକର ପ୍ରକାଶକ ରାଜ କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେନ୍‌ରୁ ପଡ଼ି ଯୁବକ ଗୁରୁତର

ତ୍ରିଶୂଳିଆ,୧୯।୧(ତୁଷାରକାନ୍ତ ବେହେରା)

ରେଳ ଡିଭିଜନ ଅଧୀନ ଜୟପୁର ଫୁଟବଲ ଖେଳପଡ଼ିଆ ନିକଟରେ ରବିବାର ଯାତ୍ରୀବାହୀ ଟ୍ରେନ୍‌ରୁ ଖସି ପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକଙ୍କ ପରିଚୟ ମିଳି ପାରିନାହିଁ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି। ଏ ନେଇ ନରାଜ ମାର୍ଥାପୁର ରେଳ ଷ୍ଟେଶନ ମାଷ୍ଟରଙ୍କୁ ପଚାରିବାରୁ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ।

## ରାଜସ୍ୱ ବିଭାଗ କର୍ମଚାରୀ ଓ ଅଧିକାରୀଙ୍କ ବାର୍ଷିକ କ୍ରୀଡା ଉତ୍ସବ



### ଅକ୍ଷୟ ଓ ସୁଦେଷ୍ଣା ଚାମ୍ପିୟନ୍

ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ)

ରାଜସ୍ୱ ବିଭାଗ କର୍ମଚାରୀ ଓ ଅଧିକାରୀଙ୍କ ବାର୍ଷିକ କ୍ରୀଡା ଉତ୍ସବ କଳିଙ୍ଗ ଷ୍ଟାଡିୟମ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭାଗର ବରିଷ୍ଠ ଅଧିକାରୀ କସ୍ତୁରୀ ପ୍ରଧାନ, ସ୍ୱତନ୍ତ୍ର ଶାସନ ସଚିବ ତଥା ଅର୍ଥ ପରାମର୍ଶଦାତା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ଦିଗନ୍ତ ରାଉତରାୟ, ରଶ୍ମିରେଖା ମିଶ୍ର, ଉପଶାସନ ସଚିବ ରାଜଲକ୍ଷ୍ମୀ ନାୟକ, ଯୁଗ୍ମ ଶାସନ ସଚିବ ମଳୟ କୁମାର ନାୟକ, ଅନୁଶାସନ ସଚିବ ନୃସିଂହ ପୃଷ୍ଟି ଓ ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ଦୌଡ଼, ସ୍ପୁନ୍ ରେସ୍, ଶଟ୍‌ପୁଟ୍ ଥ୍ରୋ, ଡିସ୍କସ୍ ଥ୍ରୋ ଆଦି ଖେଳ ଆୟୋଜିତ ହୋଇଥିଲା। ପୁରୁଷ ବିଭାଗରେ ଅକ୍ଷୟ କୁମାର ଭୋଇ ଓ ମହିଳା ବିଭାଗରେ ସୁଦେଷ୍ଣା ପ୍ରିୟଦର୍ଶିନୀ ଚାମ୍ପିୟନ ହୋଇଥିଲେ।

## ବେଆଇନ ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

### ଶିକ୍ଷା ସଚିବଙ୍କୁ ରାଷ୍ଟ୍ରୀୟ ଅଭିଭାବକ ମହାସଂଘର ଦାବିପତ୍ର

ଭୁବନେଶ୍ୱର,୧୯।୧(ସୁଚିସ୍ମିତା ସାହୁ)

ରାଜ୍ୟରେ ପାଖାପାଖି ଦେଢ଼ହଜାର ଅଣସୀକୃତିପ୍ରାପ୍ତ ବେସରକାରୀ ବିଦ୍ୟାଳୟ ଚାଲିଛି। ଗଣଶିକ୍ଷା ବିଭାଗ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ ଅବମାନନା କରି ଏଭଳି ଶିକ୍ଷାନୁଷ୍ଠାନ ଖୋଲାଯାଉଛି। ଏହି ଶିକ୍ଷାନୁଷ୍ଠାନଗୁଡିକ ଉପରେ ବିଭାଗ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ରାଷ୍ଟ୍ରୀୟ ଅଭିଭାବକ ମହାସଂଘ ପକ୍ଷରୁ ଦାବି ହୋଇଛି। ଏନେଇ ମହାସଂଘ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଗଣଶିକ୍ଷା ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ଶିକ୍ଷା ଆଇନ-୧୯୬୯ ଏବଂ ଓଡ଼ିଶା ଶିକ୍ଷା ଅଧିକାର ଆଇନ-୨୦୧୦ ଅନୁଯାୟୀ ବେସରକାରୀ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନିର୍ଦ୍ଦିଷ୍ଟ ନୀତିନିୟମ ଏବଂ ସର୍ତ୍ତାବଳୀ ପାଳନ କରିବାର ଆବଶ୍ୟକତା ରହିଛି। ବିଭାଗ ପକ୍ଷରୁ ଏନେଇ ତଦନ୍ତ କରାଯିବା ପରେ ବିଦ୍ୟାଳୟ ଖୋଲିବାକୁ ସ୍ୱୀକୃତି ମିଳିଥାଏ। ମାତ୍ର ରାଜ୍ୟରେ ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଅଣସୀକୃତିପ୍ରାପ୍ତ ବିଦ୍ୟାଳୟ ରହିଥିଲେ ମଧ୍ୟ ବିଭାଗର ନିୟନ୍ତ୍ରଣ ନାହିଁ। ଫଳରେ ସମ୍ପୃକ୍ତ ବିଦ୍ୟାଳୟରେ ସୁରକ୍ଷା ଓ ନିରାପତ୍ତା ନିୟମାବଳୀ, ଶିଶୁ ଅଧିକାର ଆଇନ ଅନୁଯାୟୀ ୨୫% ସ୍ଥାନ ସଂରକ୍ଷଣ, ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା, ସ୍କୁଲ ପରିଚାଳନା କମିଟି, ପରିମଳ ବ୍ୟବସ୍ଥା ଆଇନ ଖୋଲାଖୋଲି ଉଲ୍ଲଂଘନ ହେଉଛି। ଏଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କର ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବା ସମୟରେ ସମସ୍ୟା ଉପୁଜୁଛି। ପ୍ରତ୍ୟେକ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ ଛତ୍ରଛାୟା ତଳେ ବେଆଇନ ବିଦ୍ୟାଳୟଗୁଡିକ ଚାଲୁଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ସେହିପରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ୨୦୧୯ରୁ କ୍ରମାଗତ ଭାବେ ଜିଲା ଶିକ୍ଷାଅଧିକାରୀଙ୍କୁ ଚିଠି ମାଧ୍ୟମରେ ତାଗିଦ କରାଯାଉଛି। ଜିଲାରେ ଥିବା ଅଣସୀକୃତିପ୍ରାପ୍ତ ବେସରକାରୀ ବିଦ୍ୟାଳୟର ତଥ୍ୟ ଆଣି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଉଥିଲେ ମଧ୍ୟ ସୁଦ୍ଧା ସେମାନେ ଏହାକୁ ବେଖାତିର କରୁଛନ୍ତି। ଏହାସତ୍ତ୍ୱେ ନିର୍ଦ୍ଦେଶାଳୟ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନ ନିଆଯିବାରୁ ଗଣଶିକ୍ଷା ସଚିବଙ୍କୁ ଏ ସମ୍ପର୍କରେ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି ଓ ତୁରନ୍ତ ତଦନ୍ତ କରି କାର୍ଯାନୁଷ୍ଠାନ ନେବାକୁ ମହାସଂଘ ଉପସଭାପତି ରଞ୍ଜନ ଦାସ ପ୍ରେସ ବିବୃତିରେ ଦାବି କରିଛନ୍ତି।

**କବିଙ୍କ ଲେଖା ମାଧ୍ୟମରେ ପରିବର୍ତ୍ତନ ସମ୍ଭବ**

ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ବାଣିଆସ୍ଥିତ ଦେବଗିରି ଜଗନ୍ନାଥ ଧାମଠାରେ ଦେବଗିରି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶିଶିରକାଳୀନ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ରବିନାରାୟଣ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରାବନ୍ଧିକ ପ୍ରାଧାପକ ମନୋଜ କୁମାର ମହାପାତ୍ର କହିଛନ୍ତି, କବିଙ୍କ ଲେଖା ମାଧ୍ୟମରେ ପରିବର୍ତ୍ତନ ହୋଇପାରିବ। ଅନୁଷ୍ଠାନର ସମ୍ପାଦକ ହରିବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା କବି ମଧୁସୂଦନ ରାଉତରାୟ ଓ ସମ୍ମାନିତ ଅତିଥି ଭାବେ ସୁଦର୍ଶନ ସାହୁ ଯୋଗଦେଇଥିଲେ। କବିତାଗୁଡ଼ିକୁ କବି ନରୋତ୍ତମ ବେହେରା ସଂଯୋଜନା କରିଥିଲେ। କବି ଗଙ୍ଗାଧର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ୪ ସ୍ଥାନରୁ ସିରିଜ ଚୋରି

ତ୍ରିଶୂଳିଆ,୧୯।୧(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ତ୍ରିଶୂଳିଆ ଛକରେ ୪ଟି ସ୍ଥାନରୁ ଶନିବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଛି। ତ୍ରିଶୂଳିଆ ଛକ ପୋଲିସ ପୋଷ୍ଟ ସମ୍ମୁଖ ଜଳଖିଆ ଦୋକାନ, ଚିକେନ ଦୋକାନ ଓ କୁସିନ୍ଦା ମଙ୍ଗଳା ମନ୍ଦିରର ଓ କୃଷ୍ଣଚନ୍ଦ୍ରପୁର ବାଉଁଯୋରି ମନ୍ଦିର ନିକଟ ଏକ ଭେରାଇଟ ଦୋକାନରୁ ଚୋରି ହୋଇଛି। ଖବର ପାଇ ବାରଙ୍ଗ ପୋଲିସ ଚୋରି ହୋଇଥିବା ସ୍ଥାନ ଦେଖିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରୁଛି।

### ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

ତ୍ରିଶୂଳିଆ,୧୯।୧(ତୁଷାରକାନ୍ତ ବେହେରା)

ରେଳ ଡିଭିଜନ ଅଧୀନ ଜୟପୁର ଫୁଟବଲ ଖେଳପଡ଼ିଆ ନିକଟରେ ରବିବାର ଯାତ୍ରୀବାହୀ ଟ୍ରେନ୍‌ରୁ ଖସି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକଙ୍କ ପରିଚୟ ମିଳି ପାରିନାହିଁ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି। ଏ ନେଇ ନରାଜ ମାର୍ଥାପୁର ରେଳ ଷ୍ଟେଶନ ମାଷ୍ଟରଙ୍କୁ ପଚାରିବାରୁ, ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ।

### ତମାଣ୍ଡୋକୁ ହରାଇ ହରିପୁର ଟିସିସି କ୍ଲବ ଚାମ୍ପିୟନ

ଟିଗିରିଆ,୧୯।୧(ଜାଫର ଖାଁ)

ଟିଗିରିଆ ବ୍ଲକ ଗଦାଧରପୁର ପଞ୍ଚାୟତସ୍ଥିତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ମା'ଭବାନୀ ସ୍ପୋର୍ଟସ ଆନୁକୂଲ୍ୟରେ ପ୍ରଥମ ହେମନ୍ତ କୁମାର ସ୍ୱାଇଁ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ତମାଣ୍ଡୋ କ୍ରିକେଟ କ୍ଲବକୁ ୬୬ ରନରେ ପରାସ୍ତ କରି ଯାଜପୁର, ହରିପୁରର ଟିସିସି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ହରିପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୩୧ ରନ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୬୫ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ହରିପୁର ଦଳ ତରଫରୁ ଅଭୟ ମଲ୍ଲିକ ୩୩ଟି ବଲ୍‌ରେ ୧୦୧ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଏହି ଦଳର ଖେଳାଳି ହରିହର ବେହେରା ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ। ମ୍ୟାଚରେ ମୁଖ୍ୟ ଅତିଥିଭାବେ ଭାଜପା ନେତା ଅଭୟ କୁମାର ବାରିକ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ରମେଶ ସ୍ୱାଇଁ ଓ ନରେଶ ରାଉତ ପରିଚାଳନା କରିଥିଲେ।

# 'ରୀତି ଯୁଗ ଓଡ଼ିଆ ସାହିତ୍ୟର ସୁବର୍ଣ୍ଣ ଯୁଗ'

**କଳିଙ୍ଗ ଭାରତୀ ତ୍ରିଦିବସୀୟ ସାରସ୍ୱତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

କଟକ,୧୯।୧(କାର୍ତ୍ତିକ ସାହୁ)




ସାରସ୍ୱତ ମହୋତ୍ସବରେ ପ୍ରଫେସର ଡ. ବାଉରୀବନ୍ଧୁ ସାହୁ ବକ୍ତବ୍ୟ ଦେଉଛନ୍ତି।

ରୀତିଯୁଗର କବିମାନେ ଓଡ଼ିଆ ଭାଷାକୁ ସଂସ୍କୃତ ସମକକ୍ଷ କରିବା ପାଇଁ ଏକ ଭାଷା ଆନ୍ଦୋଳନରେ ସାମିଲ ହୋଇଥିଲେ। ରୀତିଯୁଗର କବି ଦୀନକୃଷ୍ଣ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଯଦୁମଣି, ଅଭିମନ୍ୟୁ ସାମନ୍ତ ସିଂହାର ପ୍ରମୁଖ ଯେଉଁ ଅନନ୍ୟ ସାହିତ୍ୟ ସୃଷ୍ଟି କରିଛନ୍ତି ତାହା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ପ୍ରମାଣିତ କରିବାରେ ସାହାଯ୍ୟ କରିଥିଲା। ଏସବୁ ଦୃଷ୍ଟିରୁ ରୀତିଯୁଗ ଓଡ଼ିଆ ଭାଷା ସାହିତ୍ୟର ସୁବର୍ଣ୍ଣ ଯୁଗ ବୋଲି କଟକ ମିଶନ ରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପରେ କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ସାରସ୍ୱତ ମହୋତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ପ୍ରଫେସର ଡ. ବାଉରୀବନ୍ଧୁ ସାହୁ ଉଦ୍‌ଘାଟନ କରିଥିଲେ। କଳିଙ୍ଗ ଭାରତୀର ସଭାପତି ଡା. ଶୈଳେଶ୍ୱର ନନ୍ଦ ଯୋଗଦେଇ ଯଦୁମଣିଙ୍କ ରୀତିଯୁଗୀୟ ସାରସ୍ୱତ ସାଧନାକୁ ବର୍ଣ୍ଣନା କରିଥିଲେ। କବିସୂର୍ଯ୍ୟ ବଳଦେବ ରଥଙ୍କ କୃତୀ ଶୀର୍ଷକ ଆଲୋଚନାରେ ଡା. ଆଶୁତୋଷ ମିଶ୍ର ରୀତିଯୁଗକୁ ଅନନ୍ୟ ଯୁଗ ଭାବେ ବର୍ଣ୍ଣନା କରିଥିଲେ। ଗବେଷକ ପ୍ରଭାତ କୁମାର ନନ୍ଦ ଉଦ୍‌ବୋଧନ ଦେଇ ଦୀନକୃଷ୍ଣଙ୍କ ସୃଷ୍ଟି କାଳଜୟୀ ଭାବେ ବ୍ୟାଖ୍ୟା କରିଥିଲେ। ଡ. ଯୋଗେନ୍ଦ୍ର ମାର୍ଥା ରୀତିଯୁଗ ସାହିତ୍ୟର ବିଶେଷତା ଆଲୋଚନା କରିଥିଲେ। କଳିଙ୍ଗ ଭାରତୀର ଉପଦେଷ୍ଟା ପ୍ରସନ୍ନ କୁମାର ନନ୍ଦ ସ୍ୱାଗତ ଭାଷଣରେ କଳିଙ୍ଗ ଭାରତୀର ଓଡ଼ିଆ ଜାତିକୁ ଦେଇଥିବା ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ସଙ୍ଗଠନ ସମ୍ପାଦକ ଡ. ଅନୁପ ମାର୍ଥା ଅତିଥି ପରିଚୟ ଦେଇଥିଲେ। କଳାବିକାଶ କେନ୍ଦ୍ର ଶାସ୍ତ୍ରୀୟ ସଙ୍ଗୀତ ବିଭାଗର ଛାତ୍ରୀଛାତ୍ରମାନେ ଗୁରୁ ତନ୍ମୟ ହୋତାଙ୍କ ନିର୍ଦ୍ଦେଶନାରେ ସମବେତ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ। ଉପସଭାପତି ସାଗରିକା ପ୍ରହରାଜ, ଡ. ସ୍ନେହଲତା ମିଶ୍ର, ଡା. ଶୁଭସୁଧା ପ୍ରିୟଦର୍ଶିନୀ, ସତ୍ୟ ଗୋପାଳ ପରିଜା, ସତ୍ୟବ୍ରତ ସ୍ୱାଇଁ, ସୁବାସ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିପ୍ରା କର ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ବର୍ଷରେ ୧୮ ହତ୍ୟା, ୫୬ ବଳାତ୍କାର ମାମଲା

**କଟକ ଜିଲାରେ ବଢୁଛି ଜାତିଗତ ନିର୍ଯାତନା**

କଟକ,୧୯।୧(କାର୍ତ୍ତିକ ସାହୁ)

କଟକ ଜିଲାରେ ଗତ ୬ ବର୍ଷ ମଧ୍ୟରେ ଦଳିତ ଆଦିବାସୀଙ୍କ ଉପରେ ଜାତିଗତ ନିର୍ଯାତନା କ୍ରମାଗତ ଭାବେ ବୃଦ୍ଧି ପାଇଛି। ପ୍ରଶାସନିକ ସ୍ତରରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏଭଳି ନିର୍ଯାତନା ବୃଦ୍ଧି ପାଉଛି। ଅନୁସୂଚିତ ଜାତି ଓ ଜନଜାତି ଆଇନର ମଧ୍ୟ ଦୁରୁପଯୋଗ ହେଉଥିବା ମୂଳନିବାସୀ ୟୁନାଇଟେଡ ଫ୍ରଣ୍ଟ ପକ୍ଷରୁ କୁହାଯାଇଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, କଟକ ଜିଲାରେ ଗତବର୍ଷ ଅକ୍ଟୋବର ସୁଦ୍ଧା ଗତ ୬ ବର୍ଷରେ ୧୧୦୮ଟି ଜାତିଗତ ମାମଲା ରୁଜୁ ହୋଇଛି। କଟକ ଜିଲାର ୧୯ଟି ଥାନାରେ ୧୮ଟି ହତ୍ୟା ମାମଲା, ୫୬ଟି ବଳାତ୍କାର, ୧୧ଟି ଘରପୋଡ଼ି ଏବଂ ୧୦୨୩ଟି ଜାତିଗତ ଆକ୍ରମଣ ମାମଲା ରୁଜୁ ହୋଇଛି। ୨୦୧୮ ମସିହାରେ ୧୨୦, ୨୦୧୯ରେ ୧୨୮, ୨୦୨୦ରେ ୧୪୪, ୨୦୨୧ରେ ୧୬୧, ୨୦୨୨ରେ ୨୫୬, ୨୦୨୩ ମସିହାରେ ୨୧୭ଟି ମାମଲା ରୁଜୁ ହୋଇଛି। ୪୭ଟି ମାମଲାରେ ଯୁଗ୍ମ ତଦନ୍ତ ରିପୋର୍ଟ ହୋଇପାରି ନ ଥିବାବେଳେ ୪୦୦ରୁ ଅଧିକ ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇପାରି ନାହିଁ। ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ରାଜ୍ୟ ସମ୍ପାଦିକା ସୁପ୍ରଭା ମଲ୍ଲିକ ପ୍ରମୁଖ ଦଳିତମାନଙ୍କ ସଂକ୍ରାନ୍ତିୟ ମାମଲାଗୁଡ଼ିକର ଫଇସଲା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ସମେତ ଜିଲାପାଳ ଓ ଏସ୍‌ପି ନିକଟରେ ନିବେଦନ କରିଛନ୍ତି।

# ବରିଷ୍ଠ ନାଗରିକ ସମାଜର ଅମୂଲ୍ୟ ରତ୍ନ



ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବରେ ଅତିଥିମାନେ ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବାଙ୍କୀ,୧୯।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘର ନବମ ବାର୍ଷିକ ଉତ୍ସବ ରଚିକା ହାଟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ବରିଷ୍ଠମାନେ କିପରି ମୁଖ୍ୟସ୍ରୋତରେ ସାମିଲ ହୋଇ ସେମାନଙ୍କର ଜୀବନ ସୁଖମୟ କରିପାରିବ ସେ ଉପରେ ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ଯୋଗଦେଇ ବରିଷ୍ଠମାନେ ସମାଜର ଅମୂଲ୍ୟ ରତ୍ନ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବରିଷ୍ଠ ଖବରଦାତା ଡ. ସତ୍ୟରାୟ, ପରିବେଶବିତ୍ ଡ. ଆଶୁତୋଷ ଦେବତା, ଅବସରପ୍ରାପ୍ତ ପୋଲିସ ଆଇଜି ରାଜକିଶୋର ଦାସ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ୱର୍ଣ୍ଣସେବା ସହଯୋଗ ପ୍ରତିଷ୍ଠାନ ତରଫରୁ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘସଭାପତି ନୃସିଂହ ଚରଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ କବି ବଂଶୀଧର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ବିପିନ ବିହାରୀ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, କ୍ରେଡିଟ ବ୍ୟାଙ୍କ ସଭାପତି ସମରେନ୍ଦ୍ର ମହାପାତ୍ର, ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା ଯୋଗଦେଇଥିଲେ। ସଭା ଶେଷରେ ସଙ୍ଗଠକ ବରିଷ୍ଠ ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଆଜି ସମସ୍ତ ଉଠାଦୋକାନ, ଭେଣ୍ଡିଂଜୋନ୍, କିଓସ୍କୋ ବନ୍ଦ ରହିବ

ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ)

ସୋମବାର ଜାତୀୟ ଉଠାଦୋକାନୀ ଦିବସ ଅବସରରେ ସହରର ପ୍ରତ୍ୟେକ ଉଠାଦୋକାନ, ଭେଣ୍ଡିଂଜୋନ ଓ କିଓସ୍କଗୁଡ଼ିକ ବନ୍ଦ ରହିବ। ଏଥିସହ ରାଜ୍ୟସ୍ତରୀୟ ମହାସମାବେଶ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ରାଜମହଲ ଛକରୁ ବାହାରି ୟୁନିଟ୍-୧ ଫଳ ଭେଣ୍ଡିଂଜୋନ୍‌ଠାରେ ପହଞ୍ଚିବା ପରେ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହେବ। ଏନେଇ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ, ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ ଏବଂ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ବର୍ଷ ଓଡ଼ିଶାରେ ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା ସହରଗୁଡ଼ିକରେ ଏହି ଦିବସକୁ ପାଳନ କରାଯାଉଛି। ଉଠାଦୋକାନୀମାନେ ସାଧାରଣତଃ ଗ୍ରାହକମାନଙ୍କୁ ମୌଳିକ ସେବା ଯୋଗାଇଥାନ୍ତି। ମାତ୍ର ସୋମବାର ଏହି ସେବା ଯୋଗାଇପାରୁ ନ ଥିବାରୁ ଖାଉଟିମାନେ ଏଥିରେ ସହଯୋଗ ପାଇଁ ସଂଗଠନ ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଅନୁରୋଧ କରିଛନ୍ତି।

# ପୁରୀର ଦ୍ରୌପଦୀ ମହିଳା ସମିତି ଚାମ୍ପିୟନ

**ଆଶ୍ରମ ଶିଶୁ ମହୋତ୍ସବ ପ୍ରତିଯୋଗିତା ଟିକିଏ ହସ**

କଟକ,୧୯।୧(କାର୍ତ୍ତିକ ସାହୁ)

ଜାଗୃତ ଓଡ଼ିଶା ଚାରିଟେବୁଲ ଟ୍ରଷ୍ଟ ଓ ଆଇନଜୀବୀ ମଞ୍ଚ ପକ୍ଷରୁ ଯୁବ ଉତ୍କଳ ସମ୍ମିଳନୀ ସହଯୋଗରେ ଷଷ୍ଠ ରାଜ୍ୟସ୍ତରୀୟ ଆଶ୍ରମ ଶିଶୁ ମହୋତ୍ସବ ଟିକିଏ ହସ କଟକସ୍ଥିତ ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ଓଡ଼ିଶା ରାଜ୍ୟ ଆଇନ ଆୟୋଗର ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଭ୍ୟା ଅନିତା ବେହେରା, ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଓ ରାଜ୍ୟ ଆଇନଜୀବୀ ପରିଷଦର ସଭ୍ୟ ଧନଞ୍ଜୟ ମୁଣ୍ଡ ଯୋଗଦେଇଥିଲେ। ଆବାହକ ମନ୍ମଥ କୁମାର ଦାଶ ସ୍ୱାଗତ ଭାଷଣ, ଉପଦେଷ୍ଟା ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ଅତିଥି ପରିଚୟ ଓ ଶ୍ରୀକାନ୍ତ କୁମାର ବେଜ ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ମଞ୍ଚର ସଭାପତି କ୍ଷେତ୍ରମୋହନ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ହରିପ୍ରସାଦ ଓଝା, ତାପସ ମହାନ୍ତି ଓ ଜଗନ୍ନାଥ ମହାନ୍ତି ସଂଯୋଜନା କରିଥିଲେ। ୧୮ ଜିଲାର ୨୧ଟି ଶିଶୁଆଶ୍ରମରୁ ପିଲାମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ପୁରୀର ଦ୍ରୌପଦୀ ମହିଳା ସମିତି ଚାମ୍ପିୟନ ଓ ବାଲେଶ୍ୱର ଜିଲାର ମାଗୁଣିଚରଣ ବାଳାଶ୍ରମ ରନର ଅପ୍ ହୋଇଥିଲେ। ଏହି ଅବସରରେ ଡା. ବନବିହାରୀ ମିଶ୍ର, ଆର୍‌ପିଏଫ-ଆଇଆଇସି ଅନିଲ କୁମାର ସିଂଙ୍କ ସମେତ ବିଶିଷ୍ଟ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବୀପ୍ରସାଦ ସେଠୀ, ଶିଳ୍ପା ପାତ୍ର, ଅଜିତ୍ ଶତପଥୀ, ସୁମିତା ଦତ୍ତ, ବିଜୟିନୀ ମିଶ୍ର, ଆଶୁତୋଷ ହୋତା, ବ୍ରଜସୁନ୍ଦର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଲାମାନେ ସଂଗ୍ରହାଳୟ, ଆକ୍ୱାରିୟମ ବୁଲିବା ସହ କଟକ ଦହିବରାର ମଜା ନେଇଥିଲେ।

# ମାନସିକ ରୋଗୀଙ୍କୁ ଘୃଣା କରିବା ପରିବର୍ତ୍ତେ ଆପଣାନ୍ତୁ

ମଙ୍ଗୁଳି-ଜଗତପୁର,୧୯।୧(ମାନସ ସାମଲ)



ଉତ୍ସବରେ ଜନନୀ ଆଶ୍ରମ ସମ୍ପାଦିକା ସୁଶ୍ରୀ ସଂଯୁକ୍ତା ଭାରତୀୟଙ୍କୁ ସମ୍ମାନିତ କରାଯାଉଛି।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମହିଷାଲଣ୍ଡା ପଞ୍ଚାୟତସ୍ଥିତ ଜନନୀ ଆଶ୍ରମ ପରିସରରେ ଜଗତ୍‌ପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆୱାରନେସର ଦ୍ୱାଦଶତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଭାକର ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ପ୍ରମୋଦ କୁମାର ଓଝା, ସମ୍ମାନିତ ଅତିଥି ଭାବେ ଜନନୀ ଆଶ୍ରମ ସମ୍ପାଦିକା ସୁଶ୍ରୀ ସଂଯୁକ୍ତା ଭାରତୀୟ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୁବ ଉଦ୍ୟୋଗୀ ସୁବାସ ଚନ୍ଦ୍ର ସ୍ୱାଇଁ, ଦିଲୀପ କୁମାର ଜେନା, କିଶୋର କୁମାର ପରିଡ଼ା, ଜଗତପୁର ଟ୍ରକ୍ ମାଲିକ ସଂଘ ସଭାପତି ଦିଲୀପ କୁମାର ଜେନା, ଆୱାରନେସ୍ ଅନୁଷ୍ଠାନର କୋଷାଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ନାୟକ ଯୋଗଦେଇଥିଲେ। ପରିବାରରେ କେହି ମାନସିକ ରୋଗରେ ଆକ୍ରାନ୍ତ ହେଲେ ତାଙ୍କୁ ଘରେ ନ ରଖି ବାହାରେ ଛାଡି ଦିଆଯାଉଛି। ତେଣୁ ଏଥିରୁ ନିବୃତ୍ତ ରହିବା ସହ ସମସ୍ତେ ମାନସିକ ରୋଗୀଙ୍କୁ ଘୃଣା କରିବା ପରିବର୍ତ୍ତେ ଆପଣାନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜନନୀ ଆଶ୍ରମର ସମ୍ପାଦିକା ସୁଶ୍ରୀ ସଂଯୁକ୍ତା ଭାରତୀୟଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସେବା ସମ୍ମାନ 'ଆୱାରନେସ୍'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଆଶ୍ରମର ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୌତମ ବେହେରା ମଞ୍ଚ ପରିଚାଳନା ଓ ସରସ୍ୱତୀ ସାମଲ, ହରପ୍ରିୟା ପଣ୍ଡା, ସୁଷମା ସାହୁ, ରଞ୍ଜିତା ଦଳାଇ, ଗୁରୁବାରୀ ମାଣ୍ଡ୍ରୀ, ମାନସ ରଞ୍ଜନ ମାଟିଆ, ଉମ୍ବରୁଧର ପରିଡ଼ା, ବିପିନ ବିହାରୀ ଦଣ୍ଡପାଟ ସଭା ପରିଚାଳନା କରିଥିଲେ। ସମ୍ପାଦିକା ଜୟନ୍ତୀ ଦାସ ଧନ୍ୟବାଦ ଦେଇଥିଲେ।

# ଅପସଂସ୍କୃତିରେ ଲୋପ ପାଇଲାଣି ମୂଳ ସଂସ୍କୃତି

ବାଙ୍କୀ,୧୯।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)




ବାଳିକା ଉଚ୍ଚବିଦ୍ୟାଳୟ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବାଙ୍କୀ ବ୍ଲକ ଜଗନ୍ନାଥପୁର ବାଳିକା ଉଚ୍ଚବିଦ୍ୟାଳୟର ୩୩ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ବେହେରା ସଭାପତିତ୍ୱ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ ବ୍ଲକ ସହକାରୀ ଶିକ୍ଷାମଣ୍ଡଳ ଅଧିକାରୀ ବଳରାମ ମୁଦୁଲି ଯୋଗଦେଇ ଭଲ ପାଠ ପଢ଼ି ଛାତ୍ରୀମାନେ ବିଦ୍ୟାଳୟର ସୁନାମ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ନୈତିକ ଶିକ୍ଷା, ମୂଲ୍ୟବୋଧକ ଶିକ୍ଷା ଛାତ୍ରୀମାନଙ୍କୁ ଦିଆଗଲେ ସେମାନେ ସମାଜରେ ଭଲ ମଣିଷ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନୀଳମାଧବ କଲେଜ କଣ୍ଟିଲୋର ଅଧ୍ୟାପକ ଡ. ନିରୋଦ କୁମାର ମନ୍ତ୍ରୀ ଯୋଗଦେଇ ଏବେ ସମାଜରେ ଅପସଂସ୍କୃତି ବିଦ୍ୟମାନ ହେବାରୁ ଆମର ମୂଳ ସଂସ୍କୃତି ଲୋପ ପାଇବାକୁ ବସିଲାଣି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ବେହେରା, ଜଗନ୍ନାଥପୁର ସାଧନାକେନ୍ଦ୍ର ସଂଯୋଜକ ଡ. ଚିତ୍ତରଞ୍ଜନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୌଦାମିନୀ ନନ୍ଦ, ସାମାଜିକ କର୍ମୀ ତଥା ବିଦ୍ୟାଳୟ ଉପଦେଷ୍ଟା ଗୁରୁବାରୀ ସାହୁ, କବି ଲଲାଟେନ୍ଦୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସରିତା ସାହୁ ବିବରଣୀ ପାଠ କରିଥିଲେ। ଶ୍ରେଷ୍ଠ ଛାତ୍ରୀଭାବେ ଶିବାନୀ ମହାନ୍ତିଙ୍କୁ ଡ. ବିଜୟା ଭଞ୍ଜ ଶିକ୍ଷା ସମ୍ମାନ ସହ ୪ହଜାର ଟଙ୍କା, ଶୁଭଲକ୍ଷ୍ମୀ ସାହୁଙ୍କୁ କୁନ୍ତଳା କୁମାରୀ ଶିକ୍ଷା ପୁରସ୍କାର ସହ ୩ହଜାର ଟଙ୍କା ଓ ସୁପ୍ରିୟା ବିଶ୍ୱାଳଙ୍କୁ ମିନତୀ ସାହୁ ଶିକ୍ଷା ପୁରସ୍କାର ସହ ୨୫ଶହ ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀ କରିସ୍ମା ସାହୁ ଏନ୍‌ଆରଟିଏସ୍ ପରୀକ୍ଷାରେ କୃତ କାର୍ଯ୍ୟ ହୋଇଥିବାରୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ବାର୍ଷିକ କ୍ରୀଡା ଉତ୍ସବରେ ଲୋପାମୁଦ୍ରା ମଙ୍ଗରାଜଙ୍କୁ ଶ୍ରେଷ୍ଠ କ୍ରୀଡାବିତ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଲିଳାବତୀ ବଳିୟାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ 'ପରି' ପରିବେଷଣ କରାଯାଇଥିଲା।

## ଫଟୋରେ ଖବର




କଟକ ଏଲ୍‌ଆଇସି ଡିଭିଜନ ଅଫିସ ପ୍ରାଙ୍ଗଣରେ କଟକ ଡିଭିଜନ ବୀମା କର୍ମଚାରୀ ସଂଘ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଉଦ୍‌ବୋଧନ ଦେଉଛନ୍ତି।




କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଅନୁଷ୍ଠିତ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲରେ ଧ୍ରୁପଦ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପରିବେଷିତ ଭାରତ ନାଟ୍ୟମ।




କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ହାଇକୋର୍ଟ ଷ୍ଟାଫ କମ୍ୟୁନିଟି ସେଣ୍ଟରଠାରେ ହାଇକୋର୍ଟ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ମାନ୍ୟତା ସତ୍ତ୍ୱେ ଅବହେଳିତ ମଣ୍ଡନଗିରି

ଖୋର୍ଦ୍ଧା,୧୯।୧(ପ୍ରଭାତ ପାଣିଗ୍ରାହୀ)



ଶ୍ରୀରଘୁନାଥ ଜୀଉ ମନ୍ଦିର।



ମଣ୍ଡନଗିରି ପାହାଡ଼।

ପ୍ରକୃତିର ଗନ୍ତାଘର ମଣ୍ଡନଗିରି। ସବୁଜବନାନୀ ସାଙ୍ଗକୁ ପାହାଡ଼ର ଅପୂର୍ବ ସମାହାର ଏହାର ଶୋଭାକୁ ଦ୍ୱିଗୁଣିତ କରୁଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତର ସଂପୁର ଗ୍ରାମ ନିକଟରେ ରହିଛି ମୁଣ୍ଡିଆପଡ଼ା ବା ମଣ୍ଡନଗିରି ପାହାଡ଼। ଏହି ପାହାଡ଼ ଉପରେ ଶ୍ରୀରଘୁନାଥ ଜୀଉ ମନ୍ଦିର ଅବସ୍ଥିତ। ସମୁଦ୍ର ପତ୍ତନଠାରୁ ୧୧ଶହ ଫୁଟ ଉଚ୍ଚ ଖୋର୍ଦ୍ଧା ବନଖଣ୍ଡ ସଂରକ୍ଷିତ ଜଙ୍ଗଲଘେରା ଅଞ୍ଚଳ ମଧ୍ୟରେ ପାହାଡ଼ ଶିଖରରେ ବିଜେ କରିଛନ୍ତି ଶ୍ରୀରଘୁନାଥ। ଏଠାରେ ଶ୍ରୀରାମ, ଦେବୀ ସୀତା, ଭରତ, ଶତ୍ରୁଘ୍ନ ଓ ହନୁମାନଙ୍କ ସମେତ ଜାମ୍ବବାନ, ଅଙ୍ଗଦ ପ୍ରମୁଖ ପୂଜା ପାଉଛନ୍ତି। ଏଠାରେ ମନ୍ଦିର ଥିବାରୁ ଭକ୍ତିମୟ ବାତାବରଣ ସୃଷ୍ଟି ହେଉଛି। ବର୍ଷତମାମ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହେ। ବିଶେଷକରି କାର୍ତ୍ତିକ ମାସ, ଶ୍ରୀରାମ ନବମୀ, ହନୁମାନ ଜୟନ୍ତୀରେ ପ୍ରବଳ ଜନସମାଗମ ହୋଇଥାଏ। ତେବେ ୧୯୯୭ରୁ ଏହି ସ୍ଥାନ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଥିଲେ ମଧ୍ୟ କୌଣସି ବିକାଶ ହୋଇନାହିଁ। ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ଉପଲବ୍ଧ ନ ଥିବା ଜଣାପଡ଼ିଛି।

ସ୍ଥାନୀୟ ଗ୍ରାମବାସୀଙ୍କ ଦାନଅର୍ଥରେ ଏହି ମନ୍ଦିରର ନୀତିକାନ୍ତି ଚାଲିଥାଏ। ଏହାର ନୈସର୍ଗିକ ପରିବେଶ, ଶ୍ରୀରାମଙ୍କ ଭକ୍ତି ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ଏଠାକୁ ଟାଣିଆଣିଥାଏ। ତେବେ ପର୍ଯ୍ୟଟକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ମଣ୍ଡନଗିରି ପାଦଦେଶରେ ବିଜେ କରିଛନ୍ତି ମା' ବୁଢୀଦେଈ। ମହନ୍ତ ପ୍ରଜ୍ଞାନନ୍ଦ ଦାସ ମହାରାଜ ଦୈନିକ ଠାକୁରଙ୍କ ନୀତିକାନ୍ତି କରୁଛନ୍ତି। ସେ କହିଛନ୍ତି, କେବେଠାରୁ ପାହାଡ଼ ଉପରେ ଶ୍ରୀରାମ ପୂଜା ପାଉଛନ୍ତି, ତାହାର କୌଣସି ଠିକ୍ ପ୍ରମାଣ ନାହିଁ। ତ୍ରେତୟା ଯୁଗରେ ଜଣେ ପ୍ରସିଦ୍ଧ ମୁନିଙ୍କ ଆଶ୍ରମ ଥିଲା। ବନବାସ ସମୟରେ ଶ୍ରୀରାମ ସେହି ମୁନିଙ୍କ ଦର୍ଶନ ପାଇଁ କିଛି ସମୟ ଏଠାରେ ବିଶ୍ରାମ କରିଥିଲେ। ପାହାଡ଼ ଉପରେ ପଦ୍ମ ପୁଷ୍କରିଣୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ପାହାଡ଼ ଏକ ଶିବଲିଙ୍ଗ ଆକୃତିର ହୋଇଥିବା ବେଳେ ଏହାର ବ୍ୟାସାର୍ଦ୍ଧ ପ୍ରାୟ ୩ କିମି। ଏଠାକୁ ଚାଲି ଚାଲି ଯିବା ପାଇଁ କେବଳ ରାସ୍ତାଟିଏ ରହିଛି। ସଂପୁରପଟୁ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ପାହାଚ ନିର୍ମାଣ କରାଯାଇଛି। ପାହାଡ଼ ଉପରକୁ ଉଠିବାକୁ ସବୁଦିନିଆ ରାସ୍ତା, ପର୍ଯ୍ୟଟକଙ୍କ ସୁବିଧା ଦୃଷ୍ଟିରୁ ଆବଶ୍ୟକ ଭିତ୍ତିଭୂମିର ଅଭାବ ଥିବାବେଳେ ବିକାଶ ଓ ଆଲୋକୀକରଣ ଲାଗି ଜିଲା ପ୍ରଶାସନ ନିକଟରେ ଗ୍ରାମବାସୀ ବାରମ୍ବାର ଦାବି କରୁଛନ୍ତି।

ଏ ନେଇ ବେଗୁନିଆ ବିଧାୟକ ପ୍ରଦୀପ ସାହୁ କହିଛନ୍ତି, ଏହା ଏକ ଐତିହାସିକ ସ୍ଥଳ। ଉକ୍ତ ପୀଠର ଉନ୍ନତୀକରଣ ଲାଗି ପର୍ଯ୍ୟଟନ ବିଭାଗ ସହ ଆଲୋଚନା ସରିଛି। ବିଧାନସଭାରେ ମଧ୍ୟ କଥା ଉଠାଇଛି। ଏହାର ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ପାଇଁ ବିଭାଗୀୟ ସଚିବ ଓ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ସହ ଉନ୍ନତୀକରଣ କରାଯିବ।

## ଯୁଥ୍ ଏକାଦଶ ଦୀକ୍ଷିତପଡ଼ା ଚାମ୍ପିୟନ

### ଆଡିଆପଡ଼ା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ

ନିରାକାରପୁର,୧୯।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଆଡିଆପଡ଼ାଠାରେ ଅନୁଷ୍ଠିତ ପ୍ରିମିୟର ଲିଗ୍ କ୍ରିକେଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ମା' ବ୍ରାହ୍ମଣୀଦେବୀ ଷ୍ଟ୍ରାଇକର କୟଥପଲ୍ଲୀକୁ ୭ ଉଇକେଟରେ ହରାଇ ଯୁଥ୍ ଏକାଦଶ ଦୀକ୍ଷିତପଡ଼ା ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ଡ. ସଞ୍ଜୟ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ଟୁର୍ନାମେଣ୍ଟର ପୁରୋଧା ଅଜୟ କୁମାର ମହାପାତ୍ର, ସମ୍ମାନିତ ଅତିଥି ବିଶ୍ୱଭୂଷଣ ଛୋଟରାୟ, ସର୍ବେଶ୍ୱର ରାଉତରାୟ, ନବ ବିଶ୍ୱାଳ, ବେଣୁଧର ରାଉତ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ସଭାପତି ଯୋଗେନ୍ଦ୍ର ମହାରଥୀ, ବିଭୂତି ଭୂଷଣ ମହାପାତ୍ର, ଯଦୁମଣି ମହାରଥୀ, ଦିଲୀପ ମହାରଥୀ, ଜିତେନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ମହାରଥୀ ଉପସ୍ଥିତ ଥିଲେ। ଭାଷ୍ୟକାର ଭାବରେ ଦୀପକ ମହାରଥୀ, କୃଷ୍ଣଚନ୍ଦ୍ର ସାମନ୍ତରାୟ ଏବଂ ବିଜୟ କୁମାର ସାହୁ ପରିଚାଳନା କରିଥିଲେ। ଖେଳର ଅମ୍ପାୟର ସୂର୍ଯ୍ୟକାନ୍ତ ଯାଦବ ଓ ଶିବ ପ୍ରସାଦ ସାହୁ ଏବଂ ତୃତୀୟ ଅମ୍ପାୟାର ଭାବେ ପ୍ରଶାନ୍ତ ମହାରଥୀ ଦାୟିତ୍ୱ ତୁଲାଇଥିଲେ।

## ରାଇଜିଂ ଷ୍ଟାର କ୍ଲବ ବିଜୟୀ

ଖୋର୍ଦ୍ଧା,୧୯।୧(ପ୍ରଭାତ ପାଣିଗ୍ରାହୀ)

କ୍ରିକେଟ ଆସୋସିଏଶନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ବିଜେବି ହାଇସ୍କୁଲ ପଡ଼ିଆ ମିନି ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସରେ ରବିବାର ରାଇଜିଂ କ୍ଲବ୍ କୁମାରବସ୍ତ ବିଜୟୀ ହୋଇଛି। ଟସ୍ ଜିତି ଜଟଣୀ କ୍ରିକେଟ ଏକାଡେମୀ ଦଳ ପ୍ରଥମେ ବ୍ୟାଟିଂକରି ୩୨.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୨ ରନ୍ କରିଥିଲା। ଦଳ ପକ୍ଷରୁ ଅନ୍‌ସେ ଷଡ଼ଙ୍ଗୀ ୨୫ ରନ୍ କରିଥିଲେ। ରାଇଜିଂ ଷ୍ଟାର କ୍ଲବ ପକ୍ଷରୁ ଜିଗ୍ନେଶ ରାଉତ ୩ ଉଇକେଟ୍ ନେଇଥିଲେ। ଜବାବରେ ରାଇଜିଂ କୁମାରବସ୍ତ ଦଳ ୩୦ ଓଭରରେ ୩ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତିଥିଲା। ପୂରବ ପ୍ରସାଦ ଓ ଜିଗ୍ନେଶ ରାଉତ ଉଭୟ ୨୦ ରନ୍ ଲେଖାଏ ସଂଗ୍ରହ କରିଥିଲେ। ଖେଳକୁ ସରୋଜ ପାତ୍ର ଓ ଚନ୍ଦ୍ରମୋହନ ବରାଳ ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ସେନାପତି ସ୍କୋରର ରହିଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରି, ରୋହିତ୍ ରଞ୍ଜନ ରାୟ ଏବଂ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମ୍ୟାଚ୍ ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ। ସୋମବାର କେ.ଟି ଗ୍ଲୋବାଲ କ୍ରିକେଟ କ୍ଲବ ଏବଂ ଇଗଲ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

## କ୍ରିକେଟ୍ ମ୍ୟାଚ୍ ମାଧ୍ୟମରେ ଉପଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୧୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ଢେଙ୍କାନାଳ ଜିଲା ପରିଷଦ ଉନ୍ନୟନ ଅଧିକାରୀ ଭାବେ ପଦୋନ୍ନତି ସହ ବଦଳି ହୋଇଛି। ତାଙ୍କୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଉପଜିଲାପାଳ ଏକାଦଶ ଏବଂ ତହସିଲଦାର ଏକାଦଶ ମଧ୍ୟରେ ଦିବାରାତ୍ର ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଖୋର୍ଦ୍ଧା ଉପଜିଲାପାଳ ଏକାଦଶ ବିଜୟୀ ହୋଇଛି। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଓ ତହସିଲଦାର ବିଭାସ ପାଣିଗ୍ରାହୀ ଏହି ମ୍ୟାଚ୍‌ରେ ଖେଳାଳି ଭାବେ ଅଂଶଗ୍ରହଣ କରିଥିଲେ। ବିଦାୟ ସମ୍ବର୍ଦ୍ଧନା ପାଇଁ ସେଠୀ ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପାଟବନ୍ଧ କ୍ରିକେଟ କ୍ଲବ ବିଜୟୀ

ବୋଲଗଡ଼,୧୯।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମର ମା' ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବଡ଼ତୋଟା ଖେଳପଡ଼ିଆଠାରେ ୧୦ମ ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବାକୁ ଥିବାବେଳେ ଉଦ୍‌ଘାଟନୀ ମ୍ୟାଚରେ ପାଟବନ୍ଧ କ୍ରିକେଟ କ୍ଲବ ଓ ଗୋଡିପଡ଼ା କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ପାଟବନ୍ଧ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଗୋଡିପଡ଼ା ଦଳ ୧୫ ଓଭରରେ ୮ଉଇକେଟ ବିନିମୟରେ ୧୧୨ ରନ୍ କରି ପରାଜିତ ହୋଇଥିଲା। ଏହି ମ୍ୟାଚ୍ ବିଜୟ ଲାଭ କରି ପାଟବନ୍ଧ ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମ୍ୟାଚ୍‌ଟିକୁ ଅମ୍ପାୟାର ଭାବେ ଅଜୟ ସ୍ୱାଇଁ ଓ ରାହୁଲ କୁମାର ପରିଚାଳନା କରିଥିଲେ।

# ଆଜି ଚିଲିକାରେ ଡଲ୍‌ଫିନଗଣନା



ଡଲ୍‌ଫିନଗଣନା ପାଇଁ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଓ ପ୍ରଶିକ୍ଷାର୍ଥୀମାନେ।

ବାଲୁଗାଁ, ୧୯।୧ (ସଂଗ୍ରାମ ପାଇକରାୟ)

### ସାମିଲ ହେବେ ୧୮ ଦଳ, ୧୪୫ ପ୍ରଶିକ୍ଷଣକାରୀ

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ମିଳିତ ଆନୁକୂଲ୍ୟରେ ସୋମବାରଠାରୁ ସମଗ୍ର ଚିଲିକାରେ ବିରଳ ଇରାୱାଡ଼ି ପ୍ରଜାତିର ଡଲଫିନ ଗଣନା ହେବ। ଏହି ଗଣନା କାର୍ଯ୍ୟ ୩ଦିନ ଧରି ଜାରି ରହିବ। ଏଥିପାଇଁ ବିଭାଗ ତରଫରୁ ପ୍ରସ୍ତୁତି ସରିଛି। ମୋଟ ୧୮ ଦଳରେ ୧୪୫ ଜଣ ଗଣନାକାରୀ ସାମିଲ ହେବେ। ଏହି ପରିପ୍ରେକ୍ଷୀରେ ରବିବାର ବାଲୁଗାଁ ନିକଟ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ରରେ ୧୦ ଟିମ୍ ଏବଂ ସାତପଡ଼ା ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ୮ ଟିମ୍‌ଙ୍କୁ ପୃଥକ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବାଲୁଗାଁରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରକୁ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ ନାୟକ ପରିଚାଳନା କରିଥିଲେ। ଶିବିରରେ ବରିଷ୍ଠ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି, ସାଇଣ୍ଟିଷ୍ଟ ପ୍ରଦୀପ ରଞ୍ଜନ ମୁଦୁଲି, ଅନିଲ ମହାପାତ୍ର, ଶିବପ୍ରସାଦ ପଣ୍ଡା ଏବଂ ସୁଶିଲ ଦତ୍ତ ଯୋଗଦେଇ ନିର୍ଭୁଲ ଡଲଫିନ ଗଣନା ନିମନ୍ତେ ତାଲିମ ପ୍ରଦାନ କରିଥିଲେ।

ସେହିପରି ସାତପଡ଼ାଠାରେ ସିଡିଏର ସିନିୟର ସାଇଣ୍ଟିଷ୍ଟ ଆର୍.ଏନ୍.ସାମଲ, ବାଲୁଗାଁ ବନ୍ୟପ୍ରାଣୀ ବିଭାଗର ଏସିଏଫ୍ ପ୍ରମୋଦ କୁମାର ସେଠୀ ଏବଂ ଚିଲିକା ରେଞ୍ଜ ଅଧିକାରୀ କାଶୀନାଥ ହେମ୍ବ୍ରମ ଗଣନାକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗଣନା କାର୍ଯ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ସିଡିଏ ଓ ବନ କର୍ମଚାରୀ, ଓୟୁଏଟି, ୱାଇଲ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର ଏବଂ ଛାତ୍ରୀଛାତ୍ର ସାମିଲ ହେବେ। ପ୍ରତି ଦଳକୁ ଡଲଫିନ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳର ରୁଟ୍ ମ୍ୟାପ, ବାଇନାକୁଲାର, ଜିପିଏସ୍ ଓ ନୋଟ୍‌ବୁକ ଆଦି ଯୋଗାଇ ଦିଆଯାଇଛି। ୩ ସେକ୍ଟର ତଥା ମଧ୍ୟଚିଲିକା, ଉତ୍ତର ଚିଲିକା ଏବଂ ଦକ୍ଷିଣ ଚିଲିକା ଅଞ୍ଚଳରେ ସିଙ୍ଗଲ ଲାଇନ ଟ୍ରାଞ୍ଜାକ୍ଟ ପ୍ରଣାଳୀରେ ଏହି ଡଲଫିନ ଗଣନା ହୁଏ। ଡଲଫିନ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳରେ ଗଣନାକାରୀଙ୍କ ଡଙ୍ଗା ଏକ ସରଳରେଖା ଦେଇ ଗତିକରିବ। ଏହି ସମୟରେ ଉଭୟ ପାର୍ଶ୍ୱରେ ଯେତିକି ସଂଖ୍ୟକ ଡଲ୍‌ଫିନ ଦୃଷ୍ଟିଗୋଚର ହେବେ ତାହାକୁ ବାଇନାକୁଲାର ଏବଂ ଜିପିଏସ୍ ମାଧ୍ୟମରେ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ଭୋର ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗଣନା ହେବ। ନିର୍ଭୁଲ ଗଣନା ପାଇଁ ବିଭାଗ ପକ୍ଷରୁ ୩ଦିନ ଅର୍ଥାତ ୨୨ ତାରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ଡଲଫିନ ଅଭୟାରଣ୍ୟ କୁହାଯାଉଥିବା ସାତପଡ଼ା ଅଞ୍ଚଳ ତଥା ଜହ୍ନିକୁଦା, ଗୁରୁବାଇ, ବଡଗୋଠ, ମହିଷା, ବାଲିନାସି, ଗମ୍ଭାରୀ, ଅରଖକୁଦା ଓ ସିପକୁଦା ଅଞ୍ଚଳରେ ୮ଟି ଦଳ ନିୟୋଜିତ ହେବେ। ସେହିପରି ଆଉ ୧୦ଟି ଦଳ ବାଲୁଗାଁ, କାଳିଜାଈ, ନଳବଣ, କୃଷ୍ଣପ୍ରସାଦ, ପାରିକୁଦ ଓ ରମ୍ଭା ଅଞ୍ଚଳରେ ରହି ଗଣନା କରିବେ। ବିଗତ ବର୍ଷରେ ଚିଲିକାରେ ୧୬୦ରୁ ଊର୍ଦ୍ଧ୍ୱ ଏହି ବିରଳ ଇରାୱାଡ଼ି ଡଲ୍‌ଫିନଙ୍କୁ ଚିହ୍ନଟ କରାଯାଇଥିଲା। ଗତବର୍ଷ କୌଣସି କାରଣରୁ ଡଲଫିନ ସଂଖ୍ୟା ପ୍ରକାଶ ପାଇ ନ ଥିଲା। ତେବେ ଚଳିତ ବର୍ଷ କେତେ ସଂଖ୍ୟାରେ ଡଲଫିନ ଅଛନ୍ତି ତାହା ରିପୋର୍ଟରୁ ଜଣାପଡ଼ିବ।

## ମହାବୀର କ୍ରିକେଟ କ୍ଲବ ଟାଙ୍ଗିଆପଡା ଚାମ୍ପିୟନ

### ଗନ୍ଧେଈଁ ଚତୁର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ

ବାଘମାରୀ,୧୯।୧(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସିମୋର ମା' ଗନ୍ଧେଈଁ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚତୁର୍ଥ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ବାବା ଲୋକନାଥ କ୍ରିକେଟ କ୍ଲବ ଗୋଡ଼ାକୁ ହରାଇ ମହାବୀର କ୍ରିକେଟ କ୍ଲବ ଟାଙ୍ଗିଆପଡ଼ା ଚାମ୍ପିୟନ ହୋଇଛି। ବାବା ଲୋକନାଥ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରୁ ୧୯.୨ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୩୦ ରନ୍ କରିଥିଲା। ମହାବୀର କ୍ରିକେଟ କ୍ଲବର ଖେଳାଳି ପୁରୁଷୋତ୍ତମ ୪ଟି, ପର୍ଣ୍ଣିମା ଓ ରୋହିତ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ମହାବୀର କ୍ରିକେଟ କ୍ଲବ ୧୩.୨ ଓଭରରେ ୨ ଉଇକେଟ୍ ହରାଇ ୧୩୨ ରନ କରି ବିଜୟୀ ହୋଇଥିଲା। ବାବା ଲୋକନାଥ କ୍ରିକେଟ କ୍ଲବ ଖେଳାଳି ତପୁ ଓ ଲକି ୧ଟି ଲେଖାଏଁ ଉଇକେଟ ନେଇଥିଲେ। ପୁରୁଷୋତ୍ତମ ମୁଦୁଲି ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ଅମ୍ପାୟାର ଭାବେ ନରେଶ ଜେନା ଓ ପ୍ରଭାତ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚର ଧାରା ବିବରଣୀ ଚିନ୍ମୟ ମହାନ୍ତି, ପ୍ରକାଶ ମାର୍ଥା ଓ ମିହିର ମହାପାତ୍ର ପ୍ରଦାନ କରିଥିଲେ। ଦେବାଶିଷ ଜେନା ଓ ପବିତ୍ର ମହାନ୍ତି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ କ୍ଲବ ସଭାପତି ମୃତ୍ୟୁଞ୍ଜୟ ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଭାଜପା ନେତା ପ୍ରକାଶ ବିଜୁଳି, ସାମାଜିକ କର୍ମୀ ପରେଶ ଜଗଦ୍ଦେବ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର ୧୫୧ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୦ ହଜାର ୧୦୧ ଟଙ୍କା ପ୍ରଦାନ କରିଥିଲେ।

## ପଦଯାତ୍ରାରେ ସଡ଼କ ସୁରକ୍ଷା ସଚେତନତା




ଜଟଣୀ,୧୯।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ସ୍ୱେଚ୍ଛାସେବୀ ସଙ୍ଗଠନ 'ସମ୍ଭାବନା ପରିବାର' ଓ ସୀତାରାମ ଛକ ଅଟୋ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା ମାସ ରବିବାର ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ରାସ୍ତାରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ଏକ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ସ୍ଥାନୀୟ ସୀତାରାମ ଛକଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଥାନା କର୍ମଚାରୀ, ଖୋର୍ଦ୍ଧା ପରିବହନ ବିଭାଗ, ଆଇନଜୀବୀ, ଓଡ଼ିଶା ଡ୍ରାଇଭର ମହାସଂଘ କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଲିଫ୍‌ଲେଟ, ଚକୋଲେଟ ଏବଂ ଗୋଲାପ ଫୁଲ ବାଣ୍ଟି ସଡ଼କ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଅତିଥି ଭାବେ ଖୋର୍ଦ୍ଧା ପରିବହନ ବିଭାଗ ସବ୍‌ଇନ୍‌ସପେକ୍ଟର ତୃପ୍ତିରେଖା ଜେନା, ଓଡ଼ିଶା ଡ୍ରାଇଭର ମହାସଂଘ ଖୋର୍ଦ୍ଧା ଜିଲା ସଭାପତି ଅନିଲ ହାତୀ, ସୀତାରାମ ଛକ ଅଟୋ ଆସୋସିଏଶନ ସମ୍ପାଦକ ସୁଶାନ୍ତ ପ୍ରଧାନ, ଉପସଭାପତି ଗଣେଶ ନାୟକ, ସାମାଜିକ କର୍ମୀ ଜଗଦୀଶ ପ୍ରସାଦ ଅଗ୍ରୱାଲ, ପ୍ରକାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସଡ଼କ ଦୁର୍ଘଟଣାର ଭୟାବହତା ସମ୍ପର୍କରେ ଉପସ୍ଥିତ ଜନସାଧାରଣ ଓ କର୍ମକର୍ତ୍ତାଙ୍କୁ ଅତିଥିମାନେ ସମ୍ୟକ ଧାରଣା ଦେବା ସହ ପରିବେଶ ପ୍ରଦୂଷଣ ରୋକିବା ଦିଗରେ ସମସ୍ତଙ୍କୁ ଏବେଠାରୁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ସଭାପତି ସନ୍ତୋଷ ହୋତା, ସମ୍ପାଦକ ଦେବପ୍ରସାଦ ଦାଶଙ୍କ ସହିତ ବହୁ ସଦସ୍ୟ ସହଯୋଗ କରିଥିଲେ। ଏହି ଅବସରରେ ସୀତାରାମ ଛକ ଅଟୋ ଆସୋସିଏଶନ କାର୍ଯ୍ୟାଳୟ ସମ୍ମୁଖରେ ଏକ ଫାଷ୍ଟେଡବକ୍ସ ଲୋକାର୍ପଣ ହୋଇଥିଲା।

# 'ଯୁବଚାଷୀ ସ୍ୱାବଲମ୍ବୀ ହୋଇ ପ୍ରେରଣା ସାଜନ୍ତୁ'

ଖୋର୍ଦ୍ଧା,୧୯।୧(ପ୍ରଭାତ ପାଣିଗ୍ରାହୀ)

### ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା



କୃଷି ଯନ୍ତ୍ରପାତି ମେଳାରେ ଜଣେ ବ୍ୟକ୍ତିଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ହାବେଳି ପଡ଼ିଆରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଚାଲିଛି। ରବିବାର ଏହି ମେଳାର ଚତୁର୍ଥ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକମାନଙ୍କୁ ଆର୍ଥିକସ୍ତରରେ ସ୍ୱାବଲମ୍ବୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ବିଭିନ୍ନ ସରକାରୀ ଯୋଜନା, କୃଷି କର୍ମଚାରୀଙ୍କ ଉଦ୍ୟମ, ଚାଷୀଙ୍କ ପ୍ରଚେଷ୍ଟା ବଳରେ ଓଡ଼ିଶା କୃଷିକ୍ଷେତ୍ରରେ ନିଜ ପାରଦର୍ଶିତା ପ୍ରଦର୍ଶନ କରିପାରିଛି। ଏବେ ବିଭିନ୍ନ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ଫଳରେ ଯୁବଚାଷୀମାନେ କୃଷି ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଏଥିସହ ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ କରି କୃଷି ଯନ୍ତ୍ରପାତିର ବ୍ୟବହାର କରିବା ଦ୍ୱାରା ଫସଲ କ୍ଷତିକୁ ହ୍ରାସ କରାଯାଇପାରୁଛି ବୋଲି ଜେନା କହିଥିଲେ। ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ (କୃଷି) ତୁଷାରକାନ୍ତି ସାମଲ, ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାକୃତିକ, ଜୈବିକ କୃଷି ଉପରେ ପ୍ରାଧାନ୍ୟ ଦେବା ସହିତ ଯୁବପିଢି କୃଷି ଯନ୍ତ୍ରପାତିର ସଦୁପଯୋଗ କରି ସେମାନଙ୍କ ଆୟ ବହୁଗୁଣିତ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଷ୍ଟ୍ରର ସମୃଦ୍ଧି କୃଷକଙ୍କ ବିକାଶ ଉପରେ ନିର୍ଭର କରେ। ଆଧୁନିକ ଯନ୍ତ୍ରପାତିର ପ୍ରୟୋଗରେ କମ୍ ସମୟରେ ଅଧିକ ଅମଳ ହୋଇପାରିବ ବୋଲି ସେ କହିଥିଲେ। ଏହି ମେଳାରେ ୫୦୦ରୁ ଅଧିକ ଚାଷୀ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୦ ଚାଷୀ କୃଷି ପାଠଶାଳାରେ ଅଂଶଗ୍ରହଣ କରିଥିଲେ। କୃଷି ବିଶେଷଜ୍ଞମାନେ କୃଷକଙ୍କୁ ଆଧୁନିକ ଜ୍ଞାନକୌଶଳ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ମେଳାରେ ଜଟଣୀ ଓ ବାଲିପାଟଣା ବ୍ଲକର ୧୨ଜଣ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ୮ ବର୍ଷ ପରେ ବି ହୋଇପାରୁନି ବୋଲଗଡ଼ କୋର୍ଟ ନିର୍ମାଣ

ବୋଲଗଡ଼,୧୯।୧(ଦେବବ୍ରତ ହୋତା)



ଅସ୍ଥାୟୀ ଭାବେ ଚାଲିଥିବା କୋର୍ଟ କ୍ୟାମ୍ପସ ପରିସରରେ ପ୍ରଶାସନିକ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ବୋଲଗଡ଼ରେ ଜେଏମ୍ଏଫ୍‌ସି କୋର୍ଟ ପ୍ରତିଷ୍ଠା ପାଇଁ ଉପଯୁକ୍ତ ସ୍ଥାନ ଅଭାବରୁ ବିଳମ୍ବ ହେଉଛି। ଜିଲା ଜଜ୍‌ଙ୍କ ସମେତ ବିଭିନ୍ନ ସମୟରେ ଉଚ୍ଚପଦସ୍ଥ ଅଧିକାରୀମାନେ ବୋଲଗଡ଼ ପହଞ୍ଚି ଏହାର ବ୍ୟବସ୍ଥା ଯାଞ୍ଚକରି ଫେରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ମାଣ ହୋଇପାରୁନାହିଁ। କୋର୍ଟ ରେଜିଷ୍ଟ୍ରାର ଓ ମ୍ୟାନେଜର ଶୁକ୍ରବାର ପହଞ୍ଚି ଅସ୍ଥାୟୀ ଭାବେ ଚାଲିଥିବା କୋର୍ଟ କ୍ୟାମ୍ପସର ଫଟୋ ଓ ଭିଡିଓଗ୍ରାଫି କରି ଜିଲା ଜଜ୍‌ଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି। କୋର୍ଟ ନିର୍ମାଣ ନେଇ ୨୦୧୭ ମାର୍ଚ୍ଚ ୩୧ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଅନୁଦାନ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଉପଯୁକ୍ତ ସ୍ଥାନ ଅଭାବରୁ ଦୀର୍ଘ ୮ ବର୍ଷ ପରେ ବି କୋର୍ଟର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ହୋଇପାରୁନାହିଁ।

ବେଗୁନିଆରେ କୋର୍ଟ ନିର୍ମାଣ ହୋଇ ୧୪ମାସ ଧରି କାର୍ଯ୍ୟ ଚାଲୁରହିଛି, ମାତ୍ର ବୋଲଗଡ଼ ବ୍ଲକ୍‌ବାସୀ ପ୍ରତିଦିନ ଖୋର୍ଦ୍ଧା ଜିଲା କୋର୍ଟକୁ ଦୌଡୁଛନ୍ତି। ବୋଲଗଡ଼ରେ କୋର୍ଟ ନିର୍ମାଣ ପାଇଁ ପୂର୍ବତନ ତହସିଲଦାର ନିବେଦିତା ପରିଡ଼ା ନିକଟ ଶ୍ୟାମସୁନ୍ଦରପୁର ମୌଜାରେ ୨.୫ ଏକର ଜାଗା ଯୋଗାଇଥିଲେ। ସେଠାରେ ପାଚେରି ନିର୍ମାଣ ହୋଇ ଆବଦ୍ଧ ହୋଇଥିଲେ ମଧ୍ୟ କୌଣସି କାରଣରୁ ନିର୍ମାଣ ସ୍ଥଗିତ ରହିଛି । ଏହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ଜଜ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ପଦସ୍ଥ ଜିଲା ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ସମୟରେ ବୋଲଗଡ଼ ଆସି ନିରୂପିତ ସ୍ଥାନ ପରିଦର୍ଶନ କରିଛନ୍ତି। ବିକଳ୍ପ କାର୍ଯ୍ୟାଳୟ ଭାବେ ଖାଲି ପଡ଼ିଥିବା ବୋଲଗଡ଼ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଗତ ୨ବର୍ଷ ତଳୁ କୋର୍ଟ ପାଇଁ ଆବଶ୍ୟକ କୋର୍ଟରୁମ୍, ବିଚାରପତିଙ୍କ ଚାମ୍ବର, ହାଜତ, ଓକିଲ ଓ ପୋଲିସଙ୍କ ପାଇଁ ଘର ଆଦି ପ୍ରସ୍ତୁତ କରାଯାଇଛି। ଏହାକୁ ମଧ୍ୟ ତତ୍କାଳୀନ ଜିଲାର ପଦସ୍ଥ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିବା ଫଳରେ ବୋଲଗଡ଼ରେ ଅତିଶୀଘ୍ର କୋର୍ଟ କାର୍ଯ୍ୟ ଆରମ୍ଭ ହେବ ବୋଲି ଓକିଲ ଓ ସାଧାରଣ ଜନତା ଆଶା ବାନ୍ଧିଥିଲେ। ହେଲେ ଏଯାବତ ସ୍ଥାୟୀ ନିର୍ମାଣ ପରେ କିମ୍ବା ଅସ୍ଥାୟୀ ଭାବେ ନିର୍ମିତ ହୋଇଥିବା ଘରେ କୋର୍ଟ କାର୍ଯ୍ୟାଳୟ ହେବ ତାହା ଜଣାପଡୁନାହିଁ। ବୋଲଗଡ଼ ବିଡିଓ ଶରତ ଚନ୍ଦ୍ର ମଲ୍ଲିକ, ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା, ଯନ୍ତ୍ରୀ, ଓକିଲ ସଂଘ କର୍ମକର୍ତ୍ତା, ଉନ୍ନୟନ ପରିଷଦ ସଦସ୍ୟ ଓ ସ୍ଥାନୀୟ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ରେଜିଷ୍ଟ୍ରାର ଓ ମ୍ୟାନେଜରଙ୍କୁ ସମସ୍ତ ବିଷୟ ଅବଗତ କରିଥିଲାବେଳେ ଉନ୍ନୟନ ପରିଷଦ ପକ୍ଷରୁ ତୁରନ୍ତ ଏହି ନିର୍ମିତ ଅସ୍ଥାୟୀ କୋର୍ଟ କାର୍ଯ୍ୟାଳୟରେ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଥିଲେ।

## ଓଭର ବ୍ରିଜ୍ ତଳକୁ ଖସିଲା କାର୍, ଜଣେ ମୃତ

ନିରାକାରପୁର,୧୯।୧(ମାନସ ଚନ୍ଦ୍ର ପଟ୍ଟନାୟକ)

କାର୍ ଚକ ଫାଟି ଯିବା ଫଳରେ କାର୍‌ଟି ଭାରସାମ୍ୟ ହରାଇ ଓଭର ବ୍ରିଜ୍ ତଳକୁ ଖସି ଯିବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତା ହେଲେ କଟକ ଜିଲା ବାଙ୍କୀ ଥାନା ଅଧୀନ ସାମନ୍ତରାୟପୁର ଗ୍ରାମର ସୂର୍ଯ୍ୟକାନ୍ତ ରଥଙ୍କ ପତ୍ନୀ ବିଷ୍ଣୁପ୍ରିୟା ରଥ (୪୬)। ଏନେଇ ଜଙ୍କିଆ ଥାନା ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୋଟିଏ ପରିବାର ଏକ କାର୍ (ଓଆର ୧୯ ଏନ୍ ୩୨୩୩) ଯୋଗେ କଟକ ଅଭିମୁଖେ ଯାଉଥିଲେ। ୧୬ ନଂ. ଜାତୀୟ ରାଜପଥର ଉଗ୍ରତାରା ଛକ ସନ୍ନିକଟ ଓଭର ବ୍ରିଜ୍‌ଠାରେ କାର୍‌ର ଚକଟି ଫାଟି ଯାଇଥିଲା। ଫଳରେ କାର୍ ଭାରସାମ୍ୟ ହରାଇ ରାସ୍ତାର ପ୍ରାୟ ୨୦ ଫୁଟ ତଳକୁ ଖସି ପଡ଼ିଥିଲା। ଆହତଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍ସକୁ ପଠାଇ ଦିଆଯାଇଛି। ମୃତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାରେ ବ୍ୟବଚ୍ଛେଦ ନିମନ୍ତେ ରଖାଯାଇଛି।

# ଅଧାବାଟରେ ୨ ଭାଗ ହୋଇଗଲା ଶିଶୁ ରେଲଗାଡ଼ି

**ପର୍ଯ୍ୟଟକଙ୍କୁ ପରିଭ୍ରମଣ ଟଙ୍କା ଫେରାଇଲେ କର୍ତ୍ତୃପକ୍ଷ**



ବାରଙ୍ଗ,୧୯।୧(ଲିଙ୍ଗରାଜ ରାଉତ)

ପର୍ଯ୍ୟଟକଙ୍କ ବିଶେଷ ଆକର୍ଷଣ ସାଜିଥିବା ଶିଶୁ ରେଲଗାଡ଼ି ରବିବାର ଦ୍ୱିପ୍ରହର ସମୟରେ ଚାଲୁଥିବାବେଳେ ୨ ଭାଗ ହୋଇ ଅଧାବାଟରେ ଅଟକି ଯାଇଥିଲା। ନନ୍ଦନକାନନ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଅନ୍ୟ ଏକ ଗାଡ଼ିରେ ଶିଶୁ ରେଲଗାଡ଼ି ଷ୍ଟେଶନ ପର୍ଯ୍ୟନ୍ତ ଆଣିବା ସହ ସମସ୍ତଙ୍କୁ ତାଙ୍କ ପରିଭ୍ରମଣ ଟଙ୍କା ଫେରାଇଥିଲେ।

ପ୍ରକାଶ ଯେ, ୪ କୋଟି ଟଙ୍କା ବ୍ୟୟ ବରାଦରେ ରାଇଟ୍ସ ନାମକ ସଂସ୍ଥା ନୂତନ ଶୈଳୀରେ ଶିଶୁ ରେଲଗାଡ଼ି ନିର୍ମାଣ କରି ନନ୍ଦନକାନନକୁ ହସ୍ତାନ୍ତର କରିଥିଲା। ପରବର୍ତ୍ତୀ ସମୟରେ ଗୁଜରାଟର ଡି. ଭି. ଏଣ୍ଟରପ୍ରାଇଜେସ୍ ନାମକ ଏକ ସଂସ୍ଥା ଏହାକୁ ପରିଚାଳନା କରୁଛି। ଏହି ସଂସ୍ଥା ଶିଶୁ ରେଲଗାଡ଼ି ଚଳାଇବାକୁ ଚାଳକ ଦେବା ସହ ଏହାର ମରାମତି ଓ ଟ୍ରାକ୍ ମରାମତି ପାଇଁ ମାସିକ ଅଢ଼େଇ ଲକ୍ଷ ଟଙ୍କା ନନ୍ଦନକାନନ ପକ୍ଷରୁ ଦିଆଯାଉଛି। ସବୁଦିନ ଭଳି ରବିବାର ଶିଶୁ ରେଲ ଗାଡ଼ିରେ ଯିବାକୁ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା। ଅପରାହ୍ନ ୨ଟା ୩୦ମି. ସମୟରେ ୫୭ ଜଣ ପର୍ଯ୍ୟଟକଙ୍କୁ ସାଙ୍ଗରେ ନେଇ ୪ଟି ବଗି ବିଶିଷ୍ଟ ଶିଶୁ ରେଲଗାଡ଼ିଟି ଯାତ୍ରା ଆରମ୍ଭ କରିଥିଲା। ପ୍ରାୟ ଅଧାବାଟରେ ପହଞ୍ଚିଥିବାବେଳେ ୨ଟି ବଗି ଅଲଗା ହୋଇଯାଇଥିଲା। ଫଳରେ ଶିଶୁ ରେଲଗାଡ଼ିରେ ବସିଥିବା ପର୍ଯ୍ୟଟକ ଭୟଭୀତ ହୋଇ ଯାଇ ହୋହଲ୍ଲା କରିଥିଲେ। ପରବର୍ତ୍ତୀ ସମୟରେ ୨ ଭାଗରେ ବିଭକ୍ତ ହୋଇଥିବା ଏହି ଶିଶୁ ରେଲଗାଡ଼ିଟି ରେଲଧାରଣା ଉପରେ ସ୍ଥିର ହୋଇ ରହିବା ପରେ ପର୍ଯ୍ୟଟକ ଶାନ୍ତ ହୋଇଥିଲେ।

ଅନ୍ୟପଟେ ଶିଶୁ ରେଲଗାଡ଼ିର ଏହି ଅଘଟଣ ପରେ ଏହାର ମରାମତି ପାଇଁ ଗୁରୁତ୍ୱ ଦିଆଯାଉଛି। କେଉଁ କାରଣରୁ ଏପରି ଘଟିଲା, ତାହା ଉପରେ ତର୍ଜମା କରାଯାଇ ରିପୋର୍ଟ ଦେବାକୁ ଶିଶୁ ରେଲଗାଡ଼ିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସଂସ୍ଥାକୁ ନନ୍ଦନକାନନ ପକ୍ଷରୁ କୁହାଯାଇଛି। ଏହା ସହ ଆଗକୁ କିପରି ଅଘଟଣ ନ ଘଟିବ ଓ ଚାଲିବାକୁ ଉପଯୁକ୍ତ କି ନୁହେଁ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ସଂସ୍ଥାକୁ ସୂଚନା ଦିଆଯାଇଥିବା ଜଣାପଡ଼ିଛି। ତେବେ ମଙ୍ଗଳବାର ଏହା ପୁନଃ ଚାଲିବ ନା ବନ୍ଦ ରହିବ ତାହା ସୋମବାର ଜଣାପଡ଼ିବ।

## ରାଜ୍ୟପାଳଙ୍କୁ ସାକ୍ଷାତ୍ କଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର



ଭୁବନେଶ୍ୱର,୧୯।୧(ସୁଚିସ୍ମିତା ସାହୁ)

ଦିବ୍ୟାଙ୍ଗଙ୍କଠାରେ ଭରପୂର ପ୍ରତିଭା ରହିଛି। ଏଣୁ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ପ୍ରକାଶ ପାଇଁ ପ୍ରୋତ୍ସାହନ ଦେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପତି ଗୁରୁତ୍ୱାରୋପ କରିଛନ୍ତି। ଖୋର୍ଦ୍ଧା ଜଟଣୀସ୍ଥିତ ଶ୍ରୀହର୍ଷ ମିଶ୍ର ସ୍ମୃତି ବଧିର ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରବିବାର ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ୍ କରିବା ଅବସରରେ ରାଜ୍ୟପାଳ ଦିବ୍ୟାଙ୍ଗ ବିକାଶ ଦିଗରେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ କରିଛନ୍ତି। ପିଲାମାନେ ରାଜଭବନ ଉଦ୍ୟାନ ପରିଦର୍ଶନ କରି ଏହାର ନୈସର୍ଗିକ ଶୋଭାରାଜି ଦେଖିବା ପରେ ଅଭିଷେକ ହଲ୍‌ଠାରେ ରାଜ୍ୟପାଳଙ୍କୁ ସାକ୍ଷାତ୍ କରିଥିଲେ। ଦୁଇଜଣ ପିଲା ନିଜେ ଆଙ୍କିଥିବା ରାଜ୍ୟପାଳଙ୍କ ଫଟୋଚିତ୍ର ପ୍ରଦାନ କରିଥିଲେ। ସେମାନଙ୍କ ସୃଜନଶୀଳତା ଓ ପ୍ରତିଭାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ବିଦ୍ୟାଳୟ ଅଧକ୍ଷ ଦେବବ୍ରତ ବେହେରାଙ୍କ ଜରିଆରେ ରାଜ୍ୟପାଳ ପିଲାଙ୍କ କୁଶଳ ଜିଜ୍ଞାସା କରିଥିଲେ। ଶ୍ରବଣଶକ୍ତିବାଧିତ ପିଲାଙ୍କ ପାଇଁ ଏହି ଆବାସିକ ବିଦ୍ୟାଳୟର ସ୍ଥାପନା, ପରିଚାଳନା, ପାଠପଢ଼ା, ଖାଇବା ଓ ରହିବା ବ୍ୟବସ୍ଥା, ଶ୍ରବଣ ଯନ୍ତ୍ର ଯୋଗାଣ, କର୍ମଚାରୀଙ୍କ ଦରମା ବ୍ୟବସ୍ଥା, ସରକାରଙ୍କ ତରଫରୁ କରାଯାଇଥିବା ବ୍ୟବସ୍ଥା ତଥା ବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ରାଜ୍ୟପାଳ ବିଦ୍ୟାଳୟ ଅଧକ୍ଷଙ୍କୁ ପଚାରି ବୁଝିଥିଲେ।

## ବ୍ୟକ୍ତିଗତ ହାଜର ହେବେ ଗୃହ ସଚିବ

**ଜେଲ ୱାର୍ଡର ନିଯୁକ୍ତି ମାମଲା**

କଟକ,୧୯।୧ (କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ପକ୍ଷରୁ ଜେଲ ୱାର୍ଡର ପଦରେ ୧୦% ପଦବୀରେ ହୋମ୍‌ଗାର୍ଡଙ୍କୁ ନିଯୁକ୍ତି ପ୍ରଦାନ କରା ନ ଯିବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ହୋଇଛି। ରାଜ୍ୟ ସରକାର ନିର୍ଦ୍ଧାରିତ ସମୟ ମଧ୍ୟରେ ଜବାବ ଦାଖଲ କରି ନ ଥିବାରୁ ଗୃହ ବିଭାଗର ପ୍ରମୁଖ ସଚିବଙ୍କୁ ବ୍ୟକ୍ତିଗତ ହାଜିରା ନିମନ୍ତେ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ୪୦୩ ଜେଲ ୱାର୍ଡର ପଦରେ ନିଯୁକ୍ତି ନିମନ୍ତେ ୨୦୨୨ ଅକ୍ଟୋବର ୧୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ ପଦବୀର ୧୦% ହୋମ୍‌ଗାର୍ଡ ଭାବେ କାର୍ଯ୍ୟରତ ପ୍ରାର୍ଥୀଙ୍କ ଦ୍ୱାରା ପୂରଣ ହେବାର ନିୟମ ରହିଛି। ତଦନୁସାରେ ଚୌଦ୍ୱାର ସର୍କଲରେ ମୋଟ ୯୪ଟି ଶୂନ୍ୟ ପଦବୀ ରହିଥିବାବେଳେ ୯ଟି ପଦବୀ ହୋମ୍‌ଗାର୍ଡଙ୍କ ଦ୍ୱାରା ପୂରଣ ହେବା କଥା। ମାତ୍ର ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ଆଶାୟୀ ଥିବା ବିଷ୍ଣୁ ଚରଣ ସାହୁ, ଜଗନ୍ନାଥ ନାୟକ ଓ ସୁଚିତ୍ରା ଦାସ ଲିଖିତ ଓ ଶାରୀରିକ ପରୀକ୍ଷାରେ କୃତକାର୍ଯ୍ୟ ମଧ୍ୟ ହୋଇଛନ୍ତି। ମାତ୍ର ସେମାନଙ୍କୁ ନିଯୁକ୍ତି ଦିଆ ନ ଯାଇ ପଦବୀ ଫାଙ୍କା ରଖାଯାଇଛି। ଫଳରେ ଏହି ୩ ଜଣ ଆବେଦନକାରୀ ନିଯୁକ୍ତି ପାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ରାଜୀବ ରଥ ମାମଲା ପରିଚାଳନା କରୁଛନ୍ତି।

## 'ଗଙ୍ଗାବତାରମ' ନୃତ୍ୟରେ ମନ୍ତ୍ରମୁଗ୍ଧ ଶ୍ରଦ୍ଧାଳୁ

ଭୁବନେଶ୍ୱର,୧୯।୧ (ସୌମ୍ୟରଞ୍ଜନ ରାଉତ)

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭରେ ମହାସ୍ନାନ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କ ମନରେ ଆଧ୍ୟାତ୍ମିକ ଭାବନା ଭରିଦେବା ସହ ମନୋରଞ୍ଜନ ଯୋଗାଉଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଉତ୍ତର କେନ୍ଦ୍ରୀୟ ଜୋନ୍ ସାଂସ୍କୃତିକ କେନ୍ଦ୍ର ପ୍ରୟାଗରାଜ ପକ୍ଷରୁ ଗତ ୧୬ ରୁ ୨୪ ପର୍ଯ୍ୟନ୍ତ ଆୟୋଜିତ ଏହି ଭବ୍ୟ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ରୁଦ୍ରାକ୍ଷ ଫାଉଣ୍ଡେଶନ ସାମିଲ ହୋଇଛି। ପ୍ରଥମ ଦିନରେ ଗଙ୍ଗା ମଞ୍ଚ ପରେଡ ଗ୍ରାଉଣ୍ଡ ସେକ୍ଟର-୧ରେ ଅନୁଷ୍ଠାନର ଶିଳ୍ପୀମାନଙ୍କୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିବାର ଅନନ୍ୟ ସୁଯୋଗ ମିଳିଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ 'ଗଙ୍ଗାବତାରମ୍' ନୃତ୍ୟ ପରିବେଷଣ କରି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ମହାକୁମ୍ଭ ଭଳି ଏକ ବୃହତ୍ ମେଳାରେ ଓଡ଼ିଶାର ରୁଦ୍ରାକ୍ଷ ଫାଉଣ୍ଡେଶନକୁ ପରିବେଷଣର ସୁଯୋଗ ମିଳିବା ଅତ୍ୟନ୍ତ ଗର୍ବ, ଗୌରବ, ସୌଭାଗ୍ୟ ଏବଂ ଆନନ୍ଦର କଥା ବୋଲି କଳାକାରମାନେ ପ୍ରକାଶ କରିଛନ୍ତି। ମଞ୍ଚରେ ବଲିଉଡ୍‌ର ପ୍ରଖ୍ୟାତ ଗାୟକ ଶଙ୍କର ମହାଦେବନ ତାଙ୍କ ଟିମ୍ ସହିତ ଭଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଚାଲିଥିବା ମୁହାକୁମ୍ଭ ସାଂସ୍କୃତିକ ମଞ୍ଚରେ ଅତିଥିଙ୍କ ସହ କଳା ପ୍ରଦର୍ଶନ କରୁଥିବା ନୃତ୍ୟଶିଳ୍ପୀମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଟୁଟୁ



@ ଦିଲ୍ଲୀପ



@ ଅଶୋକ



@ ଓମ୍‌ପ୍ରକାଶ



@ ପ୍ରସନ୍ନ



@ ଲକ୍ଷ୍ମୀଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରସ୍ତାବିତ ବନ୍ଦର ବିରୋଧରେ ବିସ୍ଥାପିତଙ୍କ ମେଳି

- ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ
- ଆସନ୍ତା ୨୧ ଓ ୨୩ ତାରିଖରେ ସର୍ବସାଧାରଣ ଶୁଣାଣି

ଅସ୍ତରଙ୍ଗ,୧୯।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)



ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ ନିକଟରେ ଏକତ୍ରିତ ହୋଇଥିବା ସ୍ଥାନୀୟ ଲୋକେ।

ଅସ୍ତରଙ୍ଗ ଦେବୀନଦୀ ମୁହାଣ ଦକ୍ଷିଣ ପାର୍ଶ୍ୱରେ ପ୍ରସ୍ତାବିତ ବନ୍ଦର ପାଇଁ ଗତ ସେପ୍ଟେମ୍ବର ୧୩ ତାରିଖରେ ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ଜନଶୁଣାଣି ଶିବିର ହୋଇଥିଲା। ପୁନର୍ବାର ଜନଶୁଣାଣି ୨୪ ଅକ୍ଟୋବର ପ୍ରବଳ ପବନ ଏବଂ ବର୍ଷା ପାଇଁ ବାତିଲ ପରେ ଡିସେମ୍ବର ୬ ଓ ୮ ଜନଶୁଣାଣି ଅନେକ କାରଣବଶତଃ ବନ୍ଦ ରହିବା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ସର୍ବସାଧାରଣ ଶୁଣାଣି ପାଇଁ ଜାନୁଆରୀ ୨୧ ଓ ୨୩ତାରିଖ ଧାର୍ଯ୍ୟ କରାଯାଇଛି।

ଅନ୍ୟପଟେ ପ୍ରସ୍ତାବିତ ବନ୍ଦରକୁ ବିରୋଧ କରିଆସୁଥିବା ସ୍ଥାନୀୟ ଜନସାଧାରଣ ପୁନର୍ବାର ରବିବାର ଅପରାହ୍ନରେ ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ ନିକଟରେ ଏକତ୍ରିତ ହୋଇ ନିଜ ଭିଟାମାଟି ସୁରକ୍ଷା ପାଇଁ ମରିବୁ ପଛେ ଛାଡ଼ିବୁ ନାହିଁ। ଜୈବ ବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଅସ୍ତରଙ୍ଗ ଅଞ୍ଚଳକୁ ପ୍ରତିବର୍ଷ ବିଦେଶାଗତ ପକ୍ଷୀଙ୍କ ସମାଗମ ହେଉଛି। ସେହିପରି ଏହି ଅଞ୍ଚଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନସ୍ଥଳୀ ଭାବେ ବେଶ୍ ପରିଚିତ। ସ୍ଥାନୀୟ ଅଞ୍ଚଳବାସୀ ନିଜର ପରିବାର ପ୍ରତିପୋଷଣ ପାଇଁ ଧାନ, ପାନ ଓ ମୀନ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ଏଠାରେ ବନ୍ଦର ହେଲେ ଅନେକ ସମସ୍ୟା ସୃଷ୍ଟି ହେବ। ଜୀବନ ପଛେ ଚାଲିଯିବ ନିଜ ଭିଟାମାଟି ଛାଡ଼ିବୁ ନାହିଁ ବୋଲି ବିସ୍ଥାପିତମାନେ ଏକସ୍ୱରରେ ମତ ପ୍ରକାଶ କରିଥିଲେ। ପୀରଜାହାନିଆ ପୀଠରେ ପୀରଜାହାନିଆ ଭିଟାମାଟି ସୁରକ୍ଷା ମଞ୍ଚ ତରଫରୁ ରବିବାର ଅପରାହ୍ନରେ ନିଜ ଭିଟାମାଟି ସୁରକ୍ଷା ପାଇଁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି।

## ଭିତ୍ତିଭୂମି ବିକାଶରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୯।୧ (ବନ୍ଦନା ସେଠୀ)



ଉତ୍ସବରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓ ଅନ୍ୟ ଅତିଥି।

ଭିତ୍ତିଭୂମିର ବିକାଶ ଦେଶ ପ୍ରଗତିର ମାପକାଠି। ଭିତ୍ତିଭୂମି ନିର୍ମାଣ ଓ ବିକାଶରେ ଡିପ୍ଲୋମା ଇଞ୍ଜିନିୟରମାନେ ପ୍ରମୁଖ ଭୂମିକା ନେଇଥାନ୍ତି। ସେମାନେ ତୃଣମୂଳସ୍ତରରେ କାର୍ଯ୍ୟ କରିଥାନ୍ତି। ଏଣୁ ସେମାନଙ୍କ ଦକ୍ଷତା, ବୈଷୟିକ ଜ୍ଞାନକୌଶଳ, ସମୟୋପଯୋଗୀ ପଦକ୍ଷେପ ଏବଂ ଦାୟିତ୍ୱବୋଧ ବିନା ଏହି ବିକାଶର ସଫଳ ରୂପାୟନ ହୋଇପାରିବ ନାହିଁ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ୮୦ତମ ପୂର୍ତ୍ତି ମହୋତ୍ସବ ଓ ୭୯ତମ ବାର୍ଷିକ ସାଧାରଣ ଅଧିବେଶନ ରବିବାର ଓଡେଶା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଡିପ୍ଲୋମା ଇଞ୍ଜିନିୟରମାନେ ପୂର୍ତ୍ତ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗର ଉନ୍ନୟନ, ଶକ୍ତି, କୃଷି ଓ କୃଷକ ସଶକ୍ତୀକରଣ, ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟକରି ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ସର୍ବାଙ୍ଗୀନ ବିକାଶ ଦିଗରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇଆସିଛନ୍ତି। ସେତୁ, କଂକ୍ରିଟ୍ ରାସ୍ତା, ରାଜପଥ, କୋଠାବାଡ଼ି ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ ଆଦି କ୍ଷେତ୍ରରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଯୋଗଦାନ ପରିଦୃଶ୍ୟ ହୋଇଥାଏ ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ କହିଲେ, ତୃଣମୂଳସ୍ତରରେ ଭିତ୍ତିଭୂମି ନିର୍ମାଣ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାସଲ ହୋଇଥାଏ। ଏଥିସହ ରାଜ୍ୟବାସୀଙ୍କୁ ସାମାଜିକ ନ୍ୟାୟ ସୁନିଶ୍ଚିତ କରାଇବା ଦିଗରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଓଡେଶାର ଅବସରପ୍ରାପ୍ତ କର୍ମକର୍ତ୍ତାମାନଙ୍କୁ ମନ୍ତ୍ରୀ ସିଂ ଖୁଣ୍ଟିଆ ସମ୍ବର୍ଦ୍ଧିତ କରିଥିଲେ। ଅତିଥିଙ୍କ ଦ୍ୱାରା ସଂଘର ମୁଖପତ୍ର 'ଟେକ୍ନୋସ୍କାଇବ' ଉନ୍ମୋଚିତ ହୋଇଥିଲା। ଓଡେଶାର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ଉଦ୍‌ବୋଧନ ଦେଇଥିବାବେଳେ ସାଧାରଣ ସମ୍ପାଦକ ଇଂ. ଶ୍ରୀଧର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ।



ବିଜେଡି ନେତାଙ୍କୁ ପଶ୍ଚିମ ଓଡ଼ିଶା ମହାସମାବେଶରେ ଆନ୍ଦୋଳନକାରୀମାନେ ରବିବାର ବିରୋଧ କରିଛନ୍ତି।

# ସିବିଆଇ ତଦନ୍ତ ପାଇଁ ଲେଖିବୁ: ଦୀପାଳି

ଝାରସୁଗୁଡ଼ା, ୧୯।୧ (ଆଶିଷ ରଞ୍ଜନ ଦାଶ)

**ନବ ଦାସ ହତ୍ୟା ଘଟଣା**



ଦୀପାଳି ଦାସ

ପିତାଙ୍କ ହତ୍ୟା ଘଟଣାରେ ସିବିଆଇ ତଦନ୍ତ ପାଇଁ ଲେଖିବୁ ଓ ସେଥିପାଇଁ ସହଯୋଗ କରିବୁ ବୋଲି ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ରବିବାର ଝାରସୁଗୁଡ଼ାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିବାବେଳେ କହିଛନ୍ତି। ତାଙ୍କ ପରିବାର ଯେତେବେଳେ ସିବିଆଇ ତଦନ୍ତକୁ ନେଇ ଚୁପ୍ ଥିଲେ ସେତେବେଳେ ଭାଜପାର କର୍ମକର୍ତ୍ତାମାନେ ଗଣମାଧ୍ୟମରେ ବହୁତ ଆକ୍ଷେପ କରିବା ସହିତ ମାନସିକ ଯନ୍ତ୍ରଣା ଦେଇଥିଲେ। ଆଜି ଯେତେବେଳେ ହତ୍ୟାକାଣ୍ଡର ସିବିଆଇ ତଦନ୍ତ କଥା ଉଠାଉଛି, ଭାଜପାର କର୍ମକର୍ତ୍ତାମାନେ ଚୁପ୍ ଅଛନ୍ତି। ଭାଜପାର କେତେଜଣ କର୍ମକର୍ତ୍ତା ତଥା ନେତା ନିଜର ରାଜନୈତିକ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ତାଙ୍କ ପିତାଙ୍କ ହତ୍ୟାକାଣ୍ଡ ପ୍ରସଙ୍ଗକୁ ବିଧାନସଭା ଓ ବାହାରେ ବାରମ୍ବାର ଉଠାଉଥିଲେ ବୋଲି ଦୀପାଳି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ତାଙ୍କ ପରିବାର ମଧ୍ୟରେ ଆଲୋଚନା ଚାଲିଛି। ଆଗାମୀ ଦିନରେ ଏହି ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଇବା ପାଇଁ ନିଶ୍ଚିତ ଭାବରେ ଲିଖିତ ଆକାରରେ ଜଣାଇବା ସହିତ ତଦନ୍ତରେ ମଧ୍ୟ ସମ୍ପୂର୍ଣ୍ଣ ସହାୟତା କରିବେ। କ୍ରାଇମବ୍ରାଞ୍ଚର ତଦନ୍ତ ବିଷୟରେ ପଚରାଯିବାରୁ ସିବିଆଇର ତଦନ୍ତ ହେଲେ ସବୁକଥା ଆଗକୁ ଆସିବ। ମୋହନ ସରକାରଙ୍କୁ ଅନୁରୋଧ ସେମାନେ ଉଚିତ ନ୍ୟାୟ ବିଚାର ତଥା ସତ୍ୟକୁ ସାମ୍ନାକୁ ଆଣିବା ପାଇଁ ସିବିଆଇ ତଦନ୍ତ ଶୀଘ୍ର କରନ୍ତୁ ବୋଲି ଦୀପାଳି କହିଛନ୍ତି।

### ନବୀନଙ୍କ ପରେ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିବା ବ୍ୟକ୍ତି ହିଁ ମୁଖ୍ୟ ଷଡ଼ଯନ୍ତ୍ରକାରୀ: ପ୍ରଦୀପ ପୁରୋହିତ

ନବୀନ ପଟ୍ଟନାୟକଙ୍କ ପରେ ସେତେବେଳେ ଯିଏ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିଲେ ସେ ହିଁ ନବ ଦାସଙ୍କ ହତ୍ୟାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ କହିଛନ୍ତି। ଏହା ଦୁର୍ଭାଗ୍ୟର କଥା ଯେ ନବ ଦାସଙ୍କ ପରିବାର ଲୋକେ ସେହି ହତ୍ୟା ଘଟଣାରେ ସମ୍ପୂର୍ଣ୍ଣ ନୀରବ ରହିଥିଲେ। କ୍ଷମତା ଲୋଭ ଓ ସମ୍ପତ୍ତିକୁ ସୁରକ୍ଷିତ ରଖିବା ଲାଗି ସେମାନେ ତଦନ୍ତ ଠିକ୍ ବାଟରେ ଚାଲୁଛି ବୋଲି କହିଥିଲେ। ନବ ଦାସ ହତ୍ୟା ଘଟଣାର ସବିଶେଷ ତଦନ୍ତ ଦରକାର ବୋଲି ପୁରୋହିତ କହିଛନ୍ତି।

# କ୍ରାଇମ୍‌ବ୍ରାଞ୍ଚ ତଦନ୍ତରେ ସନ୍ତୁଷ୍ଟ ନ ଥିବା ଲେଖିଦିଅନ୍ତୁ ଦୀପାଳି: ଜୟନାରାୟଣ

ସମ୍ବଲପୁର, ୧୯।୧ (ପ୍ରମୋଦ ବହିଦାର)

ପିତାଙ୍କ ହତ୍ୟାର କ୍ରାଇମବ୍ରାଞ୍ଚ ତଦନ୍ତରେ ପ୍ରକୃତରେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଯଦି ସନ୍ତୁଷ୍ଟ ନୁହନ୍ତି, ତା'ହେଲେ ସେ କୋର୍ଟ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାନ୍ତୁ ବୋଲି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି । ରବିବାର ପୁନର୍ବାର ସେ ତାଙ୍କ ପୂର୍ବକଥାକୁ ଦୋହରାଇ ଜୟନାରାୟଣ କହିଛନ୍ତି, ନବ ଦାସଙ୍କୁ ଗୁଳିବିଦ୍ଧ ହେବାକ୍ଷଣି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଝାରସୁଗୁଡ଼ାରେ ଇସିଜି ରିପୋର୍ଟରେ ତାଙ୍କର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଇଥିବା ଦର୍ଶାଯାଇଥିଲା। ତେବେ କାହିଁକି ତାଙ୍କ ମୃତଦେହ ଭୁବନେଶ୍ୱର ନିଆଗଲା, ତାଙ୍କ ରକ୍ତଭିଜା ଶାର୍ଟ କୁଆଡ଼େଗଲା, ତାଙ୍କ ଦେହରେ ବିଦ୍ଧ ହୋଇଥିବା ଗୁଳି କାହିଁକି ମିଳିଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡି ସରକାର ଥିବାବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହତ୍ୟାକାଣ୍ଡର ତଦନ୍ତଭାର ଦରକାର ପଡ଼ିଲେ ଏକ ଆମେରିକୀୟ ସଂସ୍ଥାକୁ ଦିଆଯିବ ବୋଲି କହିଥିଲେ। ସିବିଆଇ ଭଳି ଶକ୍ତିଶାଳୀ ତଦନ୍ତକାରୀ ସଂସ୍ଥା ଥିବା ସତ୍ତ୍ୱେ ବିଦେଶୀ ତଦନ୍ତକାରୀ ସଂସ୍ଥାକୁ ତଦନ୍ତଭାର ଦେବା ଘୋଷଣା ହାସ୍ୟାସ୍ପଦ ବୋଲି ଜୟନାରାୟଣ କହିଛନ୍ତି। ସିବିଆଇ ନିଷ୍ପାପର ଭାବେ ତଦନ୍ତକଲେ ହତ୍ୟାକାଣ୍ଡର ରହସ୍ୟ ନିଶ୍ଚିତ ଭାବେ ଉନ୍ମୋଚିତ ହୋଇପାରିବ ବୋଲି ସେ କହିଛନ୍ତି। କେବଳ ନବ ଦାସ ହତ୍ୟା ଘଟଣା କାହିଁକି ମମିତା ମେହେର, ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ପାଇଁ ମଧ୍ୟ ତଦନ୍ତଭାର ସିବିଆଇକୁ ଦିଆଯିବା ଆବଶ୍ୟକ ବୋଲି ଜୟନାରାୟଣ କହିଛନ୍ତି।

# ବିଜେଡି ନେତାଙ୍କୁ ଜୋରଦାର ବିରୋଧ

**ଗନ୍ଧମାର୍ଦ୍ଦନ ସୁରକ୍ଷା ମହାସମାବେଶ**

ବଲାଙ୍ଗୀର/ ଖପ୍ରାଖୋଲ, ୧୯।୧ (ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ପାଇଁ ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡିଆରେ ରବିବାର ପଶ୍ଚିମ ଓଡିଶା ମହାସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେବା ପାଇଁ ଆସିଥିବା ବିଜେଡି ନେତ୍ରୀନେତାଙ୍କୁ ଜୋରଦାର ବିରୋଧ କରାଯାଇଛି। ଗନ୍ଧମାର୍ଦ୍ଦନ ଯୁବ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମପି ଭବାନୀ ଶଙ୍କର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାମୀ ସୋମବେଶ ସରସ୍ୱତୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଓ ଜନସାଧାରଣ ଯୋଗ ଦେଇଥିଲେ। ସମାବେଶ ଚାଲିଥିବା ବେଳେ ଏଥିରେ ଯୋଗ ଦେବାକୁ ବିଜେଡି ନେତ୍ରୀ ତଥା ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର ଓ ବରଗଡ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଏକାସଙ୍ଗରେ ଆସି ସଭାମଞ୍ଚକୁ ଚଢ଼ିଥିଲେ। ସଭା ମଞ୍ଚକୁ ଚଢ଼ିବା ସମୟରେ ଜନସାଧାରଣ ବସିଥିବା ଗ୍ୟାଲେରିରୁ ଜୋରଦାର ନାରାବାଜି ଆରମ୍ଭ ହୋଇଥିଲା। କଳିଙ୍ଗ ନଗରରେ ଆଦିବାସୀଙ୍କୁ ହତ୍ୟା କରିଥିବା ଅଭିଯୋଗ ଆଣି ଦଳର ନେତ୍ରୀନେତା ଏହି ସମାବେଶରେ ବସିବାକୁ ଯୋଗ୍ୟ ନୁହନ୍ତି ବୋଲି କହିଥିଲେ। ବିଜେଡିର ଏହି ନେତାନେତ୍ରୀମାନେ ସଭାମଞ୍ଚରେ ବସିଲେ ଲୋକେ ଉଠିଯିବେ ବୋଲି କହି ବିରୋଧ କରିଥିଲେ। ଶାସନ କ୍ଷମତାରେ ଥିଲା ବେଳେ ଗନ୍ଧମାର୍ଦ୍ଦନ ସୁରକ୍ଷା କଥା ନ କହି ଏବେ କାହିଁକି ଆସିଛ ବୋଲି କହି କିଛି ଲୋକ ସଭାରୁ ଉଠି ଯାଇଥିଲେ। ଏଭଳି ବିରୋଧ ଓ ନାରାବାଜି ଯୋଗୁ କିଛି ସମୟ ଧରି ମିଟିଂ ବନ୍ଦ ହୋଇଯାଇଥିଲା। ପରେ ସଭାମଞ୍ଚରୁ କେତେଜଣ ନେତୃସ୍ଥାନୀୟ ବ୍ୟକ୍ତି ଆସି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ସଭାରେ ବିଜେଡି ନେତ୍ରୀ ପୂର୍ବତନ ମନ୍ତ୍ରୀ ଛୁରିଆ ଆମେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନକୁ ସମର୍ଥନ କରୁଛୁ ଏବଂ ଲୋକଙ୍କ ଯାହାବି ଦାବି ରହିଛି ସେନେଇ ଆମ ନେତା ନବୀନ ପଟ୍ଟନାୟକଙ୍କୁ ଅବଗତ କରି ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବାକୁ କହିବୁ ବୋଲି କହିଥିଲେ। ଅନ୍ୟ ନେତାନେତ୍ରୀମାନେ ମଧ୍ୟ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନକୁ ସମର୍ଥନ କରୁଥିବା କହିଥିଲେ।

## ଦିଲ୍ଲୀ ନିର୍ବାଚନ: ୭୦ ଆସନ ପାଇଁ ୬୯୯ ପ୍ରାର୍ଥୀ

ନୂଆଦିଲ୍ଲୀ, ୧୯।୧

ଆସନ୍ତା ୫ ତାରିଖରେ ହେବାକୁ ଯାଉଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ୭୦ ବିଧାନସଭା ଆସନ ପାଇଁ ୬୯୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମୁଦାୟ ୯୮୧ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ର ଯାଞ୍ଚ ଓ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ୬୯୯ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥିତ୍ୱ କାଏମ ରହିଛି। ହାଇପ୍ରୋଫାଇଲ ନୂଆଦିଲ୍ଲୀ ବିଧାନସଭା ଆସନରେ ସର୍ବାଧିକ ୨୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଥିବାବେଳେ କସ୍ତୁରବାନଗର ଆସନରୁ ସର୍ବନିମ୍ନ ୫ ଜଣ ପ୍ରାର୍ଥୀ ରହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଓ କଂଗ୍ରେସ ସମୁଦାୟ ୭୦ ଆସନରେ ନିର୍ବାଚନ ଲଢୁଥିବାବେଳେ ଭାଜପା ୬୮ ଆସନରେ ପ୍ରାର୍ଥୀ ଦେଇଛି। ସେହିପରି ଦଳ ସହଯୋଗୀ ସଂଯୁକ୍ତ ଜନତା ଦଳ(ଜେଡିୟୁ) ଓ ଲୋକ ଜନଶକ୍ତି ପାର୍ଟି–ରାମବିଳାଶ(ଏଲ୍‌ଜେପି–ଆର୍)କୁ ଗୋଟିଏ ଲେଖାଏଁ ଆସନ ଛାଡ଼ିଛି।

# ଆର୍‌ଜେଡିର ମଙ୍ଗ ଧରିବେ ତେଜସ୍ୱୀ

ପାଟନା, ୧୯।୧

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ରେ ନେତୃତ୍ୱ ପରିବର୍ତ୍ତନ ହେବାକୁ ଯାଉଛି। ଦଳର ପ୍ରତିଷ୍ଠାତା ତଥା ଦୀର୍ଘଦିନ ଧରି ଏହାର ଅଧ୍ୟକ୍ଷ ରହିଥିବା ଲାଲୁପ୍ରସାଦ ଯାଦବ ଆନୁଷ୍ଠାନିକ ଭାବେ ତାଙ୍କ ପୁଅ ତେଜସ୍ୱୀ ଯାଦବଙ୍କୁ ନେତୃତ୍ୱ ହସ୍ତାନ୍ତର କରିବାକୁ ପ୍ରସ୍ତୁତ ହେଉଛନ୍ତି। ତେଜସ୍ୱୀ ଏବେ ବିହାର ବିଧାନସଭାରେ ବିରୋଧୀ ଦଳ ନେତା ଅଛନ୍ତି। ଆର୍‌ଜେଡି ଜାତୀୟ କାର୍ଯ୍ୟକାରିଣୀର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଦଳ ସମ୍ପର୍କିତ ସମସ୍ତ ବଡ଼ ନିଷ୍ପତ୍ତି ନେବାର କ୍ଷମତା ଉଭୟ ଲାଲୁ ଏବଂ ତେଜସ୍ୱୀଙ୍କୁ ଦିଆଯାଇଛି। ଏପରିକି ସେମାନେ ଚାହିଁଲେ ଦଳର ନାଁ ଓ ଚିହ୍ନ ମଧ୍ୟ ବଦଳାଇପାରିବେ। ଏହି ନିଷ୍ପତ୍ତିରୁ ତେଜସ୍ୱୀ ଲାଲୁଙ୍କ ରାଜନୈତିକ ଉତ୍ତରାଧିକାରୀ ହେବା ଏବଂ ଦଳ ମଧ୍ୟରେ ଏକ ଐତିହାସିକ ପରିବର୍ତ୍ତନ ହେବାକୁ ଯାଉଥିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଲାଲୁ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ତେଜସ୍ୱୀ ବଡ଼ ଦାୟିତ୍ୱ ଗ୍ରହଣ କରିବେ ବୋଲି ଘୋଷଣା କରିବା ସହ ଦଳ ତାଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ନିବେଦନ କରିଥିଲେ। ଦଳୀୟ ସମ୍ବିଧାନରେ ସଂଶୋଧନ କରାଯାଇ ଲାଲୁଙ୍କ ସହ ତେଜସ୍ୱୀଙ୍କୁ ନିଷ୍ପତ୍ତି ନେବାର ସମାନ ଅଧିକାର ପ୍ରଦାନ କରାଯାଇଛି। ସାଂଗଠନିକ ନିର୍ବାଚନ ତଦାରଖ କରିବାକୁ ଆର୍‌ଜେଡି ନେତା ରାମଚନ୍ଦ୍ର ପୂର୍ବେଙ୍କୁ ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଇଛି।

Busines

# କେଭିଆଇସିର ଜାତୀୟସ୍ତରୀୟ ଖଦି ମେଳା ଉଦ୍‌ଘାଟିତ

ନୂଆଦିଲ୍ଲୀ, ୧୯।୧



ଖଦି ଓ ଗ୍ରାମୋଦ୍ୟୋଗ କମିଶନ ବା କେଭିଆଇସିର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ଜାତୀୟସ୍ତରୀୟ ଖଦି ମେଳା' ଉତ୍ତରପ୍ରଦେଶର ପ୍ରୟାଗରାଜ କୁମ୍ଭନଗରୀ ମହାତ୍ମା ଗାନ୍ଧୀ ମାର୍ଗ ସେକ୍ଟର–୧ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କେଭିଆଇସିର ଅଧ୍ୟକ୍ଷ ମନୋଜ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ପ୍ରୟାଗରାଜ ବିଧାୟକ ହର୍ଷ ବର୍ଦ୍ଧନ ବାଜପେୟୀ ଏବଂ ମେୟର ଗଣେଶ କେଶରବାନି ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୫ ଫେବୃୟାରୀ ୨୬ ପର୍ଯ୍ୟନ୍ତ ଏହି ମେଳା ଚାଲୁ ରହିବ ବୋଲି କେଭିଆଇସି ପକ୍ଷରୁ ସୂଚନା ମିଳିଛି। ଏହି ମେଳାରେ ମୋଟ ୧୫୨ଟି ଷ୍ଟଲ୍ ଭିତରୁ ୯୮ଟି ଷ୍ଟଲ୍‌ରେ ଖଦି ସାମଗ୍ରୀ ଓ ୫୪ଟି ଷ୍ଟଲରେ ଗ୍ରାମୋଦ୍ୟୋଗ ସାମଗ୍ରୀ ପ୍ରଦର୍ଶିତ ହେଉଛି।

ଏହି ଅବସରରେ କେଭିଆଇସି ଅଧ୍ୟକ୍ଷ ମନୋଜ କୁମାର କହିଥିଲେ, ମହାକୁମ୍ଭ କେବଳ ବିଶ୍ୱାସର ପ୍ରତୀକ ନୁହେଁ ବରଂ ଏହା ଭାରତୀୟ ସଂସ୍କୃତି, ପରମ୍ପରା ଓ ଆତ୍ମ ନିର୍ଭରଶୀଳତାର ଦ୍ୟୋତକ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆତ୍ମନିର୍ଭରତା ଓ ସ୍ୱଦେଶୀର ପ୍ରତୀକ ଖଦି ପ୍ରତିଭାତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହା ଖଦି କ୍ରାନ୍ତିରେ ପରିଣତ ହୋଇ ଆତ୍ମନିର୍ଭର ଭାରତର ପ୍ରତୀକ ଭାବେ ପରିଗଣିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଖଦି ଫର ନେଶନ, ଖଦି ଫର ଫେଶନ, ଖଦି ଫର୍ ଟ୍ରାନ୍ସଫର୍ମେଶନ ମିଶନ ଜରିଆରେ ଖଦି ଓ ଗ୍ରାମୋଦ୍ୟୋଗ ଉଚ୍ଚତର ସୋପାନକୁ ଉନ୍ନୀତ ହୋଇପାରିଛି। କଶ୍ମୀରରୁ ତାମିଲନାଡୁ ଓ ମହାରାଷ୍ଟ୍ରରୁ ନାଗାଲାଣ୍ଡ ପର୍ଯ୍ୟନ୍ତ କୋଡିଏଟି ବିଭିନ୍ନ ରାଜ୍ୟର ସାମଗ୍ରୀ ଏହି ପ୍ରଦର୍ଶନୀରେ ସ୍ଥାନିତ ହୋଇଛି। ଖଦି ପ୍ରଦର୍ଶନୀକୁ ବୁଲି ଆସି ଉଭୟ ଶ୍ରଦ୍ଧାଳୁ ଓ ପରିଦର୍ଶକ ଭୋକାଲ ଫର ଲୋକାଲ ମିଶନକୁ ପ୍ରୋତ୍ସାହିତ କରିବା ଦରକାର ବୋଲି ଅଧ୍ୟକ୍ଷ ଆହ୍ୱାନ ଦେଇଥିଲେ। ଗତ ଦଶ ବର୍ଷ ଭିତରେ ଖଦି ଓ ଗ୍ରାମୋଦ୍ୟୋଗର ବିକାଶ ସମ୍ପର୍କରେ ମନୋଜ କୁମାର ଆଲୋକପାତ କରିଥିଲେ।

ଚଳିତ ଆର୍ଥିକ ବର୍ଷରେ ୟୁପିରେ ଏମ୍‌ଏମ୍‌ଡିଏ ଯୋଜନାରେ ୧୫ କୋଟି ଓ ଆଇଏସ୍‌ଇସି ଯୋଜନାରେ ୪ କୋଟି ଟଙ୍କା ବିତରଣ କରାଯାଇଛି। ଗ୍ରାମୋଦ୍ୟୋଗ ବିକାଶ ଯୋଜନାରେ ଗତବର୍ଷ ୧,୫୫୦ ହିତାଧିକାରୀଙ୍କୁ ଆବଶ୍ୟକ ଯନ୍ତ୍ରପାତି ପ୍ରଦାନ କରାଯାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧, ୮୫୦କୁ ବୃଦ୍ଧି ପାଇବାକୁ ଲକ୍ଷ୍ୟ ରଖାଯାଇଛି ପ୍ରଧାନମନ୍ତ୍ରୀ ନିଯୁକ୍ତି ସୁଯୋଗ କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଅଧୀନରେ ଡିସେମ୍ବର ସୁଦ୍ଧା ୟୁପିରେ ୧୩୭ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

## ଟ୍ରମ୍ପଙ୍କ ଶପଥ ଉତ୍ସବରେ ଅମ୍ବାନୀ

ମୁମ୍ବାଇ, ୧୯।୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରଭାବଶାଳୀ ବିଲିୟନେୟାର ଏବଂ ରାଜନେତା ତଥା ବିଦେଶୀ ନେତା ଓ ସେଲିବ୍ରିଟିମାନଙ୍କ ସହ ମୁକେଶ ଅମ୍ବାନୀ ଏବଂ ତାଙ୍କ ସ୍ତ୍ରୀ ନୀତା ଅମ୍ବାନୀ ସାମିଲ ହେବାକୁଯାଉଛନ୍ତି। ଅମ୍ବାନୀ ଦମ୍ପତି ୱାଶିଂଟନରେ ପହଞ୍ଚି 'କ୍ୟାଣ୍ଡେଲଲିଟ୍ ଡିନର'ରେ ଯୋଗଦେଇଛନ୍ତି। ଉକ୍ତ ନୈଶଭୋଜିରେ ନିର୍ବାଚିତ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ତାଙ୍କ ସ୍ତ୍ରୀ ଉଷା ଭାନ୍ସ ଯୋଗଦେଇଥିବାବେଳେ ଅମ୍ବାନୀ ଦମ୍ପତି ସମ୍ଭବତଃ ଏକମାତ୍ର ଭାରତୀୟ ଥିଲେ। ଟ୍ରମ୍ପ ପରିବାରର ବ୍ୟକ୍ତିଗତ ନିମନ୍ତ୍ରିତ ଅତିଥି ଭାବେ ସେମାନେ ସୋମବାର ଶପଥ ଉତ୍ସବରେ ଯୋଗଦେବେ। ଟ୍ରମ୍ପ ପରିବାର ସହ ଅମ୍ବାନୀଙ୍କର ଘନିଷ୍ଠ ସମ୍ପର୍କ ରହିଛି। ଟ୍ରମ୍ପଙ୍କ ଝିଅ ଇଭାଙ୍କା ୨୦୧୭ରେ ଗ୍ଲୋବାଲ ଇଣ୍ଟରପ୍ରିନ୍ୟୁଅରଶିପ୍ ସମିଟ୍‌ରେ ଯୋଗଦେବାକୁ ହାଇଦ୍ରାବାଦ ଆସିଥିବାବେଳେ ଅମ୍ବାନୀ ଉପସ୍ଥିତ ଥିଲେ।



ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହ ପୂର୍ବରୁ ୱାଶିଂଟନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରିଲାଏନ୍ସ ଗ୍ରୁପ ଚେୟାରମ୍ୟାନ ମୁକେଶ ଅମ୍ବାନୀ ଏବଂ ନୀତା ଅମ୍ବାନୀ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଉଛନ୍ତି।

# ଚାନ୍ଦି ଭଣ୍ଡାର ପକ୍ଷରୁ ରିୟଲ ୱେଡିଂ ଷ୍ଟୋରିଜ୍



ଭୁବନେଶ୍ୱର, ୧୯।୧ (ଅନୁରାଧା ମହାରଣା)

ବିବାହ ଋତୁ ଚାଲିଥିବାବେଳେ ଚାନ୍ଦି ଭଣ୍ଡାର ଏହାର ନୂତନ କ୍ୟାମ୍ପେନ 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' ଆରମ୍ଭ କରିଛି। ନିଜ ଯାତ୍ରାରେ ଚାନ୍ଦି ଭଣ୍ଡାରକୁ ସାମିଲ କରିଥିବା ବାସ୍ତବ ଦମ୍ପତିମାନଙ୍କୁ ପାଳନ କରିବା ପାଇଁ ଏ କ୍ୟାମ୍ପେନ୍ ପ୍ରସ୍ତୁତ । ୱେଡିଂ ଷ୍ଟୋରିଜ୍ ମାଧ୍ୟମରେ ଚାନ୍ଦି ଭଣ୍ଡାର ରୁପା ଗହଣା ଏବଂ ଆର୍ଟିଫାକ୍ଟର ବ୍ୟାପକ କଲେକ୍ସନ ଉପଲବ୍ଧ କରିଛି। ପ୍ରତି ବିବାହରେ ରହିଥିବା ପ୍ରେମ ସୁନ୍ଦରତା ଏବଂ ବିରାସତକୁ ପ୍ରତିଫଳନ କରିବା ପୂର୍ବକ ଏ ଗହଣାଗୁଡ଼ିକୁ ଡିଜାଇନ୍ କରାଯାଇଛି। ପିଢ଼ି ପରେ ପିଢ଼ି ସ୍ମୃତି ସାଇତି ରଖିବା ପାଇଁ ଗହଣାଗୁଡ଼ିକ ସର୍ବୋତ୍କୃଷ୍ଟ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଗ୍ରାହକ ୨୦୨୫ ଜାନୁଆରୀ ୧୫ରୁ ମାର୍ଚ୍ଚ ୧୫ ଯାଏ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ରୁପା ଗହଣା ଏବଂ କଳାକୃତି ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ରାଜ୍ୟରେ ବ୍ୟବସାୟ ବୃଦ୍ଧି ପାଇଁ ଚାନ୍ଦି ଭଣ୍ଡାର ନୟାଗଡ଼ ଏବଂ ଝାରସୁଗୁଡ଼ାରେ ନୂଆ ଷ୍ଟୋର ଶୁଭାରମ୍ଭ କରିବାକୁ ଯାଉଥିବା ଘୋଷଣା କରିଛି। ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କହିଛନ୍ତି, ଗହଣା କେବଳ ଆଭୂଷଣ ନୁହେଁ, ନିଜ ନିଜ କାଳଜୟୀ ଡିଜାଇନ୍ ସହିତ ଏଗୁଡ଼ିକ ପ୍ରେମ, ପରମ୍ପରା ଏବଂ ଗ୍ରାହକଙ୍କ ସ୍ୱତନ୍ତ୍ର କାହାଣୀକୁ ପ୍ରତିଫଳିତ କରିଥାଏ।

# ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ୪ର୍ଥ ଲ' ସିମ୍ପୋଜିୟମ ଅନୁଷ୍ଠିତ




ଭୁବନେଶ୍ୱର, ୧୯।୧ (ଅନୁରାଧା ମହାରଣା)

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପରିସରରେ କ୍ରିମିନାଲ ଜଷ୍ଟିସ ଡେଲିଭରି ସିଷ୍ଟମ ଇନ୍ ଇଣ୍ଡିଆ : ରିଟ୍ରସ୍ପେକଟ ଆଣ୍ଡ ପ୍ରସପେକ୍ଟସ ବିଷୟବସ୍ତୁ ଉପରେ ୪ର୍ଥ ଲ' ସିମ୍ପୋଜିୟମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଉ ଏନ୍ ଇଣ୍ଟରନେଲ ଜଷ୍ଟିସ କାଉନସିଲର ଚେୟାରମ୍ୟାନ ତଥା ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଏମ୍.ବି. ଲୋକୁର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳ ସଚିବ ପ୍ରଫେସର ରଙ୍ଗିନୀ ପଲ୍ଲବ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ସ୍ୱାଗତ ଭାଷଣରେ ଭାରତୀୟ ନ୍ୟାୟପାଳିକାର ସୁନିଶ୍ଚିତ ସ୍ଥିତି ଏବଂ ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ। ନ୍ୟାୟ କେବଳ ଏକ ଆଇନଗତ ସିଦ୍ଧାନ୍ତ ନୁହେଁ ବରଂ ଭାରତର ଲୋକଙ୍କ ପାଇଁ ଏକ ଜୀବନ୍ତ ବାସ୍ତବତା ବୋଲି ଡ. ପଟ୍ଟନାୟକ କହିଥିଲେ। ଜଷ୍ଟିସ ପଟ୍ଟନାୟକ ତାଙ୍କର ଅଭିଭାଷଣରେ ରାଜ୍ୟମାନଙ୍କର ପରିଚାଳନାଗତ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ସରକାରଙ୍କ ନିୟନ୍ତ୍ରଣ ବାହାରେ ଥିବା ସାମାଜିକ ବ୍ୟବସ୍ଥା ଏବଂ ପରିସ୍ଥିତିକୁ ଦାୟୀ କରିଥିଲେ। ନ୍ୟାୟ ଏବଂ ସଠିକତାକୁ ଦୃଢ଼ କରିବାପାଇଁ ବୈଜ୍ଞାନିକ ଜ୍ଞାନ ସମ୍ବଳିତ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।

# ମାରୁତି ସେଲେରିଓ ଜିତିଲେ ରୋନକ ଅଗ୍ରୱାଲ




ଭୁବନେଶ୍ୱର, ୧୯।୧ (ଅଭୟ ଦାଶ)

**କିସ୍ନା ଜୁଏଲାରୀର ଲକି ଡ୍ରରେ ଆକର୍ଷଣୀୟ ପୁରସ୍କାର**

କିସ୍ନା ଜୁଏଲେରିର ବହୁ ପ୍ରତୀକ୍ଷିତ 'ଲକି ଡ୍ର' ବିଜେତାଙ୍କ ନାମ ନିକଟରେ ଘୋଷଣା କରାଯାଇଛି। ଏପରିକି କିସ୍ନା ଜୁଏଲେରିର ଗ୍ରାହକ ତଥା ଭୁବନେଶ୍ୱର ସୂର୍ଯ୍ୟନଗର ଅଞ୍ଚଳର ବାସିନ୍ଦା ରୋନକ ଅଗ୍ରୱାଲ ଏହି ଲକି ଡ୍ର' ଜରିଆରେ ଏକ ମାରୁତି ସେଲେରିଓ କାର ଜିତିଥିବା ପରିଆସ୍ଥିତ କିସ୍ନା ଜୁଏଲେରି ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କିସ୍ନା ଜୁଏଲେରିର ଅନ୍ୟତମ ଭାଗ୍ୟଶାଳୀ ଗ୍ରାହକ ଆଶୁତୋଷ ମହାନ୍ତି ଲକି ଡ୍ର ଜରିଆରେ ୫୦୦୦ଟଙ୍କା ପୁରସ୍କାର ପାଇଥିବା ବେଳେ ସ୍ମୃତିରଞ୍ଜନ ରାଉତ ୩୦୦୦ ଟଙ୍କାର ପୁରସ୍କାର ଉପହାର ସ୍ୱରୂପ ଜିତିଛନ୍ତି। ଏ ସମ୍ପର୍କରେ କିସ୍ନା ଜୁଏଲେରିର ମାଲିକ ଅମିତ ଅଗ୍ରୱାଲ କହିଛନ୍ତି, ଏହା ପ୍ରଥମ ଥର ନୁହେଁ, ଆମେ ଆମର ମୂଲ୍ୟବାନ ଗ୍ରାହକଙ୍କ ସହ ଆମର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏଭଳି ଅନେକ ପଦକ୍ଷେପ ନେଇଛୁ। ଏପରିକି ଲକି ଡ୍ର'ର ଭାଗ୍ୟଶାଳୀ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଗ୍ରାହକଙ୍କ ପାଇଁ ସମାନ ଧରଣର ଅଫର ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଅନ୍ଧାରରେ ମୁମ୍ବାଇ ପୋଲିସର ୩୫ ଟିମ୍


ସୈଫ୍ ଅଲୀ ଖାନ୍


ସିସିଟିଭିରେ ଅଭିଯୁକ୍ତ

ବଲିଉଡ୍ ଷ୍ଟାର ସୈଫ୍ ଅଲୀ ଖାନ୍‌ଙ୍କ ବାନ୍ଦ୍ରା ୱେଷ୍ଟସ୍ଥିତ 'ସତ୍‌ଗୁରୁ ଶରଣ' ବିଲ୍ଡିଂରେ ବୁଧବାର ରାତି ୨ଟା ୩୦ରେ ଜଣେ ବ୍ୟକ୍ତି ଅନୁପ୍ରବେଶକରି ତାଙ୍କୁ ୬ ଥର ଛୁରାମାଡ଼ କରିଥିଲେ। ଅନୁପ୍ରବେଶକାରୀ ଚୋରି ଉଦ୍ଦେଶ୍ୟରେ ସୈଫ୍‌ଙ୍କ ଘରକୁ ଯାଇଥିବା ତାଙ୍କ ସାନପୁଅ ଜେହାଙ୍ଗୀର(୪)ଙ୍କ ନର୍ସ ଏଲିୟାମା ଫିଲିପ୍ସ ଓରଫ୍ ଲିମା ବାନ୍ଦ୍ରା ଥାନାରେ ଏତଲା ଦେଇଥିଲେ। ମୁମ୍ବାଇ ପୋଲିସ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ସଶସ୍ତ୍ର ଡକାୟତି ଉଦ୍ୟମ ଓ ହତ୍ୟା ଉଦ୍ୟମ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଷଷ୍ଠ ଫ୍ଲୋର୍‌ର ସିସିଟିଭି ଫୁଟେଜ୍‌ରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ପରେ ଗୁରୁବାର ତାଙ୍କ ଫଟୋ ଜାରି କରାଯାଇଥିଲା। ଆକ୍ରମଣକାରୀଙ୍କୁ ଧରିବା ପାଇଁ ମୁମ୍ବାଇ ପୋଲିସର ୩୫ ଟିମ୍ ଗଠନ କରାଯାଇଛି। ଏହି ଘଟଣାକୁ ଅନେକ ସମୟ ବିତିଯାଇଥିଲେ ମଧ୍ୟ ଆକ୍ରମଣକାରୀଙ୍କୁ ଏଯାଏ ଧରାଯାଇପାରି ନାହିଁ। ପୋଲିସ ଜଣେ ପରେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଧରି ଥାନାରେ ଅଟକ ରଖୁଛି। କିନ୍ତୁ ପ୍ରମାଣ ନ ମିଳିବାରୁ ପରବର୍ତ୍ତୀ ସମୟରେ ତାଙ୍କୁ ଛାଡ଼ିଦେଉଛି। ଏହି ପ୍ରସଙ୍ଗରେ ଭାଜପା ନେତୃତ୍ୱାଧୀନ ମହାଯୁତି ସରକାରଙ୍କ ପାରିବାପଣିଆକୁ ନେଇ ବିରୋଧୀ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ପ୍ରଶ୍ନ ଉଠାଉଥିବାବେଳେ ରବିବାର ଆଉ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟରେ ହାଜର ପରେ ୫ ଦିନିଆ ରିମାଣ୍ଡରେ ନେଇଛି ମୁମ୍ବାଇ ପୋଲିସ। ତେଣୁ ପ୍ରକୃତରେ ଆକ୍ରମଣ କରିଥିବା ବ୍ୟକ୍ତି ଜଣକ କିଏ ଏବଂ ଏହା ପଛରେ ତାଙ୍କର କି ଉଦ୍ଦେଶ୍ୟ ଥିଲା ତାକୁ ନେଇ ଅନେକ ଚର୍ଚ୍ଚା ଲାଗିରହିଛି।

## ଧରାପଡ଼ିନାହାନ୍ତି ସୈଫ୍‌ଙ୍କ ପ୍ରକୃତ ଆକ୍ରମଣକାରୀ


ଧରିଥିଲେ, ଛାଡ଼ିଦେଲେ


ପାଉନାହାନ୍ତି


ଅଟକ ପରେ ମନାକଲେ


୫ ଦିନିଆ ରିମାଣ୍ଡରେ

**ଜାନୁଆରୀ ୧୭:** ମୁମ୍ବାଇ ପୋଲିସ ପ୍ରକୃତ ଅଭିଯୁକ୍ତଙ୍କ ପରିବର୍ତ୍ତେ ସୈଫ୍‌ଙ୍କ ଆକ୍ରମଣ ସହ ଜଡ଼ିତ ନ ଥିବା ଜଣେ ଭିନ୍ନ ବ୍ୟକ୍ତିଙ୍କୁ ଧରି ବାନ୍ଦ୍ରା ଥାନାକୁ ନେଇ ପଚରାଉଚରା କରିଥିଲା। ସୈଫ୍‌ଙ୍କ ଘରେ ଏହି କାଣ୍ଡ ଭିଆଇବା ପରେ ସେଠାରୁ ଫେରାର ହେଉଥିବାବେଳେ ସିସିଟିଭି କ୍ୟାମେରାରେ କଏଦ୍ ହୋଇଥିବା ଅନୁପ୍ରବେଶକାରୀଙ୍କ ସହ ଅଟକ ବ୍ୟକ୍ତିଙ୍କ ଚେହେରାର ସାମଞ୍ଜସ୍ୟ ଥିବାରୁ ତାଙ୍କୁ ବାନ୍ଦ୍ରା ରେଳ ଷ୍ଟେଶନ୍‌ରୁ ପୋଲିସ ଧରିଥିଲା। କିନ୍ତୁ ସତ ଜାଣିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଛାଡ଼ିଦେଇଥିଲା।

**ଜାନୁଆରୀ ୧୮:** ପ୍ରଥମେ କୁହାଗଲା, ମଧ୍ୟପ୍ରଦେଶ ଓ ଛତିଶଗଡ଼ରୁ ୨ ଜଣ ସନ୍ଦିଗ୍ଧ ଧରାପଡ଼ିଛନ୍ତି। ପ୍ରଶ୍ନ ଉଠିଲା, ଯଦି ଆକ୍ରମଣକାରୀ ଜଣେ ବ୍ୟକ୍ତି ତେବେ ୨ ଜଣ କିପରି ଧରାପଡ଼ିଲେ? ପରେ କୁହାଗଲା, ଛତିଶଗଡ଼ର ଦୁର୍ଗ ରେଳ ଷ୍ଟେଶନ୍‌ରୁ ଧରାପଡ଼ିଥିବା ବ୍ୟକ୍ତି ହିଁ ଆକ୍ରମଣକାରୀ। ତାଙ୍କ ନାମ ଆକାଶ କନୌଜିଆ, ବୟସ ୩୦ ବର୍ଷ। ଷ୍ଟେଶନ୍‌ର ରେଲୱେ ପୋଲିସ ଫୋର୍ସ ପୋଷ୍ଟରେ ରାତିସାରା ପଚରାଉଚରା ପରେ କିଛି ପ୍ରମାଣ ନ ମିଳିବାରୁ ରବିବାର ସକାଳେ ତାଙ୍କୁ ଛାଡ଼ି ଦିଆଯାଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

**ଜାନୁଆରୀ ୧୯:** ସୈଫ୍‌ଙ୍କ ଆକ୍ରମଣକାରୀ ବୋଲି ମୁମ୍ବାଇ ପୋଲିସ ଜଣେ ବ୍ୟକ୍ତିଙ୍କୁ ଧରିଛି। ତାଙ୍କ ନାମ ମହମ୍ମଦ ଶରିଫୁଲ ଇସ୍‌ଲାମ୍ ଶେହଜାଦ୍। ଠାଣେରେ ଶନିବାର ରାତିରେ ଧରାପଡ଼ିଥିବା ୩୦ ବର୍ଷୀୟ ଶେହଜାଦ୍ ଜଣେ ବାଂଲାଦେଶୀ। ସେ ନିଜ ନାମ 'ବିଜୟ ଦାସ'କୁ ବଦଳାଇ ଭାରତକୁ ଅନୁପ୍ରବେଶ କରିଥିବା ପୋଲିସ କହିଛି। ପୋଲିସର କହିବା ହେଲା ଶେହଜାଦ୍ ୧୬ ତାରିଖ ସକାଳ ୭ଟା ଯାଏ ବାନ୍ଦ୍ରା ୱେଷ୍ଟରେ ଥିବା ପଟୱର୍ଦ୍ଧନ ଗାର୍ଡେନରେ ଶୋଇଥିଲେ। ପରେ ସେ ଏକ ଟ୍ରେନ୍‌ରେ ୱର୍ଲି ଯାଇଥିଲେ। ଏହି ବ୍ୟକ୍ତି ହିଁ ପ୍ରକୃତ ଆକ୍ରମଣକାରୀ ବୋଲି ମୁମ୍ବାଇ ପୋଲିସ ବାନ୍ଦ୍ରା କୋର୍ଟରେ ଯୁକ୍ତି ବାଢ଼ିଥିଲା। ଏଥିସହ ୧୪ ଦିନିଆ ରିମାଣ୍ଡ୍ ଦାବି କରିଥିଲା। କିନ୍ତୁ କୋର୍ଟ ୫ ଦିନ ପାଇଁ ପୋଲିସକୁ ରିମାଣ୍ଡ୍ ଅନୁମତି ଦେଇଛନ୍ତି। କେବଳ ଏତିକି ନୁହେଁ, ଶେହଜାଦ୍ ଏହି ଆକ୍ରମଣ କରିବା ପଛରେ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ରହିଥିବା ସରକାରୀ ଓକିଲ ଯୁକ୍ତି ବାଢ଼ିଛନ୍ତି। ତେଣୁ ପ୍ରକୃତ ଆକ୍ରମଣକାରୀଙ୍କୁ ଧରି ନ ପାରି ନିଜ ଅପାରଗତା ଲୁଚାଇବା ପାଇଁ ପୋଲିସ ଏହାକୁ ଏକ ଭିନ୍ନ ରୂପ ଦେବାକୁ ଉଦ୍ୟମ ଚଳାଇଥିବା ଲୋକେ କହୁଛନ୍ତି।




ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥଗ୍ରହଣ ଅବ୍ୟବହିତ ପୂର୍ବରୁ ରବିବାର ତାଙ୍କୁ ଅଭିନନ୍ଦନ ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରସ୍ତୁତ କରିଥିବା ବାଲୁକା କଳା।

# ଟିକ୍‌ଟକ୍ ସପକ୍ଷରେ ଟ୍ରମ୍ପ୍

## ଆମେରିକା ଅଧୀନରେ ରହିବ ୫୦% ଅଂଶଧନ

ୱାଶିଂଟନ୍, ୧୯।୧

ଆମେରିକାର ବିଦାୟ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କାର୍ଯ୍ୟକାଳ ଶେଷରେ ଦେଶରେ ବନ୍ଦ ହୋଇଯାଇଥିବା ଚାଇନାର ଶର୍ଟ ଭିଡିଓ ଆପ୍ ଟିକ୍‌ଟକ୍ ପରବର୍ତ୍ତୀ ରାଷ୍ଟ୍ରପତି ଡୋନାଲ୍ଡଙ୍କ ଅମଳରେ ପୁନଃ ପ୍ରଚଳନ ପାଇଁ ଅନୁମତି ପାଇବ। ସୋମବାର ଟ୍ରମ୍ପ୍ ଶପଥ ନେବା ପରେ ଆମେରିକାରେ ବ୍ୟବସାୟିକ କାରବାର ପାଇଁ ଟିକ୍‌ଟକ୍ ସପକ୍ଷରେ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଜାରି କରିବା ନେଇ ରବିବାର ସଙ୍କେତ ଦେଇଛନ୍ତି। କିନ୍ତୁ ଏଥିସକାଶେ ସେ ଏକ ସର୍ତ୍ତ ରଖିଛନ୍ତି। ତାହା ହେଲା ଟିକ୍‌ଟକ୍‌ର ୫୦ ପ୍ରତିଶତ ଅଂଶଧନ ଆମେରିକୀୟ କମ୍ପାନୀ ଅଧୀନରେ ରହିବ।

ସଂଘୀୟ ଆଇନ ଅନୁଯାୟୀ, ବାଇଟ୍‌ଡାନ୍ସ ଟିକ୍‌ଟକ୍‌ର ମାଲିକାନା ସ୍ୱତ୍ୱ ଜାନୁଆରୀ ୧୯ ସୁଦ୍ଧା ହସ୍ତାନ୍ତର କରିବା ଆବଶ୍ୟକ ଥିଲା। ଏପରି ନ କଲେ ଦେଶବ୍ୟାପୀ ଏହା ଉପରେ କଟକଣା ଜାରି କରାଯିବ ବୋଲି ପୂର୍ବରୁ ତାଗିଦ କରାଯାଇଥିଲା। ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟିକାରୀ ଟିକ୍‌ଟକ୍ ଅନେକ ସମ୍ବେଦନଶୀଳ ୟୁଜର୍ସ ଡେଟା ହାତେଇ ତା'ର ଦୁରୁପଯୋଗ କରୁଥିବା ଜଣାପଡ଼ିବା ପରେ ଫେଡେରାଲ ଲ' ଅନୁଯାୟୀ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ଟିକ୍‌ଟକ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଟିକ୍‌ଟକ୍‌ର ଅପିଲକୁ ସୁପ୍ରିମକୋର୍ଟ ଖାରଜ କରିଦେବା ପରେ ରବିବାରଠାରୁ ଏହା ଉପରେ ନିଷେଧାଦେଶ ଲାଗୁ ହୋଇଥିଲା। ଏପରି କି ଗୁଗଲ, ଆପଲ୍ ଷ୍ଟୋର ଟିକ୍‌ଟକ୍‌କୁ ନିଜ ସେବାରୁ ହଟାଇଦେଇଥିଲେ। ଫଳରେ ୨୭୦ ନିୟୁତ ଆମେରିକୀୟ ୟୁଜର୍ସ ଆଉ ଏହାକୁ ବ୍ୟବହାର କରିପାରିନାହାନ୍ତି। ଟ୍ରମ୍ପ୍ ନିଜ 'ଟ୍ରୁଥ୍ ସୋସିଆଲ୍'ରେ ରବିବାର ଟ୍ରମ୍ପ୍ ଘୋଷଣା କରିଛନ୍ତି ଯେ, ଏହି ସୋସିଆଲ ମିଡିଆ ପ୍ଲାଟଫର୍ମର ଅନ୍ୟୂନ ୫୦% ଶେୟାର ଆମରେିକୀୟ ନିବେଶକଙ୍କ ହାତରେ ରହିଲେ ସେ ଏହାର ପୁନଃ ପ୍ରଚଳନ ପାଇଁ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଜାରିକରିବେ।

# ମହାକୁମ୍ଭ ଏକତାର ପ୍ରତୀକ: ମୋଦି

ନୂଆଦିଲ୍ଲୀ, ୧୯।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚଳିତ ବର୍ଷର ପ୍ରଥମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରୟାଗରାଜର ମହାକୁମ୍ଭକୁ ବିବିଧତା ମଧ୍ୟରେ ଏକତାର ପ୍ରତୀକ ବୋଲି କହିବା ସହ ଏହି ଧର୍ମୀୟ ସମାବେଶରେ ଯୋଗଦେଉଥିବା ଯୁବବର୍ଗଙ୍କୁ ଭୂୟଶୀ ପ୍ରଶଂସା କରିଛନ୍ତି। ଚଳିତ ମାସର ଶେଷ ରବିବାର ସାଧାରଣତନ୍ତ୍ର ଦିବସ ପଡୁଥିବାରୁ ତୃତୀୟ ରବିବାରରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ପ୍ରସାରିତ ହୋଇଛି। ମହାକୁମ୍ଭର ସଫଳ ପରିଚାଳନାରେ ଡିଜିଟାଲ୍‌ର ବ୍ୟାପକ ବ୍ୟବହାର କରାଯାଇଛି। ସାରା ବିଶ୍ୱରୁ ଲୋକେ ଏହି ମେଳାରେ ସାମିଲ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ।

ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସ ଅତ୍ୟନ୍ତ ସ୍ୱତନ୍ତ୍ର। କାରଣ ସମ୍ବିଧାନ କାର୍ଯ୍ୟକାରିତାର ୭୫ ବର୍ଷ ପାଳନ ହେବାକୁ ଯାଉଛି। ଆମକୁ ପବିତ୍ର ସମ୍ବିଧାନ ଭେଟି ଦେଇଥିବା ସମ୍ବିଧାନ ସଭାର ସମସ୍ତ ମହାନ ବ୍ୟକ୍ତିତ୍ୱଙ୍କ ନିକଟରେ ମଥାନତ କରୁଛି ବୋଲି ମୋଦି କହିଛନ୍ତି। ଲୋକଙ୍କ ଶକ୍ତିକୁ ବଳିଷ୍ଠ କରିବା ପାଇଁ ବୈଷୟିକ ଶକ୍ତିର ଉପଯୋଗ କରାଯିବା ସହ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପ୍ରକ୍ରିୟା ପାଇଁ ପ୍ରତିଶ୍ରୁତିବଦ୍ଧତା ଦେଖାଇଥିବା ନିର୍ବାଚନ କମିଶନକୁ ଜାନୁଆରୀ ୨୫ ଏହାର ପ୍ରତିଷ୍ଠା ଦିବସ ବା ଜାତୀୟ ଭୋଟର ଦିବସ ପୂର୍ବରୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ଜାନୁଆରୀ ୨୩ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀ ଅବସରରେ ମୋଦି ଏହି ଦୁଃସାହସିକ ନେତାଙ୍କୁ ମନେପକାଇଛନ୍ତି। ଏହିଦିନ ପରିକ୍ରମା ଦିବସ ଭାବେ ପାଳନ କରାଯାଉଥିବାବେଳେ ଯୁବସମାଜ ତାଙ୍କ ସମ୍ପର୍କରେ ଅଧିକ ଜାଣିବା ସହ ଅନୁପ୍ରାଣିତ ହେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି।

**ମନ୍ କୀ ବାତ୍**



# ବିଷାକ୍ତ ମଦ ପିଇ ୭ ମୃତ

ପାଟନା, ୧୯।୧

ବିହାରର ପଶ୍ଚିମ ଚମ୍ପାରଣ ଜିଲା ଲୌରିଆ ଥାନା ଅଞ୍ଚଳରେ ଗତ ୪ ଦିନ ମଧ୍ୟରେ ବିଷାକ୍ତ ମଦ ପିଇ ୭ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ସମସ୍ତ ୭ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରାଯାଇସାରିଛି ବୋଲି ପଶ୍ଚିମ ଚମ୍ପାରଣ ଜିଲା ଆରକ୍ଷୀ ଅଧୀକ୍ଷକ (ଡିଏସ୍‌ପି) ଶୌର୍ଯ୍ୟ ସୁମନ ସୂଚନା ଦେଇଛନ୍ତି। ୭ ମୃତକଙ୍କ ମଧ୍ୟରୁ ୨ ବ୍ୟକ୍ତିଙ୍କ ମୃତ୍ୟୁର କାରଣ ମଦ ହୋଇ ନ ଥିବା ସେ କହିଛନ୍ତି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

**ଖେଳ ଖବର**

# ଓଡ଼ିଶାର ୩ ଖେଳାଳିଙ୍କ ପାଇଁ ସ୍ମରଣୀୟ

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

ନୂଆଦିଲ୍ଲୀରେ ଅନୁଷ୍ଠିତ ଖୋ ଖୋ ବିଶ୍ୱକପ୍‌ର ଉଭୟ ମହିଳା ଓ ପୁରୁଷ ବର୍ଗରେ ଚାମ୍ପିୟନ ହୋଇଥିବା ଭାରତୀୟ ଦଳରେ ସାମିଲ ଥିଲେ ଓଡ଼ିଶାର ୩ ଖେଳାଳି। ମହିଳା ଦଳରେ ସ୍ଥାନ ପାଇଥିବା ଶୁଭଶ୍ରୀ ସିଂ ଓ ମାଗାଇ ମାଝି ଏବଂ ପୁରୁଷ ଦଳରେ ପବନୀ

**ଖୋ ଖୋ ବିଶ୍ୱକପ**

ସବର ଚମତ୍କାର ପ୍ରଦର୍ଶନ କରି ଭାରତର ଏହି ଐତିହାସିକ ସଫଳତାରେ ଭାଗୀଦାର ହୋଇଛନ୍ତି। ଏହି ୩ ଜଣ ଯାକ ଖେଳାଳି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏହା ବ୍ୟତୀତ ଓଡ଼ିଶାର ୫ ଅଧିକାରୀ ଓ ଟେକ୍ନିକାଲ ଅଫିସରଙ୍କୁ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ବିଭିନ୍ନ ପଦବୀରେ ନିଯୁକ୍ତ କରାଯାଇଥିଲା। ସେମାନେ ହେଲେ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପାର୍ଥସାରଥୀ ମହାପାତ୍ର, ଆକାଶ ରଣା, କ୍ରିଷ୍ଟା କୁମାରୀ ରାୟ ଏବଂ ଶ୍ରଦ୍ଧାମୟୀ ରାଉତ।


 କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଓଡ଼ିଶାର ୩ ଖୋ ଖୋ ଖେଳାଳି।

# ଉତ୍କଳ ଓପନ ଟେନିସରେ ଅମୃତଜୟଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମ ପରିସରରେ ରବିବାର ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ଟପ୍ ସିଡ୍ ଅମୃତଜୟ ମହାନ୍ତି ଦ୍ୱିମୁକୁଟ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଅମୃତଜୟ ଅଂଶୁମାନ ସିଂଙ୍କୁ ୬-୦, ୬-୧ରେ ହରାଇଥିବାବେଳେ ଶୁଭ୍ରନିଲ ବର୍ମନଙ୍କୁ ସାଥିକରି ଚିନ୍ମୟ ପ୍ରଧାନ ଓ ଅଂଶୁ ଭୂୟାଁଙ୍କ ଯୋଡ଼ିକୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରକାଶ ମିଶ୍ର ଓ ସଞ୍ଜୀବ ମାରିକଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଅଶୋକ ଦାସଙ୍କୁ ସ୍ପୋର୍ଟ୍ସମ୍ୟାନ ସ୍ପିରିଟ, ଆଦିତ୍ୟ ଶତପଥୀଙ୍କୁ ବେଷ୍ଟ ଡ୍ରେସ୍‌ଡ ଏବଂ ସଂରଚନା ଦାସଙ୍କୁ ଇମର୍ଜିଂ ପ୍ଲେୟର ଦିଆଯାଇଥିଲା। କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପିସିସିଏଫ୍ ଦେବୀ ଦତ୍ତ ବିଶ୍ୱାଳ, ଉତ୍କଳ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ସରଦ ବୈଦ, ଏସିଇ ସଭାପତି ପ୍ରକାଶ ଚନ୍ଦ୍ର ଭୁରା ଓ ଆୟୋଜକ କମିଟି ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଉତ୍କଳ ଓପନ ଟେନିସର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ବିବାହ ବନ୍ଧନରେ ନୀରଜ ଚୋପ୍ରା


ସ୍ତ୍ରୀ ହିମାନୀ ମୋରଙ୍କ ସହ ନୀରଜ ଚୋପ୍ରା।

ନୂଆଦିଲ୍ଲୀ, ୧୯।୧ (ପି.ଟି.)

ଜାଭେଲିନ୍ ସୁପରଷ୍ଟାର ନୀରଜ ଚୋପ୍ରା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଦୁଇ ଦିନ ପୂର୍ବେ ସେ ଟେନିସ ଖେଳାଳି ହିମାନୀ ମୋର୍‌ଙ୍କୁ ବିବାହ କରିଛନ୍ତି। ୨୭ ବର୍ଷୀୟ ଚୋପ୍ରା ରବିବାର ସୋସିଆଲ ମିଡିଆ ହାଣ୍ଡେଲରେ ତାଙ୍କର ଏକ ଫଟୋ ଶେୟାର କରିବା ପରେ ଏହା ଜଣାପଡ଼ିଛି। ନବ ଦମ୍ପତି ବର୍ତ୍ତମାନ ବିଦେଶରେ ହନିମୁନ୍‌ରେ ଅଛନ୍ତି। ୨୫ବର୍ଷୀୟା ମୋର୍ ବର୍ତ୍ତମାନ ନ୍ୟୁ ହାମ୍ପଶାୟାରରେ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ (ମେଜର) କରୁଛନ୍ତି। ଦିଲ୍ଲୀସ୍ଥିତି ମିରାଣ୍ଡା ହାଉସର ସେ ହେଉଛନ୍ତି ଜଣେ ଆଲୁମିନି, ଯେଉଁଠାରେ ସେ ରାଜନୀତି ବିଜ୍ଞାନ ଓ ଫିଜିକାଲ ଏଜୁକେଶନରେ ସ୍ନାତକ ହାସଲ କରିଛନ୍ତି। ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ (ଆଇଟା)ର ସୂଚନା ଅନୁସାରେ ୨୦୧୮ରେ ନ୍ୟାଶନାଲ ର୍‍ୟାଙ୍କିଙ୍ଗ ସିଙ୍ଗଲ୍ସରେ ୪୨ତମ ଏବଂ ଡବଲ୍ସରେ ୨୭ତମ ସ୍ଥାନରେ ରହିଥିଲେ। ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା ଚୋପ୍ରା ପ୍ୟାରିସ ଗେମ୍ସରେ ରୌପ୍ୟ ପଦକ ଲାଭ କରିଛନ୍ତି।

# ପାୟୋନିଅରକୁ ହରାଇ ସୋଲାର କ୍ଲବ ଚାମ୍ପିୟନ

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

ନାରାୟଣୀ କ୍ଲବ ଆନୁକୂଲ୍ୟରେ ଖୋର୍ଦ୍ଧା କଣ୍ଟାବଣିଆର ରାଜୀବ ଷ୍ଟାଡିୟମରେ ଚତୁର୍ଥ ରଜନୀକାନ୍ତ ସ୍ମାରକୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ପୁରୀର ପାୟୋନିଅରକୁ ୭୦ ରନରେ ହରାଇ କଟକର ସୋଲାର କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ସୋଲାର କ୍ଲବ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୨୧୬ ରନ କରିଥିଲା। ଶତକ ହାସଲକାରୀ ସମୀର ମହାନ୍ତି ଦଳ ପକ୍ଷରୁ ସର୍ବାଧିକ ୧୧୧ ଓ କୃଷ୍ଣ ଚନ୍ଦ୍ର ବାରିକ ୪୨ରନ୍ କରିଥିଲେ। ବିପକ୍ଷ ଦଳର ଭାଗୀରଥି ୩ଟି ଓ ଦେବାଶିଷ ଦାଶ ୨ଟି ଉଇକେଟ ନେଇଥିଲେ। ଜବାବରେ ପାୟୋନିଅର ଦଳ ୨୭.୧ ଓଭର ୧୪୬ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦିବ୍ୟଜ୍ୟୋତି ରଥ ସର୍ବାଧିକ ୩୮ ରନ କରିଥିଲେ। ୫ ଉଇକେଟ ସଫଳତା ପାଇଥିବା ସୋଲାର ଦଳର ସମ୍ବିତ ବେଜ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ଶ୍ରେଷ୍ଠ ବୋଲର ପୁରସ୍କାର ମଧ୍ୟ ପାଇଥିଲେ। ସମୀର ମହାନ୍ତି ଶ୍ରେଷ୍ଠ ବ୍ୟାଟର ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅମ୍ପାୟର ଶରତ ଚନ୍ଦ୍ର ସାହୁ ଏବଂ ପ୍ରଦୀପ କୁମାର ଜେନା ମ୍ୟାଚ ପରିଚାଳନା କରିଥିଲେ। ଏମ୍‌ପି ସମ୍ବିତ ପାତ୍ର, ବିଧାୟକ ଓମ୍ ପ୍ରକାଶ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ନିର୍ବାଚନ

ଭୁବନେଶ୍ୱର, ୧୯।୧(ତପନ ସ୍ୱାଇଁ)

ରାଜ୍ୟ ଶକ୍ତି ଉତ୍ତୋଳନ ସଂଘର କର୍ମକର୍ତ୍ତା ନିର୍ବାଚନ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ତରଞ୍ଜନ ସ୍ୱାଇଁ ସଭାପତି ଓ ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୀର୍ତ୍ତନ ବେହେରା, ଗୌରୀ ମହାନ୍ତି ଓ କୃଷ୍ଣଚନ୍ଦ୍ର ସାହୁ ଉପସଭାପତି, ବ୍ରହ୍ମପଦ ବେହେରା ଓ ରାନୁ ମହାନ୍ତି ଯୁଗ୍ମ ସମ୍ପାଦକ, ପ୍ରଦୀପ କୁମାର ପାତ୍ର କୋଷାଧ୍ୟକ୍ଷ ଏବଂ ରମେଶ ଚନ୍ଦ୍ର ବିଡ଼ିକା, ରାକେଶ ଶତପଥୀ, ଶକ୍ତି ପ୍ରସାଦ ବାରିକ, ରାଜେନ୍ଦ୍ର ପରିଡ଼ା, ଏମ୍‌ଡି. ଜାଭେଦ, ଦେବାଶିଷ ମହାନ୍ତି, ଚନ୍ଦ୍ରଶେଖର ସାହୁ, ବିଶ୍ୱଜିତ ଜେନା, ଦୀପକ କୁମାର ନାୟକ, ସଦାଶିବ ତ୍ରିପାଠୀ, ଘାସିରାମ ହରିଜନ, ସମରେନ୍ଦ୍ର ରାଉତରାୟ ଓ ହିମାଂଶୁ ଶେଖର ଦାସ କାର୍ଯ୍ୟକାରିଣୀ ସଦସ୍ୟଭାବେ ଆସନ୍ତା ୪ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ଜାତୀୟ ଶକ୍ତି ଉତ୍ତୋଳନ ସଂଘ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଦେବୀ ପ୍ରସାଦ ଚାଟାର୍ଜୀ ଯୋଗଦେଇଥିଲେ।

# ପଟିଆଗଡ଼ କ୍ରିକେଟ: ଦାରୁଠେଙ୍ଗ ଚାମ୍ପିୟନ

ଭୁବନେଶ୍ୱର, ୧୯।୧(ତପନ ସ୍ୱାଇଁ)

ପଟିଆଗଡ଼ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଦାରୁଠେଙ୍ଗ ଓ ଅଡ଼ାଳିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅଡ଼ାଳିଆ ୧୮ ଓଭରରେ ୧୧୮ ରନ୍‌କରି ଅଲଆଉଟ୍ ହୋଇଥିଲା। ୧୧୯ ରନ୍‌ର ବିଜୟଲକ୍ଷ୍ୟକୁ ଦାରୁଠେଙ୍ଗ ୧୩ ଓଭରରେ ହାସଲ କରିନେଇଥିଲା। ଚାମ୍ପିୟନ୍ ଦାରୁଠେଙ୍ଗକୁ ଟ୍ରଫି ସହ ୩୦,୦୦୦ ଓ ରନରଅପ୍ ଦଳକୁ ଟ୍ରଫି ସହ ୨୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ମ୍ୟାନ୍ ଅଫ୍ ଦ ସିରିଜ୍ ବିବେଚିତ ଦାରୁଠେଙ୍ଗର ସୂରଜଙ୍କୁ ପୁରସ୍କାର ଆକାରରେ ଏକ ବାଇକ୍ ପ୍ରଦାନ କରାଯାଇଥିବାବେଳେ ଶ୍ରେଷ୍ଠ ବୋଲର, ବ୍ୟାଟର, ଫିଲ୍ଡର ଏବଂ ଉଇକେଟ୍‌କିପରଙ୍କୁ ଗୋଟିଏ ଲେଖାଏ ମୋବାଇଲ୍ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ଜିକେ ଗ୍ରୁପ୍ ନିର୍ଦ୍ଦେଶକ ଅମରେଶ ପରିଡ଼ା, ଚିତ୍ତରଞ୍ଜନ ପାତ୍ର, ଯଶୋବନ୍ତ ସାମଲ, ଅଜିତ୍ ଶ୍ରୀଚନ୍ଦନ, ସୁବ୍ରତ କୁମାର ନାୟକ, ସୂର୍ଯ୍ୟକାନ୍ତ ହରିଚନ୍ଦନ, ପ୍ରକାଶ ଜେନା, ସଞ୍ଜୀୟ କୁମାର ସେଠୀ, ଦିଲୀପ ରାଉତ, ମିଳନ ରାଉତ ପ୍ରମୁଖ ଯୋଗଦେଇଥିଲେ।




ପଟିଆଗଡ଼ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ଦାରୁଠେଙ୍ଗ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଘରୁ ଡାକି ନେଇ ଅଟୋଚାଳକଙ୍କୁ ହତ୍ୟା

## କୋକସିଂ ଗାଁ ଖେଳପଡ଼ିଆ ନିକଟରୁ ମିଳିଲା ମୃତଦେହ

**ଖୋର୍ଦ୍ଧା/ବେଗୁନିଆ, ୧୯।୧ (ପ୍ରଭାତ ପାଣିଗ୍ରାହୀ/ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କୋକସିଂ ଗ୍ରାମ ଖେଳପଡ଼ିଆ ନିକଟରୁ ରବିବାର ଭୋର୍ ସାଢ଼େ ୬ଟାରେ ଜଣେ ଅଟୋଚାଳକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଛି। ମୃତକ ହେଲେ ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ଅକ୍ରୁର ସେଠୀ (୪୫)। ସେ ଜଣେ ଅଟୋଚାଳକ। ଅକ୍ରୂରଙ୍କୁ ଘରୁ ଡାକିନେଇ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଅକ୍ରୂରଙ୍କ ଝିଅ ଲକ୍ଷ୍ମୀପ୍ରିୟାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୧୨/୨୫) ରୁଜୁ ସହ ମୃତଦେହ ଜବତକରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ଅଟୋକୁ ଜବତ କରିଛି ପୋଲିସ। ଏହି ଘଟଣାର ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଅକ୍ରୂରଙ୍କ ପରିବାର ଲୋକେ ଦାବି କରିଛନ୍ତି। ପୋଲିସ ସନ୍ଦେହରେ ଜଣଙ୍କୁ ଅଟକ ରଖି ଅନୁସନ୍ଧାନ ଚଳାଇଛି ବୋଲି ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁ ସୂଚନା ଦେଇଛନ୍ତି।

ଲକ୍ଷ୍ମୀପ୍ରିୟା ଅଭିଯୋଗ କରିଛନ୍ତି ଯେ, ଅକ୍ରୁର ଜଣେ ମାଲିକଙ୍କଠାରୁ ଅଟୋ ଭଡ଼ାରେ ଆଣି ଚଳାଉଥିଲେ। ପୂର୍ବରୁ ମାଲିକ ଏବଂ ଅକ୍ରୁରଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗି ରହିଥିଲା। ଶନିବାର ରାତିରେ ମାଲିକ ତାଙ୍କୁ ରବିବାର ଭୋର୍ ୫ଟାରେ ଅଟୋ ନେଇ ମଶାଣିଆ ଭଡ଼ା ଯିବାକୁ କହିଥିଲେ। ରବିବାର ସକାଳ ୫ଟାରେ ଭଡ଼ା ଅଛି, ତେଣୁ ଯାଉଛି ବୋଲି କହି ଘରୁ ବାହାରିଯାଇଥିଲେ। ତେବେ ଏହାର ଦେଢ଼ଘଣ୍ଟା ପରେ ଖେଳପଡ଼ିଆ ନିକଟରେ ତାଙ୍କ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଖବର ପାଇ ପରିବାର ଓ ସମ୍ପର୍କୀୟ ପହଞ୍ଚିଥିଲେ। ଅଟୋ ତଳେ ଅକ୍ରୁର ଚାପିହୋଇ ରହିଥିଲେ। ଖେଳପଡ଼ିଆ ଶୂନ୍‌ଶାନ ରହିଥିବା ବେଳେ ଦୁର୍ଘଟଣାର କୌଣସି ସୁରାକ୍ ପାଇ ନ ଥିଲେ ପରିବାର। ଅଟୋର କୌଣସି ଅଂଶ କ୍ଷତି ହୋଇ ନ ଥିବା ଦେଖି ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସେମାନେ ସନ୍ଦେହ କରିଥିଲେ। ପରିବାର ଲୋକଙ୍କଠାରୁ ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହ ଏବଂ ଅଟୋ ଜବତ କରିଥିଲା। ଅକ୍ରୂରଙ୍କ ଶାଳକ ଚନ୍ଦନ ସେଠୀ କହିଛନ୍ତି, ଖେଳପଡ଼ିଆରେ କୌଣସି ଗାଡ଼ି ଯିବାର ଚିହ୍ନ ନ ଥିବାବେଳେ ଯେଉଁଭଳି ଅବସ୍ଥାରେ ତାଙ୍କ ମୃତଦେହ ମିଳିଛି, ସେଥିରୁ ତାହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ସନ୍ଦେହ କରାଯାଉଛି। ସେହିପରି ସମ୍ପର୍କୀୟ ମାଧବ ସେଠୀ କହିଛନ୍ତି, ଭଡ଼ା ଅଛି କହି ଅକ୍ରୂର ଅଟୋଧରି ଆସିଥିଲେ। ସକାଳେ ଏହି ରାସ୍ତାରେ ମର୍ନିଂ ୱାକ୍ କରୁଥିବା ଦୁଇଜଣ ବ୍ୟକ୍ତି ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। ପରେ କେତେଜଣଙ୍କଠାରୁ ଖବର ପାଇ ଆମେ ପହଞ୍ଚିବାବେଳକୁ ଅକ୍ରୂରଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲୁ। ତାଙ୍କୁ ଘରୁ ଡାକିନେଇ ହତ୍ୟା କରାଯିବା ପରେ ଦୁର୍ଘଟଣାର ରୂପ ଦିଆଯାଇଛି। ଏହାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମାଧବ ଦାବି କରିଛନ୍ତି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା, ୨ ଅଟକ

**ସୋରଡ଼ା, ୧୯।୧ (ରଜନୀକାନ୍ତ ମହାପାତ୍ର)**


ଡମ୍ବରୁ ସ୍ୱାଇଁ

ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଅଧୀନ ରାଇବନ୍ଧ ଗ୍ରାମରେ ପୂର୍ବ ଶତ୍ରୁତାରୁ ଶନିବାର ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ରାଇବନ୍ଧର ଡମ୍ବରୁ ସ୍ୱାଇଁ (୪୫)। ଗ୍ରାମ ପୋଖରୀ ନିକଟରୁ ପୋଲିସ ଖଣ୍ଡବିଖଣ୍ଡିତ ମୃତଦେହ ଜବତ କରିଥିଲା। ପରିବାର ଲୋକଙ୍କ ଅଭିଯୋଗକ୍ରମେ ହତ୍ୟାରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଡମ୍ବରୁ ସୁରଟରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। କିଛିଦିନ ତଳେ ସେ ଝିଅର ବିବାହ କରିବାକୁ ଗାଁକୁ ଆସିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର ଜଣେ ଯୁବକ ତାଙ୍କୁ ହତ୍ୟା କରିବେ ବୋଲି ମୋବାଇଲ ଫୋନ୍‌କୁ ମେସେଜ ପଠାଇଥିଲେ। ଉକ୍ତ ମେସେଜକୁ ଆଧାର କରି ଡମ୍ବରୁ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ମେସେଜ ପଠାଇଥିବା ଯୁବକଙ୍କ ବାପା ୩ ଦିନ ତଳେ ଠେଙ୍ଗା ଧରି ଡମ୍ବରୁଙ୍କ ପରିବାର ଲୋକଙ୍କୁ ଗାଲିଗୁଲଜ କରିଥିଲେ। ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଡମ୍ବରୁ ବନ୍ଧକୁ ଗାଧୋଇବା ଯାଇ ବହୁ ଡେରି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଘର ଲୋକେ ଫୋନ କରିଥିଲେ ମଧ୍ୟ ସେ ନ ଉଠେଇବାରୁ ବନ୍ଧକୁ ଖୋଜାଖୋଜି କରିବାକୁ ଯାଇଥିଲେ। ବନ୍ଧ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସମ୍ପୃକ୍ତ ପରିବାର ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଡମ୍ବରୁଙ୍କ ସ୍ତ୍ରୀ ବଡ଼ଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ନଂ.୩୮/୨୫ରେ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ବଡ଼ଗଡ ଥାନା ଅଧିକାରୀ କହିଛନ୍ତି।

# ବୋହୂଙ୍କୁ ହତ୍ୟା ଅଭିଯୋଗ

**ଔପଦା, ୧୯।୧ (ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲା ଔପଦା ଥାନା ଫତେପୁର ପଞ୍ଚାୟତ ବାଙ୍ଗୁରୁ ଗ୍ରାମର ବିପିନି ବିହାରୀ ପଣ୍ଡାଙ୍କ ସ୍ତ୍ରୀ ଆରତୀ ପଣ୍ଡା (୨୬)ଗତ ଶନିବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଝିଅକୁ ନିର୍ଯାତନା ଦେଇ ମାରି ଦିଆଯାଇଥିବା ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

୭ବର୍ଷ ପୂର୍ବେ ବାଙ୍ଗୁରୁ ଗ୍ରାମର କରୁଣାକର ପଣ୍ଡାଙ୍କ ପୁଅ ବିପିନି ବିହାରୀଙ୍କ ସହିତ ସିମୁଳିଆ ଥାନା ବିଷ୍ଣୁପୁର ଗ୍ରାମର ପରୀକ୍ଷିତ ପଣ୍ଡାଙ୍କ ଝିଅ ଆରତୀଙ୍କ ସହ ବିବାହ ହୋଇଥିଲା। ଦମ୍ପତିଙ୍କର ୫ ବର୍ଷର ପୁଅଟିଏ ଅଛି। ୧୮ ତାରିଖରେ ଆରତୀ ନିଜ ଶୋଇବା ଘର ଫ୍ୟାନରେ ବେକରେ ଶାଢ଼ୀ ଲଗାଇ ଦେଇଥିଲେ। ପରିବାର ଲୋକେ ଦେଖି ବୋହୂଙ୍କୁ ଉଦ୍ଧାର କରି ଖଇରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଆରତୀଙ୍କ ବାପା ପରୀକ୍ଷିତ ପଣ୍ଡା ଝିଅକୁ ଶାଶୁ ଘର ଲୋକେ ନିର୍ଯାତନା ଦେଇ ମାରିଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାମୀଙ୍କ ସହିତ ଶାଶୁ, ଶ୍ୱଶୁର, ନଣନ୍ଦ ସମ୍ପୃକ୍ତ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ପକ୍ଷରୁ ଏକ ମାମଲା (ନଂ.୧୦/୨୫) ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି।

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ଛୁରାମାଡ଼

**ରାୟଗଡ଼ା, ୧୯।୧ (ଆଶିଷ ରଞ୍ଜନ ପଣ୍ଡା)**

ଗୁଣି କରୁଥିବା ସନ୍ଦେହରେ ରାୟଗଡ଼ା ସହର ମାଙ୍କଡ଼ଝୋଲା ବସ୍ତିରେ ଜଣେ ବୃଦ୍ଧାଙ୍କୁ ଛୁରାମାଡ଼ ହୋଇଛି। ରବିବାର ସକାଳେ ନଦୀପଠାରେ ପଡ଼ିଥିବା ବୃଦ୍ଧାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜକୁ ସ୍ଥାନାନ୍ତର କରିଛନ୍ତି। ଆହତ ବୃଦ୍ଧା ହେଲେ ଖାଲିମଣି ଜାନି(୬୯)। ଘଟଣାରୁ ପ୍ରକାଶ, ରାୟଗଡ଼ା ସହର ମାଙ୍କଡ଼ଝୋଲା ବସ୍ତିର ବାଲୁ ଝୋଡ଼ିଆ ଓ ବେଙ୍କୁ ଜାନି ଶନିବାର ରାତି ପ୍ରାୟ ୧୦ ଟାରେ ଖାଲିମଣିଙ୍କ ଘରକୁ ଯାଇ ତାଙ୍କୁ ଡାକିକି ନେଇଥିଲେ। ସେ ଘରୁ ବାହାରକୁ ଆସିବା ପରେ ଗୁଣିଗାରେଡି ଘଟଣାକୁ ନେଇ କିଛି ସମୟ ତାଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଏହାପରେ ଏକ ଛୁରିରେ ଖାଲିମଣିଙ୍କୁ ଆକ୍ରମଣ କରି ଘୋଷାରି ନେଇ ନିକଟସ୍ଥ ନାଗାବଳୀ ନଦୀପଠାରେ ଫିଙ୍ଗି ଦେଇଥିଲେ। ଏହି କାଣ୍ଡ ଭିଆଇବା ପରେ ଉଭୟେ ସେଠାରୁ ଫେରାର ହୋଇଯାଇଥିଲେ। ରବିବାର ସକାଳୁ ବସ୍ତିର ଲୋକେ ଦେଖି ଖାଲିମଣିଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ସୂଚନା ପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ଫେରାର ୨ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି କେକେବିକେ କହଁର କହିଛନ୍ତି।

# ନିଖୋଜ ଶିଶୁକନ୍ୟାର ମୃତଦେହ ଜବତ

**ବଣାଇଁ, ୧୯।୧ (ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ଜଡ଼ା ଗ୍ରାମରେ ୨ ଦିନ ତଳେ ନିଖୋଜ ଥିବା ଜଣେ ଶିଶୁକନ୍ୟାର ମୃତଦେହ ରବିବାର ଜବତ ହୋଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାରେ ପୋଲିସ ଏକ ଦମ୍ପତ୍ତିଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପୋଲିସ ଗୁରୁଣ୍ଡିଆ ଥାନାରେ ଏକ ଅପହରଣ ଓ ହତ୍ୟା ମାମଲା ୫/୨୦୨୫ ରୁଜୁ କରି ତଦନ୍ତ ଚଳାଇଛି। ତଦନ୍ତକାରୀ ସବ୍‌ଇନ୍ସପେକ୍ଟର ହୃଷୀକେଶ ପ୍ରଧାନ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି କହୁଥିଲାବେଳେ ଜଡ଼ା ଗ୍ରାମର ଏକ ଦମ୍ପତ୍ତି ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ ଗ୍ରାମରେ ଚର୍ଚ୍ଚା ଚାଲିଛି। କେବଳ ସେତିକି ନୁହେଁ, ଉତ୍ୟକ୍ତ ଗ୍ରାମବାସୀ ସମ୍ପୃକ୍ତ ସନ୍ଦିଗ୍ଧଙ୍କୁ ପ୍ରବଳ ମାଡ ମାରି ପୋଲିସ ଜିମା ଦେଇଥିବା ଜଣାପଡ଼ିଛି। ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ମୃତା ଶିଶୁକନ୍ୟାର ବ୍ୟବଚ୍ଛେଦ ସରିଛି।

ପୋଲିସ ସୂଚନା ଅନୁଯାୟୀ, ଜଡ଼ା ଗ୍ରାମର ରାଜୁ ମୁଣ୍ଡାଙ୍କ ୪ ବର୍ଷର ଝିଅ ଦୀପାଳି ୨ ଦିନ ତଳେ ଅର୍ଥାତ୍ ଗୁରୁବାର ଖେଳିବା ପାଇଁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଶନିବାର ଘରଠାରୁ ନିକଟସ୍ଥ ଚାଷଜମିରେ ଥିବା ଏକ ଛୋଟ ନାଳରେ ଶିଶୁକନ୍ୟାର ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ଗୁରୁଣ୍ଡିଆ ପୋଲିସକୁ ଖବର ଦେଇଥିଲେ।

# ବନ୍ଧୁକ ଚୋରାଚାଲାଣ ବେଳେ ଧରିଲା ପୋଲିସ

## ୨ ଗିରଫ, ୨ ବନ୍ଧୁକ ସହ ୧୦ ଅଫୁଟା ଗୁଳି ଜବତ


ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

**ଚମ୍ପୁଆ, ୧୯।୧ (ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ କୋଦଗାଡ଼ିଆ ଛକଠାରେ ବନ୍ଧୁକ ଚୋରାଚାଲାଣ ବେଳେ ୨ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଆରୋହୀ ଝାଡ଼ଖଣ୍ଡ ଗିରିଡିହି ଜିଲାର ଖଲିଦ ଆନ୍‌ସାରୀ ଓ ଜଗନ୍ନାଥପୁର ଥାନା ଅଞ୍ଚଳର କମଳାକାନ୍ତ ମହାନ୍ତ। ସେମାନଙ୍କଠାରୁ ୨ଟି ବନ୍ଧୁକ ସହ ୧୦ଟି ଅଫୁଟା ଗୁଳି, ଗୋଟିଏ ବାଇକ୍ ଓ ୨ଟି ମୋବାଇଲ ଜବତ କରାଯାଇଥିବା ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ମଧ୍ୟାହ୍ନ ୧୨ଟା ବେଳେ ପୋଲିସ କୋଦଗାଡ଼ିଆ ଛକଠାରେ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକ୍ ଦ୍ରୁତଗତିରେ ଚମ୍ପୁଆ ଆଡ଼କୁ ଆସୁଥିବା ଦେଖି ଅଟକାଇଥିଲା। ବାଇକ୍‌ରେ ଆରୋହୀ ଖଲିଦ୍ ଆନ୍‌ସାରୀ ଓ କମଳାକାନ୍ତଙ୍କୁ ପଚରାଉଚରା ବେଳେ ସନ୍ଦେହକରି ସେମାନଙ୍କୁ ତନଖି କରାଯାଇଥିଲା। ସେମାନଙ୍କ ପାଖରୁ ୨ଟି ବନ୍ଧୁକ ସହ ଅଫୁଟା ଗୁଳି ମିଳିଥିଲା। ସେମାନେ ଚୋରା ବନ୍ଧୁକ କାରବାର କରୁଥିଲେ ବୋଲି ଏସ୍‌ଡିପିଓ କହିଛନ୍ତି। ଭାରପ୍ରାପ୍ତ ଥାନା ଅଧିକାରିଣୀ ଆର୍. ଏଚ୍. କୁଲୁ, ସବ୍‌ଇନ୍ସପେକ୍ଟର ବରୋଦା ପ୍ରସନ୍ନ ସାହୁ, ହିମାଂଶୁ ଶେଖର ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ସଙ୍ଗୀତ କଳା ପରିଷଦ ସମ୍ପାଦକ ଗିରଫ

## ନାବାଳିକା ନୃତ୍ୟଶିଳ୍ପୀଙ୍କୁ ଅସଦାଚରଣ

**ବାସୁଦେବପୁର, ୧୯।୧ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ସହରସ୍ଥିତ ସଙ୍ଗୀତ କଳା ପରିଷଦ ନାମକ ନୃତ୍ୟ ସଙ୍ଗୀତ ସ୍କୁଲର ସମ୍ପାଦକଙ୍କ କଳା କାରନାମା ପଦାରେ ପଡ଼ିଛି। ଜଣେ ନାବାଳିକା ନୃତ୍ୟଶିଳ୍ପୀଙ୍କୁ ଅସଦାଚରଣ ଅଭିଯୋଗରେ ସମ୍ପାଦକ ବିଜୟ କୁମାର ରାୟ(୪୮)ଙ୍କୁ ରବିବାର ବାସୁଦେବପୁର ପୋଲିସ ଗିରଫ କରିଛି। ଗିରଫ ବିଜୟଙ୍କ ଘର ବାସୁଦେବପୁରରେ। ସେ ଶନିବାର ତାଙ୍କ ବାସଭବନରେ ସଙ୍ଗୀତ ସ୍କୁଲର ଉକ୍ତ ନୃତ୍ୟଶିଳ୍ପୀଙ୍କୁ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୪୭/୨୫) ରୁଜୁ କରାଯାଇଛି।

ନାବାଳିକାଙ୍କ ଅଭିଯୋଗ ଅନୁଯାୟୀ, ସେ ଉକ୍ତ ଅନୁଷ୍ଠାନରେ ଓଡ଼ିଶୀ ନୃତ୍ୟ ଶିକ୍ଷା କରୁଛନ୍ତି। ବିଜୟ ତାଙ୍କୁ ନାନା ପ୍ରଲୋଭନ ଦେଖାଇ ବିଭିନ୍ନ ସମୟରେ ଖରାପ ବ୍ୟବହାର ପ୍ରଦର୍ଶନ କରିବା ସହ ଅଶାଳୀନ ମନ୍ତବ୍ୟ ଦିଅନ୍ତି। ଏଥିରେ ଅତିଷ୍ଠ ହୋଇ ସେ ୨ମାସ ଧରି ନୃତ୍ୟ ଶିଖିବାକୁ ଯାଉ ନ ଥିଲେ। ଶନିବାର ବିଜୟଙ୍କ ଫୋନ୍ କଲ୍ ପାଇ ସେ ସଙ୍ଗୀତ କଳା ପରିଷଦ ସ୍କୁଲକୁ ଯାଇଥିଲେ। ସକାଳ ପ୍ରାୟ ୮ଟା ୩୦ ବେଳେ ପହଞ୍ଚିବା ପରେ ବିଜୟ ତାଙ୍କୁ ଅସଦାଚରଣ କରିଥିଲେ। ସେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଜୋରଜବରଦସ୍ତ ଅଟକାଇଥିଲେ। ସେ ପାଟି କରି ଡାକିବାରୁ ବିଜୟଙ୍କ ସ୍ତ୍ରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ନାବାଳିକା ଘରକୁ ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ନାବାଳିକାଙ୍କ ଅଭିଯୋଗକ୍ରମେ ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତ ବିଜୟଙ୍କୁ ଗିରଫ କରାଯାଇଥିବା ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ କହିଛନ୍ତି।

**Classified Everyday**
0674-2580101, 9692975378


REAL ESTATE

SALE

**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769.** D-2373

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି ପ୍ଲଟ ବିକ୍ରି ହେବ - 9556187814. D-2474

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-76231

**Gharabari converted plots available near Hitech Square, Sundarpada, Bhubaneswar. For more details Contact- 9937846404, 9437192512.** D-2626

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-2625




Newly open health benefits spa by experience lady therapist. 7750040475 D-76188

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2630

AFFIDAVIT

By virtue of an affidavit sworn before Executive Magistrate, Darpan, Jajpur by AF.No.155 dated 17.1.2025, I, Sri Yudhisthir Padhi, At- Gopalpur, P.O.- Chandia, P.S.- Balichandrapur, Dist.- Jajpur, PIN- 754292 declare that, I have changed my name from Judhistara Padhi to Yudhisthir Padhi. Henceforth, I shall be known as Yudhisthir Padhi. D-2631

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Bhubaneswar, dated 18.01.2025, I, Dushasan Panda, Address: Trinath Nagar Basti, IRC Village, Nayapalli, Bhubaneswar, Pin- 751015 declare that I have changed my son's name from Satya Sai to Satyasai Panda. Henceforth, he shall be known as Satyasai Panda for all purposes. (Dushasan Panda) D-2627

By virtue of an affidavit sworn before Executive Magistrate, Jagatsinghpur dated 17th day of January 2025, I, Jyotiskar Sahoo of Vill.- Rasalpur (Kathuapatana), P.O.- Alipingal, P.S./ Dist.- Jagatsinghpur declare that I have changed my name from Jyotiskar Ranjan Sahoo to Jyotiskar Sahoo. Henceforth I shall be known as Jyotiskar Sahoo for all purposes. Jyotiskar Sahoo D-2632

By virtue of an affidavit sworn before Executive Magistrate, dated 15.01.2025, I, Rama Chandra Khuntia, Address: Kapileswar, Khuntiasahi, Oldtown declare that I have changed my daughter's name from Priyasi Khuntia to Priyansi Khuntia. Henceforth, she shall be known as Priyansi Khuntia for all purposes. RAMA CHANDRA KHUNTIA. D-2621



ଧ-୭୬୦୩୯

See Career Appointment on every Wednesday & Saturday

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

**ମାନ୍ୟବର ଆଡିସିନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍. (ଏସ୍.ଏସ୍.) ଆଡିସିନାଲ ରିଭିଜନ କୋର୍ଟ ନଂ.୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର**
**ଓ.ଏସ୍.ଏସ୍. କେସ୍ ନଂ.୭୯୧/୨୦୨୨**

ଶ୍ରୀଯୁକ୍ତ ପ୍ରସନ୍ନ କୁମାର ମଲ୍ଲିକ, ପିତା- ଫକିର ଚନ୍ଦ୍ର ମଲ୍ଲିକ ... ... ... ବାଦୀ/ଦରଖାସ୍ତକାରୀ

ବନାମ

ସୁରେନ୍ଦ୍ର ନାଥ ମଲ୍ଲିକ, ପି.- ଦୈତାରି ମଲ୍ଲିକ, ଜା.- କଣ୍ଡରା, ବା- ମେହେନ୍ଦିପୁର, ଥା.- କିସର ନଗର, ଜି.- କଟକ ଏବଂ ଅନ୍ୟମାନେ ... ... ... ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,

ଅର୍ଡର-୫, ରୁଲ୍-୨୦, ସି.ପି.ସି. ମୁତାବକ ଜଣାଇ ଦିଆଯାଉଛି ଯେ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୮୫ ଧାରା- ୧୫ (ଖ) ମୁତାବକ ମାନ୍ୟବର ଆଡିସିନାଲ କମିଶନର, ଆଡିସିନାଲ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ମଲ୍ଲିକ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୩୩ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା । କିନ୍ତୁ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା।

ଏତଦ୍ୱାରା ଉପରୋକ୍ତ କେସ୍‌ରେ ପ୍ରତିବାଦୀ ନଂ.-୩୩ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି କି ତୁମ ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ ୪ର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା।୧୦।୦୨।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.-୩୩ କିମ୍ବା ତାଙ୍କର ୱାରସ୍‌ମାନେ ନିଜେ ଦାତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତଫସିଲ ବୃତ୍ତି

ଜିଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ପଥରଗାଡ଼ିଆ, ୧୯୬୨ ସାବକ ଖାତା ନଂ.-୨୨୦ (ସ୍ଥିତିବାନ), ପ୍ଲଟ୍ ନଂ.- ୧୩୯୫, ଏରିଆ ଏ୦.୬୮୦ ଡିସିମିଲ ସମ୍ବନ୍ଧ କ୍ରୟ କୃତ ଏରିଆ ଏ୦.୦୫୫ ଡିସିମିଲ ଏହାର ମିଉଟେସନ୍- ଖାତା ନଂ.୩୨୫/୧୧୪୩, ପ୍ଲଟ୍ ନଂ.- ୧୩୯୫/୨୮୭୯। ଏହାର ହାଲ୍ ଖାତା ନଂ.-୧୧୩୬, ପ୍ଲଟ୍ ନଂ.- ୬୩୫୪, ଏରିଆ ଏ୦.୦୫୫ ଡିସିମିଲ ଚୌପଦୀ- ଉତ୍ତର- ସବ୍‌ପ୍ଲଟ୍ ନଂ.-୭, ଦକ୍ଷିଣ - ପ୍ଲଟ୍ ନଂ.୧୩୯୫ (ସାବିକ) ବଳକା ଅଂଶ ପୂର୍ବ - ସରକାରୀ ରାସ୍ତା, ପଶ୍ଚିମ- ସରକାରୀ ରାସ୍ତା।

**ସ୍ୱା./- ଆଡିସିନାଲ ଡିଭିଜନ କୋର୍ଟ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ**
**କୋର୍ଟ ଅଫିସର**

ଧ-୨୬୨୮

**ମନେ ପଡ଼ନ୍ତି**



ଧ-୨୬୨୯



ଧ-୨୬୩୩

# ମହାକାଶରେ ଇସ୍ରୋର ମହତ୍ତ୍ୱପୂର୍ଣ୍ଣ ଡକିଙ୍ଗ ପରୀକ୍ଷା



ନିକୁଞ୍ଜ ବିହାରୀ ସାହୁ

''ସଦ୍ୟ ମିଳିଥିବା ତଥ୍ୟ ଅନୁସାରେ, ଚଳିତ ବର୍ଷ ଜାନୁଆରୀ ୧୬ ତାରିଖରେ ଅର୍ଥାତ ଉତ୍କ୍ଷେପଣର ୧୮ ଦିନ ପରେ ଇସ୍ରୋର ମହାକାଶରେ ଏହି ଡକିଙ୍ଗ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି; ଅର୍ଥାତ ଊର୍ଦ୍ଧ୍ୱ ଆକାଶରେ ଉପଗ୍ରହ ଦୁଇଟି ପରସ୍ପର ସହିତ ଯୋଡ଼ି ହୋଇ ଇତିହାସ ରଚନା କରିଛନ୍ତି। ଏଥିସହିତ ଭାରତ ଏହି ମହତ୍ତ୍ୱପୂର୍ଣ୍ଣ ଜ୍ଞାନକୌଶଳ ହାସଲ କରିବା ଦିଗରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ ଓ ଚାଇନା ପରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ରୂପେ ପରିଗଣିତ ହୋଇଛି।''



ଗତ ବର୍ଷ ଡିସେମ୍ବର ୩୦ ତାରିଖ, ସମୟ ରାତି ୧୦ଟା। ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରରେ ଏକ ଶୀତୁଆ ବିଳମ୍ବିତ ରାତ୍ରି ତଥା ଏକ ଉତ୍କଣ୍ଠା ଓ ଉଦ୍‌ବେଗପୂର୍ଣ୍ଣ ମୁହୂର୍ତ୍ତ। ଭାରତୀୟ ଅନ୍ତରୀକ୍ଷ ସଙ୍ଗଠନ ଇସ୍ରୋର ସ୍ପେଡେକ୍ସ ଅଭିଯାନର ଅଂଶସ୍ୱରୂପ ପିଏସ୍‌ଏଲ୍‌ଭିସି ୬୦ ରକେଟ ଦୁଇଟି କ୍ଷୁଦ୍ର ଉପଗ୍ରହକୁ ବହନ କରି ଉତ୍କ୍ଷେପଣ ହୋଇ ସାରିଥାଏ। ଏହା ଥିଲା ପିଏସ୍‌ଏଲ୍‌ଭିସି ୬୦ ଭାରବାହୀ ରକେଟର ୯୯ତମ ପ୍ରକ୍ଷେପଣ। ଅଭିଯାନର ଚତୁର୍ଥ ପର୍ଯ୍ୟାୟ ଆଗତପ୍ରାୟ ଯାହା ସବୁଠାରୁ ଜଟିଳ ଓ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଏହି ପର୍ଯ୍ୟାୟରେ ଭୂପୃଷ୍ଠରୁ ପ୍ରାୟ ୪୭୫ କି.ମି. ଊର୍ଦ୍ଧ୍ୱରେ ଭାରବାହୀ ରକେଟ ଉପଗ୍ରହ ଦୁଇଟିକୁ ଏକ ବୃତ୍ତାକାର କକ୍ଷପଥରେ ତିନି ସେକେଣ୍ଡ ସମୟ ଅନ୍ତରରେ ପର ପର କରି ପ୍ରକ୍ଷେପଣ କରିବ। ସମସ୍ତେ ଉତ୍କଣ୍ଠାର ସହିତ ପ୍ରତୀକ୍ଷା କରିଥାନ୍ତି ଏହି ଐତିହାସିକ ମୁହୂର୍ତ୍ତ ପାଇଁ। କିଛି ସମୟ ପରେ ମିଶନ କଣ୍ଟ୍ରୋଲ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ଜଣକ ଦୃପ୍ତ କଣ୍ଠରେ ଘୋଷଣା କଲେ, 'ଉପଗ୍ରହ ଦୁଇଟିର ପଥକ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହେଲା।' ଏଥିରେ ଇସ୍ରୋର ବୈଜ୍ଞାନିକମାନେ ଉଲ୍ଲସିତ ହୋଇ କରତାଳି ସହିତ ପରସ୍ପରକୁ ଅଭିବାଦନ ଜଣାଇଲେ।

ସଦ୍ୟ ମିଳିଥିବା ତଥ୍ୟ ଅନୁସାରେ, ଚଳିତ ବର୍ଷ ଜାନୁଆରୀ ୧୬ ତାରିଖରେ ଅର୍ଥାତ ଉତ୍କ୍ଷେପଣର ୧୮ ଦିନ ପରେ ଇସ୍ରୋର ମହାକାଶରେ ଏହି ଡକିଙ୍ଗ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି; ଅର୍ଥାତ ଊର୍ଦ୍ଧ୍ୱ ଆକାଶରେ ଉପଗ୍ରହ ଦୁଇଟି ପରସ୍ପର ସହିତ ଯୋଡ଼ି ହୋଇ ଇତିହାସ ରଚନା କରିଛନ୍ତି। ଏଥିସହିତ ଭାରତ ଏହି ମହତ୍ତ୍ୱପୂର୍ଣ୍ଣ ଜ୍ଞାନକୌଶଳ ହାସଲ କରିବା ଦିଗରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ ଓ ଚାଇନା ପରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ରୂପେ ପରିଗଣିତ ହୋଇଛି। ଏହି ଯୋଜନାର ଏକ ସଂକ୍ଷିପ୍ତ ରୂପରେଖ ନିମ୍ନରେ ଦିଆଗଲା :

ସ୍ପେଡେକ୍ସର ପୂରା ରୂପ ହେଉଛି ସ୍ପେସ୍ ଡକିଙ୍ଗ ଏକ୍ସପେରିମେଣ୍ଟ। ଏହି ଅଭିଯାନରେ ୨୨୦ କି.ଗ୍ରା. ଓଜନର ଦୁଇଟି କ୍ଷୁଦ୍ର ଉପଗ୍ରହ ଅନ୍ତର୍ଭୁକ୍ତ, ଯାହାଙ୍କୁ ଅନ୍ତରୀକ୍ଷରେ ୪୭୫ କି.ମି. ଉଚ୍ଚତାର ୫୫ ଡିଗ୍ରୀ ଅନତି ବିଶିଷ୍ଟ ଏକ ବୃତ୍ତାକାର କକ୍ଷପଥରେ ୨୦ କି.ମି. ବ୍ୟବଧାନରେ ସ୍ଥାପନ କରାଯିବ। ସେଗୁଡ଼ିକ ସେହି କକ୍ଷପଥରେ ପୃଥିବୀ ଚାରିପଟେ ଘୂରୁଥିବେ। ପରବର୍ତ୍ତୀ ପରୀକ୍ଷଣରେ ଊର୍ଦ୍ଧ୍ୱ ଆକାଶରେ ଉପଗ୍ରହଦ୍ୱୟଙ୍କୁ ପରସ୍ପର ଆଡ଼କୁ ଗତିଶୀଳ କରାଯାଇ ପରସ୍ପର ସହିତ ମିଳିତ କରାଯିବ। ଏହାଦ୍ୱାରା ଉପଗ୍ରହ ଦୁଇଟି ଯୋଡ଼ିହୋଇ ଗୋଟିଏ ଏକକ ବସ୍ତୁ ପାଲଟିଯିବେ ଏବଂ ଗୋଟିଏ ଉପଗ୍ରହରୁ ଅନ୍ୟ ଉପଗ୍ରହକୁ କିଛି ପଦାର୍ଥର ଆଦାନପ୍ରଦାନ କରାଯିବ। ସେଥିରୁ ଗୋଟିଏ ଉପଗ୍ରହକୁ ଧାବକ ଉପଗ୍ରହ (ସାଙ୍କେତିକ ନାମ: ଏସ୍‌ଡିଏକ୍ସ ୦୧) କୁହାଯାଉଥିଲାବେଳେ ଅନ୍ୟଟିକୁ ଲକ୍ଷ୍ୟସ୍ଥଳୀ ଉପଗ୍ରହ (ସାଙ୍କେତିକ ନାମ: ଏସ୍‌ଡିଏକ୍ସ-୦୨) କୁହାଯାଉଛି। ଆବଶ୍ୟକ କାର୍ଯ୍ୟ ସମ୍ପାଦନ ହେଲା ପରେ ଉପଗ୍ରହ ଦୁଇଟି ପରସ୍ପରଠାରୁ ଅଲଗା ହୋଇ ନିଜ କକ୍ଷପଥରେ ପୂର୍ବଭଳି ଅଗ୍ରସର ହେବେ। ଏହାକୁ 'ଅନ୍‌ଡକିଙ୍ଗ' ପ୍ରକ୍ରିୟା କୁହାଯାଉଛି।

ଯୋଜନା ମତେ ଉପଗ୍ରହଦ୍ୱୟଙ୍କ ଇଞ୍ଜିନ ଚାଳନା କରାଯାଇ ଉଭୟଙ୍କ ମଧ୍ୟରେ ଥିବା ୨୦ କି.ମି. ଦୂରତାକୁ ଧୀରେ ଧୀରେ ହ୍ରାସ କରାଯିବ। ଏତିକିବେଳେ ଉପଗ୍ରହ ଦୁଇଟି ଆକାଶରେ ବନ୍ଧୁକର ଗୁଳିଠାରୁ ୧୦ ଗୁଣ ଅଧିକ ବେଗ ଭଳି ଦୁରନ୍ତ ଗତିରେ ଛୁଟି ଯାଉଥିବେ। ପରିଶେଷରେ ଉପଗ୍ରହ ଦୁଇଟି ପରସ୍ପରକୁ ସ୍ପର୍ଶକରି ମିଳିତ ହୋଇଯିବେ; ଅର୍ଥାତ 'ଲକ୍ଷ୍ୟସ୍ଥଳୀ' ଯାନ ମଧ୍ୟରେ 'ଧାବକ' ଯାନର କିଛି ଭାଗ ପ୍ରବେଶ କରିଯିବ। ଏହି ପ୍ରକ୍ରିୟାକୁ 'ଡକିଙ୍ଗ' କୁହାଯାଉଛି। ଏହା ପ୍ରକୃତରେ ଏକ କଠିନ ଓ ଜଟିଳ ପ୍ରକ୍ରିୟା ଏବଂ ଏଥିନିମନ୍ତେ ଉଚ୍ଚକୋଟୀର ଜ୍ଞାନକୌଶଳର ପ୍ରୟୋଗ ଆବଶ୍ୟକ। କୌଣସି ରେଳ ଧାରଣା ଉପରେ ଗୋଟିଏ ରେଳ ଇଞ୍ଜିନ ସହିତ କିଛି ରେଳଡବାକୁ ଗତିଶୀଳ କରି ଡକିଙ୍ଗ କରିବା (ଯୋଡ଼ି ହେବା) ଏକ ସହଜ ପ୍ରକ୍ରିୟା; କାରଣ ଏ କ୍ଷେତ୍ରରେ ଗତି କେବଳ ସରଳରୈଖିକ ଯାହା କେବଳ ଗୋଟିଏ ଦିଗରେ ହିଁ ସୀମିତ। ମାତ୍ର ଆକାଶରେ ଗତି ସ୍ଥାନର ସମସ୍ତ ତିନି ଦିଗରେ ବିସ୍ତାରିତ ଥିବାରୁ ଗୋଟିଏ ଯାନ ସହିତ ଅନ୍ୟ ଗୋଟିଏ ଯାନକୁ ଶୂନ୍ୟରେ ଯୋଡ଼ି ଡକିଙ୍ଗ କରିବା ବାସ୍ତବରେ ଏକ କଷ୍ଟସାଧ୍ୟ ପ୍ରକ୍ରିୟା।

ଏହି ନିର୍ଭୁଲ ଡକିଙ୍ଗ ନିମନ୍ତେ ଯାନ ଦୁଇଟି ପରସ୍ପରର ପାଖାପାଖି ହେଲେ ସେମାନଙ୍କ ଅବସ୍ଥାନ ଓ ବେଗକୁ ଠିକ୍ ରୂପେ ଅନେକ ଦକ୍ଷ ସେନସର ଜରିଆରେ ଆକଳନ କରାଯିବ ଏବଂ ସେଥିରୁ ଗୃହୀତ ତଥ୍ୟକୁ ଭିତ୍ତିକରି କମ୍ପ୍ୟୁଟରର ଏକ ଆଲୋଗରିଦିମ ପ୍ରକ୍ରିୟା ଜରିଆରେ ଡକିଙ୍ଗ କିମ୍ବା ଯୋଡ଼ିହେବା ପ୍ରକ୍ରିୟା ସମ୍ପନ୍ନ କରାଯିବ। ଡକିଙ୍ଗ ପ୍ରକ୍ରିୟା ସମ୍ପନ୍ନ ହୋଇଗଲେ ଦୁଇଟି ଉପଗ୍ରହ ମିଶିଯାଇ ଏକକ ବସ୍ତୁ ପାଲଟିଯିବେ ଏବଂ ସେମାନେ ଗୋଟିଏ ବସ୍ତୁ ଭଳି ଆଚରଣ କରି କିଛି ସମୟ ପାଇଁ ଏକା ଦିଗରେ ଏବଂ ସମବେଗରେ ହିଁ ଗତି କରିବେ। ଏହି ଡକିଙ୍ଗ ସମୟ ମଧ୍ୟରେ ଗୋଟିଏ ଉପଗ୍ରହରୁ ଅନ୍ୟ ଉପଗ୍ରହକୁ ତାର ଜରିଆରେ ବିଦ୍ୟୁତ ଯୋଗାଣ କରାଯାଇ ସେଥିରେ ଥିବା ଏକ ବୈଦ୍ୟୁତିକ ହିଟରକୁ କାର୍ଯ୍ୟକ୍ଷମ କରାଯିବ। ଡକିଙ୍ଗ ପ୍ରକ୍ରିୟା ସମ୍ପନ୍ନ ହେଲା ପରେ ଅନ୍‌ଡକିଙ୍ଗ ପ୍ରକ୍ରିୟା ଚାଲୁ କରାଯିବ। ଏହି ପ୍ରକ୍ରିୟାରେ ଉପଗ୍ରହଦ୍ୱୟକୁ ପରସ୍ପରଠାରୁ ଅଲଗା କରାଯାଇ ପୂର୍ବ କକ୍ଷପଥରେ ସ୍ଥାପନ କରାଯିବ। ସୁତରାଂ ଇସ୍ରୋ ଏଭଳି ଏକ ଜଟିଳ କାର୍ଯ୍ୟକୁ ବାସ୍ତବରେ ରୂପାୟନ କରିଥିବା ଘଟଣା ଭାରତୀୟ ଅନ୍ତରୀକ୍ଷ କାର୍ଯ୍ୟକ୍ରମ ପାଇଁ ଏକ ଶୁଭ ସୂଚନା ଯାହା ଆଗାମୀ ଦିନରେ ଅନେକ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ ଦିଗରେ ସହାୟକ ହେବ। (କ୍ରମଶଃ..)

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁ ଫୁଲ



କଖାରୁ ଫୁଲରେ ବିଭିନ୍ନ ପ୍ରକାର ଭିଟାମିନ ଭରି ରହି ଥିବାରୁ ଏହା ଶରୀର ପାଇଁ ବେଶ୍ ଉପଯୋଗୀ। ସବୁଠାରୁ ଖାସ୍ କଥା ହେଲା, ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। କଖାରୁ ଫୁଲରେ ମଧ୍ୟ ଭିଟାମିନ୍-ସି ରହିଛି। ତେଣୁ ଏହାକୁ ଖାଇବା ଦ୍ୱାରା ଶରୀରରେ ଥଣ୍ଡା, କାଶ, କଫ ଆଦି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରାଇଥାଏ। ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ୍ୟ ତିଆରି କରିଥାଏ। କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ରହିଛି, ଯାହା ଅସ୍ଥି ଓ ଦାନ୍ତକୁ ମଜଭୁତ କରିବାରେ ସାହାଯ୍ୟ କରେ। ଆଣ୍ଠୁଗଣ୍ଠି ବାତରୁ ମଧ୍ୟ ଏହା ଆମକୁ କେତେକାଂଶରେ ରକ୍ଷା କରିଥାଏ।

## ଗ୍ଲୁକୋଜ୍ ଟଲେରାନ୍ସ



ସାଧାରଣତଃ ଜଣେ ସୁସ୍ଥ ବ୍ୟକ୍ତି ଶରୀରରେ ଗ୍ଲୁକୋଜ୍‌ର ପରିମାଣ ୭.୮ମିଲିମୋଲ୍ ରହିଲେ ଭଲ। ହେଲେ, ଯେତେବେଳେ ଏହାର ପରିମାଣ ୭.୮ମିଲିମୋଲ୍‌ଠାରୁ ଅଧିକ ବା ୧୧ ମିଲିମୋଲ୍‌ଠାରୁ କମ୍ ହୁଏ, ସେତେବେଳେ ତାହାକୁ 'ଇମ୍‌ପେୟାଡ୍ ଗ୍ଲୁକୋଜ୍ ଟଲେରାନ୍ସ' ବୋଲି କୁହାଯାଏ। ଏହି ସ୍ତର ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର। ଯଦି ରକ୍ତରେ ଗ୍ଲୁକୋଜ୍‌ର ପରିମାଣ ଆବଶ୍ୟକତାଠାରୁ ବଢ଼ିଯାଏ, ତେବେ ତାହାର ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ ବୋଲି ଏକ ଗବେଷଣାରୁ ଜଣାପଡିଛି। ଉକ୍ତ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ସିଡନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏହା ଅସନ୍ତୁଳିତ ରହିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ଏହାଦ୍ୱାରା ମେଦବହୁଳତା ସସମ୍ୟା ଦେଖାଯିବାର ମଧ୍ୟ ଆଶଙ୍କା ରହିଛି। ତେଣୁ ଏହି ସ୍ତର ଯେପରି ସନ୍ତୁଳିତ ରହେ ସେଥିପ୍ରତି ଦୃଷ୍ଟି ଦେବା ଦରକାର।

## ସୁନିଦ୍ରା ପାଇଁ ସହଜ ଉପାୟ



ଶରୀରକୁ ସୁସ୍ଥ ତଥା ସୁନ୍ଦର ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହାଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ସବୁଠାରୁ ଖାସ୍ କଥା ହେଲା ନିୟମିତ ଯୋଗ କଲେ ଏହାଦ୍ୱାରା ଭଲ ନିଦ ହୋଇଥାଏ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ଲୋକଙ୍କୁ ଭଲ ନିଦ ହେଉଥିବାର ଜଣାପଡିଥିଲା। ଅନ୍ୟପକ୍ଷରେ ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ। ରକ୍ତଚାପକୁ ମଧ୍ୟ ଏହା ସନ୍ତୁଳିତ ଅବସ୍ଥାରେ ରଖେ। ମାନସିକ ଶାନ୍ତି ଦେବାରେ ଯୋଗର ମଧ୍ୟ ଭୂମିକା ରହିଛି। ତେଣୁ ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ଯୋଗ କରିବା ନିହାତି ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଜାଣି ରଖନ୍ତୁ

- ମାନସିକ ଭାବେ ସବୁବେଳେ ସୁସ୍ଥ ରହିବା ପାଇଁ ପ୍ରାଣାୟାମ କରନ୍ତୁ। ଏହା ନକାରାତ୍ମକ ଭାବନାକୁ ଦୂର କରି ସକାରାତ୍ମକ ଭାବନା ସୃଷ୍ଟି କରିବାରେ କେତେକାଂଶରେ ସାହାଯ୍ୟ କରିଥାଏ।
- ସକାଳେ କିଛି ସମୟ ଖାଲି ପାଦରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ।
- ଇଚ୍ଛା ନିଜକୁ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। କାରଣ ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତି କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି।
- ପ୍ରତିଦିନ ସକାଳ ବ୍ରେକ୍‌ଫାଷ୍ଟ ଖାଇବାକୁ ଭୁଲନ୍ତୁ ନାହିଁ। କାରଣ ଏହା ଶରୀରକୁ ଶକ୍ତି ଯୋଗାଇବା ସହ ମନକୁ ପ୍ରଫୁଲ୍ଲ ରଖିଥାଏ।
- ଅଧିକାଂଶ ସମୟ ଖାଲି ପେଟରେ କେବେ ବି ରୁହନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।
- ଏକ ସୁସ୍ଥ ବୟସ୍କ ବ୍ୟକ୍ତି ପ୍ରତିଦିନ ୬-୮ ଗ୍ଲାସ ପାଣି ପିଇବା ନିହାତି ଜରୁରୀ।



## ଜଳାତଙ୍କର ଚିକିତ୍ସା



ଜଳାତଙ୍କ ରୋଗର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ତେବେ କାଳବିଳମ୍ବ ନ କରି ରୋଗୀକୁ ଡାକ୍ତରଖାନା ନେଇଯିବା ଉଚିତ। ଡାକ୍ତରଖାନାକୁ ନେବା ପୂର୍ବରୁ କ୍ଷତ ସ୍ଥାନକୁ ତୁରନ୍ତ ସାବୁନ୍ ଲଗାଇ ବାରମ୍ବାର ଧୋଇ ପକାଇବା ଉଚିତ। ହାତ କି ଗୋଡ଼କୁ କାମୁଡ଼ିଥିଲେ ଆକ୍ରାନ୍ତ ମୂଳକୁ ନଳ ତଳେ ଦେଖାଇ କଳରେ ବୋହି ଆସୁଥିବା ଜଳରେ ଧୋଇଦେଲେ ଭୂତାଣୁମାନ ଧୋଇ ଯିବାରୁ ଉପକାର ମିଳେ। ସାବୁନ ଘଷି ଧୋଇବା ବେଶି ହିତକର। କ୍ଷତ ସ୍ଥାନକୁ ଧୋଇସାରି ସେଠାରେ ସ୍ପିରିଟ୍, ଟିଙ୍କଚର୍ ଆୟୋଡିନ୍ କି ପ୍ରୋଭିଡ଼ନ୍ ଆୟୋଡିନ୍ ଲୋଶନ୍ ଢାଳି ଦେବା ଆବଶ୍ୟକ। ଶବ୍ଦ, ଆଲୋକ ଓ ଥଣ୍ଡା ପବନ ରୋଗୀଠାରେ ପେଶୀ ସଙ୍କୋଚନ ଓ ବାତ ମାରିବା ଲକ୍ଷଣ ସୃଷ୍ଟିର କାରଣ ହେଉଥିବାରୁ ରୋଗୀକୁ ଏକ ନିସ୍ତବ୍ଧ କୋଠରିରେ ରଖାଯାଏ। ବଡ଼ ପାଟିରେ କଥାବାର୍ତ୍ତାର ଶବ୍ଦ, ଲାଉଡ୍ ସ୍ପିକରରୁ ବାହାରୁଥିବା ଶବ୍ଦ, ଗାଡ଼ି ମୋଟର ହର୍ନର ଶବ୍ଦ ଓ ଆଖି ଝଲସିଆ ଆଲୋକ ରୋଗୀ ସହିପାରେନି। ଉତ୍କଣ୍ଠା ହ୍ରାସ କରେଇବା ପାଇଁ ରୋଗୀକୁ ଦିଆଯାଏ ନିଦ କରାଉଥିବା ଔଷଧ। ପେଶୀ ସଙ୍କୋଚନ ନିୟନ୍ତ୍ରଣକାରୀ ଔଷଧ ମଧ୍ୟ ଦିଆଯାଏ। କାମୁଡ଼ିଥିବା ପ୍ରାଣୀର ପାଟି ଓ ଦାନ୍ତରେ ରହିଥିବା ଜୀବାଣୁଗୁଡ଼ିକ ଦ୍ୱାରା କ୍ଷତ ସ୍ଥାନ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ଦେବାକୁ ହୁଏ ଟିଟାନସ୍, ପ୍ରତିଷେଧକ ଟିକା ଓ ଆଣ୍ଟିବାୟୋଟିକ୍ସ। ଶ୍ୱାସକ୍ରିୟା ଓ ହୃତ୍‌ପିଣ୍ଡ କ୍ରିୟା ବନ୍ଦ ହୋଇଗଲେ, ସେଥିପାଇଁ କରାଯାଏ ବିହିତ ବ୍ୟବସ୍ଥା। ଜାଣି ରଖିବା ଦରକାର ଯେ, ଜଳାତଙ୍କ ଏକ ମାରାତ୍ମକ ସଂକ୍ରାମକ ରୋଗ। ରୋଗୀର ଲାଳ, ଲୁହ, ବାନ୍ତି ଓ ପରିସ୍ରାରେ ଭୂତାଣୁ ରହିଥାନ୍ତି। ତେଣୁ ରୋଗୀର ଚିକିତ୍ସା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ତଥା ନର୍ସମାନେ ମୁହଁରେ ମାସ୍କ, ହାତରେ ଗ୍ଲୋଭସ୍, ଆଖିରେ ରଙ୍ଗିନ୍ ଚଷମା ଓ ଦେହରେ ପୂରାହାତ ଆପ୍ରନ୍ ପିନ୍ଧିବା ଅପରିହାର୍ଯ୍ୟ। ଯାହା ଶରୀରରେ କୌଣସି କ୍ଷତ ଥିବ, ସେ ରୋଗୀ ସଂସ୍ପର୍ଶରେ ଆସିବା ଆଦୌ ନିରାପଦ ନୁହେଁ।

## ସ୍ୱାସ୍ଥ୍ୟ ସୂଚନା

➤ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀର ରୁଟିନ୍ ଚେକଅପ କରାଇ ନେବାକୁ ଭୁଲନ୍ତୁ ନାହିଁ।

➤ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ନିଶାଦ୍ରବ୍ୟ ସେବନଠାରୁ ଯେତେ ଦୂରେଇ ରହିବେ ସେତେ ଭଲ। ଏହା ସିନା ସାମୟିକ ଆନନ୍ଦ ଦେଇଥାଏ, ହେଲେ ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ।



➤ଯଦି ଆପଣଙ୍କର ହୃଦ୍‌ଜନିତ ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

➤ନିଜକୁ ନକାରାତ୍ମକ ଚିନ୍ତାଧାରାଠାରୁ ଦୂରେଇ ରଖନ୍ତୁ। ଏହାଦ୍ୱାରା ଆପଣଙ୍କ ମାନସିକତା ସକାରାତ୍ମକ ରହିବ ଏବଂ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ।

➤ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ, ଯାହାଦ୍ୱାରା ପେଟଜନିତ ସମସ୍ୟା ସୃଷ୍ଟି ହେବ। ତେଣୁ ସବୁବେଳେ ସୁଷମ ତଥା ସ୍ୱାସ୍ଥ୍ୟୋପକାରୀ ଖାଦ୍ୟ ଖାଆନ୍ତୁ।

➤ରାତ୍ରଭୋଜନ ଖାଇବା ପରେ ପରେ ଶୋଇବାକୁ ଯାଆନ୍ତୁ ନାହିଁ। ଏହାଦ୍ୱାରା ମେଦ ବୃଦ୍ଧି ହେବାର ଆଶଙ୍କା ରହିଛି।

➤ଚର୍ବି ଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।

## ନିଃଶବ୍ଦ ବ୍ୟାଧି ଫ୍ୟାଟି ଲିଭର

(ଶେଷ ଭାଗ)



**କ'ଣ ଖାଇବେ**

-ଖାଇବାକୁ ହେବ ବେଶି ଶାଗ ଓ ପନିପରିବା। ବ୍ରୋକୋଲି, ବିଟ୍‌ସ ଓ ତନ୍ତୁଜାତୀୟ ଖାଦ୍ୟ ଉପକାରୀ। ଋତୁକାଳୀନ ଶାଗସବ୍‌ଜି ଖାଇବା ଉଚିତ।

-ଖାଇବା ପାଇଁ ହେବ ଅଙ୍ଗୁର, ଆପଲ ଇତ୍ୟାଦି ଫଳ।

-ମୁଗ ଓ ମସୁର ଡାଲି, ଗଜା ମୁଗ, ଗଜା ବୁଟ, ସୂର୍ଯ୍ୟମୁଖୀ ମଞ୍ଜି ଓ ମଟର ଅତ୍ୟନ୍ତ ଉପାଦେୟ। ଏଗୁଡ଼ିକ ଟ୍ରାଇଗ୍ଲିସେରାଇଡ୍ କମେଇବାରେ ସାହାଯ୍ୟ କରେ।

-ଓଟ୍‌ସରୁ ମିଳିଯିବ ବେଶି ଖାଦ୍ୟ ତନ୍ତୁ ଓ ଓମେଗା-୩ ଫ୍ୟାଟ୍।

-ଖାଇବେ ଚିନାବାଦାମ, କାଜୁ, ଆଲମଣ୍ଡ ଏବଂ ଅଖରୋଟ।

-ଦିନମାନ ଭିତରେ ଏକାଧିକ ଥର ପିଆଯାଇପାରେ ଲେମ୍ବୁପାଣି। ଘୋଳ ଦହି ମଧ୍ୟ ବେଶ୍ ଉପକାରୀ।

-ରସୁଣ ନିୟମିତ ଖାଇଲେ ତାହା ଯକୃତ୍‌ରେ ଚର୍ବି ଜମିବାରେ ପ୍ରବଣତା କମେଇଦିଏ।

-ସକାଳେ ଖାଲି ପେଟରେ ଖିଆଯାଇପାରେ କଞ୍ଚା ହଳଦୀ।

-ଫ୍ୟାଟି ଲିଭରରେ ମାଛ ଖାଇବାରେ କୌଣସି ଅସୁବିଧା ନାହିଁ। ଛୋଟ ଛୋଟ ମାଛ ଓ ବଡ଼ ମାଛ ଉଭୟ ଖାଇହେବ।

-ତେଲ ଭିତରେ ଅଲିଭ ଅଏଲ ଉପକାରୀ।

-ପିଇବେ ଗ୍ରୀନ୍ ଚା'।

**ଫ୍ୟାଟି ଲିଭର ନିବାରଣ କରିବାର ଉପାୟ କ'ଣ**

-ଶରୀରର ଓଜନ କମାଇବାକୁ ହେବ ଅନୁମୋଦିତ ସ୍ତରରେ।

-ଖାଦ୍ୟ ଓ ଔଷଧ ମାଧ୍ୟମରେ ରକ୍ତରେ ଟ୍ରାଇଗ୍ଲିସେରାଇଡ୍‌ର ମାତ୍ରା ସାଧାରଣ ସ୍ତରରେ ରଖିବା ପାଇଁ ହେବ।

-ବର୍ଜନ କରିବା ପାଇଁ ପଡ଼ିବ ମଦ୍ୟପାନ ଏବଂ ଧୂମପାନ।

-ଡାଇବେଟିସ୍ ଥିଲେ ଚିକିତ୍ସା ଦ୍ୱାରା ରକ୍ତରେ ଗ୍ଲୁକୋଜର ନିୟନ୍ତ୍ରଣ କରିବାକୁ ହେବ।

-ଖାଇବା ଆବଶ୍ୟକ ସୁଷମ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ।

-ନିୟମିତ ବ୍ୟାୟାମ, ଯୋଗ ଓ ଧ୍ୟାନ ଜରୁରୀ।

-ହେପାଟାଇଟିସ୍ 'ଏ', 'ବି', ଫ୍ଲୁ ଏବଂ ନିମୋନିଆର ପ୍ରତିଷେଧକ ଟିକା ନେଲେ ଉପକାର ମିଳେ।

-ନିୟମିତ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ସମସ୍ତଙ୍କ ପାଇଁ ଜରୁରୀ।

**ଫ୍ୟାଟି ଲିଭର ଖାଦ୍ୟ କାହିଁକି ଉପକାରୀ**

ଏହି ଖାଦ୍ୟ ଓଜନ କମାଏ, ଡାଇବେଟିସ୍ ନିୟନ୍ତ୍ରଣ କରେ, ଟ୍ରାଇଗ୍ଲିସେରାଇଡ୍ ଏବଂ ଏଲ୍.ଡି.ଏଲ୍. କୋଲେଷ୍ଟରଲ ହ୍ରାସ କରେ। ଯକୃତ୍‌କୁ କାର୍ଯ୍ୟକ୍ଷମ ଏବଂ ସକ୍ରିୟ ରଖେ।

ଅସୁସ୍ଥତାରୁ ମୁକ୍ତି ପାଇବାରେ ପ୍ରାୟ ୭୦ ପ୍ରତିଶତ ଖାଦ୍ୟ ଏବଂ ୩୦ ପ୍ରତିଶତ ବ୍ୟାୟାମ ଉପରେ ନିର୍ଭର କରିବା ପ୍ରୟୋଜନ। ବ୍ୟାୟାମ ପାଇଁ ଜିମ୍‌କୁ ଯିବାର ଆବଶ୍ୟକତା ନାହିଁ। ଦୈନନ୍ଦିନ ଜୀବନରେ ଲିଫ୍ଟ ବଦଳରେ ଶିଡ଼ି ଚଢ଼ି ଯିବାଆସିବା କଲେ, ନିକଟରେ ଥିବା ବସ୍ ଷ୍ଟପ୍‌କୁ ଚାଲିଚାଲି ଗଲେ ଏବଂ ଶରୀରକୁ ସଚଳ ରଖିବାର ଅଭ୍ୟାସ ରଖିଲେ ଯଥେଷ୍ଟ। ନିୟମିତ ଚାଲିବା ଏକ ଭଲ ବ୍ୟାୟାମ। ଯେଉଁମାନେ ଦୌଡ଼ିପାରିବେ, ସେମାନେ ନିୟମିତ ଦୌଡ଼ିବା ଓ ଜଗିଂ କରିବା ଉଚିତ। ଯୋଗ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଯୋଗାସନ ମଧ୍ୟ କରାଯାଇପାରେ।

ଅସୁସ୍ଥତା ଯେପରି ରହିଛି, ତାକୁ ନିବାରଣ କରିବାର ଉପାୟ ମଧ୍ୟ ରହିଛି। ନିଜ ଶରୀରର ସୂଚନା ପ୍ରତି ସଚେତନ ରହିବା ପାଇଁ ହେବ ଏବଂ ଯତ୍ନ ରଖିବାକୁ ହେବ ଶରୀରର। ତାହାହେଲେ ହିଁ ହାତକୁ ଆସିଯିବ ସୁସ୍ଥତାର ଚାବିକାଠି।

-ଡା. ନିତ୍ୟାନନ୍ଦ ସ୍ୱାଇଁ
ମୋ: ୮୩୨୮୯୭୫୧୧୮

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜାନୁଆରୀ ୨୦/୨୦୨୫ Bhubaneswar, Monday, January 20/ 2025





ନୂଆଦିଲ୍ଲୀରେ ଅନୁଷ୍ଠିତ ମହିଳା ଖୋ ଖୋ ବିଶ୍ୱକପରେ ଚାମ୍ପିୟନ ଭାରତୀୟ ମହିଳା ଦଳ।

## ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

ପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଐତିହାସିକ ବିଜୟ ହାସଲ କରିଥିବା ଭାରତୀୟ ମହିଳା ଓ ପୁରୁଷ ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି। ''ଭାରତୀୟ ଖୋ ଖୋ ଦଳର ସମସ୍ତ କ୍ରୀଡ଼ାବିତ୍ ବିଶ୍ୱମଞ୍ଚରେ ଆମ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ଆଜିର ଏହି ଐତିହାସିକ ବିଜୟ ଦେଶର ଲକ୍ଷ ଲକ୍ଷ ଯୁବ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ାକ୍ଷେତ୍ରରେ ନିଜର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ପ୍ରଦାନ କରିବ'' ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।

## ଓଡ଼ିଶା ସରକାର ଭାରତୀୟ ଦଳର ପ୍ରାୟୋଜକ

ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଭାରତୀୟ ମହିଳା ଓ ପୁରୁଷ ଦଳର ଐତିହାସିକ ସଫଳତାରେ ଓଡ଼ିଶାରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଭାରତ ୭୮-୪୦ ପଏଣ୍ଟ ବ୍ୟବଧାନରେ ନେପାଳକୁ ହରାଇ ଇତିହାସ ରଚିଛି। ପ୍ରକାଶଯୋଗ୍ୟ, ୨୦୨୫ ଜାନୁଆରୀରୁ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ ୩ ବର୍ଷ ପାଇଁ ଓଡ଼ିଶା ସରକାର ଭାରତୀୟ ଜାତୀୟ ଖୋ ଖୋ ଦଳର ପ୍ରାୟୋଜକ ହୋଇଛନ୍ତି। ଏଥିପାଇଁ ବର୍ଷକୁ ୫ କୋଟି ଏବଂ ସମୁଦାୟ ୧୫ କୋଟି ଟଙ୍କା ପ୍ରଦାନ କରାଯିବ।

## ଶୁଟ୍ ଆଉଟରେ ଜିତିଲା କଳିଙ୍ଗ ଲାନ୍ସର୍ସ

**ଭୁବନେଶ୍ୱର, ୧୯।୧ (ବିଜୟ ରଣା):** ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଡବ୍ଲ୍ୟୁ)ର ଏକ ମ୍ୟାଚରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୩-୨ ଶୁଟ୍ ଆଉଟରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ୧-୪ରେ ପଛୁଆ ଥିବା ଲାନ୍ସର୍ସ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ (୧୩ତମ ଓ ୫୨ତମ ମିନିଟ୍), ଥିଏରୀ ବ୍ରିଙ୍କମ୍ୟାନ (୩୫ତମ ଓ ୪୭ତମ) ଏବଂ ଅଙ୍ଗଦ ବୀର୍ ସିଂ (୪୯ତମ)ଙ୍କ ଗୋଲ ବଳରେ ନିର୍ଦ୍ଧାରିତ ସମୟ ଖେଳରେ ମ୍ୟାଚକୁ ୫-୫ରେ ବରାବର ରଖିବାରେ ସମର୍ଥ ହୋଇଥିଲା।

# ଭାରତ ଜିତିଲା ଖୋ ଖୋ ବିଶ୍ୱକପ୍

### ଉଭୟ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ

ନୂଆଦିଲ୍ଲୀ, ୧୯।୧

ଭାରତୀୟ ମହିଳା ଓ ପୁରୁଷ ଦଳ ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଛି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମହିଳା ବିଭାଗର ଫାଇନାଲରେ ଭାରତୀୟ ଦଳ ନେପାଳକୁ ୭୮-୪୦ରେ ପରାସ୍ତ କରିଛି। ଭାରତର ଅଂଶୁ କୁମାରୀ ବେଷ୍ଟ ଆଟାକର, ନେପାଳର ମନମତି ଧାମୀ ଶ୍ରେଷ୍ଠ ଡିଫେଣ୍ଡର ଏବଂ ଭାରତର ଚାଇତ୍ରା ବି' ବେଷ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେହିପରି ପୁରୁଷ ବର୍ଗ ଫାଇନାଲରେ ଭାରତ ୫୪-୩୬ରେ ନେପାଳକୁ ହରାଇ ଦେଇଛି। ଦଳର ଅଧିନାୟକ ପ୍ରତୀକ ୱାଇକରଙ୍କ ନେତୃତ୍ୱରେ ମେହୁଲ, ଅନିକେତ ପୋଟେ ଓ ରାମ୍‌ଜୀ କାଶ୍ୟପ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଦଳକୁ ଏହି ଐତିହାସିକ ସଫଳତା ଆଣିଦେଇଥିଲେ।

ମହିଳା ବର୍ଗରେ ଉଭୟ ଦଳ ସେମିଫାଇନାଲରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ବଡ଼ ବିଜୟ ହାସଲ କରିଥିବାରୁ ଫାଇନାଲ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଥିଲା। ରବିବାର ଫାଇନାଲରେ ନେପାଳ ଟସ୍ ଜିତି ଭାରତକୁ ପ୍ରଥମେ ଆଟାକ୍‌ର ସୁଯୋଗ ଦେଇଥିଲା। ଆୟୋଜକ ଦଳ ଅତୁଳନୀୟ ଚପଳତା, ସହନଶୀଳତା ଓ ଦ୍ରୁତ ପ୍ରଦର୍ଶନ କରି ନେପାଳକୁ ହରାଇ ଦେଇଥିଲା। ଗ୍ରୁପ୍ ଷ୍ଟେଜ୍‌ରେ ଦକ୍ଷିଣ କୋରିଆ, ଇରାନ ଓ ମାଲେସିଆ ବିପକ୍ଷରେ ଭାରତ ଏହାର ସମସ୍ତ ତିନୋଟିଯାକ ମ୍ୟାଚ୍‌ରେ ବିଜୟ ଲାଭ କରିଥିଲା।

ଫାଇନାଲ ମ୍ୟାଚକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଉପଭୋଗ କରିଥିଲେ। ସେମାନଙ୍କ ମଧ୍ୟରେ ପୂର୍ବତନ ଲୋକସଭା ବାଚସ୍ପତି ସୁମିତ୍ରା ମହାଜନ, ସୁପ୍ରିମକୋର୍ଟ ବିଚାରପତି ପଙ୍କଜ ମିଥଲ, ସଂସଦୀୟ ଓ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଅନ୍ୟତମ। ଏହାଛଡ଼ା ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନ୍ତର୍ଜାତୀୟ ଖୋ ଖୋ ମହାସଂଘ ସଭାପତି ସୁଧାଂଶୁ ମିତ୍ତଲ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଯୁଗ୍ମ ସାଧାରଣ ସମ୍ପାଦକ ଶ୍ରୀକ୍ରିଷ୍ଣା ଗୋପାଲ ଜୀ ପ୍ରମୁଖ ଉପସ୍ଥିତ ଥିଲେ।


ଭାରତ-ନେପାଳ ପୁରୁଷ ଖୋ ଖୋ ବିଶ୍ୱକପ୍ ଫାଇନାଲର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟରେ ଓଡ଼ିଶାର ସଫଳତା


ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

କର୍ଣ୍ଣାଟକର ବେଲ୍‌ଗାଭିଠାରେ ୧୬ଶ ଜାତୀୟ ସିନିୟର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ ଓ ଅନ୍ତର୍ଜାତୀୟ ବିଚାରକ ଉମାଚରଣ ଶତପଥୀଙ୍କ ନେତୃତ୍ୱରେ ରାଜ୍ୟର ୧୧ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ପ୍ରତିଯୋଗିତାର ୭୫ କେଜି ବର୍ଗରେ ଅମିତ କୁମାର ଭୂୟାଁ ରୌପ୍ୟ, ୮୦ କେଜି ବର୍ଗରେ ଜିତେନ୍ଦ୍ର କୁମାର ପଲେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ୯୦ କେଜି ବର୍ଗରେ ଅମିୟ ରଞ୍ଜନ ସେଠୀ ୪ର୍ଥ ଓ ୭୫ କେଜି ବିଭାଗରେ ଜଗନ୍ନାଥ ଖୁଣ୍ଟିଆ ୫ମ ସ୍ଥାନରେ ରହିଛନ୍ତି। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ମହାପାତ୍ର ଓ ହରି ପ୍ରସାଦ ପଟ୍ଟନାୟକ, ସୁମିତ୍ରା ତ୍ରିପାଠୀଙ୍କ ସମେତ ସମ୍ପାଦକ ପ୍ରସନ୍ନ ମହାସୁଆର ଓ ଅନ୍ୟ କର୍ମକର୍ତ୍ତାମାନେ ସଫଳତା ଲାଭ କରିଥିବା ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କ୍ୱାର୍ଟର ଫାଇନାଲରେ ଗଫ୍

ମେଲବୋର୍ନ, ୧୯।୧ (ଏପି)

ଆମେରିକାର କୋକୋ ଗଫ୍ ଅଷ୍ଟ୍ରେଲିଆନ ଓପନ୍ ଟେନିସ୍ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ବେଲିଣ୍ଡା ବେନ୍‌ସିକ୍‌ଙ୍କୁ ୫-୭, ୬-୨, ୬-୧ରେ ହରାଇ ଦେଇଛନ୍ତି। ଏଥିସହ ସେ ତାଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ଦିଗରେ ଅଗ୍ରସର ହୋଇଛନ୍ତି। ଫ୍ଲୋରିଡ଼ାର ଗଫ୍ ପୂର୍ବରୁ ୨୦୨୩ରେ ସ୍ୱଳ୍ପବର୍ଷୀୟା ଖେଳାଳି ହିସାବରେ ୟୁଏସ୍ ଓପନ୍ ଜିତିଥିଲେ। ଗଫ୍ ବର୍ତ୍ତମାନ ମଙ୍ଗଳବାର କ୍ୱାର୍ଟର ଫାଇନାଲରେ ୧୧ନମ୍ବର ଖେଳାଳି ପାଉଲା ବଦୋସାଙ୍କୁ ଭେଟିବେ। ବଦୋସା ୬-୧, ୭-୬(୨)ରେ ଓଲ୍‌ଗା ଡାନିଲୋଭିଚ୍‌ଙ୍କୁ ପରାସ୍ତକରି ପ୍ରଥମଥର ମେଲବୋର୍ନରେ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଗଫ୍ ବନାମ ବଦୋସା ମ୍ୟାଚ୍‌ର ବିଜେତା କ୍ରମାଗତ ତୃତୀୟଥର ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା ନମ୍ବର ୱାନ ସାବାଲେଙ୍କା କିମ୍ବା ୨୦୨୧ ଫ୍ରେଞ୍ଚ ଓପନ୍ ରନର-ଅପ୍ ୨୭ ନମ୍ବର ଖେଳାଳି ଆନାସ୍ତାସିଆ ପାଭ୍‌ଲିଉଚେଙ୍କୋଭାଙ୍କୁ ଭେଟିବେ। ମଙ୍ଗଳବାର ପୁରୁଷ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯିବ। ଏଥିରେ ନୋଭାକ ଜୋକୋଭିଚ୍ ଓ କାର୍ଲୋସ ଅଲ୍‌କାରାଜ ପରସ୍ପରକୁ ଭେଟିବାକୁ ଥିବାବେଳେ ୨ ନମ୍ବର ଖେଳାଳି ଆଲେକ୍‌ଜାଣ୍ଡର ଜେଭରେଭ ୧୨ତମ ମାନ୍ୟତାପ୍ରାପ୍ତ ଟମି ପଲ୍‌ଙ୍କ ସହ ମୁକାବିଲା କରିବେ। ଜୋକୋଭିଚ୍ ଏପର୍ଯ୍ୟନ୍ତ ଜିତିଥିବା ତାଙ୍କ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ମଧ୍ୟରୁ ମେଲବୋର୍ନ ପାର୍କରେ ୧୦ଟି ଜିତିଛନ୍ତି। ସେ ୨୪ ନମ୍ବର ଖେଳାଳି ଜିରି ଲେହେକାଙ୍କୁ ୬-୩, ୬-୪, ୭-୬ (୪)ଙ୍କୁ ହରାଇ ଦେଇଛନ୍ତି। ୧୫ ନମ୍ବର ଖେଳାଳି ଜ୍ୟାକ୍ ଡ୍ରାପର ପିଚାରେ ସମସ୍ୟା ଯୋଗୁ ଦୁଇଟି ସେଟ୍ ପରେ ମ୍ୟାଚ୍‌ରୁ ଓହରିଯିବାରୁ ଅଲ୍‌କାରାଜ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଦୁଇଥର ଗ୍ରାଣ୍ଡସ୍ଲାମ ରନରଅପ୍ ଜେଭରେଭ ୧୪ ନମ୍ବର ଉଗୋ ହମ୍ବର୍ଟଙ୍କୁ ୬-୧, ୨-୬, ୬-୩, ୬-୨ରେ ହରାଇ ଦେଇଥିବା ବେଳେ ୨୦୨୩ରେ ଅଷ୍ଟ୍ରେଲିଆନ ଓପନ ସେମିଫାଇନାଲିଷ୍ଟ ପଲ୍ ୬-୧, ୬-୧, ୬-୧ରେ ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନାଙ୍କୁ ପରାଜିତ କରିଛନ୍ତି। ମୀରା ଆନ୍ଦ୍ରିଭାଙ୍କୁ ହରାଇ ସାବାଲେଙ୍କା ମେଲବୋର୍ନରେ ତାଙ୍କ ବିଜୟଧାରା ୧୮ରେ ପହଞ୍ଚାଇଛନ୍ତି।

# ସହିଦ ଜବାର, ପ୍ରତ୍ୟାଶାଙ୍କୁ ଓସ୍‌ଜା ପୁରସ୍କାର

ଭୁବନେଶ୍ୱର, ୧୯।୧ (ବିଜୟ ରଣା)

'ବିଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶା କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବହୁ ଆଗକୁ ଯାଇଛି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣା ଉପରେ ସରକାର ବିଶେଷ ଦୃଷ୍ଟି ଦେଉଛନ୍ତି। ଓଡ଼ିଶା ସହ ମୋର ସଂପର୍କ ବହୁ ପୁରୁଣା। କଟକରେ ଆୟୋଜିତ ଜୁନିୟର ଜାତୀୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରୁ ମୋର କ୍ୟାରିୟର ଆଗକୁ ବଢ଼ିଥିଲା। କଳିଙ୍ଗ ଷ୍ଟାଡିୟମ ଟେନିସ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଶା କ୍ରୀଡ଼ା ଖବରଦାତା ସଂଘ (ଓସ୍‌ଜା)ର ବାର୍ଷିକ ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅର୍ଜୁନ ପୁରସ୍କାର ବିଜେତା ପୂର୍ବତନ ଆଥଲେଟ୍ ସିନିମୋଲେ ପାଓଲୋସ ଏ କଥା କହିଛନ୍ତି। ୨୦୨୪ ବର୍ଷ ପାଇଁ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସଫଳ ଫୁଟବଲ କୋଚ୍ ମହମ୍ମଦ ସହିଦ ଜବାରଙ୍କୁ ଜୀବନବ୍ୟାପୀ ସେବା (ଲାଇଫ୍ ଟାଇମ) ଏବଂ ଓଡ଼ିଶା ସନ୍ତରଣର ସଫଳତମ ଖେଳାଳି ପ୍ରତ୍ୟାଶା ରାୟଙ୍କୁ ବର୍ଷର ଶ୍ରେଷ୍ଠ ଖେଳାଳି ଭାବରେ ନଗଦ ୨୫ ହଜାର ଲେଖାଏଁ ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଏବଂ ବିଶେଷ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦୀପଙ୍କର ମହାପାତ୍ର (ସିଇଓ, ଏଚ୍‌ପିସିଓ), ଚେସ୍ ଗ୍ରାଣ୍ଡମାଷ୍ଟର ସ୍ୱୟଂସ ମିଶ୍ର ଏବଂ ଭେଟେରାନ ହକି କୋଚ୍ ଅମୂଲ୍ୟ ନନ୍ଦ ବିହାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। 'ରାଜ୍ୟରେ କ୍ରୀଡ଼ା ଏବଂ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନେଇ ସରକାର ଗୁରତ୍ୱ ଦେଇ ଆସୁଛନ୍ତି। ସେମିତି ଆମ କ୍ରୀଡ଼ାବିତମାନଙ୍କର ଯେମିତି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେଉଛନ୍ତି। ଆଗାମୀ ଜାତୀୟ କ୍ରୀଡ଼ାରେ ଆମ ରାଜ୍ୟ ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବ ବୋଲି ମୋର ଆଶା ରହିଥିବା ଏଚ୍‌ପିସିଓ ସିଇଓ ମହାପାତ୍ର ପ୍ରକାଶ କରିଥିଲେ। 'କ୍ରୀଡ଼ାର ପ୍ରଚାର ପ୍ରସାର ଓ ବିକାଶରେ ଗଣମାଧ୍ୟମର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। କ୍ରୀଡ଼ା ଖବରଦାତାମାନେ କେବଳ କ୍ରୀଡ଼ାର ପ୍ରଚାର ପ୍ରସାର କରନ୍ତି ନାହ, କ୍ରୀଡ଼ାବିତଙ୍କୁ ଉତ୍ସାହିତ ମଧ୍ୟ କରିଥାନ୍ତି ବୋଲି ଅମୂଲ୍ୟାନନ୍ଦ କହିଛନ୍ତି। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ସୁରେଶ କୁମାର ସ୍ୱାଇଁ ସଂଘର ଯାତ୍ରା ଓ ଆଗାମୀ ଲକ୍ଷ୍ୟ ସଂପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକାରୀ ସଭାପତି ସମ୍ବିତ ମହାପାତ୍ର ମଞ୍ଚ ପରିଚାଳନା ଏବଂ କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ଓସ୍‌ଜା ସଦସ୍ୟଙ୍କ ସହ ପୁରସ୍କୃତ କ୍ରୀଡ଼ାବିତ୍ ଓ ଅତିଥିମାନେ।

## ସ୍କୁଲ୍ସ ଓପନ ଚେସ୍: ପ୍ରାଂଶୁ ଚାମ୍ପିୟନ

**ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ୪ର୍ଥ ଗୋଲାପ ଦେଈ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପ୍ରାଂଶୁ ଦାସ ଚାମ୍ପିୟନ ହୋଇଛନ୍ତି। ଓମ୍ ସ୍ୱରୂପ ପାଢ଼ୀ, ରେୟାଂଶ ମହାନ୍ତି, ଶିବହରି ସନଥ ଓ ଜେ.ଭି. ଶିବମ୍ ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ଗୋଲାପ ଦେଈଙ୍କ ପୁଅ ବିଶ୍ୱନାଥ ବେହେରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ